ଧରିତ୍ରୀ 51 Years

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଜୁନ୍ ୨୦/୨୦୨୫ (୧୬ ପୃଷ୍ଠା) | Bhubaneswar, Friday, June 20/2025 | Page 16 | ₹ 7.00

୫୧ଶ ଭାଗ ୨୦୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 205 | ମୂଲ୍ୟ₹୭/-

DADLS - 34



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

## ସେବା
## ସୁଶାସନ
## ଗରିବ କଲ୍ୟାଣ
ପାଇଁ ସମର୍ପିତ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## କେନ୍ଦ୍ର ସରକାରଙ୍କ ୧୧ ବର୍ଷ ଓ
## ରାଜ୍ୟ ସରକାରଙ୍କ ୧ ବର୍ଷ

ପ୍ରଧାନମନ୍ତ୍ରୀ
## ଶ୍ରୀଯୁକ୍ତ ନରେନ୍ଦ୍ର ମୋଦୀଙ୍କ
ଦ୍ୱାରା

₹ ୧୮,୭୦୦ କୋଟିର
ଭିତ୍ତିଭୂମି ପ୍ରକଳ୍ପର
ଶିଳାନ୍ୟାସ ଓ ଶୁଭ ଉଦ୍‌ଘାଟନ

ନୂତନ ରେଳ ସେବା
ଏବଂ
୧୦୦ ବ୍ୟାଟେରୀ ଚାଳିତ ବସ୍‌ର
ଶୁଭାରମ୍ଭ

ବରପୁତ୍ର ସମ୍ମାନ ଯୋଜନାର
ଲୋକାର୍ପଣ

ଓଡ଼ିଶା ଭିଜନ୍ ୨୦୩୬ | ୨୦୪୭ ପୁସ୍ତିକା
ଶୁଭ ଉନ୍ମୋଚନ

ଗୋଦାବରୀଶ ମିଶ୍ର
ଆଦର୍ଶ ପ୍ରାଥମିକ ବିଦ୍ୟାଳୟ
ପୁସ୍ତିକା ଉନ୍ମୋଚନ

ଲକ୍ଷପତି ଦିଦିଙ୍କୁ
ସମ୍ବର୍ଦ୍ଧନା ଜ୍ଞାପନ

୨୦ ଜୁନ୍ ୨୦୨୫ । ଅପରାହ୍ନ ୪ ଘଟିକା । ଜନତା ମଇଦାନ, ଭୁବନେଶ୍ୱର

### ଗରିମାମୟ ଉପସ୍ଥିତି

**ଡ. ହରି ବାବୁ କମ୍ଭମ୍ପାଟି**
ରାଜ୍ୟପାଳ, ଓଡ଼ିଶା

**ଶ୍ରୀଯୁକ୍ତ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନ**
କେନ୍ଦ୍ର ଶିକ୍ଷା ମନ୍ତ୍ରୀ

**ଶ୍ରୀଯୁକ୍ତ ଜୁଏଲ ଓରାମ**
କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ

**ଶ୍ରୀଯୁକ୍ତ ଅଶ୍ୱିନୀ ବୈଷ୍ଣବ**
କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ,
ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରୀ

**ଶ୍ରୀଯୁକ୍ତ କନକ ବର୍ଦ୍ଧନ ସିଂହ ଦେଓ**
ଉପମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଶ୍ରୀମତୀ ପ୍ରଭାତୀ ପରିଡା**
ଉପମୁଖ୍ୟମନ୍ତ୍ରୀ, ଓଡ଼ିଶା

ଓଡ଼ିଶାର ମନ୍ତ୍ରୀଗଣ । ଓଡ଼ିଶାର ସାଂସଦଗଣ । ଓଡ଼ିଶାର ବିଧାୟକ/ ବିଧାୟିକା ଗଣ

OIPR-15001/13/0713/2526

ସିଧା ପ୍ରସାରଣ: DD News and DD Odia | YouTube: @DD Odia News Official/@DD Odia

ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର

## ପୋଖରୀରେ ବୁଡ଼ି ୨ ଭଉଣୀ ମୃତ

ବାସୁଦେବପୁର,୧୯।୬ (ନାରାୟଣ ପ୍ରସାଦ ବାରିକ୍/ କାଳିପଦ ରାୟ): ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ଅଧୀନ କିଷ୍ଣତକୃଷ୍ଣପୁର ପଞ୍ଚାୟତ ଭୁଟିଆନାଳୀ ସାହିରେ ଗୁରୁବାର ଅପରାହ୍ଣରେ ଏକ ଦୁଃଖଦ ଘଟଣା ଘଟିଛି। ମାମୁଘରକୁ ବୁଲିଆସିଥିବା ୨ ଭଉଣୀ ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ସେମାନେ ହେଲେ ଚାନ୍ଦିନୀ ମଣ୍ଡଳ (୫) ଓ ନନ୍ଦିନୀ ମଣ୍ଡଳ(୬)। ସେମାନଙ୍କ ଘର ଚାନ୍ଦବାଲି ବ୍ଲକର କରଣପଲ୍ଲୀ ଗ୍ରାମରେ। ସୂଚନା ଅନୁଯାୟୀ, ମାମୁଙ୍କ ଦେହ ଖରାପ ଥିବାରୁ ଚାନ୍ଦିନୀ ଓ ନନ୍ଦିନୀ ମା' ବାପାଙ୍କ ସହ ମାମୁଘର ଭୁଟିଆନାଳୀ ସାହିକୁ ଆସିଥିଲେ। ୨ ଭଉଣୀ ଦ୍ୱିପ୍ରହରରେ ଖାଇସାରି ଖେଳିବା ସମୟରେ ଅସାବଧାନତାବଶତଃ ପୋଖରୀରେ ପଡ଼ିଯାଇଥିଲେ।

# ଖରାଛୁଟି ସରିଲା: ଆଜି ଖୋଲିବ ସ୍କୁଲ

- ଡାଇରିଆ ସ୍ଥିତି ଦେଖି ସ୍କୁଲ ବନ୍ଦ ନିଷ୍ପତ୍ତି ନେବେ ଜିଲାପାଳ: ଗଣଶିକ୍ଷା ମନ୍ତ୍ରୀ
- ପିଲାଙ୍କୁ ଫୁଟାପାଣି ଓ ଗରମ ମଧ୍ୟାହ୍ନଭୋଜନ ଦିଆଯିବ

ଭୁବନେଶ୍ୱର,୧୯।୬(ସୁଚିସ୍ମିତା ସାହୁ)

୫୮ ଦିନର ଲମ୍ବା ଖରାଛୁଟି ପରେ ଶୁକ୍ରବାର ରାଜ୍ୟର ସମସ୍ତ ବିଦ୍ୟାଳୟ ଖୋଲିବ। ବିଦ୍ୟାଳୟଗୁଡିକ ପୂର୍ବଭଳି ପୂର୍ବାହ୍ଣ ୧୦ଟାରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ଚାଲିବ। ଶିକ୍ଷୟିତ୍ରୀ ଶିକ୍ଷକମାନେ ସକାଳ ୯ଟା ୩୦ରେ ବିଦ୍ୟାଳୟରେ ପହଞ୍ଚିବେ ଓ ଅପରାହ୍ଣ ୪ଟା ୩୦ ପର୍ଯ୍ୟନ୍ତ ଉପସ୍ଥିତ ରହିବେ। ଏଥିପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିବାବେଳେ ପିଲାଙ୍କ ପାଠପଢ଼ା ସକାଶେ ସ୍କୁଲଗୁଡ଼ିକୁ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ରାଜ୍ୟ ସରକାରଙ୍କ ଏକବର୍ଷ ପୂର୍ତ୍ତି ଉପଲକ୍ଷେ ୨୦ ତାରିଖ ଅର୍ଥାତ୍ ଶୁକ୍ରବାର ଭୁବନେଶ୍ୱରର ଜନତା ମଇଦାନରେ ରାଜ୍ୟସ୍ତରୀୟ ସମାବେଶ ଆୟୋଜନ କରାଯାଉଛି। ଏହି ସମାବେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଥିଲାଗି ବିପୁଳ ଜନସମାଗମ ହେବାର ସମ୍ଭାବନା ଥିବାରୁ ଟ୍ରାଫିକ ସମସ୍ୟା ଉପୁଜିବାର ଆଶଙ୍କା ରହିଛି। ସେଥିପାଇଁ ଭୁବନେଶ୍ୱର ଓ କଟକ ମହାନଗରର ସମସ୍ତ ସ୍କୁଲ ଶୁକ୍ରବାର ବନ୍ଦ ରହିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

ଅନ୍ୟପଟେ କଟକ, ଯାଜପୁର ଓ ଭଦ୍ରକରେ ଡାଇରିଆ ବ୍ୟାପିବାରେ ଲାଗିଛି। ଜୁନ ୨୦ରେ ଏହି ଜିଲାଗୁଡ଼ିକରେ ସ୍କୁଲ ଖୋଲିବ କି ନାହିଁ ସେ ସଂକ୍ରାନ୍ତରେ ଜିଲାପାଳମାନେ ନିଷ୍ପତ୍ତି ନେବେ ବୋଲି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସୂଚନା ଦେଇଛନ୍ତି। ହଷ୍ଟେଲଗୁଡ଼ିକରେ ପିଲାଙ୍କୁ ଫୁଟାପାଣି ପିଇବାକୁ ଦିଆଯିବ। ଏଥିସହ ମଧ୍ୟାହ୍ନ ଭୋଜନରେ ଗରମ ଖାଦ୍ୟ ଦିଆଯିବ। ସ୍କୁଲ ଓ ହଷ୍ଟେଲ ପରିବେଶ ପରିଷ୍କାର ପରିଚ୍ଛନ୍ନ ରଖିବା ସହ ପାଣିଟାଙ୍କି ସଫା କରିବାକୁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମନ୍ତ୍ରୀ କହିଛନ୍ତି। ରାଜ୍ୟ ସରକାର ଡାଇରିଆ ସ୍ଥିତିକୁ ଗୁରୁତ୍ୱର ସହ ନେଉଛନ୍ତି। ସ୍କୁଲ ଖୋଲିବା ପୂର୍ବରୁ ପ୍ରଭାବିତ ଜିଲାଗୁଡ଼ିକ ଉପରେ କଡ଼ା ନଜର ରଖିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଯଦି ପରିସ୍ଥିତି ଅଣାୟତ୍ତ ହୁଏ, ତେବେ ଛାତ୍ରୀଛାତ୍ରଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଜିଲାପାଳମାନଙ୍କୁ ସ୍କୁଲ ବନ୍ଦ ରଖିବାକୁ କୁହାଯାଇଛି ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ପ୍ରକାଶ କରିଛନ୍ତି। ଛାତ୍ରୀଛାତ୍ରଙ୍କ ସୁରକ୍ଷାକୁ ପ୍ରାଥମିକତା ଦେବା ପାଇଁ ସରକାର ଅନେକ ସତର୍କତାମୂଳକ ପଦକ୍ଷେପ କାର୍ଯ୍ୟକାରୀ କରିଛନ୍ତି। ଜଳ ବିଶୋଧନ ବ୍ୟବସ୍ଥା ନ ଥିବା ସ୍କୁଲଗୁଡ଼ିକରେ ପିଲାଙ୍କୁ ଫୁଟା ପାନୀୟଜଳ ଯୋଗାଇବା ବାଧ୍ୟତାମୂଳକ କରାଯାଇଛି। ଏଥିସହ ମଧ୍ୟାହ୍ନଭୋଜନ ରୋଷେୟାଙ୍କୁ ଫୁଟାପାଣି ସହିତ ଗରମ ଖାଦ୍ୟ ପରିବେଷଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ହଷ୍ଟେଲ ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଆବାସିକ ସ୍କୁଲଗୁଡ଼ିକରେ ମଧ୍ୟ ସମାନ ବ୍ୟବସ୍ଥା କରାଯାଇଛି। ଡାଇରିଆ ବ୍ୟାପିବା ରୋକିବା ପାଇଁ ସ୍କୁଲ ପରିସର, ପାଣି ଟାଙ୍କିଗୁଡ଼ିକୁ ସଫା କରିବା ପାଇଁ ବିଶେଷ ଯତ୍ନ ନିଆଯିବ। ଖାଦ୍ୟଜନିତ ରୋଗର ଆଶଙ୍କାକୁ କମ୍ କରିବା ସକାଶେ ସ୍କୁଲ କ୍ୟାମ୍ପସ ନିକଟରେ ଥିବା ଫାଷ୍ଟଫୁଡ ଷ୍ଟଲଗୁଡ଼ିକୁ ବନ୍ଦ କରାଯିବ। ସ୍କୁଲ ବୈଠକ ମାଧ୍ୟମରେ ଅଭିଭାବକଙ୍କୁ ସୁରକ୍ଷା ପ୍ରୋଟୋକଲ ବିଷୟରେ ଅବଗତ କରାଯିବ। ସ୍କୁଲ କ୍ୟାମ୍ପସରେ ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖିବାକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯିବ ବୋଲି ଗଣଶିକ୍ଷା ମନ୍ତ୍ରୀ କହିଛନ୍ତି।

# ଶ୍ରୀଅଲାରନାଥଙ୍କ ପ୍ରସାଦ ମଧ୍ୟ ନିର୍ମାଲ୍ୟ

ପୁରୀ,୧୯।୬(ଅଜିତ୍ କୁମାର ମହାନ୍ତି)



ଅଣସର ସମୟରେ ଭକ୍ତମାନେ ଶ୍ରୀମନ୍ଦିରରେ ଦାରୁଦିଅଁଙ୍କ ଦର୍ଶନ ପାଇ ନ ଥାନ୍ତି। ତେଣୁ ବହ୍ମଗିରି ସ୍ଥିତ ଅଲାରନାଥଙ୍କୁ ଦର୍ଶନ କରିଥାନ୍ତି। ଅଲାରନାଥଙ୍କ ମହିମା ଯେପରି ତାଙ୍କ ନିକଟରେ ଭୋଗ ହେଉଥିବା ଖିରିର ମଧ୍ୟ ରହିଛି ବିଶେଷ ମହତ୍ତ୍ୱ। ଏସମ୍ପର୍କରେ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର କୁହନ୍ତି, ପଣ୍ଡିତ ଶଶିଧର ମିଶ୍ରଙ୍କ ୪୨ ଅଧ୍ୟାୟ ବିଶିଷ୍ଟ 'କପିଳ ସଂହିତା'ର ୨୬ ଅଧ୍ୟାୟରେ ଶ୍ରୀନୀଳମାଧବଙ୍କ ମାହାତ୍ମ୍ୟ ସ୍ଥାନ ପାଇଛି। ଦେବର୍ଷି ନାରଦ ଶ୍ରୀମାଧବଙ୍କର ପୁରାତନ କଥାକୁ କହିଛନ୍ତି। ପ୍ରାଚୀନ କାଳରେ ଭଗବାନ୍ ମାଧବ ଅନ୍ତର୍ଦ୍ଧାନ ହୋଇ ନୀଳଶୈଳ କ୍ଷେତ୍ରର ପଶ୍ଚିମ ଦିଗ ଚାରିକୋଷ ଦୂରରେ ଗୁପ୍ତ ହୋଇଥିଲେ। ସେଠାରେ 'ଅଲାଲ୍ୟ' ନାମକ ବ୍ରାହ୍ମଣଙ୍କ ଘରେ ପୂଜା ପାଉଥିଲେ। ତାହା ତାଙ୍କରି ଲୀଳାରେ ସମ୍ଭବ ହୋଇଥିଲା। ସେହି ମାଧବ ଥିଲେ ଚାରିଭୁଜ ବିଶିଷ୍ଟ। ଶଙ୍ଖ, ଚକ୍ର, ଗଦା, ପଦ୍ମ ଧାରଣ କରିଥିଲେ। କିରୀଟ, କୁଣ୍ଡଳ, ଶ୍ରୀବତ୍ସ କୌସ୍ତୁଭ, ବନମାଳା, କିଙ୍କିଣୀ, କଟିସୂତ୍ର, ନୂପୁର, ନୀଳୋତ୍ପଳ ଶ୍ୟାମଳ। ସେ ଖିରିରେ ସନ୍ତୁଷ୍ଟ ହୁଅନ୍ତି। ଦିନେ ଜ୍ୱର ହେବାରୁ ବ୍ରତ ହୋଇ ନ ଥିବା ୫ ବର୍ଷର ପୁତ୍ର ହାତରେ ଖିରି ଖାଇବା ନିମନ୍ତେ ଶ୍ରୀମାଧବଙ୍କ ନିକଟକୁ ପଠାଇଥିଲେ। ଦ୍ୱାର ବନ୍ଦ କରି ପୁଅଟି ଖିରି ଦେବା ପରେ ନିଜ ରୂପ ପ୍ରକାଶ କରି ଖାଇଥିଲେ। 'ତସ୍ୟାଗ୍ରେ ମାଧବୋ ଭୁଙ୍କ୍ତେ ନିଜରୂପଂ ପ୍ରଦର୍ଶୟନ୍'। ପୁଅ ଘରକୁ ଗଲା ପରେ ମା'-ବାପା ନିର୍ମାଲ୍ୟ ମାଗିଛନ୍ତି, ଅର୍ଥାତ୍ ଭୋଗ ହୋଇଥିବା ଖିରି ମାଗିଛନ୍ତି। ସେତେବେଳେ ମାଧବଙ୍କ ପ୍ରସାଦ 'ନିର୍ମାଲ୍ୟ' ଭାବେ ପ୍ରସିଦ୍ଧି ଥିଲା। 'ଆନୀୟତାଂ ଚ ନିର୍ମାଲ୍ୟଂ ବିଭାଜ୍ୟାସ୍ମୈ ପ୍ରଦୀୟତାମ୍'। ଏହା ଶୁଣି ମା' ଉତ୍ସୁକ ହୋଇ ସତ ଜାଣିବା ପାଇଁ ଯାଇ ଦେଖିଲେ ଖିରି ଭାଣ୍ଡରେ ଟିକିଏ ବି ଖିରି ନାହିଁ। ଘରେ କହିବା ପରେ ବ୍ରାହ୍ମଣ ପୁଅକୁ ଖିରି କୁଆଡେ ଗଲା ବୋଲି ପ୍ରଶ୍ନ କରିବାରୁ ସେ ମାଧବ ହିଁ ସମସ୍ତ ଖିରି ଖାଇଛନ୍ତି ବୋଲି କହିବାରୁ ବାପା ଆଶ୍ଚର୍ଯ୍ୟ ହୋଇଥିଲେ। ପଚାରିଛନ୍ତି ତୁ କ'ଣ ଦେଖିଛୁ? ପୁଅ ହଁ କହିବାରୁ ପରଦିନ ପୁଅ ହାତରେ ପୁଣି ଖିରି ପଠାଇ କବାଟ ସନ୍ଧିରେ ଚାହିଁ ଦେଖିଲେ, ପୁଅ କଥା ସତ୍ୟ। ସେଇଠି ଆନନ୍ଦର ଅଶ୍ରୁ ବହିଯାଇଛି। ଶ୍ରୀମାଧବଙ୍କୁ ସ୍ତୁତି କରିଛନ୍ତି। ଏହି ସ୍ତୁତିରେ ତାଙ୍କୁ ବ୍ରହ୍ମାଦି ଦେବତାଗଣ ପୂଜା କରୁଥିବା ଓ ସୁଖଦାୟ ବୋଲି କହିଛନ୍ତି।

ବାସ୍ତବରେ ନୀଳକନ୍ଦରରେ ବ୍ରହ୍ମାଦି ଦେବତାଗଣ ତାଙ୍କୁ ପୂଜା କରୁଥିବାର ବିଭିନ୍ନ ଶାସ୍ତ୍ରରେ ବର୍ଣ୍ଣନା ରହିଛି। ସୁଖଦାୟ ଶବ୍ଦରୁ ମାଧବତତ୍ତ୍ୱର ରହସ୍ୟ ପ୍ରକାଶ ପାଇଛି, କାରଣ ତାଙ୍କର ତତ୍ତ୍ୱ ହେଉଛି 'ପରମାନନ୍ଦ ମାଧବ'। ସ୍ତୁତି ପରେ ସ୍ୱୟଂ ମାଧବ କହିଛନ୍ତି, ନୀଳାଚଳ ତ୍ୟାଗ କରି ତୁମ ଗୃହକୁ ଆସିଅଛି। ସଦାବେଳେ ସୁଷୁପ୍ତ କରି ରଖ। ପ୍ରଳୟ କାଳରେ ସପରିବାର ମୋ ଲୋକରେ ରହିବ। ଏହାପରେ ପ୍ରାଚୀନଦୀ ଉପତ୍ୟକାର 'ନେୟାର' ନାମକ ସ୍ଥାନରେ ରହିବି। ନୀଳଗିରି ଯାତ୍ରା ପରି ସେଠାର ମଧ୍ୟ ଯାତ୍ରା ହେବ। ସେଠାକାର ବ୍ରାହ୍ମଣମାନଙ୍କ ଶ୍ରଦ୍ଧା ସବୁବେଳେ ମୋ ପୂଜନ ନିମନ୍ତେ ଅଛି। ସେଠାରୁ ୨୮ କୋଷ ପଶ୍ଚିମ ଦିଗରେ ମହାନଦୀର ଦକ୍ଷିଣରେ ମଣିନାଗ ପର୍ବତର ଉତ୍ତର ଦିଗରେ ନିବାସ କରିବି। ଏହା ପରେ ପୁଣି ଦାରୁରୂପ ଧାରଣ କରି ନୀଳପର୍ବତରେ ବିଜେ କରିବି।

# ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ନିରଞ୍ଜନ ରଥଙ୍କ ପରଲୋକ

କଟକ/ଭୁବନେଶ୍ୱର,୧୯।୬ (କାର୍ତ୍ତିକ ସାହୁ/ ରବିନାରାୟଣ ଜେନା)

ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ନିରଞ୍ଜନ ରଥଙ୍କ ଗୁରୁବାର ରାତି ୧୧ଟା ବେଳେ କଟକର ଏକ ଘରୋଇ ନର୍ସିଂହୋମ୍‌ରେ ପରଲୋକ ଘଟିଛି। ତାଙ୍କୁ ୭୮ ବର୍ଷ ହୋଇଥିଲା। ପ୍ରବଳ ଜ୍ୱର, କଫ ଓ ବିଭିନ୍ନ ସଂକ୍ରମଣ ଯୋଗୁ ତାଙ୍କୁ ୪ଦିନ ତଳେ ଥୋରିଆସାହି ସ୍ଥିତ ଶାନ୍ତି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭେଣ୍ଟିଲେଟର ଜରିଆରେ ଚିକିତ୍ସା କରାଯାଉଥିଲା। ହୃଦ୍‌ଘାତ ଯୋଗୁ ତାଙ୍କର ମୃତ୍ୟୁ ଘଟିଥିବା ଡାକ୍ତର ସୂଚନା ଦେଇଛନ୍ତି। ଆଠଗଡ଼ର ଏକ ପ୍ରତିଷ୍ଠିତ ପରିବାରରେ ଜନ୍ମ ହୋଇଥିବା ନିରଞ୍ଜନ ରଥ ଆଇନ ଡିଗ୍ରୀ ସହିତ ଇଂଲିଶରେ ଏମ୍‌ଏ ପାସ୍ କରିବା ପରେ ସାମ୍ବାଦିକତା ଏବଂ ଓକିଲାତି କରିଥିଲେ। ଏଥିସହିତ ସମାଜ ସେବାରେ ନିଜକୁ ନିୟୋଜିତ କରିଥିଲେ। ପତ୍ରିକା 'ନ୍ୟାୟବର୍ତ୍ତୀ'ର ସେ ସଂସ୍ଥାପକ ଓ ସମ୍ପାଦକ ଭାବେ ଦୀର୍ଘକାଳ କାର୍ଯ୍ୟ କରିବା ପରେ ଲୋକସେବକ ମଣ୍ଡଳରେ ଯୋଗଦେଇଥିଲେ। ସେ 'ସମାଜ'ର ସମ୍ପାଦକ, ପ୍ରକାଶକ ଓ ମୁଦ୍ରାକର, ଜିମ୍ମାଦାର ଅଧ୍ୟକ୍ଷ, 'ସମାଜ' ରିଲିଫ କମିଟିର ମୁଖ୍ୟ, ସତ୍ୟବାଦୀର ସମ୍ପାଦକ ଥିଲେ। ଲୋକସେବକ ମଣ୍ଡଳର ଉପସଭାପତି, କୋଷାଧ୍ୟକ୍ଷ, ସମ୍ପାଦକ ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି। ନିକଟରେ ସେ ପୁନର୍ବାର ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ଭାବେ ମନୋନୀତ ହୋଇଥିଲେ। ତାଙ୍କ ପରଲୋକରେ ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସଭାପତି ରାଜ କୁମାର, ଉପସଭାପତି ଦୀପକ ମାଳବ୍ୟ, କୋଷାଧ୍ୟକ୍ଷ ରାଜେନ୍ଦ୍ର କୁମାର ଜେନା, ବରିଷ୍ଠ ସଦସ୍ୟ ଭୀମସେନ୍ ଯାଦବ, 'ସମାଜ'ର ମୁଦ୍ରାକର ଓ ପ୍ରକାଶକ ଡ. ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ, 'ସମାଜ' ସମ୍ପାଦକ ତପନ କୁମାର ମିଶ୍ରଙ୍କ ସମେତ ବହୁ ବ୍ୟକ୍ତିବିଶେଷ ଶୋକପ୍ରକାଶ କରିଛନ୍ତି।



# ୨୪ ପର୍ଯ୍ୟନ୍ତ ବର୍ଷା ସମ୍ଭାବନା

ଭୁବନେଶ୍ୱର,୧୯।୬ (ଅନୁରାଧା ମହାରଣା)

ବଙ୍ଗୋପସାଗରରେ ସକ୍ରିୟ ଲଘୁଚାପ ଯୋଗୁ ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି। ଶୁକ୍ରବାର ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼ ଏବଂ କେନ୍ଦୁଝରରେ ପ୍ରବଳ ବର୍ଷା ହେବା ନେଇ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ଦେବଗଡ଼, ଅନୁଗୋଳ, ମୟୂରଭଞ୍ଜ, ବରଗଡ଼ ଓ ସୁବର୍ଣ୍ଣପୁରକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ଗାଙ୍ଗେୟ ପଶ୍ଚିମବଙ୍ଗ ଏବଂ ସଂଲଗ୍ନ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏଥିସହ ଉତ୍ତର-ପଶ୍ଚିମ ଦିଗରେ ଝାଡ଼ଖଣ୍ଡ ଆଡ଼କୁ ଏହା ଗତି କରିବ। ଏହାର ପ୍ରଭାବରେ ୨୪ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ହେବ।



ଧରିତ୍ରୀ 51 Years
# ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ଜୁନ୍ ୨୦/୨୦୨୫ | Bhubaneswar, Friday, June 20/2025 | ପୃଷ୍ଠା-୧

# ତେହରାନ୍, ତେଲ୍‌ଆଭିଭରେ ଧ୍ୱଂସଲୀଳା

## ଇସ୍ରାଏଲୀ ହସ୍ପିଟାଲକୁ ଇରାନ୍‌ର ଆକ୍ରମଣ

## ଖାମେନେଇଙ୍କୁ ଇସ୍ରାଏଲ୍‌ର ସିଧା ହତ୍ୟା ଧମକ



ମଧ୍ୟପ୍ରାଚ୍ୟର ଦୁଇ ମହରଥୀ ମୁହାଁମୁହିଁ ତେଲ୍‌ଆଭିଭରୁ ତେହରାନ୍ ପର୍ଯ୍ୟନ୍ତ ଯୁଦ୍ଧ ସାଇରନ୍। ଆକାଶରେ ତୁହାକୁ ତୁହା ମିଶାଇଲ ଓ ଡ୍ରୋନ୍। ଇସ୍ରାଏଲ୍-ଇରାନ୍ ଯୁଦ୍ଧ ଥମାଇବା ପାଇଁ କୂଟନୈତିକ ପ୍ରୟାସ ବିଫଳ ହେବା ପରେ ମଝିକୁ ଡେଇଁବା ପାଇଁ ଆମେରିକା ଏକପ୍ରକାର ପ୍ରସ୍ତୁତ। ସଂଘର୍ଷର ସପ୍ତମ ଦିନରେ ଯୁଦ୍ଧର ଘନଘଟା ମଧ୍ୟପ୍ରାଚ୍ୟର ପରିସୀମା ଅତିକ୍ରମ କରି ଉଭୟ ପକ୍ଷଙ୍କ ସହଯୋଗୀ ରାଷ୍ଟ୍ରଗୁଡ଼ିକୁ ବ୍ୟାପିବା ନେଇ ଆଶଙ୍କା ପ୍ରକାଶ ପାଇଲାଣି। ବିଶେଷକରି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଇରାନ୍ ଯୁଦ୍ଧରେ ନିଜ ସାମରିକ ବଳ ପ୍ରୟୋଗ ପାଇଁ ମଞ୍ଜୁରୀ ଦେବା ପରେ ଋଷିଆ ଓ ଚାଇନା ୱାଶିଂଟନ୍‌କୁ ଏଥିରେ ମୁଣ୍ଡ ନ ପୂରାଇବାକୁ ଚେତାବନୀ ଦେଇଛନ୍ତି। ଇତିମଧ୍ୟରେ ଇରାନ୍‌ର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲୀ ଖାମେନେଇଙ୍କୁ ଇସ୍ରାଏଲ୍ ହତ୍ୟା ଧମକ ଦେଇଛି। ଏଭଳି ସଙ୍ଗିନ ସ୍ଥିତିରେ ବିଶ୍ୱବାସୀ ଉତ୍କଣ୍ଠାର ସହ ଅନେଇ ରହିଛନ୍ତି, ଆଗକୁ କ'ଣ ହେବାକୁ ଯାଉଛି।


ଇସ୍ରାଏଲ୍‌ର ବୀରଶେବାସ୍ଥିତ ସୋରୋକା ହସ୍ପିଟାଲ କମ୍ପ୍ଲେକ୍ସରେ ଗୁରୁବାର ଇରାନ ପକ୍ଷରୁ ମିଶାଇଲ ମାଡ଼ କରାଯିବା ପରେ ସେଠାରୁ ଧୂଆଁ ଉଠୁଛି।

ତେଲ୍‌ଆଭିଭ/ତେହରାନ୍/ୱାଶିଂଟନ୍,୧୯।୬

ଯୁଦ୍ଧଖୋର୍ ଇରାନ୍ ଦୂରଗାମୀ କ୍ଷେପଣାସ୍ତ୍ର ନିର୍ମାଣ ସହ ପରମାଣୁ ବୋମା ପ୍ରସ୍ତୁତିର ନିକଟତର ହୋଇଥିବା କହି ଜୁନ୍ ୧୩ରେ ଇସ୍ରାଏଲ୍ ତେହରାନ୍‌ର କେତେକ ନ୍ୟୁକ୍ଲିୟର ସାଇଟ୍‌କୁ ଟାର୍ଗେଟ କରିଥିଲା। ଏଥିସହ ଅନେକ ଇରାନୀୟ ଶୀର୍ଷ ଜେନେରାଲ ଓ ପରମାଣୁ ବିଜ୍ଞାନୀଙ୍କୁ ହତ୍ୟା କରିଥିଲା। ସେବେଠୁ ଚାଲିଥିବା ଇସ୍ରାଏଲ୍ ଓ ଇରାନ୍ ଯୁଦ୍ଧରେ ଉଭୟ ପକ୍ଷର ବ୍ୟାପକ କ୍ଷୟକ୍ଷତି ଓ ଜୀବନହାନି ହେଲାଣି। ଗୁରୁବାର ସକାଳେ ଇରାନ୍ ଇସ୍ରାଏଲ୍ ଉପରକୁ ଛାଡ଼ିଥିବା ଅନେକ ମିଶାଇଲ ମଧ୍ୟରୁ ଗୋଟିଏ ଦକ୍ଷିଣ ଭାଗରେ ଥିବା ବୀରଶେବା ସହରସ୍ଥିତ ଏକ ପ୍ରମୁଖ ହସ୍ପିଟାଲକୁ ଧ୍ୱସ୍ତବିଧ୍ୱସ୍ତ କରିଦେଇଛି। ଏହି ଆକ୍ରମଣରେ ୨୭୧ ଜଣ ଆହତ ହୋଇଥିବା ଇସ୍ରାଏଲ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସୂଚନା ଦେଇଛି। ଏତିକି ନୁହେଁ, ତେଲ୍‌ଆଭିଭ୍ ସମେତ କେନ୍ଦ୍ରୀୟ ଇସ୍ରାଏଲ୍‌ର ବିଭିନ୍ନ ସ୍ଥାନରେ ମଧ୍ୟ ଇରାନ୍ ମିଶାଇଲ୍ ମାଡ଼ କରିଛି। ☞ପୃଷ୍ଠା-୨

**ଆଜି ଆସୁଛନ୍ତି ମୋଦି** — ୧୯ ହଜାର କୋଟି ଟଙ୍କାର ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ ପୃଷ୍ଠା ୩

**ଆଜିର ସମ୍ପାଦକୀୟ**
ସିରିଆବାସୀଙ୍କ ଆଶା






## ଏଲଟିଆର୍ ଶିକ୍ଷକ ଟିଜିଟି ଆର୍ଟସ୍ ମେନ୍ ପରୀକ୍ଷା ସ୍ଥଗିତ

କଟକ,୧୯।୬(କାର୍ତ୍ତିକ ସାହୁ): ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଏଲଟିଆର ଶିକ୍ଷକ-୨୦୨୪ ଅଧୀନରେ ଜୁନ୍ ୨୨ରେ ହେବାକୁ ଥିବା ଟିଜିଟି ଆର୍ଟ୍ସ ମେନ୍ ପରୀକ୍ଷାକୁ ସ୍ଥଗିତ ରଖାଯାଇଥିବା ଓଡ଼ିଶା ଷ୍ଟାଫ୍ ସିଲେକଶନ କମିଶନ (ଓଏସ୍‌ଏସ୍‌ସି) ପକ୍ଷରୁ ଗୁରୁବାର ପ୍ରକାଶିତ ବିଜ୍ଞପ୍ତିରେ ଦର୍ଶାଯାଇଛି। ଅପରପକ୍ଷରେ ଟିଜିଟି ବିଜ୍ଞାନ (ସିବିଜେଡ୍) ପରୀକ୍ଷା ୨୨ ତାରିଖ ଅପରାହ୍ନ ୩ଟାରୁ ୫ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି କମିଶନ ପକ୍ଷରୁ ସ୍ପଷ୍ଟ କରାଯାଇଛି। ସୂଚନାନୁସାରେ, ଏଲଟିଆର ଶିକ୍ଷକ ଅଧୀନରେ ଟିଜିଟି ଆର୍ଟ୍ସ ଶିକ୍ଷକ ପଦବୀ ନିମନ୍ତେ ମେନ୍ ପରୀକ୍ଷା ଆସନ୍ତା ୨୨ ତାରିଖ ସକାଳ ୯ଟା ୩୦ରୁ ପୂର୍ବାହ୍ନ ୧୧ଟା ୩୦ ପର୍ଯ୍ୟନ୍ତ ହେବାକୁ ଥିଲା। ମାତ୍ର ହାଇକୋର୍ଟରେ ପ୍ରିୟଙ୍କା ସ୍ୱାଇଁଙ୍କ ଆବେଦନର ଶୁଣାଣି କରି ବିଚାରପତି ବିରଜା ପ୍ରସନ୍ନ ଶତପଥୀ ପରୀକ୍ଷାକୁ ସ୍ଥଗିତ ରଖିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଜୁଲାଇ ୨୮ ତାରିଖକୁ ଧାର୍ଯ୍ୟ ହୋଇଛି।

# ଆଜି କ'ଣ କେଉଁଠି

### ଭୁବନେଶ୍ୱର
- କେନ୍ଦ୍ର ସରକାରଙ୍କ ୧୧ ବର୍ଷ ଓ ରାଜ୍ୟ ସରକାରଙ୍କ ୧ ବର୍ଷ ପୂର୍ତ୍ତି ପାଳନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ, ଶୁଭାରମ୍ଭ ଓ ଲୋକାର୍ପଣ ଉତ୍ସବ, ସ୍ଥାନ: ଜନତା ମଇଦାନ, ସମୟ: ଅପରାହ୍ନ ୪ଟା।
- ରଜ ପ୍ରତିଭା ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ଅପରାହ୍ନ ୫ଟା।
- ଧ୍ରୁପଦ ଫାଉଣ୍ଡେଶନ ପକ୍ଷରୁ ବିଶ୍ୱ ସଙ୍ଗୀତ ଓ ଯୋଗ ଦିବସ ପାଳନ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ଅପରାହ୍ନ ୫ଟା।

### କଟକ
- ଅନ୍ନପୂର୍ଣ୍ଣା ଥିଏଟର ବି-ଗ୍ରୁପ ପକ୍ଷରୁ ମଞ୍ଚସ୍ଥ ହେବ ନାଟକ 'ରଙ୍ଗ ଅରଣ୍ୟ', ସ୍ଥାନ: ଥିଏଟର ପ୍ରେକ୍ଷାଳୟ, ବାରପଥର, ସମୟ: ସନ୍ଧ୍ୟା ୬ଟା ୧୫।

### ପୁରୀ
- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଅଭାସି ମାଧ୍ୟମରେ ବଡ଼ପ୍ରକଳ୍ପ ଏଡିଙ୍ଗ ଗ୍ରାମ ଶୁଭାରମ୍ଭ ସମାରୋହ, ସ୍ଥାନ: ଶାସନ ଶ୍ରୀରାମଚନ୍ଦ୍ରପୁର, ସାକ୍ଷୀଗୋପାଳ, ସମୟ: ଅପରାହ୍ନ ୪ଟା।

### ବାଲେଶ୍ୱର
- ନୀଳଗିରି କଲେଜର ବୈଜ୍ଞାନିକ ଅନ୍ୱେଷଣ ଏବଂ ସାମୁଦ୍ରିକ ଜୈବ ବିବିଧତା ତଥା ବେଳାଭୂମି ସଫେଇ କାର୍ଯ୍ୟକ୍ରମ, ସ୍ଥାନ: ଚାନ୍ଦିପୁର, ବାଲେଶ୍ୱର, ସମୟ: ସକାଳ ୮ଟା ୩୦।
- ଜିଲା ସମନ୍ୱୟ କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ବାଲେଶ୍ୱର, ସମୟ: ମଧ୍ୟାହ୍ନ ୧୨ଟା।
- ଜିଲା ବ୍ୟାଡମିଣ୍ଟନ୍ ଚାମ୍ପିୟନଶିପ୍ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଇନ୍‌ଡୋର ଷ୍ଟାଡିୟମ୍, ଆଇଟିଆଇ ଛକ, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।

### ଭଦ୍ରକ
- ଭାଜପା ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉତ୍ସବ, ସ୍ଥାନ: ଭଦ୍ରକାଳୀ ପୋଖରୀ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ବରପ୍ରୁଦ ଏଡିଙ୍ଗ ଗ୍ରାମ ଘୋଷଣାର ଅଭାସୀ କାର୍ଯ୍ୟକ୍ରମ, ସ୍ଥାନ: ତାଳପଦା, ତିହିଡ଼ି, ଆଗରପଡ଼ା, ସମୟ: ଅପରାହ୍ନ ୪ଟା।
- ରଜ ମହୋତ୍ସବର ଉଦ୍‌ଯାପନୀ, ସ୍ଥାନ: ହରିହୋଟ ଲକ୍ଷ୍ମୀନାରାୟଣ ମନ୍ଦିର ପ୍ରାଙ୍ଗଣ, କଦମବେଡ଼ା, ସମୟ: ସନ୍ଧ୍ୟା ୭ଟା।

### କେନ୍ଦୁଝର
- ପଞ୍ଚାୟତ ତରଫରୁ ଡ୍ରାଇଭିଆ ସଚେତନ କାର୍ଯ୍ୟକ୍ରମ, ସ୍ଥାନ: ଡେଙ୍ଗିକୋଟ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

### ମୟୂରଭଞ୍ଜ
- କଂଗ୍ରେସର ଖବରଦାତା ସମ୍ମିଳନୀ, ସ୍ଥାନ: ଅଟଳପ୍ରତୀକ କର୍ମଶାଳା ଭବନ, ବାରିପଦା, ସମୟ: ଅପରାହ୍ନ ୫ଟା।

### ବ୍ରହ୍ମପୁର
- ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଦ୍ୟାଳୟ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଗିରିରୋଡ଼, ସମୟ: ସନ୍ଧ୍ୟା ୫ଟା।

### ଢେଙ୍କାନାଳ
- ପ୍ରଧାନମନ୍ତ୍ରୀଙ୍କର ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଆଭାସୀ ମାଧ୍ୟମରେ ସିଧା ପ୍ରସାରଣ, ସ୍ଥାନ: ନିଳକଣ୍ଠପୁର, ଭୁବନ ବ୍ଲକ, ସମୟ: ଅପରାହ୍ନ ୩ଟା।
- ସନ୍ଧ୍ୟାତାରା ସାହିତ୍ୟ ସଂସଦର ୪୭ତମ ପ୍ରତିଷ୍ଠା ଦିବସ, ସ୍ଥାନ: ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନ ସଭାଗୃହ, ସମୟ: ସନ୍ଧ୍ୟା ସାଢେ ୬ଟା।

### କେନ୍ଦ୍ରାପଡ଼ା
- ଆମ ଗାଁରେ ତହସିଲ କାର୍ଯ୍ୟାଳୟ କାର୍ଯ୍ୟକ୍ରମ, ସ୍ଥାନ: ଗୋଲରସାହି, ତେଲକିଶ, ପାଟକୁରା, ଗରଡ଼ପୁର, ଆୟେରା, କେନ୍ଦ୍ରାପଡ଼ା, ଯଦୁପୁର, ମହାକାଳପଡ଼ା, ଅଙ୍ଗୁଲାଇ, ମାର୍ଶାଘାଇ, କଣ୍ଡପଡ଼ା, ରାଜକନିକା, କୋଲଗଡ଼ିଗୁର, ରାଜନଗର, ସମୟ: ସକାଳ ୭ଟା।

### ଯାଜପୁର
- ରକ୍ତଦାନ ଶିବିର, ସ୍ଥାନ: ଯାଜପୁର ରୋଡ ବିବେକସିଂ ରକ୍ତ ଭଣ୍ଡାର, ସମୟ: ପୂର୍ବାହ୍ନ ୮ଟା।

### ନୟାଗଡ଼
- ଜିଲା ଶିଶୁ କେନ୍ଦ୍ର ପକ୍ଷରୁ ଭେଣ୍ଡର ମାନଙ୍କର କର୍ମଶାଳା, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ସାଢ଼େ ୧୦ଟା।
- ଖଣ୍ଡାଗିରି ଏକାଦଶୀ ପର୍ବ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କଣ୍ଡିଲୋ ନୀଳମାଧବ ମନ୍ଦିର, ସମୟ: ଅପରାହ୍ନ ୪ଟା।

### ରାୟଗଡ଼ା
- ସ୍ୱଦେଶୀ ସୁରକ୍ଷିତ ଏବଂ ଅର୍ଣ ସୁରକ୍ଷିତ ଧାନ ପ୍ରୋଗ୍ରାମ ପାଇଁ ଜିଲାସ୍ତରୀୟ ବୈଠକ, ସ୍ଥାନ: ରାୟଗଡ଼ା କୃଷି କାର୍ଯ୍ୟାଳୟ କନଫରେନ୍ସ ହଲ, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରେସ୍ ୟୁନିୟନର ନବମ ବାର୍ଷିକ ଉତ୍ସବ, ସ୍ଥାନ: ବିଜୁପଟ୍ଟନାୟକ ଅଡ଼ିଟୋରିୟମ, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୦ଟା ୩୦।

### ନବରଙ୍ଗପୁର
- ବିକାଶ ବାହନ ଯାତ୍ରା, ସ୍ଥାନ:- ଡଡ଼ଗୁଡ଼ି ବ୍ଲକ ଅଞ୍ଚଳ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

### କୋରାପୁଟ
- ମଦ ମୁକ୍ତି ଅଭିଯାନ, ସ୍ଥାନ: ଦଶମନ୍ତପୁର ବ୍ଲକ ଡଣାବାଡ଼ ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୧ଟା ୩୦।

### ସମ୍ବଲପୁର
- ଯୋଗ ଦିବସ ଉପଲକ୍ଷେ ପ୍ରସ୍ତୁତି ବୈଠକ, ସ୍ଥାନ: ହାଓ୍ୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ: ସକାଳ ୮ଟା।
- ଜିଲା କିକ୍‌ବକ୍ସିଂ ସଂଘ ପକ୍ଷରୁ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ: ସମ୍ବଲପୁରୀ ଡେରା, ସମୟ: ସକାଳ ୬ଟା।
- ଜିଲା କ୍ରୀଡ଼ା ସଂଘ ଆୟୋଜିତ ଡାକ୍ତର ସନାତନ ବେହେରା ସ୍ମାରକୀ ଜିଲାସ୍ତରୀୟ ଫୁଟବଲ ଲିଗ, ସ୍ଥାନ : ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୩ଟା ୩୦।
- ବିକାଶ ରଥ ପରିକ୍ରମା କାର୍ଯ୍ୟକ୍ରମ, ସ୍ଥାନ: ୯ଟି ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ସକାଳ ୧୦ଟା।

### ବଲାଙ୍ଗୀର
- କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କଦାମଙ୍କ ଖବରଦାତା ସମ୍ମିଳନୀ, ସ୍ଥାନ: ସାମ୍ବାଦିକ ଭବନ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା।

### ରାଉରକେଲା
- ଏନ୍‌ଆଇଟିରେ ୨୨ତମ ସମାବର୍ତ୍ତନ ଉତ୍ସବ, ସ୍ଥାନ: ଏନ୍‌ଆଇଟି, ସମୟ: ପୂର୍ବାହ୍ନ ୧୦ଟା।
- ଅନ୍ତର୍ଜାତୀୟ ହ୍ୟୁମାନ ରାଇଟ୍ସ କାଉନସିଲ୍ ପକ୍ଷରୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୫ ଆଦର୍ଶ ପାଠାଗାର, ସମୟ: ସନ୍ଧ୍ୟା ୫ଟା ୩୦।
- ଅନ୍ତର୍ଜାତୀୟ ଯୋଗ ଦିବସ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଜଗଦା, ସମୟ: ସନ୍ଧ୍ୟା ୬ଟା।

### ବରଗଡ଼
- ସଡ଼କ ସୁରକ୍ଷା ସଚେତନତା ରାଲି, ସ୍ଥାନ: ଗାନ୍ଧିଛକ, ବରଗଡ଼, ସମୟ: ସକାଳ ୭ଟା ୩୦।
- ଜିଲାସ୍ତରୀୟ ବିକାଶ ମେଳାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଯଜ୍ଞମଣି ପ୍ରଧାନ ଅଡ଼ିଟୋରିୟମ, ବରଗଡ଼, ସମୟ: ସନ୍ଧ୍ୟା ୭ଟା।

### କଳାହାଣ୍ଡି
- ବିକାଶ ବାହନ ରଥ ପରିକ୍ରମା, ସ୍ଥାନ: କର୍ଲାମୁଣ୍ଡା ବ୍ଲକ ସ. ମାଲପଡା ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ପାଖାର ପ୍ଲାଣ୍ଟ ଉଦ୍‌ଘାଟନ ସମାରୋହ, ସ୍ଥାନ: ଜୟପାଟଣା ବ୍ଲକ ମୁଣ୍ଡୁଲୁଡ଼ା ହାଇସ୍କୁଲ ପଡିଆ, ସମୟ: ପୂର୍ବାହ୍ନ ୧୧ଟା।
- ନବନିର୍ମିତ ମାଉଳୀ ମା' ମନ୍ଦିର ପ୍ରତିଷ୍ଠା ଉତ୍ସବର ଦୀକ୍ଷା ଗ୍ରହଣ, ଅଙ୍କୁରାରୋପଣ, ସ୍ଥାନ: ଲାଞ୍ଜିଗଡ଼ଗ୍ରାମ ମନ୍ଦିର ପରିସର, ସମୟ: ଅପରାହ୍ନ ୪ଟା।
- ଜିଲାସ୍ତରୀୟ ବିକାଶ ମେଳା ଉଦ୍‌ଯାପନ, ସ୍ଥାନ: ଭବାନୀପାଟଣାସ୍ଥିତ ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ସମୟ: ଅପରାହ୍ନ ୪ଟା।

### ବୌଦ୍ଧ
- ବୌଦ୍ଧରୁ ରେଳ ସେବାର ଶୁଭ ଉଦ୍‌ଘାଟନ, ସ୍ଥାନ: ବୌଦ୍ଧ ରେଳ ଷ୍ଟେସନ, ବୌଦ୍ଧ, ସମୟ: ଅପରାହ୍ନ ୩ଟା।

### ସୁବର୍ଣ୍ଣପୁର
- ମାରୱାଡ଼ି ଯୁବାମଞ୍ଚ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ସୋନପୁର ମାରୱାଡ଼ି ଧର୍ମଶାଳା, ସମୟ: ସକାଳ ୯ଟା।
- ଜିଲ୍ଲା ବ୍ୟାଙ୍କ ପକ୍ଷରୁ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ, ସ୍ଥାନ: ସୋନପୁର ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା ୩୦।

### ନୂଆପଡ଼ା
- ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କୋମନା ବ୍ଲକ ତରବୋଡ଼ ଗାଁ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୩୦।
- ସିପିଏଡ୍‌ବ୍ଲୁ କେନ୍ଦୁପେଟା ପକ୍ଷରୁ ଉପଯୋଗୀ ଗୋଷ୍ଠୀଙ୍କୁ ନେଇ ସଚେତନତା ଶିବିର, ସ୍ଥାନ: କୋମନା ବ୍ଲକ ଠିକପାଲି ପଞ୍ଚାୟତ ସଳଖିପଡ଼ା ଚାରିଛକ ବଜାର ପଡିଆ, ସମୟ: ପୂର୍ବାହ୍ନ ୧୦ଟା।

# ନଈ ମଝିରେ ଫସିଲେ ଯୁବକ

ବାରିପଦା,୧୯।୬(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ ଅଧୀନ ମେରୁମଠ ନିକଟରେ ପ୍ରବାହିତ ସୁବର୍ଣ୍ଣରେଖା ନଦୀ ମଝିରେ ଜଣେ ଯୁବକ ଫସି ରହିଛନ୍ତି। ବ୍ଲକ ପ୍ରଶାସନ ଓ ଦମକଳ ବାହିନୀ ପକ୍ଷରୁ ଗୁରୁବାର ତାଙ୍କୁ ଉଦ୍ଧାର କରିବା ପାଇଁ ଚେଷ୍ଟା ଜାରି ରହିଥିଲେ ହେଁ ସମ୍ଭବ ହୋଇପାରି ନାହିଁ। ଉକ୍ତ ଯୁବକଙ୍କ ପରିଚୟ ମିଳି ପାରି ନ ଥିବା ବେଳେ ସେ ଝାଡ଼ଖଣ୍ଡ ରାଜ୍ୟର ବୋଲି ଅନୁମାନ କରାଯାଉଛି। ସୂଚନାଯୋଗ୍ୟ, ଯୁବକ ଜଣକ କୌଣସି କାମ ପାଇଁ ଅପରାହ୍ନରେ ନଦୀ ଅପରପାର୍ଶ୍ୱକୁ ଯାଇଥିଲେ। ଫେରିବା ସମୟରେ ନଦୀର ଜଳପତ୍ତନ ଦ୍ରୁତ ଗତିରେ ବୃଦ୍ଧି ପାଇବା ସହ ପ୍ରଖର ସ୍ରୋତ ଯୋଗୁ ନଦୀ ପାର ହୋଇ ନ ପାରି ଏକ ଉଚ୍ଚ ସ୍ଥାନରେ ଛିଡ଼ା ହୋଇ ରହିଥିଲେ।

# ଆଜି ଚିକିତ୍ସା ପାଇଁ ମୁମ୍ବାଇ ଯିବେ ନବୀନ

**୨୨ରେ ଦୀପଦାନ କରିବାକୁ ନିଷ୍ପତ୍ତି ନେଇଛି ଦଳ**

ଭୁବନେଶ୍ୱର,୧୯।୬(ସୁନିତ୍ ମିଶ୍ର)

ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ସର୍ଭିକାଲ ଆର୍ଥ୍ରାଇଟିସ୍ ଚିକିତ୍ସା ଲାଗି ଶୁକ୍ରବାର ମୁମ୍ବାଇ ଗସ୍ତ କରିବେ। ଆସନ୍ତା ୨୨ ତାରିଖରେ କୋକିଲାବେନ୍ ଧୀରୁଭାଇ ଅମ୍ବାନୀ ହସ୍ପିଟାଲଠାରେ ତାଙ୍କର ଚିକିତ୍ସା କରାଯିବ। ଗୁରୁବାର ଶଙ୍ଖ ଭବନଠାରେ ଦଳର ବରିଷ୍ଠ ନେତାମାନଙ୍କୁ ନେଇ ଏକ ବୈଠକ ବସିଥିବା ଜଣାପଡ଼ିଛି। ନବୀନ ମୁମ୍ବାଇ ଯିବା ପୂର୍ବରୁ ସକାଳ ୯ଟାରେ ବିମାନବନ୍ଦରଠାରେ ସମସ୍ତେ ତାଙ୍କୁ ଦେଖାକରି ଆଶୁ ଆରୋଗ୍ୟ କାମନା କରିବେ। ଏଠାରେ ଯୋଗଦେବା ଲାଗି ସବୁ ବିଧାୟକ, ରାଜ୍ୟ ସଭା ସଦସ୍ୟ, ଗତ ନିର୍ବାଚନରେ ପ୍ରାର୍ଥୀ ହୋଇଥିବା ସବୁବିଧାନସଭା ଏବଂ ଏମ୍‌ପି ପ୍ରାର୍ଥୀ, ଦଳର ବରିଷ୍ଠ, ଯୁବ ଓ ଛାତ୍ର ନେତାମାନେ ଏଥିରେ ଯୋଗଦେବେ। ୨୨ ତାରିଖରେ ସମସ୍ତେ ଦୀପ ଜାଳି ନବୀନଙ୍କ ଆଶୁ ଆରୋଗ୍ୟ କାମନା କରିବେ ବୋଲି ସୂଚନା ମିଳିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନଈ ପାଣି ହୁଳୁହୁଳୁ
କିଏ ସେ ନେଲା ମୋ ଚମ୍ପାଫୁଲକୁ
ତଳମାଳ ରାଇଜକୁ।**

ଅତି ଅଲିଅଳରେ ବଢ଼ି ଆସିଥିବା ଝିଅ ଯେବେ ବିଭାହୋଇ ଦୂର ବା ଦୁର୍ଗମ ଅଞ୍ଚଳରେ ଥିବା ଶାଶୁଘରକୁ ଚାଲିଯାଏ, ସେତେବେଳେ ମାଆ ମନ କୌଣସି ପରିସ୍ଥିତିରେ ଥୟ ଧରି ରହିପାରି ନଥାଏ। ଏପରି ସ୍ଥଳେ ଝିଅର ବିଚ୍ଛେଦଜନିତ ଦୁଃଖ ସହି ନପାରି ମାଆ ଝୁରି ହେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ନେବୁ ରାତି ଆଣିବୁ ରାତି
ତେବେ ଜାଣିବୁ ପୋଢ଼ର ଜାତି।**

ପୋଢ଼ର ଅର୍ଥ ଅଣ୍ଡିରା ମଇଁଷି। ସାଧାରଣତଃ ମଇଁଷିମାନେ ଟାଣ ଖରା ସହ୍ୟ କରିପାରି ନଥାନ୍ତି, ଯେଉଁଥିପାଇଁ ସେମାନେ ଅଧିକ ସମୟ ପାଣିରେ ପଶି ରହୁଥିବାର ଲକ୍ଷ୍ୟ କରାଯାଇଥାଏ। ମଇଁଷିମାନଙ୍କ ଚରିବା ବୁଲିବାର ପ୍ରକୃଷ୍ଟ ସମୟ ପ୍ରାତଃ ଓ ସନ୍ଧ୍ୟା କାଳ ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ-ଫ୍ରେଣ୍ଡ୍‌ସ ପବ୍ଲିଶର୍ସ




ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ରାଞ୍ଚିରେ ସିରମଟୋଲି ଫ୍ଲାଏଓଭର ଉଦ୍‌ଘାଟିତ





ରାଞ୍ଚି,୧୯।୬

ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କ ଦ୍ୱାରା ରାଜଧାନୀ ରାଞ୍ଚିରେ ସିରମଟୋଲି ଫ୍ଲାଏଓଭର ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟର ମହାନ ବିପ୍ଳବୀ ନେତା ତଥା ମାର୍ଗଦର୍ଶକ ସ୍ୱର୍ଗତ କାର୍ତ୍ତିକ ଓରାଓଁଙ୍କ ନାମରେ ଏହି ବ୍ରିଜ୍‌କୁ ଉତ୍ସର୍ଗ କରାଗଲା ବୋଲି ମୁଖ୍ୟମନ୍ତ୍ରୀ ସୋରେନ୍ ଘୋଷଣା କରିଛନ୍ତି। କାର୍ତ୍ତିକ ତାଙ୍କର ସାରା ଜୀବନ ଆଦିବାସୀମାନଙ୍କ ଅଧିକାର ଓ ଆତ୍ମସମ୍ମାନ ପାଇଁ ଲଢ଼ିଆସିଥିଲେ। ଏହି ଫ୍ଲାଏଓଭର ଯୋଗୁ ରାଞ୍ଚି ସମେତ ସାରା ରାଜ୍ୟ ଉପକୃତ ହେବ ବୋଲି ମୁଖ୍ୟମନ୍ତ୍ରୀ କହିବା ସହ ଉଦ୍‌ଘାଟନ ସମୟର ଆକାଶ ମାର୍ଗର ଦୃଶ୍ୟକୁ ଏକ୍ସ'ରେ ଶେୟାର କରିଛନ୍ତି। ସିରମଟୋଲି ଚୌକରୁ ରାଜେନ୍ଦ୍ର ଚୌକକୁ ସଂଯୋଗ କରୁଥିବା ଏହି ୪ ଲେନ୍ ବିଶିଷ୍ଟ ଫ୍ଲାଏଓଭରର ଦୈର୍ଘ୍ୟ ୨.୩୪ କିଲୋମିଟର। ୨୦୨୨ ଅଗଷ୍ଟ ୧୯ରେ ମୁଖ୍ୟମନ୍ତ୍ରୀ ଏହାର ଶିଳାନ୍ୟାସ କରିଥିଲେ। ବ୍ରିଜ୍‌ର ବିଶେଷତ୍ୱ ହେଲା, ଏହାର ୧୯୧୪ ମିଟର ପର୍ଯ୍ୟନ୍ତ କେବୁଲ ଷ୍ଟେ ରହିଥିବାବେଳେ ୧୩୨ ମିଟରର ଇସ୍ପାତ ଷ୍ଟ୍ରକ୍ଚର ରହିଛି। ଦେଶରେ ପ୍ରଥମ ଥର ପାଇଁ ରେଲଲାଇନ ଉପରେ ଏଭଳି ବୋରୋପାଇଲିଂ କରାଯାଇଛି, ଯାହା ମଜଭୁତ ଓ ସ୍ଥିରତାକୁ ସୁନିଶ୍ଚିତ କରୁଛି। ଉକ୍ତ ଫ୍ଲାଏଓଭର ନିର୍ମାଣ ଫଳରେ ସିରମଟୋଲି ଚୌକ ଏବଂ ରାଜେନ୍ଦ୍ର ଚୌକ ମଧ୍ୟରେ ଯାତାୟାତ ସମୟ ୩୦ ମିନିଟ୍ ହ୍ରାସ ପାଇ ମାତ୍ର ୫ ମିନିଟ୍‌ରେ ପହଞ୍ଚିଛି। ଏହା କେବଳ ଯାତାୟାତକୁ ସୁଗମ କରିନାହିଁ, ଝାଡ଼ଖଣ୍ଡର ବିକାଶ ଓ ଭବିଷ୍ୟତ ପାଇଁ ଏକ ବଡ଼ ପଦକ୍ଷେପ ବୋଲି କୁହାଯାଉଛି।

# ଯନ୍ତ୍ରୀଙ୍କ ଠିକାଦାର ପ୍ରୀତିରୁ ଆଦାୟ ହୋଇପାରିନି ୯ କୋଟି

**ପିଏସିରେ ଉଦ୍‌ବେଗ, ଏତଲା ପାଇଁ ପ୍ରସ୍ତାବ**

ଭୁବନେଶ୍ୱର,୧୯।୬(ରବିନାରାୟଣ ଜେନା)

ଯନ୍ତ୍ରୀମାନେ କିଭଳି ଠିକାଦାରଙ୍କ ସହିତ ସଲାସୁତରା କରି ଦୁର୍ନୀତିରେ ଲିପ୍ତ ରହୁଛନ୍ତି ତା'ର ନମୁନା ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢ଼ାଉ ବେଳେ ଜଣାପଡୁଛି। ଗୋଟିଏ ପରେ ଗୋଟିଏ ଯନ୍ତ୍ରୀଙ୍କ ଘରୁ ପୁଳାପୁଳା ଟଙ୍କା ବାହାରୁଛି। ନିକଟରେ ପବ୍ଲିକ ଆକାଉଣ୍ଟ କମିଟି(ପିଏସି)ରେ ଏଭଳି ଏକ ରୋଚକପୂର୍ଣ୍ଣ ତଥ୍ୟ ସିଏଜି ଉପସ୍ଥାପନ କରିବା ପରେ ତାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ଠିକାଦାରମାନେ ନିର୍ମାଣ କାର୍ଯ୍ୟ ନ କରି ଅଧାରୁ ଛାଡ଼ିଦେଇ ଚାଲି ଯାଇଛନ୍ତି। ହେଲେ ଠିକାଦାରଙ୍କ ସାଧାରଣ ଚୁକ୍ତି(ଜିସିସି) ଅନୁଯାୟୀ ଯେଭଳିଭାବେ ସେମାନଙ୍କଠାରୁ ଜରିମାନା ଆଦାୟ କରାଯିବା କଥା ତାହା ମଧ୍ୟ ହୋଇପାରି ନାହିଁ। ଇତିମଧ୍ୟରେ ପ୍ରାୟ ୮ ବର୍ଷ ବିତି ଯାଇଥିଲେ ବି ୯କୋଟିରୁ ଊର୍ଦ୍ଧ୍ୱ ଟଙ୍କା ସମ୍ପୃକ୍ତ ଠିକାଦାରଙ୍କଠାରୁ କାହିଁକି ଆଦାୟ ହୋଇନାହିଁ ସେନେଇ ପିଏସି ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଛି। ତୁରନ୍ତ ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ତଥା ଏତଲା କରିବାକୁ କମିଟି ସଦସ୍ୟମାନେ ଦାବି କରିଛନ୍ତି।

ସୂଚନାଯୋଗ୍ୟ ଯେ, ଗ୍ରାମାଞ୍ଚଳର ଭିତ୍ତିଭୂମି ବିକାଶ ଲାଗି କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ସହଭାଗିତାରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା କାର୍ଯ୍ୟ ରାଜ୍ୟରେ କାର୍ଯ୍ୟକାରୀ ହୋଇଛି। ଏହିକ୍ରମରେ ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ପୁରୀ ଓ ରାଉରକେଲାରେ ପ୍ରାୟ ୧୭ଟି ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ୫୨.୨ କୋଟି ଟଙ୍କାର କାର୍ଯ୍ୟ ହେବାର ଥିଲା। ହେଲେ ଠିକାଦାରମାନେ ଉକ୍ତ କାର୍ଯ୍ୟକୁ ଅଧାପନ୍ତରିଆ କରି ଛାଡ଼ି ଦେଇ ଚାଲିଯାଇଛନ୍ତି। ନିୟମ ଅନୁଯାୟୀ ସମ୍ପୃକ୍ତ କାର୍ଯ୍ୟନିର୍ବାହୀ ଯନ୍ତ୍ରୀମାନେ ନିର୍ମାଣ କାର୍ଯ୍ୟର ୨୦ ପ୍ରତିଶତ ଜରିମାନା ପ୍ରାଥମିକ ପର୍ଯ୍ୟାୟରେ ଠିକାଦାରଙ୍କଠାରୁ ଆଦାୟ କରିବା କଥା। ଆଦାୟ ନ କଲେ ଦୈନିକ ଜରିମାନା କରିବାର ନିୟମ ମଧ୍ୟ ରହିଛି। ହେଲେ ସମ୍ପୃକ୍ତ କାର୍ଯ୍ୟନିର୍ବାହୀ ଯନ୍ତ୍ରୀମାନେ ୨୦୧୭-୧୮ ବର୍ଷର ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ହୋଇଥିବା ଅବହେଳାକୁ ନେଇ କୌଣସି ଠିକାଦାରଙ୍କଠାରୁ ଜରିମାନା ଅର୍ଥ ଆଦାୟ କରିପାରିନାହାନ୍ତି। ଫଳରେ ରାଜ୍ୟ ସରକାରଙ୍କ ୯କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଅପବ୍ୟୟ ହୋଇଛି ବୋଲି ପିଏସି କମିଟି ବୈଠକରେ ସିଏଜି ପକ୍ଷରୁ ବିସ୍ତୃତ ତଥ୍ୟ ସହ ଦର୍ଶାଯାଇଛି।

ତଥ୍ୟ ଅନୁସାରେ, ୨୦୧୭-୧୮ରେ ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ପୁରୀ ଓ ରାଉରକେଲାରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଏବଂ ବିଭିନ୍ନ ଉନ୍ନତୀକରଣ କାର୍ଯ୍ୟ ଲାଗି ୧୭ଟି କାର୍ଯ୍ୟାଦେଶ ୯ଜଣ ଠିକାଦାରଙ୍କୁ ପ୍ରଦାନ କରାଯାଇଥିଲା। ହେଲେ କେତେକ ଠିକାଦାର କାର୍ଯ୍ୟ ଅଧାପନ୍ତରିଆ କରି ଛାଡ଼ିଦେଇ ଯାଇଛନ୍ତି। ନିର୍ମାଣ କାର୍ଯ୍ୟ ବିଳମ୍ବ ହେତୁ ଠିକାଦାରଙ୍କ ଉପରେ ୧୨.୧୭ କୋଟି ଟଙ୍କାର ଜରିମାନା କରାଯିବାକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପତ୍ରାଳାପ ହୋଇଥିଲା। ମାତ୍ର ତତ୍କାଳୀନ କାର୍ଯ୍ୟନିର୍ବାହୀ ଅଧିକାରୀ ଏ ଦିଗରେ କୌଣସି ଠୋସ୍ ପଦକ୍ଷେପ ନେଇ ନ ଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଏହି ଜରିମାନା ଅର୍ଥରୁ ମାତ୍ର ୩.୧୭କୋଟି ଟଙ୍କା ଆଦାୟ ହୋଇଛି। ଆହୁରି ୯ କୋଟି ଟଙ୍କାର ଜରିମାନା ଆଦାୟ ହୋଇପାରିନାହିଁ। ବିଭାଗୀୟ ସୂଚନା ଅନୁଯାୟୀ, ହାଇକୋର୍ଟରେ ମାମଲା ଏବଂ ସଂସ୍ଥାକୁ ଠାବ କରିବାରେ ବିଫଳ ହୋଇଥିବା କାରଣରୁ ଏହି ଅର୍ଥ ଆଦାୟ କରାଯାଇପାରିନାହିଁ। ତେବେ ଯନ୍ତ୍ରୀମାନେ କିଭଳି ଠିକାଦାରଙ୍କ ସହିତ ସଲାସୁତରାରେ ଅଛନ୍ତି ଏହାର ନଜିର ପୂର୍ବରୁ ବହୁତ ରହିଥିବାବେଳେ ପିଏସି ବୈଠକରେ ଯନ୍ତ୍ରୀଙ୍କ ଅସଲ ଚେହେରା ପୁଣି ଥରେ ପଦାକୁ ଆସିଛି। ଏନେଇ ପିଏସି ସଦସ୍ୟ ତଥା ଭାଜପା ବିଧାୟକ ଅମର ନାୟକ କହିଛନ୍ତି ଯେ, ପୂର୍ବ ସରକାର ସମୟରେ ଏହିଭଳି ବହୁ ଠିକାଦାର କାମ ଅଧାପନ୍ତରିଆ କରି ଛାଡ଼ି ଯାଇଛନ୍ତି। ଯନ୍ତ୍ରୀ ଓ ବିଭାଗୀୟ ଅଧିକାରୀମାନେ ଯେଭଳି ଭାବେ ଏଥିପ୍ରତି ଗୁରୁତ୍ୱ ଦେବା କଥା ଦେଇନାହାନ୍ତି। ସମ୍ପୃକ୍ତ ଯନ୍ତ୍ରୀଙ୍କ ବିରୋଧରେ ଏତଲା ଦେବାକୁ ଦାବି କରାଯାଇଛି। ପରବର୍ତ୍ତୀ ବୈଠକରେ ବିଭାଗର ତଥ୍ୟ ଆସିଲେ ସ୍ପଷ୍ଟ ଜଣାପଡ଼ିବ।

# ତେହରାନ୍, ତେଲ୍‌ଆଭିଭରେ...

ପ୍ରଥମ ପୃଷ୍ଠାରୁ...

ଏଥିରେ ଅନ୍ୟୂନ ୨୪୦ ଜଣ ଆହତ ହୋଇଛନ୍ତି। ପ୍ରତିରକ୍ଷା ମନ୍ତ୍ରୀ ଇସ୍ରାଏଲ୍ କାଟ୍‌ଜ ସୋରୋକା ମେଡିକାଲ ସେଣ୍ଟର ପରିଦର୍ଶନ ପରେ ଇରାନ୍ ସୁପ୍ରିମ ଲିଡର ଆୟାତୋଲ୍ଲା ଅଲୀ ଖାମେନେଇଙ୍କୁ ହତ୍ୟା ଧମକ ଦେଇଛନ୍ତି। କାଟ୍‌ଜ କହିଛନ୍ତି, ସର୍ବୋଚ୍ଚ ନେତାଙ୍କୁ ଆଉ ବଞ୍ଚି ରହିବାକୁ ଦିଆଯିବ ନାହିଁ। ଇରାନ୍ ଭଳି ଦେଶର ନେତୃତ୍ୱ ନେଉଥିବା 'ଆଧୁନିକ ଯୁଗର ହିଟ୍‌ଲର' ଖାମେନେଇ ଜଣେ ଏକଚ୍ଛତ୍ରବାଦୀ। ସେ ନିଜ ବୈଚାରିକ ପ୍ରଭାବ ବ୍ୟବହାର ବଳରେ ଇସ୍ରାଏଲ୍‌କୁ ଧ୍ୱଂସ କରିବାକୁ ବ୍ୟକ୍ତିଗତ ଭାବେ ଆହ୍ୱାନ ଦେଇଛନ୍ତି। ତାଙ୍କ ଲକ୍ଷ୍ୟ ପୂରଣ ହେବାକୁ ଦିଆଯିବ ନାହିଁ। ଇସ୍ରାଏଲୀ ଡିଫେନ୍ସ ଫୋର୍ସେସ୍ (ଆଇଡିଏଫ୍) ତାଙ୍କୁ ଖୋଜି ବାହାର କରିବାକୁ ଏବଂ ହତ୍ୟା କରିବାକୁ ସମର୍ଥ। ରିପୋର୍ଟ ଅନୁସାରେ ଆମେରିକା ଏହା ପୂର୍ବରୁ ଖାମେନେଇଙ୍କୁ ହତ୍ୟା କରିବା ନେଇ ଇସ୍ରାଏଲ୍‌ର ଯୋଜନାକୁ ଏଡ଼ାଇ ଦେଇଥିଲା। ଏପରି ହୋଇ ନ ଥିଲେ ଆମେ କେବେଠୁ ତାଙ୍କୁ ବାହାର କରି ହତ୍ୟା କରିସାରିଥାନ୍ତୁ। ଇରାନ୍ ସହ ସଂଘର୍ଷ ପଛରେ ଆମର ଗୋଟିଏ ଲକ୍ଷ୍ୟ। ତାହା ହେଉଛି, 'ଅପରେଶନ୍ ରାଇଜିଂ ଲାୟନ୍' ବଳରେ ତେହରାନ୍ ପଟୁ ରହିଥିବା ଆଣବିକ ବିପଦକୁ ହଟାଇବା। ସେପଟେ ତେହରାନ୍ ହସ୍ପିଟାଲ ଉପରେ ଆକ୍ରମଣକୁ ଖଣ୍ଡନ କରିବା ସହ ଇସ୍ରାଏଲ୍‌ର ଏକ ସେନା ଶିବିରକୁ ଟାର୍ଗେଟ କରିଥିବା ସଫେଇ ଦେଇଛି। ଇସ୍ରାଏଲୀ ସେନା ଇରାନ୍‌ର ଏଭଳି ପଦକ୍ଷେପକୁ ସୁଚିନ୍ତିତ ଓ ଆପରାଧିକ କାର୍ଯ୍ୟ ଭାବେ ଅଭିହିତ କରି ନତାଞ୍ଜ ସମେତ ଆଉ କେତୋଟି ନ୍ୟୁକ୍ଲିୟର ସାଇଟ୍‌କୁ ଟାର୍ଗେଟ କରିଛି। ଇସ୍ରାଏଲ୍ ମତରେ ନତାଞ୍ଜ ଆଣବିକ କେନ୍ଦ୍ରରେ ଇରାନ୍ ସ୍ୱତନ୍ତ୍ର ଉପକରଣଗୁଡ଼ିକୁ ବ୍ୟବହାର କରି ଆଣବିକ ଯୁଦ୍ଧାସ୍ତ୍ର ବିକଶିତ କରିବାରେ ଲାଗିଥିଲା। ତେବେ ଏଥିରୁ ଆଣବିକ ବିକିରଣ ବିପଦ ଦେଖାଦେଇ ନ ଥିବା ଇରାନୀୟ ଗଣମାଧ୍ୟମ ରିପୋର୍ଟ କରିଛି। ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ତେହରାନ୍‌ର ସ୍ୱେଚ୍ଛାଚାରୀ ଶାସକଙ୍କଠାରୁ ପୂରା ମୂଲ୍ୟ ଅସୁଲ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ୭ ଦିନର ଯୁଦ୍ଧ ଭିତରେ ଇରାନ୍ ଇସ୍ରାଏଲ୍ ଉପରକୁ ୪୫୦ ମିଶାଇଲ୍ ଓ ୧,୦୦୦ ଡ୍ରୋନ୍ ଛାଡ଼ିଥିବା ଇସ୍ରାଏଲୀ ଅଧିକାରୀମାନେ ସୂଚନା ଦେଇଛନ୍ତି। ତେବେ ସେଥିମଧ୍ୟରୁ ଅଧିକାଂଶ ଅସ୍ତ୍ରକୁ ଖସାଇ ଦିଆଯାଇଥିବା ସେମାନେ ଦାବି କରିଛନ୍ତି। ଇତିମଧ୍ୟରେ ଖାମେନେଇ ମଧ୍ୟ ଇହୁଦୀ ଶାସକଙ୍କୁ ଦଣ୍ଡିତ କରିବା ପାଇଁ ଏହାର କଡ଼ା ଜବାବ ଦେବାକୁ ପଣ କରିଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତେହରାନ୍ ଉପରେ ଆକ୍ରମଣ ପାଇଁ ନିଜ ସେନାକୁ ନିର୍ଦ୍ଦେଶ ଦେଇସାରିଛନ୍ତି। କେବଳ ଚୂଡ଼ାନ୍ତ ନିଷ୍ପତ୍ତି ବାକି ଅଛି ବୋଲି ସୂତ୍ରରୁ ଜଣାପଡ଼ିଛି। ମୋଟାମୋଟି ଭାବେ ଦେଖିଲେ ଯୁଦ୍ଧ ଥମିବା ପରିବର୍ତ୍ତେ ଦିନକୁ ଦିନ ଅଧିକ ବ୍ୟାପକ ହେବାରେ ଲାଗିଛି, ଯାହାକି ସମଗ୍ର ବିଶ୍ୱ ପାଇଁ ଚିନ୍ତାର କାରଣ ପାଲଟିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗଳାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ଦ୍ୱାଦଶସ୍ଥ ଶନି ସହ ଚନ୍ଦ୍ରଙ୍କ ସଂଯୋଗ ଯୋଗୁ ପୂର୍ବ ସମସ୍ୟାର ସମାଧାନ କରିପାରିବେ। ସାଧାରଣ ବ୍ୟତିକ୍ରମ ରହିଲେ ମଧ୍ୟ ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହିବ। କର୍ମକ୍ଷେତ୍ରରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡା ଲାଗିପାରେ। ଫାଇଦା ହାସଲ ମାନସରେ ମିତ୍ରମାନେ ସମ୍ମୁଖରେ ପ୍ରଶଂସାସୂଚକ ବାକ୍ୟ କହିପାରନ୍ତି।

**ବୃଷ** – ପରିସ୍ଥିତି ବିଶେଷ ଭଲ ନ ଥିଲେ ମଧ୍ୟ ଆଜି କୌଣସି କାମ ଅଟକି ରହିବନାହିଁ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ ଭଲରେ ଚାଲିବ ଏବଂ ଲାଭଜନକ ମଧ୍ୟ ହେବେ। ଦୀର୍ଘଦିନରୁ ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନରେ ପାଇପାରନ୍ତି। ପରିବହନରେ ସାଧାରଣ କଥାରେ ଝଗଡା କିମ୍ବା ତତ୍‌ଜନିତ ସମସ୍ୟାର ଆଶଙ୍କା ରହିଛି।

**ମିଥୁନ** – କର୍ମଦକ୍ଷତା ଏବଂ ସଚ୍ଚୋଟତା କାରଣରୁ ସାମାଜିକ ସ୍ତରରେ ପ୍ରଶଂସିତ ହେବେ। ଅର୍ଥନୈତିକ ଅଭିବୃଦ୍ଧି ସାଙ୍ଗକୁ ବିଭିନ୍ନ ଯୋଜନା କ୍ଷେତ୍ରରେ ଅନୁକୂଳ ବାତାବରଣ ସୃଷ୍ଟି ହେବ। କୋର୍ଟ କଚେରୀକୁ କେନ୍ଦ୍ର କରି ପରିବାରରେ ସମ୍ପର୍କ ହାନି ଘଟିପାରେ। ରାଜନୀତି କ୍ଷେତ୍ରରେ ନେତୃତ୍ୱ ନେଇ କିମ୍ବା ସମର୍ଥକଙ୍କ ଶୁଭକାମନାରୁ ଖୁସି ରହିବେ।

**କର୍କଟ** – ସ୍ୱାସ୍ଥ୍ୟ ଓ ବ୍ୟବସାୟିକ ସ୍ଥିତି ବହୁତ ଭଲ ରହିବ। ହାତକୁ ନେଇଥିବା କାମଟିକୁ ସୁରୁଖୁରୁରେ କରିପାରିବା କାରଣରୁ ଟେନସନ୍ କିଛି ମାତ୍ରାରେ କମିଯିବ। ପରିବାରରେ ପୂର୍ବ ସମସ୍ୟା ସମାଧାନ ହେବାରେ କୌଣସି ନୀଚ୍ଚ ଜାତିର ବ୍ୟକ୍ତି ମୁଖ୍ୟ ଭୂମିକା ଗ୍ରହଣ କରିବେ। ସଭାସମିତିରେ ତର୍କ ବୃଦ୍ଧି ପାଇବା କାରଣରୁ ଆଲୋଚନା ଅମୀମାଂସିତ ରହିପାରେ।

**ସିଂହ** – ନିକଟସ୍ଥ ବ୍ୟକ୍ତିଙ୍କ ସହଯୋଗ ସମସ୍ୟା ସମାଧାନରେ ସାହାଯ୍ୟ କରିବ। ଆର୍ଥିକ ଦିଗରୁ ଉପକୃତ ହେବେ ଓ ସ୍ଥଗିତ କାମ ତ୍ୱରାନ୍ୱିତ କରିବାରେ ସମର୍ଥ ହେବେ। ପରିବାରରେ ପାରସ୍ପରିକ ସହଯୋଗ ପରିବେଶକୁ ସରସ,ସୁନ୍ଦର କରିବାରେ ସହାୟକ ହେବ। ମାତ୍ର କର୍ମକ୍ଷେତ୍ରରେ ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡ଼ିବେ।

**କନ୍ୟା** – ଆଜିର ଯାତ୍ରା, କର୍ମାରମ୍ଭ, ବ୍ୟବସାୟିକ ସ୍ଥିତି ବିଶେଷ ଭଲ ରହିବ। ଭୁଲ୍ ବୁଝାମଣା ହେତୁ ଆତ୍ମୀୟମାନଙ୍କ ଅସହଯୋଗ ଦୁଃଖର ମାତ୍ରାକୁ ବଢାଇଦେଇପାରେ। ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ। ପରିଜନଙ୍କ ସହିତ ଦର୍ଶନୀୟ ସ୍ଥାନ ପରିଭ୍ରମଣଜନିତ ସାମୟିକ ଆନନ୍ଦ ଅନୁଭବ କରିପାରନ୍ତି।

**ତୁଳା** – ଆଜି ରାସ୍ତାରେ ଯିବା ସମୟରେ ନୂତନ ବନ୍ଧୁ ସମ୍ପର୍କ ସ୍ଥାପିତ ହେବ। ଜଣେ ବନ୍ଧୁଙ୍କ ଜରିଆରେ ଦୀର୍ଘଦିନର ଆଶା ଫଳବତୀ ହେବ। ପରିବାରରେ ପିଲାଙ୍କ ଆଚରଣର ପରିବର୍ତ୍ତନ କାରଣରୁ ମନେ ମନେ ବିରକ୍ତି ଅନୁଭବ କରିପାରନ୍ତି। ରୋଗପୀଡା ଉପଶମ ହେବା ସହିତ ଦୈହିକ ସୁସ୍ଥତା ହେତୁ ଆଶ୍ୱସ୍ତି ଅନୁଭବ କରିବେ।

**ବିଛା** – ଆଜି ଆପଣ ଯେଉଁ କାମ ସକାଶେ ଉଦ୍ୟମ କରିବେ ତାହା କଦାପି ନିଷ୍ଫଳ ହେବନାହିଁ। ଧୈର୍ଯ୍ୟହରା ନ ହୋଇ ଯଦି ପରିସ୍ଥିତିର ମୁକାବିଲା କରନ୍ତ ଦେଖିବେ ସବୁ ପ୍ରତିବନ୍ଧକ ଦୂରେଇଯିବ। ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବା ସକାଶେ ଦିନଟି ବହୁତ ଭଲ। କଳା, ସାହିତ୍ୟ, ସଭା ସମିତି ଓ ମନୋରଞ୍ଜନରେ ଆଗ୍ରହୀ ହେବେ।

**ଧନୁ** – ମନରେ ଦୁଃଖ ରହିଥିଲେ ମଧ୍ୟ ହସି ହସି କଥା କହି କାମ ହାସଲ କରିନେବେ। ଅନ୍ୟମାନେ ଅନିର୍ଦ୍ଦିଷ୍ଟ ସମୟରେ ଆଶା କରୁଥିବା ବନ୍ଧୁଙ୍କ ନିକଟରୁ ଅର୍ଥଲାଭ ଘଟିବ। ଗତକାଲିଠାରୁ ଆପଣ ଯେଉଁ କଥା ପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ଅସୁବିଧା ହେବ ନାହିଁ। ବିବାଦୀୟ ଘଟଣାରେ ଦୁଃସାହସିକ ପଦକ୍ଷେପ ନେବା ଠିକ୍ ନ ହୋଇପାରେ।

**ମକର** – ଅଧିକାଂଶ ସମୟ ଶାରୀରିକ ଅସୁସ୍ଥତା ଲାଗି ରହୁଥିବାରୁ ମନ ଭଲ ରହିବ ନାହିଁ। ଆବଶ୍ୟକତା ପୂରଣ ସକାଶେ କରଜ କରି କାମ ତୁଲାଇବାକୁ ବାଧ ହେବେ। ସମ୍ପର୍କୀୟମାନେ କାଳେ ଦେବାକୁ ପଡିବ, ଏହି କାରଣରୁ ପାଖ ମାଡି ନ ପାରନ୍ତି। ଆର୍ଥିକ ଦୁରବସ୍ଥା ଦୂରେଇଯିବା ସହିତ ବୈଷୟିକ ଅଭିବୃଦ୍ଧି ଯୋଗୁ ଆଶ୍ୱସ୍ତି ଲାଭ କରିବେ।

**କୁମ୍ଭ** – ଆଳସ୍ୟ ଏବଂ ଅବହେଳା କ୍ରମେ ସ୍ଥଗିତ କାର୍ଯ୍ୟକୁ ଆଜି ପୂର୍ଣ୍ଣାଙ୍ଗ କରିବେ। ପରିବାରର ଆବଶ୍ୟକତା ଅନୁଯାୟୀ ଜିନିଷ କ୍ରୟ ସକାଶେ ମନ ବଳାଇ ପାରନ୍ତି। କର୍ମ କ୍ଷେତ୍ରରେ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ, ଯାହାକି ପରିସ୍ଥିତିକୁ ବଦଳାଇଦେଇପାରେ। ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ରହନ୍ତୁ, ଅନ୍ୟଥା ମନସ୍ତାପ କରିବାକୁ ପଡିବ।

**ମୀନ** – ଆଜି ଭୁଲ୍ ବୁଝାମଣା କାରଣରୁ ପରିବାରର ଅଶାନ୍ତ ପରିବେଶ ପୂର୍ବପରି ରହିବ। ବକେୟା ଅର୍ଥ ଆଦାୟରେ ସକ୍ଷମ ହେବେ ତଥାପି ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହେବ। ବ୍ୟବସାୟରେ ଲାଭ ମିଳିବ ଯାହାକୁ ଅନ୍ୟ ଏକ ଉଦ୍ଦେଶ୍ୟରେ ବିନିଯୋଗ କରିବେ। ପରିବାର ଭିତରେ ବୁଝାମଣା ସମ୍ପର୍କରେ ଉନ୍ନତି ଘଟିବାର ଆଶା ରହିଛି।

ଆଜି ଜୁନ୍ ୨୦ ତାରିଖ, ବିଶ୍ୱ ଶରଣାର୍ଥୀ ଦିବସ, ଆଷାଢ଼ କୃଷ୍ଣ ନବମୀ ଯୁକ୍ତ ଦଶମୀ ଶୁକ୍ରବାର। ରାଶିନକ୍ଷତ୍ର-ରେବତୀ/ମୀନ, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୦୫ ଗତେ, ଘ.୦୬।୫୭ ମଧ୍ୟେ, ଘ.୧୨।୧୪ ଗତେ, ଘ.୦୨।୫୩ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦।୦୯ ଗତେ, ଘ. ୧୧।୪୮ ମଧ୍ୟେ ରାହୁକାଳ।





ଅନ୍ତର୍ଜାତୀୟ ଯୋଗ ଦିବସ ଅବ୍ୟବହିତ ପୂର୍ବରୁ ଧରିତ୍ରୀ କାର୍ଯ୍ୟାଳୟରେ ଗୁରୁବାର ଯୋଗ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। 'ଧରିତ୍ରୀ' ଏବଂ 'ଓଡ଼ିଶାପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀଙ୍କ ଉପସ୍ଥିତିରେ ଧରିତ୍ରୀ କର୍ମଚାରୀଙ୍କୁ ଯୋଗଗୁରୁ ପ୍ରଜ୍ଞା ମହାନ୍ତି ୨୦ରୁ ଊର୍ଦ୍ଧ୍ୱ ଯୋଗାସନ, ପ୍ରାଣାୟମ ଆଦିର ପ୍ରଶିକ୍ଷଣ ଦେଇଛନ୍ତି। **(ଫଟୋ: ମନୋରଞ୍ଜନ ମିଶ୍ର)**

# ମାଟିମନସ୍କ ମହାମହିମ : ଏକ ଅନବଦ୍ୟ ଜୀବନଯାତ୍ରା

**ନେତାଜୀ ଅଭିନନ୍ଦନ**

ସତରେ କ'ଣ ମାଟିରୁ ଆକାଶ ଯାଏ ସେତୁ ବାନ୍ଧିହୁଏ! ସତରେ କ'ଣ ମାଟି ଉପରେ ପାଦ ଥାପି ଆକାଶକୁ ହାତ ମୁଠାରେ ତୋଳି ଧରିହୁଏ! ମାଟିରୁ ଆକାଶ ପର୍ଯ୍ୟନ୍ତ- ଏ କାହାଣୀ ଏକ ଅଭୂତପୂର୍ବ ଓ ଅନବଦ୍ୟ ଯାତ୍ରାର, ଯାହାର କୌଣସି ଦ୍ୱିତୀୟ ଦୃଷ୍ଟାନ୍ତ ନାହିଁ ଭାରତରେ। ଅସମ୍ଭବ ମନେ ହେଉଥିବା ଏ ଯାତ୍ରାର ଦୁର୍ବିନୀତ ଯାତ୍ରୀ ହେଉଛନ୍ତି ଭାରତର ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ୧୯୫୮ ମସିହା ଜୁନ୍ ୨୦ ତାରିଖରେ ମୟୂରଭଞ୍ଜର ଏକ ଅପହଞ୍ଚ ଗାଁ ଉପରବେଡ଼ାର ଏକ ସାନ୍ତାଳି ପରିବାରରେ ଦ୍ରୌପଦୀଙ୍କ ଜନ୍ମ। ପରିବାରର ଆର୍ଥିକ ଅବସ୍ଥା ଆଦୌ ସ୍ୱଚ୍ଛଳ ନ ଥିଲା। ଗାଁଟି ଥିଲା ଦାରିଦ୍ର୍ୟ ଅଧ୍ୟୁଷିତ। ବିଦ୍ୟୁତ୍ ଯୋଗାଣ ନ ଥିଲା କି ପିଇବା ପାଣିର ସୁବିଧା ନ ଥିଲା। ସମସ୍ତ ପ୍ରତିବନ୍ଧକ ସତ୍ତ୍ୱେ ଦ୍ରୌପଦୀ ଗାଁ ସ୍କୁଲରେ ପାଠ ପଢ଼ା ସାରି ଭୁବନେଶ୍ୱରର ରମାଦେବୀ ମହିଳା ମହାବିଦ୍ୟାଳୟରେ କଳାରେ ସ୍ନାତକ ଶିକ୍ଷା ଲାଭ କରିଥିଲେ। ମୟୂରଭଞ୍ଜର ଏକ ଅଖ୍ୟାତ ପଲ୍ଲୀରୁ ଯାଇ ରାଜଧାନୀର ଏକ ସମ୍ଭ୍ରାନ୍ତ କଲେଜରେ ପାଠ ପଢ଼ିବା ସମ୍ଭବ ହୋଇପାରିଥିଲା ଦ୍ରୌପଦୀଙ୍କ ଅଦମ୍ୟ ଇଚ୍ଛାଶକ୍ତି ଓ ଶିକ୍ଷା ପ୍ରତି ଗଭୀର ଅନୁରକ୍ତି କାରଣରୁ। ଗାଁର ପ୍ରଥମ ମହିଳା ଭାବରେ ସ୍ନାତକ ହେବା ଦ୍ରୌପଦୀଙ୍କ ପାଇଁ କେବଳ ଏକ ବ୍ୟକ୍ତିଗତ ଉପଲବ୍ଧି ମାତ୍ର ନ ଥିଲା। ଏହା ଥିଲା ସମଗ୍ର ସାନ୍ତାଳି ସମାଜ ପାଇଁ ଏକ ଐତିହାସିକ ମୁହୂର୍ତ୍ତ ଏବଂ ଏକ ନୂଆ ଆରମ୍ଭ ପାଇଁ ଆହ୍ୱାନ।

ରାଜନୀତିରେ ପ୍ରବେଶ କରିବା ପୂର୍ବରୁ ଦ୍ରୌପଦୀ ୧୯୭୯ରୁ ୧୯୮୩ ପର୍ଯ୍ୟନ୍ତ ଓଡ଼ିଶାର ଜଳସେଚନ ଓ ବିଦ୍ୟୁତ୍ ବିଭାଗରେ କନିଷ୍ଠ ସହାୟକ ଭାବେ କାମ କରିଥିଲେ ଏବଂ ୧୯୯୪ରୁ ୧୯୯୭ ପର୍ଯ୍ୟନ୍ତ ରାଇରଙ୍ଗପୁରର ଶ୍ରୀଅରବିନ୍ଦ ସମନ୍ୱିତ ଶିକ୍ଷାକେନ୍ଦ୍ରରେ ସ୍ୱେଚ୍ଛାସେବୀ ଶିକ୍ଷୟିତ୍ରୀ ଭାବରେ କାର୍ଯ୍ୟ କରିଥିଲେ। ଶିକ୍ଷାକୁ ସଶକ୍ତୀକରଣର ଏକ ମାଧ୍ୟମ ଭାବରେ ଦେଖିଥିବା ଏହି ଅନୁଭବ ପରବର୍ତ୍ତୀ ସମୟରେ ତାଙ୍କ ରାଜନୈତିକ ଜୀବନକୁ ଯଥେଷ୍ଟ ପ୍ରେରଣା ଯୋଗାଇଥିଲା। ୧୯୯୭ରେ ମୁର୍ମୁ ଭାଜପାରେ ଯୋଗଦେଇ ରାଇରଙ୍ଗପୁର ନଗର ପରିଷଦର କାଉନ୍ସିଲର ଭାବରେ ନିର୍ବାଚିତ ହୋଇଥିଲେ। ତୃଣମୂଳ ସ୍ତରରେ ତାଙ୍କ କାର୍ଯ୍ୟ ତାଙ୍କୁ ଲୋକପ୍ରିୟ କରିଥିଲା। ୨୦୦୦ ଓ ୨୦୦୪ ବିଧାନସଭା ନିର୍ବାଚନରେ ସେ ଭାଜପା ଟିକେଟରେ ରାଇରଙ୍ଗପୁର ଆସନରୁ ଲଢ଼ି କ୍ରମାଗତ ଦୁଇଥର ବିଧାୟିକା ଭାବେ ନିର୍ବାଚିତ ହୋଇଥିଲେ। ଏହି ସମୟରେ ସେ ବାଣିଜ୍ୟ, ପରିବହନ, ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ବିଭାଗର ସ୍ୱତନ୍ତ୍ର ରାଜ୍ୟମନ୍ତ୍ରୀ ଭାବରେ ଓଡ଼ିଶା ସରକାରରେ କାମ କରିଥିଲେ। ତାଙ୍କର ଦୂରଦୃଷ୍ଟିସମ୍ପନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମ ପାଇଁ ମନ୍ତ୍ରିତ୍ୱ କାଳରେ ଯଥେଷ୍ଟ ଲୋକପ୍ରିୟତା ସାଉଁଟିଥିଲେ। ୨୦୦୭ରେ ତାଙ୍କର ରାଜନୈତିକ ନିଷ୍ଠା ଓ ପ୍ରତିବଦ୍ଧତାକୁ ସ୍ୱୀକୃତି ଜଣାଇ ତାଙ୍କୁ ନୀଳକଣ୍ଠ ସର୍ବୋତ୍କୃଷ୍ଟ ବିଧାୟକ ସମ୍ମାନରେ ସମ୍ମାନିତ କରାଯାଇଥିଲା।

୨୦୧୫ ମସିହାରେ ମୁର୍ମୁ ଝାଡ଼ଖଣ୍ଡର ପ୍ରଥମ ମହିଳା ରାଜ୍ୟପାଳ ଭାବରେ ଶପଥ ନେଇ ଇତିହାସ ରଚିଲେ। ୨୦୧୫ରୁ ୨୦୨୧ ପର୍ଯ୍ୟନ୍ତ ରାଜ୍ୟପାଳ ଭାବରେ ଦାୟିତ୍ୱ ନିର୍ବାହ କରିବା ସମୟରେ ଝାଡ଼ଖଣ୍ଡରେ ଜନଜାତି ଅଧିକାରର ସୁରକ୍ଷା ପାଇଁ ସେ ଦୃଢ଼ ପଦକ୍ଷେପ ନେଇଥିଲେ। ବିଶେଷକରି ଛୋଟନାଗପୁର ପ୍ରଜାସ୍ୱତ୍ୱ ଆଇନ ୧୯୦୮ ଓ ସାନ୍ତାଳ ପ୍ରଗଣା ପ୍ରଜାସ୍ୱତ୍ୱ ଆଇନ ୧୯୪୯ର ସଂଶୋଧନକୁ ସ୍ୱୀକୃତି ନ ଦେଇ ସେ ନିଜ ରାଜନୈତିକ ନିରପେକ୍ଷତା ଓ ଆଦର୍ଶର ପ୍ରମାଣ ଦେଇଥିଲେ। ଏହି ସଂଶୋଧନକୁ ସ୍ୱୀକୃତି ମିଳିଥିଲେ ଆଦିବାସୀଙ୍କ ଜମି ବାଣିଜ୍ୟିକ ବ୍ୟବହାର ପାଇଁ ଅନୁମତି ମିଳିବାର ବାଟ ଫିଟିଥାନ୍ତା, ଯାହାକି ଜଳ, ଜମି, ଜଙ୍ଗଲ ଉପରେ ଆଦିବାସୀଙ୍କ ଅଧିକାରକୁ ବହୁ ପରିମାଣରେ ବିପନ୍ନ କରିଥାନ୍ତା। ସେ ଏହି ବିଲ୍‌ଗୁଡ଼ିକୁ ରାଜ୍ୟ ସରକାରଙ୍କୁ ଫେରେଇ ଦେଇଥିଲେ ଏବଂ ଏଥିପାଇଁ ରାଜ୍ୟର ୧୯୨ଟି ଜନଜାତି ସଂଗଠନ ତାଙ୍କୁ ସମର୍ଥନ ଦେଇଥିଲେ।



**ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସ୍ୱନକ୍ଷତ୍ର ଉପଲକ୍ଷେ**

୨୦୨୨ରେ ବିରୋଧୀ ପ୍ରାର୍ଥୀ ଯଶୱନ୍ତ ସିହ୍ନାଙ୍କୁ ବିପୁଳ ଭୋଟରେ ପରାସ୍ତ କରି ଭାରତର ପ୍ରଥମ ଜନଜାତି ଓ ଦ୍ୱିତୀୟ ମହିଳା ରାଷ୍ଟ୍ରପତି ଭାବରେ ଦ୍ରୌପଦୀ ମୁର୍ମୁ ଶପଥ ନେଲେ। ଏହା ଥିଲା ଭାରତର ରାଜନୈତିକ ଇତିହାସରେ ଏକ ଯୁଗାନ୍ତକାରୀ ମୁହୂର୍ତ୍ତ। ଶପଥ ନେବା ପରେ ତାଙ୍କ ପ୍ରାରମ୍ଭିକ ଉଦ୍‌ବୋଧନରେ ସେ କହିଥିଲେ : 'ମୋର ନିର୍ବାଚନ ଏହି କଥାର ସାକ୍ଷ୍ୟ ଯେ, ଭାରତର ଗରିବ ଲୋକମାନେ ସ୍ୱପ୍ନ ଦେଖିପାରନ୍ତି ଓ ସେହି ସ୍ୱପ୍ନକୁ ପୂରଣ କରିପାରନ୍ତି।' ତାଙ୍କର ନେତୃତ୍ୱ ବଞ୍ଚିତ – ଅବହେଳିତ ସମୁଦାୟ, ଶିକ୍ଷାର ବିକାଶ ଓ ସାମାଜିକ ନ୍ୟାୟ ପ୍ରତି ଗଭୀର ପ୍ରତିବଦ୍ଧତା ଉପରେ କେନ୍ଦ୍ରୀଭୂତ।

ଦ୍ରୌପଦୀ ମୁର୍ମୁ ନିଜ ବ୍ୟକ୍ତିଗତ ଜୀବନରେ ବହୁ ଝଡ଼ଝଞ୍ଜାର ସମ୍ମୁଖୀନ ହୋଇଛନ୍ତି। ପ୍ରତିଟି ସଙ୍କଟକୁ ସେ ସାହସର ସହ ମୁକାବିଲା କରିଛନ୍ତି ଏବଂ ଉତ୍ସର୍ଗୀକୃତ ମନୋଭାବ ନେଇ ନିଜର ରାଜନୈତିକ ଜୀବନଯାତ୍ରା ଅବ୍ୟାହତ ରଖିଛନ୍ତି । ୨୦୦୯ରୁ ୨୦୧୪ ମଧ୍ୟରେ ସେ ତାଙ୍କ ସ୍ୱାମୀ ଓ ଦୁଇପୁଅଙ୍କୁ ହରାଇଥିଲେ, ହେଲେ ହାର୍ ମାନି ନ ଥିଲେ। ଭାଗ୍ୟ ସହ ଯୁଝି ସେ ନିଜ ପାଇଁ ରାସ୍ତା ତିଆରି କରିଛନ୍ତି ଓ ଅନ୍ୟମାନଙ୍କ ପାଇଁ ଏକ ଅନନ୍ୟ ଉଦାହରଣ ପାଲଟି ଯାଇଛନ୍ତି।

ରାଷ୍ଟ୍ରପତି ପଦରେ ଆସୀନ ହୋଇ ମଧ୍ୟ ମୁର୍ମୁ ମାଟି-ମଣିଷମାନଙ୍କ ସହ ତାଙ୍କ ପ୍ରତ୍ୟକ୍ଷ ସମ୍ପର୍କ ଓ ସମ୍ପୃକ୍ତିରୁ ବିଚ୍ଛିନ୍ନ ହୋଇନାହାନ୍ତି। ବରଂ ଭାରତର ସବୁବର୍ଗର ଲୋକଙ୍କ ସହିତ ଅଧିକରୁ ଅଧିକ ଯୋଡ଼ି ହେବା ଏବଂ ସେମାନଙ୍କ ସମସ୍ୟା ସହିତ ନିଜକୁ ସାମିଲ କରିବା ଦିଗରେ ନିଜର ନିରନ୍ତର ପ୍ରୟାସ ଜାରି ରଖିଛନ୍ତି। ଦ୍ରୌପଦୀ ମୁର୍ମୁ ଭାରତୀୟ ଲୋକତନ୍ତ୍ରର ଶକ୍ତି ଓ ସାମର୍ଥ୍ୟର ଜ୍ୱଳନ୍ତ ପ୍ରତୀକ – ଯେଉଁଠି ଦାରିଦ୍ର୍ୟ ପ୍ରପୀଡ଼ିତ, ବିକାଶ ପରିଧିରୁ ଯୋଜନ ଯୋଜନ ଦୂରରେ ଥିବା ଏକ ଅଖ୍ୟାତ ଜନଜାତି ଗାଁରୁ ବାହାରି ଜଣେ ମହିଳା ଦେଶର ସର୍ବୋଚ୍ଚ ଆସନରେ ଅଧିଷ୍ଠିତ ହୋଇପାରେ। ତାଙ୍କ ଜୀବନ ସମସ୍ୟା-ଜର୍ଜରିତ ବଞ୍ଚିତ ମଣିଷମାନଙ୍କୁ ବଡ଼ ସ୍ୱପ୍ନ ଦେଖିବା ଓ ସେହି ସ୍ୱପ୍ନ ପାଇଁ ଲଢ଼ିବାକୁ ପ୍ରେରିତ କରିଛି। ତାଙ୍କ ଶୁଭ ସ୍ୱନକ୍ଷତ୍ରରେ ମାଟିମନସ୍କ ମହାମହିମଙ୍କୁ ଅସରନ୍ତି ଅଭିନନ୍ଦନ ଓ କୋଟି କୋଟି ପ୍ରଣାମ।

**–ପ୍ରଫେସର ତଥା ବିଭାଗୀୟ ମୁଖ୍ୟ, ରାଜନୀତି ବିଜ୍ଞାନ ବିଭାଗ, ରେଭେନଶା ବିଶ୍ୱବିଦ୍ୟାଳୟ, କଟକ**

# ଯାଜପୁର: ଡାଇରିଆରେ ଆଉ ଜଣେ ମୃତ

**ଯାଜପୁର, ୧୯।୬(ହର୍ଷବର୍ଦ୍ଧନ ବେହେରା)**

- **ମୃତକଙ୍କ ସଂଖ୍ୟା ୨୧ରେ ପହଞ୍ଚିଲା**
- **ଧର୍ମଶାଳା ସିଏଚ୍‌ସିରେ ସଂକ୍ରମିତ ରୋଗୀଙ୍କ ସଂଖ୍ୟା ବଢୁଛି**

ଯାଜପୁର ଜିଲାରେ ଗତ ୧୦ ତାରିଖ ଠାରୁ ଆରମ୍ଭ ହୋଇଥିବା ଡାଇରିଆରେ ଗୁରୁବାର ଆଉ ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ବଡ଼ଚଣା ବ୍ଲକ ସୋଲର ଗ୍ରାମର ଯଦୁନାଥ ଲେଙ୍କା(୭୩)। ଏହାକୁ ମିଶାଇ ଜିଲାରେ ମୃତ୍ୟୁ ସଂଖ୍ୟା ୨୧ରେ ପହଞ୍ଚିଛି। ଯଦୁନାଥ ବୁଧବାର ସନ୍ଧ୍ୟାରେ ଡାଇରିଆରେ ଆକ୍ରାନ୍ତ ହୋଇଥିଲେ। ହେଲେ ସେ ଡାକ୍ତରଖାନାକୁ ନ ଯାଇ ସ୍ଥାନୀୟ ଏକ ଦୋକାନରୁ ଔଷଧ କିଣି ଖାଇଥିଲେ। ଗୁରୁବାର ପୁଣି ତାଙ୍କୁ ଝାଡ଼ା ହେବା ସହ ଜ୍ୱର ହୋଇଥିଲା। ଫଳରେ ତାଙ୍କର ରାତି ପ୍ରାୟ ୮ଟା ସମୟରେ ମୃତ୍ୟୁ ଘଟିଛି। ସ୍ୱାସ୍ଥ୍ୟ ବିଭାଗ ରିପୋର୍ଟ ଅନୁସାରେ ଜିଲାରେ ୧୩୬ ଜଣ ନୂତନ ରୋଗୀ ଆଡମିଟ୍ ହୋଇଥିବାବେଳେ ୧୫ଜଣଙ୍କୁ ରେଫର କରାଯାଇଛି। ୧୧୦ ଜଣଙ୍କୁ ସୁସ୍ଥ ପରେ ଡିସ୍‌ଚାର୍ଜ କରାଯାଇଛି ଓ ୧୫୪ ରୋଗୀ ବିଭିନ୍ନ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି। ତେବେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର(ସିଏଚ୍‌ସି)ରେ ଆକ୍ରାନ୍ତଙ୍କ ସଂଖ୍ୟା ନିୟନ୍ତ୍ରଣକୁ ଆସି ପାରିନାହିଁ। ଏହି ସିଏଚ୍‌ସିରେ ଗୁରୁବାର ୬୨ ଜଣ ପୁଣି ନୂଆ ରୋଗୀ ଭର୍ତ୍ତି ହୋଇଛନ୍ତି। ପୂର୍ବରୁ ୪୦ ଜଣ ରୋଗୀ ଚିକିତ୍ସାଧୀନ ଥିବାବେଳେ ୪ ଜଣଙ୍କୁ ଅନ୍ୟତ୍ର ରେଫର କରାଯାଇଛି। ୧୩ ଜଣ ରୋଗୀ ଡିସ୍‌ଚାର୍ଜ ହୋଇଥିବାବେଳେ ଏହି ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ୪୫ ଜଣ ରୋଗୀ ଚିକିତ୍ସାଧୀନ ଅଛନ୍ତି। ତେଣୁ ଜିଲାର ଧର୍ମଶାଳା ଅଞ୍ଚଳରେ ଡାଇରିଆ ଓ ହଇଜା ସଂକ୍ରମଣ ନିୟନ୍ତ୍ରଣ ହୋଇ ନ ପାରିବା ଚିନ୍ତାର କାରଣ ହୋଇଛି।






# ଆଜି ଆସୁଛନ୍ତି ମୋଦି

- **ଭୁବନେଶ୍ୱରର ସରକାରୀ କାର୍ଯ୍ୟାଳୟ ହାଫ୍ ଡେ**
- **ବିମାନବନ୍ଦରରୁ ତ୍ରିରଙ୍ଗାଯାତ୍ରା, କଳିଙ୍ଗ ଷ୍ଟାଡିୟମଠାରୁ ରୋଡ୍ ଶୋ**
- **୧୯ ହଜାର କୋଟି ଟଙ୍କାର ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ**
- **ଭୁବନେଶ୍ୱର, କଟକର ସବୁ ସ୍କୁଲ ଛୁଟି**

**ଭୁବନେଶ୍ୱର, ୧୯।୬(ସୁନିତ୍ ମିଶ୍ର)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଦିନିକିଆ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମରେ ଆସୁଛନ୍ତି। ଭାଜପା ସରକାରର ବର୍ଷପୂର୍ତ୍ତି ଉତ୍ସବ କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ମୋଦି ରାଜ୍ୟ ଗସ୍ତ କାର୍ଯ୍ୟକ୍ରମ ରଖିଛନ୍ତି। ଅପରାହ୍ନ ୩ଟା ୪୦ ମିନିଟ୍‌ରେ ସେ ଭୁବନେଶ୍ୱର ବିମାନବନ୍ଦରଠାରେ ପହଞ୍ଚିବେ । ସେଠାରେ ତାଙ୍କୁ ଉଭୟ ସରକାର ଏବଂ ଦଳୀୟ ନେତାମାନଙ୍କ ପକ୍ଷରୁ ଭବ୍ୟ ସ୍ୱାଗତ ଦେବା ନେଇ ବଡ଼ ଧରଣର ଆୟୋଜନ କରାଯାଇଛି। ଏହାପରେ ସେ ବିମାନବନ୍ଦରଠାରୁ ଆୟୋଜନ ହେବାକୁ ଥିବା ତ୍ରିରଙ୍ଗାଯାତ୍ରାରେ ସାମିଲହୋଇ କଳିଙ୍ଗ ଷ୍ଟାଡିୟମ ପର୍ଯ୍ୟନ୍ତ ଯିବେ। କଳିଙ୍ଗ ଷ୍ଟାଡିୟମଠାରୁ ଜନତା ମଇଦାନ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ରୋଡ୍ ଶୋ କରିବା କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଏହି ଅବସରରେ ପ୍ରଧାନମନ୍ତ୍ରୀଙ୍କୁ ପ୍ରାୟ ୨ ଲକ୍ଷ ଲୋକ ସ୍ୱାଗତ କରିବେ ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ସୂଚନା ଦେଇଛନ୍ତି। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମନମୋହନ କହିଛନ୍ତି, ଏହାପରେ ପ୍ରଧାନମନ୍ତ୍ରୀ ଜନତା ମଇଦାନଠାରେ ଆୟୋଜିତ ସରକାରଙ୍କ ବର୍ଷ ପୂର୍ତ୍ତି ଉତ୍ସବରେ ଯୋଗଦେଇ ଜନସାଧାରଣଙ୍କ ଆଗରେ ନିଜର ସମ୍ବୋଧନ ରଖିବେ। ଏହି ଅବସରରେ ସେ ୧୯ ହଜାର କୋଟି ଟଙ୍କାରେ ୧୦୫ଟି ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବେ। ଏହାସହ ୭୦ ବର୍ଷରୁ ଅଧିକ ବୟସ୍କ ଲୋକଙ୍କୁ



ବୟୋବନ୍ଦନା କାର୍ଡ ପ୍ରଦାନ କରିବେ। ରାଜ୍ୟର ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଯୋଜନାରେ ଘର ନିର୍ମାଣ ଲାଗି କାର୍ଯ୍ୟାଦେଶ ପ୍ରଦାନ କରିବେ। ଲକ୍ଷପତି ଦିଦି ସୃଷ୍ଟି କରିବାରେ ଓଡ଼ିଶା ସାରା ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଛି। ତେଣୁ କେତେଜଣ ଲକ୍ଷପତି ଦିଦିଙ୍କୁ ପ୍ରଧାନମନ୍ତ୍ରୀ ଭେଟିବା କାର୍ଯ୍ୟକ୍ରମ ରହିଛି। ତେବେ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ରାଜଧାନୀରେ ପୋଷ୍ଟର ଏବଂ ବ୍ୟାନରରେ ଛାଉଣି କରିଦିଆଯାଇଛି। ଏହାସହ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟ ଗ୍ରହଣ କରାଯାଇଛି। ସବୁ ଛକରେ ପୋଲିସ ଫୋର୍ସ ମୁତୟନ ହୋଇସାରିଲେଣି। ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଭୁବନେଶ୍ୱରର ସମସ୍ତ ସରକାରୀ ଅଫିସ୍‌କୁ ହାଫ୍ ଡେ ଘୋଷଣା କରିଦିଆଯାଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଗୁରୁବାର ଜାରି କରାଯାଇଥିବା ନିର୍ଦ୍ଦେଶନାମା ଅନୁଯାୟୀ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅନ୍ତର୍ଗତ ସବୁ ସରକାରୀ କାର୍ଯ୍ୟାଳୟ ଏବଂ ରାଜସ୍ୱ ଓ ମାଜିଷ୍ଟ୍ରେରିଆଲ କୋର୍ଟ ହାଫ୍ ଡେ ଚାଲିବ। ସହରରେ ଅତ୍ୟଧିକ ଟ୍ରାଫିକ୍ ସମସ୍ୟା ଓ ଭିଡ଼ ଆଶଙ୍କାକରି ଏହି ନିଷ୍ପତ୍ତି ନିଆଯାଇଛି। ପୂର୍ବରୁ କଟକ ଓ ଭୁବନେଶ୍ୱରର ସମସ୍ତ ସ୍କୁଲ ଛୁଟି କରିବା ନେଇ ଘୋଷଣା କରାଯାଇଛି। ଏନେଇ ଗଣଶିକ୍ଷା ବିଭାଗ ପକ୍ଷରୁ ଖୋର୍ଦ୍ଧା ଓ କଟକ ଜିଲା ଶିକ୍ଷାଧିକାରୀଙ୍କୁ ଚିଠି ମଧ୍ୟ ଲେଖାଯାଇଥିଲା। ଏହି ପରିପ୍ରେକ୍ଷୀରେ ଜନତା ମଇଦାନଠାରେ ମଧ୍ୟ ପ୍ରସ୍ତୁତି କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିସାରିଛି। ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ୧୩୩ ପ୍ଲାଟୁନ ପୋଲିସ ଫୋର୍ସ, ୫୦୦ରୁ ଅଧିକ ଅଧିକାରୀ ମୁତୟନ ହୋଇଥିବା ପୋଲିସ୍ କମିଶନର ଏସ୍ ଦେବଦତ୍ତ ସିଂହ କହିଛନ୍ତି।

# ଜନତା ମଇଦାନ ସଭାସ୍ଥଳର ପ୍ରସ୍ତୁତି କାର୍ଯ୍ୟ ସମୀକ୍ଷାକଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୯।୬ (ସୁନିତ୍ ମିଶ୍ର)**

**ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ କୌଣସି ତ୍ରୁଟି ନ କରିବାକୁ ନିର୍ଦ୍ଦେଶ ଦେଲେ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟ ସରକାରଙ୍କ ବର୍ଷପୂର୍ତ୍ତି ସମାରୋହ ଉପଲକ୍ଷେ ଭୁବନେଶ୍ୱର ଜନତା ମଇଦାନଠାରେ ଆୟୋଜିତ ସଭାସ୍ଥଳର ପ୍ରସ୍ତୁତି କାର୍ଯ୍ୟ ଗୁରୁବାର ଅନୁଧ୍ୟାନ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେବାକୁ ଥିବାବେଳେ କାର୍ଯ୍ୟକ୍ରମର ସମସ୍ତ ପ୍ରସ୍ତୁତି ନେଇ ମୁଖ୍ୟମନ୍ତ୍ରୀ ଗୋଟି ଗୋଟି କରି ସମୀକ୍ଷା କରିଛନ୍ତି। ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ସଭାସ୍ଥଳ ବୁଲି ଦେଖିବା ସହ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ଯେପରି କୌଣସି ତ୍ରୁଟି ନ ରହିବ ସେଥିପ୍ରତି ସଜାଗ ରହିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଳମ୍ବିତ ସନ୍ଧ୍ୟା ସୁଦ୍ଧା ସମସ୍ତ କାର୍ଯ୍ୟ ସମ୍ପନ୍ନ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହ ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ ପ୍ରଭାରୀ ବିଜୟ ପାଲ୍ ସିଂ ତୋମାର, ସହ ପ୍ରଭାରୀ ଲତା ଉସେଣ୍ଡି ପ୍ରସ୍ତୁତି କାର୍ଯ୍ୟ ବୁଲି ଦେଖିଛନ୍ତି। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଏବଂ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶିଳ୍ପ ବିଭାଗ ହେମନ୍ତ ଶର୍ମା ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରସ୍ତୁତି କାର୍ଯ୍ୟର ସବିଶେଷ ସୂଚନା ପ୍ରଦାନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ଉନ୍ନୟନ କମିଶନର ଅନୁ ଗର୍ଗ, ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପୋଲିସ ମହାନିର୍ଦ୍ଦେଶକ ୱାଇ. ବି. ଖୁରାନିଆ, ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଏହି ସମୟରେ ଉପସ୍ଥିତ ଥିଲେ।



ତୁମେ ଯଦି ପୃଥିବୀରେ ଶାନ୍ତି ପ୍ରତିଷ୍ଠିତ ହେଉ ବୋଲି ଚାହୁଁଥାଅ- ତେବେ ଆଗ ନିଜ ହୃଦୟରେ ଶାନ୍ତି ସ୍ଥାପନ କର । ... ଜଣେ ତା'ର ପ୍ରଗାଢ ନିଦ୍ରାରୁ ଜାଗି ଉଠିପାରେ । କିନ୍ତୁ ଥରେ ପ୍ରଗାଢ ଶାନ୍ତି ତୁମ ଭିତରେ ସ୍ଥାପିତ ହେଲେ- ତାହା ଆଉ ଭାଙ୍ଗେ ନାହିଁ । **-ଶ୍ରୀମା**



# ସିରିଆବାସୀଙ୍କ ଆଶା



ବାରାକ୍ ବର୍ଫି

ଅତ୍ୟଧିକ ତଥା ଅନିୟନ୍ତ୍ରିତ ମୁଦ୍ରାସ୍ଫୀତି ଏକ ଶତାବ୍ଦୀ ପୂର୍ବର ୱେମର ରିପବ୍ଲିକ୍ (ପ୍ରଥମ ବିଶ୍ୱଯୁଦ୍ଧ ପରେ ୧୯୧୮- ୩୩ ମଧ୍ୟରେ ଗଠିତ ଜର୍ମାନୀ) ପାଇଁ ବଡ଼ ସମସ୍ୟାର କାରଣ ପାଲଟିଥିଲା । ସେତେବେଳେ ଜର୍ମାନୀର ଅନେକ ନାଗରିକ ଯେଉଁଭଳି ଘର ଛାଡ଼ି ଚାଲିଯାଇଥିଲେ, ସେହିଭଳି ଏବେ ସିରିଆର ଖୁବ୍ କମ୍ ଲୋକ ଅଧିକ ଟଙ୍କା ନ ନେଇ ଘର ଛାଡ଼ି ଚାଲିଯାଉଛନ୍ତି । ଗୋଷ୍ଠୀଗତ ଉତ୍ତେଜନା, ନିକଟ ଅତୀତର ଆଲୱି ସଂଖ୍ୟାଲଘୁ ଶାସନରେ ଦୀର୍ଘଦିନ ଧରି ଅବଦମିତ ହୋଇ ରହିବା ଏବଂ ଲଗାତର ଅସ୍ଥିରତା ବଢ଼ିବା ଯୋଗୁ ସିରିଆରେ ବିଷମ ସ୍ଥିତି ଉପୁଜିଛି । ସେଠାର ଯଦି କେଉଁଠି ଏଟିଏମ୍ କାମ କରୁଛି ସେଥିରୁ ଟଙ୍କା ଉଠାଣ ସୀମା ସପ୍ତାହକୁ ୪୦ ଡଲାର ରଖାଯାଇଛି । ପୂର୍ବତନ ରାଷ୍ଟ୍ରପତି ବସର ଅଲ୍ ଅସାଦ ଗାଦିଚ୍ୟୁତ ହେବା ପରେ ୧୩ ବର୍ଷ ଧରି ଲାଗି ରହିଥିବା ଗୃହଯୁଦ୍ଧର ଅବସାନ ଘଟିଥିଲା । ଅସାଦ କ୍ଷମତାରୁ ହଟିଯିବା ପରେ ସିରିଆ ନାଗରିକମାନେ ଜଟିଳ ସ୍ଥିତିରୁ ମୁକୁଳି ଭଲରେ ବଞ୍ଚିବା ପାଇଁ ପ୍ରତିଦିନ ସଂଗ୍ରାମ କରୁଛନ୍ତି । ଅତ୍ୟଧିକ କଠିନତା ସତ୍ତ୍ୱେ ଅନେକେ ଆଶା ବାନ୍ଧିଛନ୍ତି ଯେ, ଶୀଘ୍ର ଏକ ସାମାନ୍ୟ ସ୍ଥିତି ଫେରିପାରେ । କିନ୍ତୁ ପ୍ରତି ସପ୍ତାହରେ ଯେଉଁ ଜଟିଳ ସ୍ଥିତି ଉପୁଜୁଛି ତାହା ଏଭଳି ଆଶା ପୂରଣ ହେବାକୁ ଦେଉନାହିଁ । ଖୁବ୍ ନିକଟରେ ଇରାନ ଉପରେ ଆକ୍ରମଣ କରିବା ପାଇଁ ସିରିଆର ଆକାଶ ପଥକୁ ଇସ୍ରାଏଲ ବ୍ୟବହାରକରିବା ଯୋଗୁ ସିରିଆ ନାଗରିକଙ୍କୁ ଏକ ଜଟିଳ ସ୍ଥିତିରେ ପକାଇଛି ।

ସିରିଆ ସଂସ୍କୃତିରେ ଆତିଥ୍ୟ ଏକ ମହତ୍ କାର୍ଯ୍ୟ । କିନ୍ତୁ ଏବକାର ସ୍ଥିତିରେ ସେମାନେ ପରିଦର୍ଶକଙ୍କୁ



ଗୋଟିଏ କପ୍‌ରୁ ଅଧିକ ଯୋଗାଇଦେବାକୁ ସକ୍ଷମ ହୋଇ ପାରୁନାହାନ୍ତି । ଦେଶ ଭୟଙ୍କର ମରୁଡ଼ିର ସାମ୍ନା କରୁଛି । ୨୦୧୧ ବିଦ୍ରୋହ ସହ ଜଡ଼ିତ ଘଟଣା ବା ସ୍ଥିତିଠାରୁ ଏହା ଆହୁରି ଖରାପ । ମରୁଡ଼ି କାରଣରୁ ଏବେ ୭୫ ପ୍ରତିଶତ ଗହମ ଚାଷ କ୍ଷତିଗ୍ରସ୍ତ ହେବା ଯୋଗୁ ଲୋକେ ରୁଟି ପାଇପାରୁନାହାନ୍ତି ଏବଂ ଖାଦ୍ୟ ଅସୁରକ୍ଷା ବଢ଼ିଯାଇଛି । କେତେଜଣ ସିରିଆନ୍ ଅସାଦ ଫେରି ଆସିବାକୁ ଚାହୁଁଛନ୍ତି । ଅନେକେ ତାଙ୍କ ଉତ୍ତରାଧିକାରୀ ତଥା ଏବକାର ରାଷ୍ଟ୍ରପତି ଅହମଦ ଅଲ୍-ଶାରାଙ୍କୁ ନେଇ ସଂଶୟରେ ଅଛନ୍ତି । ଶାରା ହେଉଛନ୍ତି ଅଲକାଏଦାର ପୂର୍ବତନ କମାଣ୍ଡର ଓ ବିଦ୍ରୋହୀ ନେତା । ସେ ଇଡ୍‌ଲିବ୍‌ର ଗ୍ରାମାଞ୍ଚଳ କ୍ଷେତ୍ରରେ ଅନେକ ବର୍ଷ ଶାସନ କରିଥିଲେ ଓ ଏକ କଠୋର ଇସ୍‌ଲାମୀୟ ସଂହିତା ଲାଗୁ କରିଥିଲେ । ଯଦିଓ ସେ ତାଙ୍କ ଦୃଷ୍ଟିକୋଣକୁ କୋହଳ କରିଛନ୍ତି , ତଥାପି ତାଙ୍କୁ ବୁଝିବା କଠିନ । ଶାରାଙ୍କ ଶାସନରେ ସ୍ୱଚ୍ଛତା ନାହିଁ । ଅନେକ ସିରିଆନ୍ ଭୟରେ ଅଛନ୍ତି । ଜଣେ ସ୍ୱେଚ୍ଛାଚାରୀ ବଦଳରେ ଆଉ ଜଣେ ସ୍ୱେଚ୍ଛାଚାରୀଙ୍କୁ (ଶାରା) ଆଣିଛନ୍ତି ଏବଂ ଜଣେ ଧର୍ମନିରପେକ୍ଷ ଏକଛତ୍ରବାଦୀଙ୍କୁ ବଦଳାଇ ଜଣେ ଇସ୍‌ଲାମିକ ଏକଛତ୍ରବାଦୀଙ୍କୁ ଆମନ୍ତ୍ରଣ କରଛନ୍ତି ବୋଲି ସେମାନେ ଭାବୁଛନ୍ତି । ଶାରାଙ୍କ ବିଚାରଧାରା ଓ ଆର୍ଥିକ ନୀତିଗୁଡ଼ିକ ଅସ୍ପଷ୍ଟ ରହିଛି ।

ଶାରାଙ୍କ ଏଜେଣ୍ଡା ସତ୍ତ୍ୱେ ସିରିଆର ଦକ୍ଷିଣରେ ସଂଖ୍ୟାଲଘୁ ଧର୍ମୀୟ ଗୋଷ୍ଠୀ ଡ୍ରୁଜେ ଏବଂ ଉପକୂଳରେ ଅସାଦଙ୍କ ଶାସନରେ ଦୃଢ଼ ସ୍ଥିତିରେ ଥିବା ଅଲୱି ନୂଆ ସରକାରଙ୍କୁ ଗ୍ରହଣ କରିବାକୁ ମନାକରିବାରୁ ଗୋଷ୍ଠୀଗତ ବିଭାଜନ ଗୁରୁତ୍ୱପୂର୍ଣ୍ଣ ସରକାରୀ ପଦକ୍ଷେପକୁ ଲଗାତର ସମସ୍ୟାରେ ପକାଇଛି । ଡ୍ରୁଜେର ଧର୍ମୀୟ ନେତା ହିକ୍‌ମତ ଅଲ-ହିଜ୍ରି କହିଛନ୍ତି, ସେମାନେ ହେଉଛନ୍ତି ହିପୋକ୍ରାଟ୍ । ଆଲୱିମାନେ ଏକ ଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି । ସିରିଆର ପୂର୍ବତନ ସଂଖ୍ୟାଲଘୁ ଶାସକ ଭାବେ ସେମାନଙ୍କର ଆମେରିକା ଦ୍ୱାରା ଇରାକ୍‌ରେ ପଦଚ୍ୟୁତ ହୋଇଥିବା ସୁନ୍ନି ନେତାଙ୍କ ସହ କମ୍ ସମ୍ପର୍କ ରହିଛି । ଦେଖିବାକୁ ଗଲେ ଆରବ ବାହାରେ ଇସ୍‌ଲାମିକ ଜଗତରେ ସୁନ୍ନିମାନେ ପ୍ରଭାବଶାଳୀ । ଇରାକର ସୁନ୍ନି ସଂଖ୍ୟାଲଘୁର ବିଶ୍ୱାସ ଥିଲା ଯେ, ତାହା ଦେଶର ସଂଖ୍ୟାଧିକ ଶିୟାଙ୍କ ଉପରେ ଶାସନ କରିବାକୁ ଯୋଗ୍ୟ ଏବଂ ତାହାର ସ୍ଥିତିକୁ ପୁନଃ ସ୍ଥାପନ କରିବାକୁ ଲଢ଼େଇ କରୁଥିଲା । କିନ୍ତୁ ସିରିଆର ଅଲୱିଙ୍କ ମାନସିକତାରେ ଏଭଳି ସମାନ ପ୍ରକାର ଆକାଂକ୍ଷା ନାହିଁ । ତେବେ ନିକଟରେ ସରକାରଙ୍କ ସହ ଏହି ସଂଖ୍ୟାଲଘୁ ଗୋଷ୍ଠୀଗୁଡ଼ିକର ସଂଘର୍ଷ ସିରିଆକୁ ଦୋହଲାଇଦେଇଛି ଏବଂ ନୂଆ ସରକାର ଉପରେ ଜନସାଧାରଣଙ୍କ ବିଶ୍ୱାସ କମିଛି । କିନ୍ତୁ ଗୋଷ୍ଠୀଗତ ସଂଘର୍ଷ ସତ୍ତ୍ୱେ ଶାରା ଅଧିକାଂଶ ଆରବ ସୁନ୍ନିଙ୍କ ସମର୍ଥନ ହାସଲ କରିଛନ୍ତି । ବାଥ୍ ପାର୍ଟିର ପତନ ପରେ ତାହାର ନେତାମାନେ ତାଙ୍କୁ ସମର୍ଥନ କରୁଛନ୍ତି ।

ଆମେରିକା ଓ ଇସ୍ରାଏଲ ବିରୋଧୀ ଭାବନା ଥିଲା ଅସାଦଙ୍କ ଶାସନରେ ଥିବା ବାଥ୍‌ପାର୍ଟି ସଦସ୍ୟଙ୍କ ବିଶ୍ୱାସର କେନ୍ଦ୍ରବିନ୍ଦୁ । ଅସାଦ ଏବଂ ତାଙ୍କ ପିତା ଦେଶରେ ଶାସନର ବିଫଳତାକୁ ଆଢୁଆଳରେ ରଖିବା ଓ ସଂଖ୍ୟାଲଘୁ ଶାସନ ଜାରି ରଖିବା ପାଇଁ ଏହି ସିଦ୍ଧାନ୍ତକୁ ଗ୍ରହଣ କରିଥିଲେ । ଅସାଦଙ୍କ ଶାସନ କାଳରେ ଇରାନ୍ ଉପରେ ଇସ୍ରାଏଲ ଆକ୍ରମଣକୁ ପ୍ରଥମେ ସିରିଆ ନିନ୍ଦା କରିଥାନ୍ତା ଏବଂ ଇରାନ୍ ସପକ୍ଷରେ କହିବା ସହ ଯୁଦ୍ଧ ସାମଗ୍ରୀ ମଧ୍ୟ ଯୋଗାଇଦେଇଥାଆନ୍ତା । କିନ୍ତୁ ଏବେ ସିରିଆନ୍‌ମାନଙ୍କ ମନୋଭାବ ସଂକୀର୍ଣ୍ଣ ହୋଇଯାଇଛି । ସେମାନେ ଆଞ୍ଚଳିକ ଘଟଣାକୁ କମ୍ ଗୁରୁତ୍ୱ ଦେଉଛନ୍ତି । ଅସାଦଙ୍କ ପତନ ପରେ ଇସ୍ରାଏଲ ଲଗାତର ସିରିଆର ଅଞ୍ଚଳକୁ ଦଖଲ କରିଚାଲିଥିବାବେଳେ ସାମାନ୍ୟ ପଡ଼ୋଶୀ ସମ୍ପର୍କକୁ ନେଇ ଖୁସି ହେଉଛନ୍ତି ।

ବଡ଼ କଥା ହେଉଛି, ଅଭାବକୁ ସାମ୍ନା କରୁଥିବା ସମାଜରେ ସିରିଆବାସୀ ଆଶା ହରାଇନାହାନ୍ତି । ଆଶା ବିନା ଆମେ ବଞ୍ଚିପାରିବୁ ନାହିଁ- ଏହା ହେଉଛି ଜଣେ ମଧ୍ୟମ ବୟସ୍କ ବ୍ୟକ୍ତିଙ୍କ କଥା, ଯାହା ସେ ମୋତେ କହିଛନ୍ତି । ସେ ତାଙ୍କ ସ୍ୱଳ୍ପ ସଞ୍ଚୟକୁ ପିଲାଙ୍କ ଜୋତା ପାଇଁ ଖର୍ଚ୍ଚ କରିବେ ନା ଆପାର୍ଟମେଣ୍ଟର ତ୍ରୁଟିପୂର୍ଣ୍ଣ ୱେୟାରିଂ ମରାମତିରେ ବ୍ୟୟ କରିବେ ତାହାକୁ ନେଇ ଚିନ୍ତାରେ ପଡ଼ିଥିବା ବିଷୟ ପ୍ରକାଶ କରିଥିଲେ । ଖର୍ଚ୍ଚକୁ ନେଇ ଏଭଳି ଅଧିକ ଦ୍ୱନ୍ଦ୍ୱମୟ ସ୍ଥିତିରେ ରହିଛନ୍ତି ସିରିଆବାସୀ । ଏବେ ଆମେରିକାର କଟକଣା କୋହଳ କରିବାରେ ଟ୍ରମ୍ପଙ୍କ ଅପ୍ରତ୍ୟାଶିତ ନିଷ୍ପତ୍ତି ଅନେକ ସିରିଆବାସୀଙ୍କୁ ଅଧିକ ଆଶାବାଦୀ କରିଛି । କିଛି ପଚା ଟମାଟୋ ଅତି କମ୍ ମୂଲ୍ୟରେ କିଣି ଧରିଥିବା ଜଣେ ବ୍ୟକ୍ତି ମୋତେ କହିଛନ୍ତି, ଆଲ୍ଲା ଟ୍ରମ୍ପଙ୍କ ହୃଦୟରେ ସିରିଆର ମଞ୍ଜି ରୋପଣ କରିଛନ୍ତି । ସିରିଆବାସୀ ବାସ୍ତବରେ ଚାହାନ୍ତି ଆମେରିକା ସେମାନଙ୍କ ଦେଶକୁ ପ୍ରଚୁର ପୁଞ୍ଜି ଯୋଗାଇଦେଉ ଓ ଅତ୍ୟଧିକ ନିବେଶ କରୁ ।

**ପୂର୍ବତନ ରିସର୍ଚ୍ଚ ଫେଲୋ, ନ୍ୟୁ ଆମେରିକା,**
**ପୂର୍ବତନ ଭିଜିଟିଂ ଫେଲୋ (ବ୍ରୁକିଙ୍ଗସ୍ ଇନ୍‌ଷ୍ଟିଚ୍ୟୁଶନ)**

# ମୋଦିଜୀ ସୁ-ସ୍ୱାଗତମ୍



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଆଜି ଅପରାହ୍ନରେ ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ ଓଡ଼ିଶା ଆସୁଛନ୍ତି । ସାଢ଼େ ଚାରି କୋଟି ଓଡ଼ିଆ ସହିତ ମିଶି ମୁଁ ଜଣେ ଓଡ଼ିଆ ଭାବରେ ଆମର ପ୍ରିୟ ପ୍ରଧାନମନ୍ତ୍ରୀଙ୍କୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଏହି ପବିତ୍ର ମାଟିକୁ ସ୍ୱାଗତ କରୁଛି ।

ଏହା ଭିତରେ ମୋଦିଜୀ ଦେଶର ପ୍ରଧାନମନ୍ତ୍ରୀ ଭାବରେ ଦାୟିତ୍ୱ ସମ୍ଭାଳିବାର ୧୧ ବର୍ଷ ପୂରଣ ହୋଇସାରିଛି । ମୁଁ ମଧ୍ୟ ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବରେ କାମ କରିବାର ପ୍ରଥମବର୍ଷ ପୂରଣ କରିସାରିଛି । ଗତ ଗୋଟିଏ ବର୍ଷରେ ମୋଦିଜୀ ୫ ଥର ଓଡ଼ିଶାକୁ ଆସିସାରିଛନ୍ତି । ଆଜିର ତାଙ୍କର ଗସ୍ତକୁ ମିଶାଇଲେ ରାଜ୍ୟରେ ଡବଲ ଇଞ୍ଜିନ ସରକାର ଗଠନ ପରେ ଷଷ୍ଠ ଥର ପାଇଁ ସେ ଓଡ଼ିଶା ଆସିବେ । ମୋଦିଜୀଙ୍କ ପୂର୍ବରୁ ଯେତେ ପ୍ରଧାନମନ୍ତ୍ରୀ ହୋଇଛନ୍ତି, ସେମାନେ ମୋଟରେ ଯେତେ ଥର ଆସିଛନ୍ତି ଆମର ପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକା ତା'ଠାରୁ ଅଧିକ ଥର ଆସିଛନ୍ତି ।

ବାରମ୍ବାର ଓଡ଼ିଶା ଆସିବା ପଛରେ ରହିଛି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତି ତାଙ୍କର ଅନନ୍ୟ ସମର୍ପଣ ଭାବ ଏବଂ ଓଡ଼ିଶା ପ୍ରତି ତାଙ୍କର ଅହେତୁକ ଭଲ ପାଇବା । ବିଜେପିର ଜଣେ ବିଧାୟକ ଭାବରେ ବିଭିନ୍ନ ଦଳୀୟ ଓ ସରକାରୀ କାର୍ଯ୍ୟକ୍ରମରେ ମୋଦିଜୀଙ୍କ ସହ ମିଶିବା ଓ ଦେଖାହେବାର ସୁଯୋଗ ମିଳିଥିଲା । ମାତ୍ର ଗତ ଗୋଟିଏ ବର୍ଷରେ ତାଙ୍କ ସହ କେବଳ ଅନେକଥର ଦେଖାହେବାର ସୁଯୋଗ ମିଳିଛି ତା'ନୁହେଁ, ବରଂ ଓଡ଼ିଶାର ଦ୍ରୁତ ଆର୍ଥିକ ବିକାଶ ପାଇଁ ତାଙ୍କର ଦୂରଦୃଷ୍ଟିସମ୍ପନ୍ନ ଭାବଧାରାକୁ ମୁଁ ମର୍ମେ ମର୍ମେ ଅନୁଭବ କରିଛି । ଓଡ଼ିଶାର ବିକାଶ ସାମ୍ନାରେ ଥିବା ଆହ୍ୱାନ ସମୂହକୁ ସମ୍ଭାବନା ରୂପରେ ସେ ଦେଖିଛନ୍ତି ଏବଂ ଏହା ଖୁବ୍‌ଶୀଘ୍ର ଓଡ଼ିଶାକୁ ଆର୍ଥିକ ଦୃଷ୍ଟିରୁ ନିଶ୍ଚୟ ଆଗୁଆ ରାଜ୍ୟରେ ପରିଣତ କରିବ । ତାଙ୍କ ମାର୍ଗଦର୍ଶନ ଓଡ଼ିଶା ବିକାଶ ପାଇଁ ଆମର ଶକ୍ତି ହୋଇଛି ।

ପିଲାଦିନୁ, ମୁଁ ସାମାଜିକ ଓ ରାଜନୈତିକ କାମରେ ସମ୍ପୃକ୍ତ ଥିବା କାରଣରୁ, ଦେଶ ଓ ରାଜ୍ୟର ଲୋକଙ୍କ ଜୀବନର ମାନ କିପରି ରହିଛି ଓ ସେଥିରେ କେମିତି ଦ୍ରୁତ ବିକାଶ କରି ସେମାନଙ୍କୁ କିପରି ସୁଖ ଓ ସମୃଦ୍ଧିର ରାସ୍ତାରେ ନିଆଯାଇପାରିବ, ସେଥିପାଇଁ ଦିନ-ଦିନ ରାତି-ରାତି ବିଚାର ବିମର୍ଷ କରିଛି । ମୂଳରୁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଜଣେ ସ୍ୱୟଂସେବକ, ପରେ ଶିଶୁମନ୍ଦିରରେ ଶିକ୍ଷକ, ସରପଞ୍ଚ, ବିଧାୟକ ଓ ବିଧାନସଭାରେ ଜଣେ ବିରୋଧୀଦଳ ନେତା ଭାବେ ରାଜ୍ୟରେ ସାଧାରଣ ଲୋକଙ୍କ ଜନଆକାଂକ୍ଷାକୁ ପ୍ରତିଫଳିତ କରିବା ପାଇଁ ଉଦ୍ୟମ କରିଥିଲି । ୨୦୦୦ ମସିହାରେ ବିଧାୟକ ଭାବରେ ବିଧାନସଭାକୁ ଆସିବା ସହ ୨୦୨୪ ମସିହାରେ ମୁଖ୍ୟମନ୍ତ୍ରୀ ହେବା ପର୍ଯ୍ୟନ୍ତ ଏହି ଅଢ଼େଇ ଦଶନ୍ଧି, ମୁଁ ପୂରା ମୋ ବ୍ୟକ୍ତିଗତ ଜୀବନକୁ ଭୁଲି ଲୋକସେବାରେ ନିଜକୁ ସମର୍ପିତ କରିଛି ।

ଏବେ ଓଡ଼ିଶାର ବିକାଶର ମଙ୍ଗ ଧରିବାର ଦାୟିତ୍ୱ ଜନମଙ୍ଗଳ ପାଇଁ ମୋର ବିଗତ ତିନିଦଶନ୍ଧିର ଅନୁଭବ, ଅନୁଭୂତି, ଅଙ୍ଗେନିଭା କଥା, ସର୍ବୋପରି ବିଜେପି ଓ ନରେନ୍ଦ୍ର ମୋଦିଜୀଙ୍କର ବିକାଶର ଅବଧାରଣା ମୋତେ ଅନେକ ସଂକଳ୍ପ ଆଣିଦେଇଛି । ସଂକଳ୍ପରୁ ସିଦ୍ଧିରାସ୍ତାରେ ୪.୫ କୋଟି ଓଡ଼ିଆ ମୋର ସହଯାତ୍ରୀ । ଯଦି ଆମେ ପ୍ରତ୍ୟେକ ଓଡ଼ିଆ ଆମର ବିକାଶଯାତ୍ରାରେ ସାମିଲ ହୋଇ ସମସ୍ତେ ପାଦେପାଦେ ଚାଲିବା ତା'ହେଲେ ଆମେ ମିଳିତ ଭାବେ ୪.୫ କୋଟି ପାଦ ଆଗକୁ ବଢ଼ିବା । ମୋଦି ଶାସନର ପ୍ରଥମ ସର୍ତ୍ତ ହେଉଛି ଜନଭାଗୀଦାରି । ସବ୍‌କା ସାଥ, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ ଏବଂ ସବ୍‌କା ପ୍ରୟାସ ଆମ ପାଇଁ ମୋଦୀମନ୍ତ୍ର ।

ମୋଦିଜୀଙ୍କ ୧୧ ବର୍ଷର ଶାସନ ଆମର ପଥପ୍ରଦର୍ଶକ । ସାଧାରଣ ଗରିବ ଘରୁ ଜୀବନରେ ସଂଘର୍ଷ କରିଥିବା ମୋଦିଙ୍କ ଚିନ୍ତାଧାରା ସରକାରଙ୍କ କାର୍ଯ୍ୟକ୍ରମରେ ରୂପାନ୍ତରିତ ହେଲା, ତ ଦେଶରେ ଗରିବଙ୍କ କଲ୍ୟାଣର ନୂଆଯୁଗ ଆରମ୍ଭ ହେଲା । ଗରିବ ପରିବାର ପାଇଁ ବିଶେଷକରି ମା' ଓ ଭଉଣୀଙ୍କ ଲାଗି ଶୌଚାଳୟ କ'ଣ କମ୍ ବଡ଼ କଥା ? ପ୍ରଧାନମନ୍ତ୍ରୀ ଲାଲକିଲ୍ଲାରୁ ଶୌଚାଳୟ କଥା କହି ସ୍ୱଚ୍ଛତାକୁ ଏକ ଜନଆନ୍ଦୋଳନ କଲେ । ଉଜ୍ଜ୍ୱଳା ଯୋଜନା ଗରିବ ପରିବାରର ରୋଷେଇ ଘରେ ଖାଲି ବିପ୍ଳବ ଆଣିଲାନି, ମହିଳାଙ୍କ ସମୟ, ପିଲାଙ୍କ ପାଠପଢ଼ା ଓ ଆର୍ଥିକ ଗତିବିଧି ଆଡ଼କୁ ଗଲା । ଜନ ଧନ ଯୋଜନାରେ ବ୍ୟାଙ୍କ ଖାତା ଯୋଜନା ଓ ହିତାଧିକାରୀଙ୍କ ମଧ୍ୟରେ ମଧ୍ୟସ୍ଥି ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଶେଷ କରିଦେଲା । ଡିବିଟି ବା ସିଧା ସିଧା ବ୍ୟାଙ୍କଖାତାରେ ଟଙ୍କା ଜମା ହେବା, ଆମ ଦେଶରେ ବଡ଼ ପରିବର୍ତ୍ତନ ଆଣିଲା । ଡିଜିଟାଲ ଇଣ୍ଡିଆରେ ନିପଟ ମଫସଲ ମଧ୍ୟ ସାମିଲ । କେନ୍ଦୁଝରର ଅପହଞ୍ଚ ଅଞ୍ଚଳରେ ବି ଆମ ପିଲା ଡିଜିଟାଲ ପେମେଣ୍ଟ କରୁଛନ୍ତି ।

ଗରିବ କଲ୍ୟାଣର ପଥ ପ୍ରଦର୍ଶକ ମୋଦିଜୀଙ୍କର ଓଡ଼ିଶାକୁ ଭଲ ପାଇବା ସ୍ୱତନ୍ତ୍ର । ଯୁବାବସ୍ଥାରେ ଅହମ୍ମଦାବାଦର ଜଗନ୍ନାଥ ମନ୍ଦିରରେ ତାଙ୍କର ସମୟ କଟିଛି । ୨୦୧୪ ମସିହାରେ ନିର୍ବାଚନ ପୂର୍ବରୁ ବିଜେପି କ୍ୟାମ୍ପେନ କମିଟିର ଅଧ୍ୟକ୍ଷ ଭାବରେ ସେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପରେ ଓଡ଼ିଶା ଏବଂ ଗୁଜରାଟ ମଧ୍ୟରେ ଥିବା ଭାବଗତ ସମ୍ପର୍କ ବିଷୟରେ ଅନେକ କଥା କହିଥିଲେ । ପୂର୍ବ ଭାରତର ଉଦିତ ସୂର୍ଯ୍ୟଙ୍କ ଆରାଧନା ପାଇଁ ଯେମିତି ସୂର୍ଯ୍ୟମନ୍ଦିର ରହିଛି, ଠିକ୍ ସେମିତି ପଶ୍ଚିମ ଭାରତରେ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେବା ପାଇଁ ଗୁଜରାଟରେ ସୂର୍ଯ୍ୟମନ୍ଦିର ଅଛି । ସେତେବେଳେ ମୋଦିଜୀ କହିଥିଲେ, ଗୁଜରାଟରେ ଏମିତି ଜିଲା ନାହିଁ, ଯେଉଁଠି ଗୁଜରାଟର ବିକାଶ ପାଇଁ ଓଡ଼ିଆ ଲୋକମାନଙ୍କର ଖୁନ୍-ପସିନା ଲାଗି ନାହିଁ । ମହାପ୍ରଭୁଙ୍କ ଆଶୀର୍ବାଦରୁ ସେ ଦେଶର ପ୍ରଧାନମନ୍ତ୍ରୀ ହେବା ୧୧ ବର୍ଷ ବିତିସାରିଲାଣି ।

ଗତ ନିର୍ବାଚନ ପ୍ରଚାର ସମୟରେ ମୋଦିଜୀ ବାରମ୍ବାର କହୁଥିଲେ, ଓଡ଼ିଶା ଧନୀ, ମାତ୍ର ଓଡ଼ିଆମାନେ ଗରିବ । ବିଗତ ୩୦ ବର୍ଷ ଧରି ମୋର ସାମାଜିକ ରାଜନୈତିକ ଜୀବନରେ ଓଡ଼ିଶା ସମ୍ପଦରେ ଭରପୂର, ମାତ୍ର ଲୋକ ଗରିବ ଉପାଖ୍ୟାନ ଶୁଣି ଶୁଣି ଆସୁଛି । ଏବେ ସମୟ ଆସିଛି, ଖୋଦ୍ ମୋଦିଜୀଙ୍କ ମାର୍ଗଦର୍ଶନରେ ସମଗ୍ର ଓଡ଼ିଶାରେ ସାଧାରଣ ଗରିବ ଓଡ଼ିଆ ଲୋକଙ୍କୁ ମଧ୍ୟ ସମାନ ଭାବରେ ଆର୍ଥିକ ଦୃଷ୍ଟିରୁ ମଜଭୁତ କରିବାର ।

ମହାପ୍ରଭୁ ଆମକୁ ଅମାପ ପ୍ରାକୃତିକ ଖଣିଜ ସମ୍ପଦ, ସୁଦୀର୍ଘ ବେଳାଭୂମି, ଜଳସମ୍ପଦ, ଜଙ୍ଗଲସମ୍ପଦ, ଆଦିବାସୀ ଜନସଂଖ୍ୟା ତଥା ବୁଦ୍ଧିମାନ ଓ ପରିଶ୍ରମୀ ମାନବସମ୍ବଳ ଦେଇଛନ୍ତି । ସମୟ ଥିଲା ଆମର ସାଧବ ପୁଅମାନେ ୧୨ ନଈ ୧୩ ସମୁଦ୍ର ଡେଇଁ ବେପାର ବଣିଜ କରୁଥିଲେ । ଓଡ଼ିଶାକୁ ଖାଲି ଭାରତରେ ନୁହେଁ, ସମଗ୍ର ବିଶ୍ୱରେ ଏକ ଅଗ୍ରଣୀ ଭୂଖଣ୍ଡ କରିବା ପାଇଁ ସବୁ ଉପାଦାନ ଅଛି ।

ଆଜି ମୋଦିଜୀଙ୍କ ଗରିମାମୟ ଉପସ୍ଥିତିରେ ଓଡ଼ିଶାର ୧ ବର୍ଷର ବିକାଶ ଏବଂ ୨୦୩୬ ଓ ୨୦୪୭ର ରାଜ୍ୟ ଓ ଦେଶ ବିକାଶର ଚର୍ଚ୍ଚା ହେବ । ଏପରି ସୁନ୍ଦର ମୁହୂର୍ତ୍ତରେ ବିକଶିତ ଓଡ଼ିଶା ପାଇଁ ଆମର ପ୍ରତିଟି ସଂକଳ୍ପ ମୋ ଆଖି ଆଗରେ ନାଚିଯାଉଛି । ସମୟବଦ୍ଧ ଯୋଜନା ମାଧ୍ୟମରେ ସେସବୁକୁ ସଫଳତାର ରୂପଦେଇ ସାଧାରଣ ଓଡ଼ିଆ ପରିବାର ବିଶେଷ ଭାବରେ ମହିଳା, କୃଷକ, ଯୁବକ ଓ ଗରିବଙ୍କ ପାଖରେ ବିକାଶର ସୁଫଳ ପହଞ୍ଚାଇବା ପାଇଁ ଆମ ସରକାରଙ୍କ ସଂକଳ୍ପକୁ ଆପଣଙ୍କ ପାଖରେ ଦୋହରାଉଛି ।

ସମସ୍ତଙ୍କ ମୁଣ୍ଡ ଉପରେ ପକ୍କାଘର, ଘରେ ପାଇପ ଯୋଗେ ବିଶୁଦ୍ଧ ପାନୀୟଜଳ, ଘରେ ଘରେ ସ୍ୱଚ୍ଛ ଇନ୍ଧନ । ସ୍କୁଲ, ଡାକ୍ତରଖାନାର ସୁବନ୍ଦୋବସ୍ତ । ଥାନା ତଥା ସରକାରୀ ଅଫିସ୍ ମାନଙ୍କ ଦ୍ୱାରା ଲୋକଙ୍କ ସୁରକ୍ଷା ଓ ଶାନ୍ତିର ବ୍ୟବସ୍ଥା ଆମର ମୂଳଦାୟିତ୍ୱ । ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନା ମାଧ୍ୟମରେ ଗରିବ ଓ ଆର୍ଥିକ ପଛୁଆ ଲୋକମାନଙ୍କୁ ଖାଦ୍ୟ, ଆର୍ଥିକ ସହାୟତା ଓ ମାଗଣା ସରକାରୀ ସେବା ଆମ ଗରିବ କଲ୍ୟାଣ ବିଚାରର ମୂଳ ଆଧାର ।

ନାଗରିକମାନଙ୍କର ବ୍ୟକ୍ତିଗତ ଓ ପରିବାରର ଆବଶ୍ୟକତା ପୂରଣ ଆମର ପ୍ରାଥମିକତା । କିନ୍ତୁ ରାଜ୍ୟକୁ ଆର୍ଥିକ ଦୃଷ୍ଟିରୁ ଆଗକୁ ନେବା ପାଇଁ ପୁଞ୍ଜି ଆକର୍ଷଣ ମାଧ୍ୟମରେ ଶିଳ୍ପାୟନକୁ ଆମେ ପ୍ରଥମବର୍ଷରେ ପ୍ରାଥମିକତା ଦେଇଛୁ । ମୋଦି ଗ୍ୟାରେଣ୍ଟି ସହ ଗୋଟିଏ ବର୍ଷରେ ୧୭ ଲକ୍ଷ କୋଟିର ପୁଞ୍ଜି ନିବେଶ ପାଇଁ ପ୍ରସ୍ତାବ ଆସି ଅନେକ କ୍ରିୟାନ୍ୱୟନର ବିଭିନ୍ନ ପର୍ଯ୍ୟାୟରେ ପହଞ୍ଚିଲାଣି । କେବଳ ଖଣି ଆଧାରିତ ପ୍ରଗତି ନୁହେଁ, ବରଂ ଆଇଟି, ଅକ୍ଷୟ ଶକ୍ତି, ପର୍ଯ୍ୟଟନ, ଖାଦ୍ୟ ପ୍ରକ୍ରିୟାକରଣ, ବୟନ ଶିଳ୍ପ, ସେମିକଣ୍ଡକ୍ଟର ଆଦି କ୍ଷେତ୍ରରେ ମଧ୍ୟ ଓଡ଼ିଶା ଆଜି ଦ୍ରୁତ ପ୍ରଗତିମୁହାଁ ।

ଓଡ଼ିଶାର ତହବିଲକୁ ଅଧିକ ଟଙ୍କା ଆସିବା ପାଇଁ ମୋଦିଜୀ ବାଟ ଖୋଲି ଦେଇଥିଲେ । ଖଣିଜ ସମ୍ପଦରେ ପରିପୂର୍ଣ୍ଣ ଓଡ଼ିଶାର ବଜେଟ ଆକାର ବୃଦ୍ଧି ପଛରେ ଥିଲା ମୋଦି ସରକାରଙ୍କ ଖଣିଜ ନୀତି । ଖଣି ନିଲାମିର ଅର୍ଥ ଏବଂ ଡିଏମ୍‌ଏଫ୍ ପାଣ୍ଠି ଆମ ବଜେଟକୁ ବଡ଼ କରିଛି । ଏହା ମୋଦିଜୀଙ୍କ ଯୋଗୁ ସମ୍ଭବପର ହୋଇପାରିଛି । ୨୦୨୫-୨୬ ଆର୍ଥିକ ବର୍ଷରେ ଆମ ବଜେଟ ୨ ଲକ୍ଷ୯୦ହଜାର କୋଟି ଟଙ୍କାରେ ପହଞ୍ଚିଛି । ୨୦ ବର୍ଷ ପୂର୍ବେ ପୂରା ରାଜ୍ୟ ବଜେଟର ଆକାର ଯାହା ଥିଲା ଏବେ ଗୋଟିଏ ଗୋଟିଏ ବିଭାଗର ବଜେଟ ଆକାର ସେତିକି ହେଲାଣି ।

ମାତ୍ର ରାଜ୍ୟ ଧନୀ ଏବଂ ଲୋକ ଗରିବ । ଏ ଯନ୍ତ୍ରଣାରୁ ଆମକୁ ଉପରକୁ ଉଠିବାକୁ ପଡ଼ିବ । ଖଣି ଆଧାରିତ ଅର୍ଥନୀତି ନୁହେଁ, ବରଂ ଓଡ଼ିଆ ମହିଳା, କୃଷକ, ଯୁବକ ଓ ଗରିବମାନଙ୍କୁ କିପରି ବିକାଶ କାମରେ ସାମିଲକରି ସେମାନଙ୍କର କ୍ରୟଶକ୍ତିକୁ ବଢ଼ାଯାଇ ପାରିବ ସେଥିପାଇଁ ଆମେ ଯୋଜନାବଦ୍ଧ ଭାବରେ କାମ ଆରମ୍ଭ କରିଛୁ ।

ଆଜି ମୋଦିଜୀଙ୍କୁ ସ୍ୱାଗତ କରିବା ଅବସରରେ ମୋର ପ୍ରିୟ ଓଡ଼ିଆ ଭାଇଭଉଣୀମାନଙ୍କୁ ଆଶ୍ୱସ୍ତ କରିବାକୁ ଚାହୁଁଛି । ଆମ ସରକାରରେ ମନ୍ତ୍ରୀଠାରୁ ମୁଖ୍ୟମନ୍ତ୍ରୀ ପର୍ଯ୍ୟନ୍ତ ସମସ୍ତେ ଆପଣଙ୍କ ସୁଖ-ଦୁଃଖର ସାଥୀ ହୋଇରହିବେ । ସମ୍ପୂର୍ଣ୍ଣ ସରକାରୀ ବ୍ୟବସ୍ଥା ସାଧାରଣ ଗରିବଙ୍କ ହିତରେ ରହିବ । ଓଡ଼ିଶା ଧନୀ, ମାତ୍ର ଓଡ଼ିଆ ଗରିବ- ଏଥିରୁ ବାହାରି ପ୍ରତି ପରିବାର ପର୍ଯ୍ୟନ୍ତ ରୋଜଗାର ସୁଯୋଗ ପହଞ୍ଚାଇବା ଆମର ପ୍ରାଥମିକତା ହେବ ।

**ଜୟ ଜଗନ୍ନାଥ !**

# ଭିଡ଼କୁ ଭୟ କରୁଛନ୍ତି କି



ଡା.ସମ୍ରାଟ କର

ମାନୁ ମାଉସୀଙ୍କୁ ମୁଁ ପୁରୀ ରଥଯାତ୍ରା ଦେଖିଯିବାକୁ କହିଲି । ସେ ମନାକଲେ । କାରଣ ପଚାରିବାରୁ କହିଲେ- ମୁଁ ପିଲାବେଳେ ଥରେ ରଥଯାତ୍ରାକୁ ଯାଇଥିଲି । ଭିଡ଼ରେ ମତେ ଚାରିକଡ଼ୁ ଚାପିଦେଲେ । ସେହି ଦିନଠାରୁ ଭିଡ଼ ଦେଖିଲେ ମତେ ଡର ଲାଗେ । ମୁଁ କହିଲି ଏହା ଫୋବିୟା । କୌଣସି ସ୍ଥାନ, ବସ୍ତୁ , କାର୍ଯ୍ୟ ଓ ପରିସ୍ଥିତି ପ୍ରତି ଅହେତୁକ ଭୟ ହେଉଛଇ ଫୋବିୟା । ଯେପରି କି କେତେକ ଲୋକ ଭିଡ଼ ଭିତରକୁ ଯିବାକୁ ଏବଂ ଉଚ୍ଚ ସ୍ଥାନକୁ ଯିବାକୁ ଭୟ କରନ୍ତି, ଘରୁ ରାସ୍ତାକୁ ଯିବାକୁ ଭୟ କରନ୍ତି, କୌଣସି ଜୀବଜନ୍ତୁ କିଛି କ୍ଷତି କରିବ ନାହିଁ ଜାଣି ମଧ୍ୟ ତାକୁ ଭୟ କରନ୍ତି । ସେଥିଯୋଗୁ ସେମାନେ ସେହି ସ୍ଥାନ, ବସ୍ତୁ ବା କାର୍ଯ୍ୟଠାରୁ ଦୂରେଇ ରହିବାକୁ ଚାହାନ୍ତି ।

ପ୍ରାୟ ପ୍ରତ୍ୟେକ ଲୋକଙ୍କଠାରେ ଏକପ୍ରକାର ଭୟ ଅଳ୍ପ ବହୁତେ ଥାଏ ; ମାତ୍ର ଯେତେବେଳେ ଅତ୍ୟଧିକ ହୋଇ ମାନସିକ ବ୍ୟଥା ଦିଏ ଏବଂ ନିଜର ଦୈନନ୍ଦିନ କାର୍ଯ୍ୟରେ ବାଧା ସୃଷ୍ଟି କରେ ସେତେବେଳେ ଏହା ଏକ ରୋଗ ବୋଲି ଧରାଯାଏ । ଅସ୍ୱାଭାବିକ ପରିସ୍ଥିତିର ଭୟାବହତାକୁ ସମ୍ଭାବନା କରି ଲୋକଟିର ମନରେ କଷ୍ଟ ହୋଇଥାଏ । ତେଣୁ ସେ ଏପରି ପରିସ୍ଥିତିଠାରୁ ଦୂରେଇ ରହିବାକୁ ଚେଷ୍ଟା କରେ ଏବଂ ଏହାର ସାମ୍ନା କଲେ ଆତଙ୍କିତ ହୋଇଯାଏ ।

କୌଣସି ପରିସ୍ଥିତି ପ୍ରତି ଅସ୍ୱାଭାବିକ ଭୟକୁ ଆଗାରୋଫୋବିୟା କୁହାଯାଏ । ସାଧାରଣତଃ ଏ ପ୍ରକାର ଫୋବିୟା ପୁରୁଷଙ୍କ ତୁଳନାରେ ସ୍ତ୍ରୀ ଲୋକଙ୍କଠାରେ ଅଧିକ ହୋଇଥାଏ । ଏଥିରେ ମନୁଷ୍ୟ ଯେତେବେଳେ ନିଜ ପରିବାର ବା ଚିରାଚରିତ ପରିସ୍ଥିତିରୁ ଦୂରେଇଯାଏ ତାକୁ ଅଧିକ ଭୟ ଲାଗିଥାଏ । ଗୋଟିଏ ପରିସ୍ଥିତିରୁ ଆଉ ଗୋଟିଏ ପରିସ୍ଥିତିକୁ ଗଲେ ଲୋକଟି ହଠାତ୍ ବିଚଳିତ ହୋଇପଡ଼େ । ସେହି ପରିସ୍ଥିତିକୁ ମୁକାବିଲା କରିବା ପାଇଁ ତା'ର ସାହସ ହୁଏ ନାହିଁ କି ସେ ଉପାୟ ପାଏ ନାହିଁ । ଉଦାହରଣସ୍ୱରୂପ ଘରଠାରୁ ଦୂରରେ ଏକା ରହିବା, ଭିଡ଼ ଭିତରେ ରହିଯିବା, ଟ୍ରେନ୍, ବସ୍ ଆଦିରେ ଏକାକୀ ବୁଲିବା ଇତ୍ୟାଦି କାର୍ଯ୍ୟଗୁଡ଼ିକୁ ସେ ସମ୍ମୁଖୀନ ହୋଇପାରେ



ନାହିଁ । ଧୀରେ ଧୀରେ ପରିସ୍ଥିତି ଅଧିକ ଜଟିଳ ହୋଇଥାଏ । ଲୋକଟିର ନିଜର ଦୈନନ୍ଦିନ କାର୍ଯ୍ୟ ବାଧାପ୍ରାପ୍ତ ହୁଏ । ସେ ବାହାରକୁ ନ ଯାଇ ଘର ଭିତରେ ରହିବାକୁ ଭଲ ପାଏ । କେବଳ ଜଣେ ଦି'ଜଣ ବିଶ୍ୱସ୍ତ ଲୋକଙ୍କ ସହିତ ଘର ଛାଡ଼ିଯାଏ ।

ଏପ୍ରକାର ରୋଗରେ ଗୋଟିଏ ନିର୍ଦ୍ଦିଷ୍ଟ ବସ୍ତୁ, ଅବସ୍ଥା, ପରିସ୍ଥିତି ବା କାର୍ଯ୍ୟ ପ୍ରତି ଅସ୍ୱାଭାବିକ ଭୟ ଉପୁଜିଥାଏ । ଏହି ଭୟ ପ୍ରକୃତ ପରିସ୍ଥିତି ତୁଳନାରେ ଅଧିକ ହୋଇଥାଏ । ଲୋକଟି ନିଜର ଏପରି ଭୟକୁ ନିୟନ୍ତ୍ରଣ କରିପାରେ ନାହିଁ । ତେଣୁ ସେ ମାନସିକ ଯନ୍ତ୍ରଣା ପାଇଥାଏ । ଏଥିପାଇଁ ଲୋକଟି ଏପରି ବସ୍ତୁ, ଅବସ୍ଥା କାର୍ଯ୍ୟରୁ ଦୂରେଇ ରହିବାକୁ ଚେଷ୍ଟା କରେ । ଏ ରୋଗ ପ୍ରାୟତଃ ୨୫-୩୫ ବର୍ଷ ବୟସରେ ହଠାତ୍ ଆରମ୍ଭ ହୋଇଥାଏ । ଧୀରେ ଧୀରେ ଏହା ଅତ୍ୟଧିକ ହୋଇଥାଏ ଏବଂ ନିଜର ଦୈନନ୍ଦିନ କାର୍ଯ୍ୟରେ ବାଧାପ୍ରାପ୍ତ ହୋଇଥାଏ ।

ଏହା ସେରୋଟୋନିନ, ଗାବା, ଆଡ୍ରେନାଲିନ୍, ଡୋପାମିନ ଆଦି ନ୍ୟୁରୋଟ୍ରାନ୍ସମିଟର ବିଶୃଙ୍ଖଳତା ଯୋଗୁ ହୋଇଥାଏ । ନ୍ୟୁରୋଟ୍ରାନ୍ସମିଟର ହେଉଛି ଏକ ରାସାୟନିକ ଦ୍ରବ୍ୟ, ଯାହା ସ୍ନାୟୁଗୁଡ଼ିକ ମଧ୍ୟରେ ପ୍ରେରକ କାର୍ଯ୍ୟ କରେ । ସୂତ୍ରରୁ ଜଣାପଡ଼ିଛି ଯେ ନିଜର ରକ୍ତ ସମ୍ପର୍କୀୟ ଲୋକଙ୍କଠାରେ ଏ ରୋଗ ଥିଲେ ଅନ୍ୟମାନଙ୍କୁ ହେବାର ସମ୍ଭାବନା ଅଧିକ ଥାଏ । ତେଣୁ ଏହା ବଂଶଗତ ହୋଇପାରେ ।

ଏହି ରୋଗର ଲକ୍ଷଣ ଦେଖାଦେଲେ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେବା ଉଚିତ । ଏହାର ଚିକିତ୍ସା, ଔଷଧ ଓ ସାଇକୋଥେରାପି ଦ୍ୱାରା କରାଯାଇଥାଏ । ଏହି ରୋଗ ପାଇଁ ଔଷଧ ଉପଯୋଗୀ ହୋଇଥାଏ । ସାଇକୋଥେରାପି ଦ୍ୱାରା ରୋଗୀ ମନରେ ଜନ୍ମୁଥିବା ଅହେତୁକ ଭୟକୁ ବୁଝାଶୁଝା ଦ୍ୱାରା କମ୍ କରାଯାଇଥାଏ । ଫଳରେ ରୋଗୀ ମନରୁ ଭୟ କମିଯାଏ । ଏହି ରୋଗ ଯଦିଓ କୌଣସି କାରଣରୁ ଜନ୍ମ ନେଇ ନ ଥାଏ ତଥାପି ଅନେକ କ୍ଷେତ୍ରରେ ପରିସ୍ଥିତିର ଅନୁଭୂତି ହିଁ ତା'ର ଭୟର କାରଣ ହୋଇଥାଏ ।

**ମାନସିକ ରୋଗ ବିଶେଷଜ୍ଞ,**
**ଦି'ବ୍ରେନ୍, ପୁରୀଘାଟ ରୋଡ୍, କଟକ**
**ମୋ:୯୧୩୨୪୩୩୩୩୩**

## ଏଇ ଭାରତରେ

କେରଳର କାନ୍ନାପୁରମ୍ ଗାଁ ଆମ୍ବ ଉତ୍ପାଦନରେ ନାଁ କରିଛି । ଏହି ଗାଁରେ ୨୦୮ କିସମର ଆମ୍ବ ଫଳୁଛି । କାନ୍ନାପୁରମ୍‌ରେ ଥିଲା ଏକ ୨୦୦ ବର୍ଷର ଭେଲାଥାନ କିସମ ଆମ୍ବ ଗଛ । ଏହା ଅତ୍ୟନ୍ତ ସ୍ୱାଦିଷ୍ଟ । କୌଣସି ପରିସ୍ଥିତିରେ ଜମି ମାଲିକ ତାହାକୁ କାଟିଦେଇଥିଲେ । କିନ୍ତୁ ସେହି ଆମ୍ବକୁ ଫଳାଇବା ଲାଗି ଗ୍ରାମବାସୀ ଏକାଠି ହୋଇ ତାହାର ଶାଖା ସଂଗ୍ରହ କରିଥିଲେ ଏବଂ କଲମି ମାଧ୍ୟମରେ ୨୦୦ ଗଛ ଉତାରି ପାରିଥିଲେ । ଏବେ ଏହି କିସମ ଆମ୍ବ ପ୍ରାୟ ସମସ୍ତଙ୍କ ବାଡ଼ିରେ ଫଳୁଛି । ଗାଁରେ କେବଳ ୨୦ଟି ପରିବାରର ମାଲିକାନାରେ ଥିବା ୩୭୨ଟି ଗଛରୁ ୧୦୦ କିସମର ଆମ୍ବ ଫଳୁଛି ଏବଂ ଅବଶିଷ୍ଟ ପରିବାରରେ ଆଉ ୧୦୦ କିସମ ଆମ୍ବ ଫଳାଉଛନ୍ତି । ଆମ୍ବର ରଙ୍ଗ, ରସ ତଥା ସ୍ୱାଦକୁ ନେଇ ସେଗୁଡ଼ିକର ନାମକରଣ ମଧ୍ୟ କରିଛନ୍ତି । ଗ୍ରାମବାସୀ ଭାରତର ବିଭିନ୍ନ ସ୍ଥାନରେ ଥିବା ବିଭିନ୍ନ କିସମର ଆମ୍ବ ଗଛ ସମ୍ପର୍କରେ ତଥ୍ୟ ସଂଗ୍ରହ କରିବା ପରେ ସେଗୁଡ଼ିକୁ ସଂଗ୍ରହ କରିଥିଲେ ।

## ୫୦ ବର୍ଷ ତଳର ଧରିତ୍ରୀ

୨୦ ଜୁନ୍ ୧୯୭୬

- କର୍ଣ୍ଣାଟକ ଆନ୍ଧ୍ର ସୀମାନ୍ତ ନିକଟବର୍ତ୍ତୀ ବିଶ୍ୱନାଥ ଇଲାକାରେ ଏକ ସୁନାଖଣିର ସନ୍ଧାନ ମିଳିଛି ।
- ଧାତୁ ବିଶୋଧନ ଯନ୍ତ୍ରପାତି ଯୋଗାଣ ପାଇଁ ଭାରତ ଓ ରୁଷ୍ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ।
- ଦକ୍ଷିଣ ଆଫ୍ରିକାରେ କୃଷ୍ଣକାୟ ଲୋକମାନଙ୍କ ପକ୍ଷରୁ ଚାଲିଥିବା ସରକାର ବିରୋଧୀ ଦଙ୍ଗାଗୋଳରେ ଅନ୍ୟୂନ ୧୦୦ ଜଣଙ୍କ ମୃତ୍ୟୁ ।

## ଚିରନ୍ତନୀ

ନବୀନର ମେରୁଦଣ୍ଡ ଅତୀତର
କ୍ଷୀଣ ଅବଶେଷ
ଭବିଷ୍ୟର ଶାସକ ହେ ପୁରାତନ
ହେ ପଳିତ କେଶ !
-(ପ୍ରାଚୀନ ଓ ନବୀନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | | |
| | 6 | | 2 | | 7 | | | |
| | | 4 | 9 | 5 | | | 2 | |
| | | | | 4 | | | 5 | |
| | 7 | | | | 1 | | | |
| | | | 8 | | | | | |
| | | 6 | 5 | | 4 | 8 | | |
| | 8 | | | 3 | | 2 | 7 | |
| | 4 | | | | | 6 | 1 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 8 | 9 | 6 | 7 | 2 | 5 | 4 | 1 | 3 |
| 5 | 1 | 2 | 3 | 6 | 4 | 9 | 8 | 7 |
| 4 | 3 | 7 | 1 | 8 | 9 | 2 | 6 | 5 |
| 9 | 8 | 5 | 2 | 4 | 3 | 6 | 7 | 1 |
| 7 | 2 | 3 | 5 | 1 | 6 | 8 | 4 | 9 |
| 6 | 4 | 1 | 9 | 7 | 8 | 3 | 5 | 2 |
| 2 | 7 | 4 | 8 | 3 | 1 | 5 | 9 | 6 |
| 1 | 5 | 8 | 6 | 9 | 2 | 7 | 3 | 4 |
| 3 | 6 | 9 | 4 | 5 | 7 | 1 | 2 | 8 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ସଂରକ୍ଷଣରେ ସଂସ୍କାର ଅଣାଯାଉ

ମହାଶୟ,

ଅନୁସୂଚିତ ଜାତି ଓ ଉପଜାତିର ଲୋକଙ୍କ ଲାଗି ଅନେକ ଦିନରୁ ସଂରକ୍ଷଣ ବ୍ୟବସ୍ଥା ରହିଛି । ଉକ୍ତ ବ୍ୟବସ୍ଥାରେ ଅନେକ ଲୋକ ଚାକିରି ପାଇଲେଣି ଏବଂ ପାଉଛନ୍ତି ମଧ୍ୟ । କିନ୍ତୁ ଦେଖାଯାଉଛି ଯେଉଁମାନେ ସେ ସୁବିଧା ବଳରେ ଚାକିରି ପାଇଛନ୍ତି ତାଙ୍କର ପିଲାମାନେ ଅଧିକ ଉନ୍ନତ ଏବଂ ଆଗୁଆ ହୋଇ ମଧ୍ୟ ସେହି ସୁବିଧା ସୁଯୋଗକୁ ହାତେଇ ନେଉଛନ୍ତି । ଯେଉଁମାନେ ପାଉନାହାନ୍ତି ଏବଂ ପଛୁଆ ହୋଇ ରହିଛନ୍ତି ସେମାନେ ସେହିଭଳି ପଛରେ ରହି ଯାଉଛନ୍ତି । ସଂରକ୍ଷଣରେ ସଫଳତା ଲାଭ କରିଥିବା ବ୍ୟକ୍ତିମାନେ ନିଜ ପିଲାଙ୍କୁ ପାଠ ପଢେଇ ମଣିଷ କରନ୍ତୁ । ଯିଏ ସଂରକ୍ଷଣରେ ସୁବିଧା ପାଇ ଚାକିରି ପାଇଲା ତାକୁ ସଂରକ୍ଷଣ ତାଲିକାରୁ ବାଦ ଦିଆଯାଉ । ସେହି ସଂରକ୍ଷିତ ବର୍ଗର ପଛୁଆ ପିଲାଙ୍କୁ ସଂରକ୍ଷଣରେ ସୁବିଧା ଦିଆଯାଉ ।

**-ଅକ୍ଷୟ ମହାନ୍ତି, କଳିଙ୍ଗନଗର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




# କାର୍ଯ୍ୟାଦେଶ ମିଳିଗଲାଣି, କିନ୍ତୁ ମିଳୁନି

**ଭୁବନେଶ୍ୱର, ୧୯।୬(ସୁନିତ୍ ମିଶ୍ର)**

- **ଏମ୍‌ଜିଏନ୍‌ଆର୍‌ଇଜିଏସ୍ ବାବଦ ୯୦ ଦିନର ମଜୁରି ବି ମିଳୁନି**
- **ଇନ୍‌ସେନ୍‌ଟିଭ ହରାଇପାରନ୍ତି ହିତାଧିକାରୀ**

ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଗତ ମାର୍ଚ୍ଚ ଶେଷରୁ ବର୍ତ୍ତମାନ ମଧ୍ୟରେ ୮୦ ହଜାର ୩୬୧ ଜଣଙ୍କୁ ଅନ୍ତ୍ୟୋଦୟ ଯୋଜନାରେ ଘର ଯୋଗାଇ ଦିଆଯାଇଥିବା ବେଳେ ହିତାଧିକାରୀମାନେ ଏବେ ଅସୁବିଧାରେ ପଡ଼ିଯାଇଛନ୍ତି। ଏମାନଙ୍କ ମଧ୍ୟରୁ ୪୯ ହଜାର ୯୯୬ ଜଣଙ୍କୁ ପ୍ରଥମ କିସ୍ତି ଅର୍ଥ ମିଳିସାରିଛି। କିନ୍ତୁ ବାକି ୩୦,୩୬୫ ଜଣଙ୍କୁ ଘର କରିବାକୁ କାର୍ଯ୍ୟାଦେଶ ମିଳିସାରିଥିଲେ ସୁଦ୍ଧା କିଛି ଅର୍ଥ ମିଳିନାହିଁ। ସେଥିପାଇଁ ହିତାଧିକାରୀମାନଙ୍କ ମଧ୍ୟରେ ବର୍ତ୍ତମାନ ଅସନ୍ତୋଷ ଦେଖିବାକୁ ମିଳିଛି। କାରଣ ପଞ୍ଚାୟତିରାଜ ବିଭାଗ ଠିକଣା ସମୟରେ ଘର ନିର୍ମାଣ କିସ୍ତି ନ ଦେବା ଯୋଗୁ ସେମାନଙ୍କୁ ଇନ୍‌ସେନ୍‌ଟିଭ (ପ୍ରୋତ୍ସାହନ ରାଶି) ଅର୍ଥଠାରୁ ଆରମ୍ଭକରି ଏମ୍‌ଜିଏନ୍‌ଆର୍‌ଇଜିଏସ୍ ବାବଦ ଦୈନିକ ମିଳିବାକୁ ଥିବା ଅର୍ଥ ମଧ୍ୟ ମିଳିନାହିଁ। ବଣାଇଁଗଡ଼ ବ୍ଲକ୍‌ର ବନେଇକଳା ଗ୍ରାମପଞ୍ଚାୟତର ଟଙ୍କଧର ରାଏ କହିଛନ୍ତି, ସେ ଗୃହ ନିର୍ମାଣ ଲାଗି କାର୍ଯ୍ୟାଦେଶ ପାଇବା ପରେ ଘର ନିର୍ମାଣ କରିସାରିଲେଣି ହେଲେ ଏଯାଏ ତାଙ୍କୁ କିସ୍ତି ଟଙ୍କା ମିଳିନାହିଁ। ଏହିପରି ଯେଉଁମାନେ ସବୁ କାର୍ଯ୍ୟାଦେଶ ପାଇଛନ୍ତି ସେମାନଙ୍କ ମଧ୍ୟରୁ ଅନେକ ସମାନ ମତ ଦେଇଛନ୍ତି। ରାଜ୍ୟ ସରକାର ଗତ ମାର୍ଚ୍ଚ ୩୦ ତାରିଖରେ ରାଜ୍ୟର ୫୯, ୦୮୩ ଜଣଙ୍କୁ ଅନ୍ତ୍ୟୋଦୟ ଯୋଜନାରେ କାର୍ଯ୍ୟାଦେଶ ବାଣ୍ଟିଥିଲେ। ଏମାନେ ସମସ୍ତେ ପ୍ରଥମ କିସ୍ତି ଅର୍ଥ ପାଇସାରିଲେଣି। ହେଲେ ବାକି ୨ଟି କିସ୍ତିର ୮୦ ହଜାର ଟଙ୍କା ମିଳିନାହିଁ। ଏମାନଙ୍କ ମଧ୍ୟରୁ ଅନେକ ହିତାଧିକାରୀ ହାତଉଧାରି କରି ଘର ନିର୍ମାଣ କରିସାରିଥିବା ବେଳେ ଆଉ କେତେଜଣ ଅଧା ଘର ତିଆରି କରି ଟଙ୍କାକୁ ଅନେଇ ବସିଛନ୍ତି। ମୌସୁମୀ ବର୍ଷା ଆରମ୍ଭ ହୋଇଯାଇଥିବାରୁ ଅଧାପନ୍ତରିଆ ଘର କରିଥିବା ହିତାଧିକାରୀଙ୍କୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଛି। କେବଳ ଏତିକି ନୁହେଁ, ସରକାରୀ ଘର ତିଆରି କ୍ଷେତ୍ରରେ ସରକାର ଇନ୍‌ସେନ୍‌ଟିଭ ଦେବାର ବ୍ୟବସ୍ଥା ରଖିଛନ୍ତି। ଯଦି ଜଣେ ହିତାଧିକାରୀ ୪ ମାସ ମଧ୍ୟରେ ଘର ତିଆରି ଶେଷ କରିଦିଅନ୍ତି, ସରକାର ତାଙ୍କୁ ୨୦ ହଜାର ଟଙ୍କା ଇନ୍‌ସେନ୍‌ଟିଭ ଦେବା ବ୍ୟବସ୍ଥା ରଖିଛନ୍ତି। ଯଦି ହିତାଧିକାରୀ ୬ ମାସରେ ଘର ନିର୍ମାଣ ଶେଷକରି ଦିଅନ୍ତି ତାଙ୍କୁ ୧୦ ହଜାର ଟଙ୍କାର ଇନ୍‌ସେନଟିଭ ଦିଆଯିବା ବ୍ୟବସ୍ଥା ରହିଛି। ହେଲେ ସରକାର ଯେଉଁମାନଙ୍କୁ ମାର୍ଚ୍ଚ ୩୦ରେ ଘର ନିର୍ମାଣର କାର୍ଯ୍ୟାଦେଶ ପ୍ରଦାନ କରିସାରିଛନ୍ତି ସେମାନେ କିପରି ଇନ୍‌ସେନଟିଭ ଅର୍ଥ ପାଇବେ ତାକୁ ନେଇ ଚିନ୍ତାରେ ପଡ଼ିଯାଇଛନ୍ତି। ଅନ୍ୟପଟେ ଏହି ଯୋଜନାରେ ଘର କରୁଥିବା ହିତାଧିକାରୀଙ୍କୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ମିଳୁଥିବା ମଜୁରି ବାବଦ ଅର୍ଥ ୯୦ ଦିନ ପାଇଁ ମିଳିବାର ବ୍ୟବସ୍ଥା ରହିଛି। ଏହି ଅର୍ଥ ମଧ୍ୟ ବିଭାଗ ପକ୍ଷରୁ ଉକ୍ତ ହିତାଧିକାରୀଙ୍କୁ ମିଳିନାହିଁ। ଏନେଇ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ନିର୍ଦ୍ଦେଶ ତଥା ଆଇଏଏସ୍ ଅଫିସର ଜ୍ୟୋତିପ୍ରକାଶ ଦାସ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରୁ ହିତାଧିକାରୀଙ୍କୁ ମିଳିବାକୁ ଥିବା ଅର୍ଥ ଦେବା ଲାଗି କେନ୍ଦ୍ରକୁ ଚିଠି ଲେଖିଥିଲେ। ହେଲେ ସେହି ଅର୍ଥ ମଧ୍ୟ ଏଯାଏ ହିତାଧିକାରୀଙ୍କୁ ମିଳୁନାହିଁ। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଯେତିକି ଦୈନିକ ମଜୁରି ମିଳେ, ସେତିକି ଅର୍ଥ ୯୦ରୁ ୯୫ ଦିନ ପାଇଁ ହିତାଧିକାରୀଙ୍କୁ ଯୋଗାଇଦେବା ଲାଗି ନିୟମାବଳୀରେ ଉଲ୍ଲେଖ ରହିଛି। ହେଲେ ଏହା ଯୋଗାଇ ଦେବାରେ ବିଭାଗ ଏକ ପ୍ରକାର ବିଫଳ ହୋଇଛି।

ଅନ୍ୟପଟେ ନିକଟରେ ସରକାର ରାଜ୍ୟର ଆଉ ୨୧,୨୭୮ ଜଣଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଘର କରିବା ଲାଗି କାର୍ଯ୍ୟାଦେଶ ପ୍ରଦାନ କରିଛନ୍ତି। ହେଲେ ସେମାନଙ୍କୁ ଏଯାଏ ପ୍ରଥମ କିସ୍ତି ଅର୍ଥ ମଧ୍ୟ ଦିଆଯାଇନାହିଁ। ଏହି ହିତାଧିକାରୀମାନେ ପ୍ରଥମ କିସ୍ତି ଅର୍ଥ ପାଇବା ପରେ ଘର କାମ ଆରମ୍ଭ କରିବେ ବୋଲି ଅନାଇ ବସିଛନ୍ତି। ବର୍ଷାଦିନ ଆସୁଥିବା ଯୋଗୁ ତୁରନ୍ତ ସେମାନେ ଘର କରିବାକୁ ଚାହିଁ ବସିଛନ୍ତି। ପଞ୍ଚାୟତିରାଜ ବିଭାଗର ଜଣେ ବରିଷ୍ଠ ଅଧିକାରୀ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ହିତାଧିକାରୀଙ୍କୁ ଯେତିକି ଅର୍ଥ ଦେବାର ଆବଶ୍ୟକତା ରହିଛି, ସେ ବାବଦରେ ସେତିକି ଯୋଗାଇଦେବାକୁ ବ୍ୟୟବରାଦ ରଖାଯାଇନାହିଁ। ଯଦି ସରକାର ୫୦ କୋଟି ଟଙ୍କାରୁ ଅଧିକ ଅର୍ଥ ଉଠାଇବାକୁ ଚାହିଁବେ, ତେବେ ଅର୍ଥ ବିଭାଗର ମଞ୍ଜୁରୀ ଦରକାର। ହେଲେ ସେତିକି ଅର୍ଥ ଅଣ୍ଟିବ ନାହିଁ, ଯେଉଁଥିଲାଗି ସମସ୍ୟା ହୋଇଛି ବୋଲି ସେ କହିଛନ୍ତି।

# ଯାଜପୁର,ଗୋପାଳପୁର, କେନ୍ଦୁଝର ଗସ୍ତ କରନ୍ତୁ ମୋଦି: କଂଗ୍ରେସ


ଖବରଦାତା ସମ୍ମିଳନୀରେ ପିସିସି ସଭାପତି ଭକ୍ତ ଚରଣ ଦାସ ଓ ଦଳୀୟ ନେତୃବୃନ୍ଦ।

**ଭୁବନେଶ୍ୱର,୧୯।୬ (ରବିନାରାୟଣ ଜେନା)**

ରାଜ୍ୟରେ ନାରୀମାନେ ଅସୁରକ୍ଷିତ ଥିବାବେଳେ କଳକାରଖାନାର ଦୂଷିତ ଜଳ ହିଁ ନଦୀଜଳକୁ ପ୍ରଦୂଷିତ କରୁଛି। ୭ ଜିଲାରେ ହଇଜା ମାଡ଼ିବା ପରେ ଏବେ ରାଜଧାନୀକୁ ବ୍ୟାପିବାକୁ ବସିଛି। ଏଭଳି ଅବସ୍ଥାରେ କେଉଁ ସଫଳତାର ଡିଣ୍ଡିମ ପିଟିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ଆସୁଛନ୍ତି ପିସିସି ସଭାପତି ଭକ୍ତ ଚରଣ ଦାସ ପ୍ରଶ୍ନ କରିଛନ୍ତି। ଗୁରୁବାର କଂଗ୍ରେସଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଭକ୍ତ କହିଛନ୍ତି, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଫଳତା ବିରୋଧରେ ଶୁକ୍ରବାର କଂଗ୍ରେସ ପକ୍ଷରୁ ସକାଳ ୯ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ଅନଶନ କରାଯିବ। ତେବେ ଜୁଲାଇ ଦ୍ୱିତୀୟ ସପ୍ତାହରେ ରାହୁଲ ଗାନ୍ଧୀ, ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଏବଂ ଏଆଇସିସି ସାଧାରଣ ସମ୍ପାଦକ କେସି ଭେନୁଗୋପାଳ ଓଡ଼ିଶା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ଭୁବନେଶ୍ୱରରେ କଂଗ୍ରେସ ପକ୍ଷରୁ ବିଶାଳ ଜନସମାବେଶ

### ଜୁଲାଇ ଦ୍ୱିତୀୟ ସପ୍ତାହରେ ଓଡ଼ିଶା ଆସିବେ ରାହୁଲ: ଭକ୍ତ

ଆୟୋଜନ ଭକ୍ତ କହିଛନ୍ତି, ରାଜ୍ୟରେ ନାରୀମାନେ ଅସୁରକ୍ଷିତ ହୋଇପଡ଼ିଥିବା ବେଳେ ହଇଜା ଅଣାୟତ୍ତ ହେଲାଣି। ଏହିଭଳି ବିଭିନ୍ନ ଅଘଟଣକୁ ଏଆଇସିସି ଗୁରୁତ୍ୱର ସହ ନେଇଛି। ପ୍ରଥମତଃ ଗୋପାଳପୁର ଗଣବଳାତ୍କାର ଘଟଣାକୁ ଅନୁଧ୍ୟାନ ନିମନ୍ତେ ଏକ ୫ଜଣିଆ କମିଟି ଗଠନ ହୋଇଛି। ଖୁବ୍‌ଶୀଘ୍ର କମିଟି ଅନୁଧ୍ୟାନ କରିବା ପରେ ରିପୋର୍ଟ ସାର୍ବଜନୀନ କରାଯିବ। ସେହିପରି ପିସିସି ପକ୍ଷରୁ ସ୍ୱାସ୍ଥ୍ୟ ବ୍ୟବସ୍ଥା ଅନୁଧ୍ୟାନ ପାଇଁ ଏକ ୧୨ ଜଣିଆ କମିଟି ବିଧାୟକ ସିଏସ୍ ରାଜନ ଏକ୍କାଙ୍କ ନେତୃତ୍ୱରେ ଯାଜପୁର ଓ ଭଦ୍ରକ ଜିଲା ଗସ୍ତ କରିଛି । ଉକ୍ତ ଟିମ୍ ହଇଜା ପ୍ରଭାବିତ ଅଞ୍ଚଳର ସାଧାରଣ ଜନତାଙ୍କୁ ଭେଟି ରିପୋର୍ଟ ପ୍ରଦାନ କରିବେ।। ସେହିପରି ପୂର୍ବତନ ପିସିସି ସଭାପତି ଜୟଦେବ ଜେନାଙ୍କ ନେତୃତ୍ୱରେ ପିସିସି ପକ୍ଷରୁ ଏକ ଅନୁଧ୍ୟାନ ଟିମ୍ କେନ୍ଦୁଝର ଗସ୍ତ କରିବ। ଯଦି ପ୍ରଧାନମନ୍ତ୍ରୀ ଓଡ଼ିଶା ଗସ୍ତ କରୁଛନ୍ତି ତେବେ ଯାଜପୁର,ଗୋପାଳପୁର, କେନ୍ଦୁଝର ଗସ୍ତ କରି ପୀଡ଼ିତା ଓ ତାଙ୍କ ପରିବାରକୁ ଭେଟିବେ କି ବୋଲି ଭକ୍ତ ପ୍ରଶ୍ନ କରିଛନ୍ତି। ଖବରଦାତା ସମ୍ମିଳନୀରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ଓ ଏଆଇସିସି ସମ୍ପାଦକ ଶରତ ରାଉତ ନାରୀ ସୁରକ୍ଷା ଓ ଯାଜପୁରରେ ମହାମାରୀ ବ୍ୟାପିବାକୁ ନେଇ ସରକାରଙ୍କ ଉପରେ ବର୍ଷିଥିଲେ।

# ଏଆଇସିସି ଗଠନ କଲା ୫ଜଣିଆ ତଥ୍ୟ ଅନୁଧ୍ୟାନ କମିଟି

ଗୋପାଳପୁରରେ ଗଣବଳାତ୍କାର ଘଟଣା ସହିତ କେନ୍ଦୁଝର ହରିଚନ୍ଦନପୁରରେ ବଳାତ୍କାର ଓ ହତ୍ୟାକୁ ନେଇ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ୫ଜଣିଆ ତଥ୍ୟ ଅନୁସନ୍ଧାନକାରୀ ଦଳ ଗଠନ କରିଛନ୍ତି। ସେଥିରେ ପୂର୍ବତନ ମହିଳା କଂଗ୍ରେସ ସଭାନେତ୍ରୀ ଦୀପା ଦାସମୁନ୍‌ସୀ ଆବାହକ ରହିଥିବାବେଳେ ଏମ୍‌ପି ରଞ୍ଜିତ ରଞ୍ଜନ, ପ୍ରଣିତୀ ସିନ୍ଦେ, ଏସ୍ ଯୋଥିମନି ଓ ପୂର୍ବତନ ଜାତୀୟ ମହିଳା କଂଗ୍ରେସ ସଭାନେତ୍ରୀ ଶୋଭା ଓଜା ରହିଛନ୍ତି। ଉକ୍ତ କମିଟି ଓଡ଼ିଶାର ବିଭିନ୍ନ ଜିଲା ଗସ୍ତ ସହ ପରିସ୍ଥିତି ଅନୁଧ୍ୟାନ କରି ରିପୋର୍ଟ ଦାଖଲ କରିବାକୁ ଏଆଇସିସି ସାଧାରଣ ସଂପାଦକ କେ. ସି. ବେଣୁଗୋପାଳ ପ୍ରେସ ବିଜ୍ଞପ୍ତି ଜରିଆରେ କହିଛନ୍ତି।

# ନାରୀ ନିର୍ଯାତନାରେ ଓଡ଼ିଶା ଶୀର୍ଷରେ:ଅଲକା ଲାମ୍ବା

**ଭୁବନେଶ୍ୱର,୧୯।୬ (ରବିନାରାୟଣ ଜେନା)**

ନାରୀ ନିର୍ଯାତନାରେ ଓଡ଼ିଶା ଶୀର୍ଷରେ ବୋଲି ଅଖିଳ ଭାରତ ମହିଳା କଂଗ୍ରେସ ସଭାନେତ୍ରୀ ଅଲକା ଲାମ୍ବା କହିଛନ୍ତି। ଗୁରୁବାର ନୂଆଦିଲ୍ଲୀସ୍ଥିତ ଇନ୍ଦିରା ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅଲକା କହିଛନ୍ତି, ଓଡ଼ିଶାର ୧୧ ମାସର ରିପୋର୍ଟ କହୁଛି ପ୍ରତିଦିନ ରାଜ୍ୟରେ ୧୫ ମହିଳାଙ୍କ ବଳାତ୍କାର ମାମଲାର ରିପୋର୍ଟ ହେଉଛି। ଏହି ୧୧ ମାସରେ ୨୮,୦୦୦ ମହିଳା ଏବଂ ଝିଅ ବଳାତ୍କାରର ଶିକାର ହେଉଛନ୍ତି। ତେବେ ଭାଜପା ସରକାରରେ ଅପରାଧୀମାନେ ଏତେ ସାହସ କେଉଁଠାରୁ ପାଆନ୍ତି ବୋଲି ଅଲକା ପ୍ରଶ୍ନ କରିଛନ୍ତି । ଉକ୍ତ ସମ୍ମିଳନୀରେ କଟକ-ବାରବାଟୀ ବିଧାୟିକା ସୋଫିଆ ଫିର୍ଦ୍ଦୋସ, ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି ନାରୀ ନିର୍ଯାତନାକୁ ନେଇ ସରକାରଙ୍କ ଉପରେ ବର୍ଷିଥିଲେ।

# ଦିଲ୍ଲୀରେ କଂଗ୍ରେସ ଉଠାଇଥିବା କଥା ସଇତାନର ବେଦ ପାଠ ସଦୃଶ: ଭାଜପା

**ଭୁବନେଶ୍ୱର,୧୯।୬(ସୁନିତ୍ ମିଶ୍ର)**

ନାରୀ ସୁରକ୍ଷାକୁ ନେଇ କଂଗ୍ରେସ ଯେଉଁଭଳି ଭାବେ ଦିଲ୍ଲୀ ଦରବାରରେ ପ୍ରଶ୍ନ ଉଠାଇଛି ଏହା ସଇତାନର ବେଦପାଠ ସଦୃଶ ବୋଲି ଭାଜପା କହିଛି। ରାଜ୍ୟ କାର୍ଯ୍ୟାଳୟଠାରେ ଗୁରୁବାର ମୁଖପାତ୍ର ମନୋଜ ମହାପାତ୍ର ଏବଂ ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ଐଶ୍ୱର୍ଯ୍ୟା ବିଶ୍ୱାଳ ଏହା କହିଛନ୍ତି। ଏଥିସହ ସେମାନେ ସୂଚିତ କରିଛନ୍ତି ଯେ, ଓଡ଼ିଶା କଂଗ୍ରେସର ସଭାପତି ଭାବେ ଗତ ଫେବୃଆରୀରେ ଭକ୍ତ ଚରଣ ଦାସଙ୍କୁ ନିଯୁକ୍ତି ଦିଆଯାଇଥିଲା। ସେବେଠାରୁ ଦଳର ସଭାପତି ଦୌଡ଼ରେ ଅନ୍ୟ ଯେଉଁମାନେ ଥିଲେ ସେମାନେ ଭକ୍ତ ଦାସଙ୍କୁ ବିରୋଧକରି ଆସୁଛନ୍ତି। ଏବେ ବି ସେମାନଙ୍କ ମଧ୍ୟରେ ଏକ ପ୍ରକାର ପ୍ରତିଯୋଗିତା ଚାଲିଛି। ଏବେ ବାରବାଟୀ ବିଧାୟିକା ସୋଫିଆ ଫିର୍ଦ୍ଦୋସ ଏବଂ କଂଗ୍ରେସର ନାରୀ ନେତ୍ରୀ ଦିଲ୍ଲୀରେ ଖବରଦାତା ସମ୍ମିଳନୀ କରିବା ପରେ ଏହା ସ୍ପଷ୍ଟ ହୋଇଛି।



# ଡିଏଚ୍‌ଏଚ୍‌ରେ ନାହିଁ ଡାଇରିଆ ୱାର୍ଡ

**ଖୋର୍ଦ୍ଧା, ୧୯।୬ (ପ୍ରଭାତ ପାଣିଗ୍ରାହୀ)**

- ଚିରାଫଟା ଶଯ୍ୟାରେ ଚିକିତ୍ସିତ ହେଉଛନ୍ତି ରୋଗୀ
- ବିକ୍ରି ହେଉଛି ବାସିଖାଦ୍ୟ, ଚଢ଼ାଉ ହେଉନି

ରାଜ୍ୟର ୫ ଜିଲାରେ ଝାଡ଼ାବାନ୍ତି ବ୍ୟାପିଥିବା ବେଳେ ଯାଜପୁର ଆଗରେ ରହିଛି। ବିଶେଷକରି ଦୂଷିତ ପାଣିରୁ ଝାଡ଼ାବାନ୍ତି ବ୍ୟାପୁଛି ବୋଲି କେନ୍ଦ୍ରୀୟ ଦଳ ସ୍ପଷ୍ଟ କରିଛନ୍ତି। ଅନ୍ୟପଟେ ବାସି ଖାଦ୍ୟ ମଧ୍ୟ ଝାଡ଼ାବାନ୍ତିର ଅନ୍ୟତମ କାରଣ ବୋଲି ବିଶେଷଜ୍ଞଙ୍କ ମତ ରହିଛି। ଏନେଇ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଫୁଟପାଥ ବିକ୍ରି ହେଉଥିବା ଖାଦ୍ୟ, ହୋଟେଲ, ରେଷ୍ଟୁରାଣ୍ଟ, ମେଳା ଆଦି ସ୍ଥାନରେ ଚଢ଼ାଉ ପାଇଁ ରାଜ୍ୟ ସରକାର ସମସ୍ତ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଖୋର୍ଦ୍ଧା ଜିଲାରେ ଏହା ପ୍ରହସନ ପାଲଟିଛି। ଏ ଦିଗରେ ପ୍ରଶାସନ ପକ୍ଷରୁ ସେଭଳି କୌଣସି ଗୁରୁତ୍ୱ ଦିଆଯାଉ ନ ଥିବା ସାଧାରଣରେ ଅଭିଯୋଗ ହୋଇଛି। ୨୦ଜଣରୁ ଊର୍ଦ୍ଧ୍ୱ ଡାଇରିଆରେ ଆକ୍ରାନ୍ତ ହୋଇ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ(ଡିଏଚ୍‌ଏଚ୍)ରେ ଚିକିତ୍ସିତ ହେଉଛନ୍ତି। ତେବେ ଦୈନିକ ଏହାର ସଂଖ୍ୟା ବଢ଼ିଚାଲିଛି। ଅନ୍ୟପଟେ ଜିଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱତନ୍ତ୍ର ଡାଇରିଆ ୱାର୍ଡ ଖୋଲାଯାଇ ନ ଥିବା ବେଳେ ଅଂଶୁଘାତ ୱାର୍ଡରେ ରୋଗୀଙ୍କୁ ଚିକିତ୍ସା କରାଯାଉଛି। ଶଯ୍ୟା ଅଭାବ ଏବଂ ସ୍ୱଚ୍ଛତାକୁ ଦୃଷ୍ଟିରେ ରଖି ଅଧିକାଂଶ ରୋଗୀ ବହିଃବିଭାଗରେ ଡାକ୍ତରଙ୍କ ପରାମର୍ଶ ନେଇ ଘରକୁ ଫେରିଯାଉଥିବା ଜଣାପଡ଼ିଛି। ଜିଲାର ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ସମାନ ଦୃଶ୍ୟ ରହିଛି। ଯଦିଓ ଖୋର୍ଦ୍ଧା ଜିଲାରେ ଡାଇରିଆ ରୋଗୀଙ୍କ ସଂଖ୍ୟା ଉପରୋକ୍ତ ଜିଲା ଭଳି ବଢିନଥିବା ବେଳେ ଆଗକୁ ସଂଖ୍ୟା ବଢିବା ଆଶଙ୍କା କରାଯାଇଛି। ଏଥିଲାଗି ସ୍ୱାସ୍ଥ୍ୟ ବିଭାଗ ଏବଂ ଜିଲା ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯିବା ଜରୁରି ହୋଇପଡ଼ିଛି ବୋଲି ବରିଷ୍ଠ ଖବରଦାତା ଦିଲୀପ ପଟ୍ଟନାୟକ କହିଛନ୍ତି। ସେ କହିଛନ୍ତି ଯେ, ରୋଗୀ ଚିରାଫଟା ଶଯ୍ୟାରେ ଶୋଉଛନ୍ତି। ବେଡଶିଟ ପରିବର୍ତ୍ତନ କରାଯାଉନାହିଁ। ସେହିଭଳି କଂଗ୍ରେସ ମୁଖପାତ୍ର ଅମିତ ମହାନ୍ତି କୁହନ୍ତି, ଜିଲା ମୁଖ୍ୟ ଚିକିତ୍ସାଳୟକୁ ଦୈନିକ ୫ରୁ ୧୦ ଡାଇରିଆ ରୋଗୀ ଚିକିତ୍ସା ପାଇଁ ଆସୁଥିବା ବେଳେ ସେମାନଙ୍କୁ ମେଡିକାଲରେ ଚିକିତ୍ସା ସୁବିଧା ଉପଲବ୍ଧ ନ ଥିବା କୁହାଯାଉଥିବା ଶୁଣିବାକୁ ମିଳୁଛି। ସେହିଭଳି ବିଜେଡି ଯୁବନେତା ଅବ୍ୟକ୍ତ ହରିହର ଖାଡଙ୍ଗା କୁହନ୍ତି, ଡାଇରିଆ ରୋଗୀଙ୍କ ସଂଖ୍ୟା ବଢୁଥିବା ବେଳେ ଜିଲା ପ୍ରଶାସନ ସେଭଳି ତତ୍ପର ଥିବା ମନେହେଉନାହିଁ। ଶ୍ରୀରାମ ନଗରରେ ପାଇପ ଫାଟି ପାଣି ବହାରୁଥିବା ନେଇ ଅଭିଯୋଗ ସତ୍ତ୍ୱେ ବିଭାଗ ପକ୍ଷରୁ କୌଣସି ଗୁରୁତ୍ୱ ଦିଆଯାଉନାହିଁ ବୋଲି ସ୍ଥାନୀୟ ବାସିନ୍ଦା ଗୋପାଳ ଦାସ କହିଛନ୍ତି। ସାମାଜିକ କର୍ମୀ ପ୍ଲାବନ ପଟ୍ଟନାୟକ ଖୋର୍ଦ୍ଧା ସହରରେ ବାସି ଖାଦ୍ୟ ବିକ୍ରି ହେଉଛି। ଏକାଧିକ ଜଳଖିଆ ଦୋକାନ, ହୋଟେଲ, ରେଷ୍ଟୁରାଣ୍ଟରେ ବାସିଖାଦ୍ୟକୁ ଫ୍ରିଜରେ ରଖାଯାଇ ପରବର୍ତ୍ତି ସମୟରେ ବ୍ୟବହାର କରାଯାଉଥିବା ଜଣାପଡ଼ିଛି। ହେଲେ ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ପକ୍ଷରୁ ଚଢ଼ାଉ କରାଯାଉ ନାହିଁ। ଜିଲା କଂଗ୍ରେସ ସଭାପତି ରାଜୀବ ପଟ୍ଟନାୟକ କୁହନ୍ତି, ଚାରିଆଡେ ଡାଇରିଆ ବ୍ୟାପୁଥିବା ବେଳେ ଜିଲା ପ୍ରଶାସନ ଏହାକୁ ହାଲୁକା ଭାବେ ନେଉଛି ବୋଲି ଅଭିଯୋଗ କରିଛନ୍ତି। ଏପରିକି ଖୋର୍ଦ୍ଧାରେ ଆୟୋଜିତ ଜିଲା କଂଗ୍ରେସ ସମ୍ମିଳନୀରେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଏଥିପ୍ରତି ଜିଲା ପ୍ରଶାସନ ଗୁରୁତ୍ୱ ଦେଇ ଏଥିପ୍ରତି ସଜାଗ ରହିବାକୁ ପରାମର୍ଶ ଦେଇଛନ୍ତି। ଅନ୍ୟପଟେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଏଥିପ୍ରତି ଗୁରୁତ୍ୱ ଦିଆଯିବ ବୋଲି ଏଡିଏମଓ(ପରିବାର କଲ୍ୟାଣ) ଡାକ୍ତର ବିଶ୍ୱମୋହନ ପାଢୀ କହିଛନ୍ତି। ସେହିପରି ଜିଲାପାଳ ଚଞ୍ଚଳ ରାଣା କହିଛନ୍ତି ଯେ, ଜିଲାର ବିଭିନ୍ନ ସ୍ଥାନରେ ଖାଦ୍ୟ ସୁରକ୍ଷା ସ୍କ୍ୱାଡ୍ ପକ୍ଷରୁ ଚଢ଼ାଉ କରାଯାଉଛି। ଏଥିସହ ଲୋକଙ୍କୁ ସଚେତନ କରାଯାଉଛି।



ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ଦିଆଯାଉନାହିଁ।





ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅଭିଜ୍ଞାନ



@ ଅସିତ୍




@ ଗୋବିନ୍ଦଚନ୍ଦ୍ର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବା।


## ସଂକ୍ଷେପରେ

### ୮ ଫୁଟର ଅଜଗର ଉଦ୍ଧାର

**ବାରଙ୍ଗ, ୧୯।୬ (ଲିଙ୍ଗରାଜ ରାଉତ):** ଗୋଡ଼ିସାହି ଫାଣ୍ଡି ଅଧୀନ ବିଦ୍ୟାଧରପୁର ଅଗିଲୋସ୍ଥିତ ଓମ୍‌ଫେଡ କମ୍ପାନୀ ସମ୍ମୁଖ ରାସ୍ତା କଡ଼ରୁ ଗୁରୁବାର ରାତି ୮ଟା ୩୦ ସମୟରେ ପ୍ରାୟ ୮ ଫୁଟ ଲମ୍ବର ଏକ ଅଜଗର ସାପକୁ ଉଦ୍ଧାର କରାଯାଇଛି। ପ୍ରାୟ ୧୦ କେଜିରୁ ଊର୍ଦ୍ଧ୍ୱ ଓଜନ ବିଶିଷ୍ଟ ଏହି ଅଜଗର ସାପଟି ରାସ୍ତା ପାର ହେଉଥିଲା। ଏହି ସମୟରେ ସେହି ବାଟରେ ଯାଉଥିବା ସ୍ଥାନୀୟ ଗ୍ରାମର କେତେଜଣ ଯୁବକ ଦେଖି ବନ ବିଭାଗ ସହ ସ୍ନେକ ହେଲ୍ପଲାଇନକୁ ସୂଚନା ଦେଇଥିଲେ। ପରେ ନିକଟସ୍ଥ ୨ ଜଣ ସ୍ନେକ ହେଲ୍ପଲାଇନ ସଦସ୍ୟ ଆସି ସାପଟିକୁ ଉଦ୍ଧାର କରି ସୁରକ୍ଷିତ ଭାବେ ନିକଟସ୍ଥ ଜଙ୍ଗଲରେ ଛାଡ଼ିଥିବାର ଜଣାପଡ଼ିଛି।

### ଭିଙ୍ଗାରପୁର-କୁରାଙ୍ଗ ପ୍ରଧାନ ରାସ୍ତାର ଉନ୍ନତୀକରଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ

**ବାଲିଅନ୍ତା, ୧୯।୬ (ନୀଳମାଧବ ସାହୁ):** ବାଲିଅନ୍ତା ବ୍ଲକ ଭିଙ୍ଗାରପୁର ପଞ୍ଚାୟତର ଭିଙ୍ଗାରପୁର-କୁରାଙ୍ଗ ପ୍ରଧାନ ଆର୍‌ଡି ରାସ୍ତାର ଉନ୍ନତିକରଣ କାର୍ଯ୍ୟ ପାଇଁ ଗୁରୁବାର ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଯୋଗଦେଇ ଏହି ରାସ୍ତା କାର୍ଯ୍ୟ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ଅବସରରେ ଭିଙ୍ଗାରପୁର ଚୌଧୁରୀ ସାହି ନଦୀ ଗଡ଼ା ନିକଟରେ ଏକ ସଭା ପୂର୍ବତନ ଜିଲା ପରିଷଦ ସଭ୍ୟ ତଥା ଭାଜପା ନେତା ଚୌଧୁରୀ ଦ୍ୱାରିକାନାଥ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଏମ୍‌ପି ତାଙ୍କ ଅଭିଭାଷଣରେ ଏହି ଅଞ୍ଚଳର ଯାହା କିଛି କାମ ଅଛି, ତାହାକୁ ବହୁଶୀଘ୍ର କରାଯିବ। ସମସ୍ତଙ୍କୁ ନେଇ ଚାଲିବା, ସମସ୍ତଙ୍କ ସହିତ ମିଶି ରହିବାର ଅଛି ବୋଲି ସେ କହିଥିଲେ। ସଭାରେ ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀ ତ୍ରିଲୋଚନ ନାୟକ ଯୋଗଦେଇ ଏହି ରାସ୍ତା ଉଭୟ କଟକ-ଖୋର୍ଦ୍ଧା ଜିଲା ଭିତରେ ଯୋଗସୂତ୍ର ସ୍ଥାପନ ଦିଗରେ ସହାୟକ ହେବ। ଏହି ୨୩୦୦ ମିଟର ଲମ୍ବ ରାସ୍ତା ନିର୍ମାଣ ପାଇଁ ୨ କୋଟି ୬୦ ଲକ୍ଷ ୨୫ ହଜାର ବ୍ୟୟ ବରାଦ ହେବ ବୋଲି ଏମ୍‌ପି କହିଥିଲେ। ସଭାରେ ଅନ୍ୟମାନଙ୍କ ମଧ୍ୟରେ ଅଶୋକ କୁମାର ପଟ୍ଟନାୟକ, ରୀମା ପାଣି, ସୁର ରାୟ, ଶିବ ମଲ୍ଲିକ, ମାଗୁଣି ସେଠୀ, ସଞ୍ଜୟ ତ୍ରିପାଠୀ, ସଞ୍ଜୟ ପରିଡ଼ା, ବିଜୟ କୁମାର ମହାରଣା ଓ ତାପସ ଜେନା ଉପସ୍ଥିତ ଥିଲେ।

# ଡାଇରିଆ ନିରାକରଣ ସଚେତନତା କାର୍ଯ୍ୟକ୍ରମ




**ଖୋର୍ଦ୍ଧା, ୧୯।୬ (ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ବ୍ଲକ ହଳଦିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅନ୍ତର୍ଗତ ଟାଙ୍ଗିଆପଡା ପଞ୍ଚାୟତ ଉଇଲ୍‌କିଶନ ନଗର ଗ୍ରାମରେ ଡାଇରିଆ ନିରାକରଣ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ମହିଳା ଗୋଷ୍ଠୀ ସଦସ୍ୟ, ସ୍ଥାନୀୟ ସ୍ୱେଚ୍ଛାସେବୀ, ଯୁବଗୋଷ୍ଠୀ ଯୋଗଦେଇ ସଚେତନତା ବାର୍ତ୍ତା ଦେଇଥିଲେ। ବର୍ତ୍ତମାନ ବର୍ଷାଦିନ ଯୋଗୁ ଚାରିଆଡ଼େ ମଶା, ମାଛିଙ୍କ ବଂଶ ବୃଦ୍ଧି ପାଉଛି। ଗାଁ ଗହଳିରେ କୂଅ, ପୋଖରୀରେ ବର୍ଷାଜଳ ଭର୍ତ୍ତି ହେଉଛି। ଏହାକୁ ବ୍ୟବହାର କଲେ ଡାଇରିଆ ଭଳି ରୋଗ ବ୍ୟାପିବା ସମ୍ଭାବନା ରହିଛି। ସାମାଜିକ କର୍ମୀ ଗୋପାଳ ପ୍ରଧାନ ଡାଇରିଆରୁ କିଭଳି ରକ୍ଷା ପାଇବ, ବିଶେଷକରି ଡାଇରିଆ ରୋଗର ଲକ୍ଷଣ ଓ ତା'ର ନିରାକରଣ ନେଇ କ'ଣ ପଦକ୍ଷେପ ନିଆଯିବ ତାହା ଉପରେ ଉପସ୍ଥିତ ଲୋକଙ୍କୁ ବୁଝାଇଥିଲେ। ପ୍ରତିଦିନ ଅଧଘଣ୍ଟା ଫୁଟା ଯାଇଥିବା ପାଣିକୁ ବ୍ୟବହାର କରିବା, ଖାଦ୍ୟ ପ୍ରସ୍ତୁତ ପୂର୍ବରୁ ଓ ଖାଦ୍ୟ ଖାଇବା ପୂର୍ବରୁ ଓ ଶୌଚ ପରେ ସାବୁନରେ ଭଲଭାବେ ହାତ ଧୋଇବା, ଘର ଚାରିପାଖେ ଥିବା ଅନାବନା ଗଛ କାଟି ସଫା ରଖିବା, କୌଣସି ଜୀବଜନ୍ତୁଙ୍କୁ ଛୁଇଁଲେ ବା ଧରିଲେ ଭଲଭାବେ ହାତ ଧୋଇବା ଏବଂ ଝାଡା, ବାନ୍ତି ହେଲେ ଓଆରଏସ୍ ସେବନ କରିବା, ଆବଶ୍ୟକ ହେଲେ ସ୍ଥାନୀୟ ଡାକ୍ତରଖାନା ଯାଇ ଚିକିତ୍ସା କରିବା ନିହାତି ଜରୁରୀ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ସୁରେଶ ଚନ୍ଦ୍ର ସାମନ୍ତରାୟ, ବିଚିତ୍ରା ନନ୍ଦ ବିଶ୍ୱାଳ, ସଞ୍ଜୟ ସାହୁ, ପ୍ରଭାକର ସାହୁ, ଚରଣ ପ୍ରଧାନ, ଚିତ୍ତରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ଶିକ୍ଷା ବଳିଷ୍ଠ ମାଧ୍ୟମ

- ଜନଜାତି ଛାତ୍ରୀଛାତ୍ରଙ୍କ ସହ ଭାବବିନିମୟ କଲେ ରାଜ୍ୟପାଳ

**ଭୁବନେଶ୍ୱର, ୧୯।୬ (ସୁଚିସ୍ମିତା ସାହୁ):** ପ୍ରତ୍ୟେକ ଛାତ୍ରୀଛାତ୍ର ଜୀବନରେ ଲକ୍ଷ୍ୟ ରଖିବା ଉଚିତ। ଶିକ୍ଷା ହିଁ ଜୀବନର ଲକ୍ଷ୍ୟସ୍ଥଳରେ ପହଞ୍ଚିବାର ପ୍ରମୁଖ ମାଧ୍ୟମ ବୋଲି ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ପ୍ରକାଶ କରିଛନ୍ତି। ଗୁରୁବାର ଜନଜାତି ବିଦ୍ୟାର୍ଥୀ ଅନୁଭବ ଅଧ୍ୟୟନ ଯାତ୍ରାରେ ସାମିଲ ହୋଇଥିବା ଛାତ୍ରୀଛାତ୍ରଙ୍କ ସହ ରାଜଭବନର ଅଭିଷେକ ହଲରେ ଭାବ ବିନିମୟ କରିବା ଅବସରରେ ରାଜ୍ୟପାଳ ଏହା କହିଛନ୍ତି। ରାଜ୍ୟ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମ ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ୧୪ଟି ଜିଲାର +୨, ସ୍ନାତକ ଏବଂ ସ୍ନାତକୋତ୍ତରସ୍ତରରେ ଅଧ୍ୟୟନ କରୁଥିବା ୭୨ ଜଣ ଛାତ୍ରୀଛାତ୍ର ସାମିଲ ହୋଇଛନ୍ତି। ଏଯାବତ ରାଜ୍ୟ ସଂଗ୍ରହାଳୟ, ଉତ୍କଳ ବିଶ୍ୱବିଦ୍ୟାଳୟ, ଓଡ଼ିଶା ବିଧାନ ସଭା, କଳିଙ୍ଗ ଷ୍ଟାଡିୟମ, ଆଇଆଇଟି ଭୁବନେଶ୍ୱର ଏବଂ ଏସ୍‌ଡିଆଇ ପରିଦର୍ଶନ କରି ପ୍ରତ୍ୟକ୍ଷ ଜ୍ଞାନ ଆହରଣ କରିଛନ୍ତି। ଛାତ୍ରୀଛାତ୍ରୀଙ୍କ ସହ ରାଜ୍ୟପାଳ ଭାବବିନିମୟ କରିବା ଅବସରରେ ସେମାନଙ୍କ ବିକାଶ ପାଇଁ ଉଦ୍ଦିଷ୍ଟ ଶିକ୍ଷାଗତ ଓ କଲ୍ୟାଣକାରୀ ଯୋଜନା ବିଷୟରେ ସେମାନେ ସଚେତନ ଅଛନ୍ତି କି ନାହିଁ ରାଜ୍ୟପାଳ ପଚାରି ବୁଝିଥିଲେ। ବିଶେଷ ଭାବେ ପିଏମ୍‌ଜେଜେବିୱାଇ, ପିଏମ୍‌ଏସ୍‌ବିୱାଇ, ପେସା ଏବଂ ଜଙ୍ଗଲ ଅଧିକାର ଅଧିନିୟମ ଭଳି ଅନେକ ଲୋକାଭିମୁଖୀ ଯୋଜନା/କାର୍ଯ୍ୟକ୍ରମର ଉଦାହରଣ ଦେଇ ଛାତ୍ରୀଛାତ୍ରମାନେ ଏ ସମ୍ପର୍କରେ ଭଲ ଭାବେ ବୁଝିବା ସହିତ ଅନ୍ୟମାନଙ୍କୁ ବୁଝାଇବା ଦରକାର। ଶିକ୍ଷାନୁଷ୍ଠାନ ଏବଂ ସରକାରୀ ଚାକିରୀରେ ଅନୁସୂଚିତ ଜନଜାତିଙ୍କ ପାଇଁ ଉପଲବ୍ଧ ସଂରକ୍ଷଣ ବ୍ୟବସ୍ଥା ଉପରେ ଭଲ ଭାବେ ଜାଣିବା ପାଇଁ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ଅନୁସୂଚିତ ଜନଜାତିଙ୍କ ଅଧିକାର ଏବଂ କଲ୍ୟାଣ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ସରକାରୀ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ସଚେତନ ହୋଇ ଅନ୍ୟମାନଙ୍କୁ ସଚେତନ କରାଇପାରିଲେ ସମ୍ପ୍ରଦାୟର ପ୍ରଭୂତ ଉନ୍ନତି ହୋଇପାରିବ ବୋଲି ରାଜ୍ୟପାଳ କହିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ଜନଜାତି ବିଦ୍ୟାର୍ଥୀ ଅନୁଭବ ଅଧ୍ୟୟନ ଯାତ୍ରା ସମ୍ପର୍କରେ ସେମାନଙ୍କ ଅଭିଜ୍ଞତା ବାଣ୍ଟିଥିଲେ।

# ମୁକ୍ତ ମଞ୍ଚ ନାଟକ ପ୍ରତିଯୋଗିତାରେ ଗୋବିନ୍ଦପୁର ପ୍ରଥମ

### କୁହୁଡ଼ି ରଜ ମହୋତ୍ସବ ଉଦ୍‌ଯାପିତ

**ଟାଙ୍ଗୀ, ୧୯।୬ (ରଘୁନାଥ ସାହୁ)**



ରଜ ମହୋତ୍ସବ ଉଦ୍‌ଯାପନୀ ଦିବସରେ ଅତିଥିଙ୍କ ସହ ଅନ୍ୟମାନେ।

ଟାଙ୍ଗୀ ବ୍ଲକ କୁହୁଡ଼ି ପଞ୍ଚାୟତ ସମ୍ମୁଖ ରଜ ପଡ଼ିଆରେ ମା' ବ୍ୟାଘ୍ର ଦେବୀ ସାଂସ୍କୃତିକ ପରିଷଦ ପକ୍ଷରୁ ଚାଲିଥିବା ରଜ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। କମିଟି ସମ୍ପାଦକ ଶ୍ରୀମନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ଅତିଥିଭାବେ ସମାଜସେବୀ ଡ. ସଞ୍ଜୟ ପଟ୍ଟନାୟକ, ସଙ୍ଗୀତଜ୍ଞ ତାନସେନ ସିଂ, ସମାଜସେବୀ ଶରତ ପଟ୍ଟନାୟକ, ପୂର୍ବତନ ସରପଞ୍ଚ ଜୟଦେବ ବେହେରା, ପୂର୍ବତନ ରଜ କମିଟି ସଭାପତି ବାସୁଦେବ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ଚାରିଦିନ ଧରି ଚାଲିଥିବା ରାଜ୍ୟସ୍ତରୀୟ ମୁକ୍ତ ନାଟକ ପ୍ରତିଯୋଗିତାରେ କୁଜଙ୍ଗସ୍ଥିତ ଗୋବିନ୍ଦପୁରର ମା'ମଙ୍ଗଳା ପପି ୟଙ୍ଗଷ୍ଟାରର ମଞ୍ଚସ୍ଥ ସାମାଜିକ ନାଟକ 'ହା କୃଷ୍ଣ ବୋଲି ଯାଉ ଜୀବ' ପ୍ରଥମ ସ୍ଥାନ, ପାରାଦୀପ କଳାମଞ୍ଚର ସାମାଜିକ ନାଟକ 'ଅଦେଖା ଲୁହ' ଦ୍ୱିତୀୟ ଏବଂ ଜଗତ୍‌ସିଂହପୁରର ମଞ୍ଜୁଳ କଳା ସଙ୍ଗଠନର ସାମାଜିକ ନାଟକ 'ଏ ଆଖି କାନ୍ଦୁଛି ତୋରି ପାଇଁ' ତୃତୀୟ ସ୍ଥାନ ହାସଲ କରିଥିଲା। ବିଭିନ୍ନ ସାଂସ୍କୃତିକ ଦଳ, ପଞ୍ଚାୟତର ମାତ୍ରିକ ଟପ୍ପରଙ୍କ ସମେତ ରଜ ମହୋତ୍ସବରେ ସକ୍ରିୟ ସହଯୋଗକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ କଟକର ସଙ୍ଗମ ମେଲୋଡି ପରିବେଷଣ ହୋଇଥିଲା। ଚଳିତବର୍ଷ ଶାନ୍ତିଶୃଙ୍ଖଳା ସହିତ ରଜ ମହୋତ୍ସବକୁ ସହଯୋଗ କରିଥିବା ସ୍ଥାନୀୟ ଗ୍ରାମବାସୀ, ଆରକ୍ଷୀ ବାହିନୀ, ବିଦ୍ୟୁତ୍ ବିଭାଗ ସମେତ ଶୁଭେଚ୍ଛୁଙ୍କୁ ଅନୁଷ୍ଠାନର ସଭାପତି ପ୍ରିୟମ୍ବଦା ବେହେରା କୃତଜ୍ଞତା ଜଣାଇଛନ୍ତି।

# 'ବିଦ୍ୟାଳୟ ପରିସର ସ୍ୱଚ୍ଛତା ନିଶ୍ଚିତ କର'

**ଭୁବନେଶ୍ୱର, ୧୯।୬ (ସୁଚିସ୍ମିତା ସାହୁ)**

ଖରାଛୁଟିର ଲମ୍ବା ବ୍ୟବଧାନ ପରେ ରାଜ୍ୟର ସମସ୍ତ ସ୍କୁଲ ଶୁକ୍ରବାର ଖୋଲିବ। ବର୍ଷାଋତୁକୁ ଦୃଷ୍ଟିରେ ରଖି ପିଲାଙ୍କ ସ୍ୱାସ୍ଥ୍ୟ ପ୍ରତି ଅଧିକ ଧ୍ୟାନ ଦିଆଯାଉଛି। ଛାତ୍ରୀଛାତ୍ରମାନେ ଯେପରି ପାନୀୟଜଳ କିମ୍ବା ଭେକ୍ଟରଜନିତ ରୋଗରେ ସଂକ୍ରମଣ ନ ହେବେ ସେଥିପ୍ରତି ଅଧିକ ଧ୍ୟାନ ଦେବାକୁ ପରାମର୍ଶ ଦିଆଯାଇଛି। ବିଦ୍ୟାଳୟ ପରିବେଶର ସ୍ୱଚ୍ଛତା ନିଶ୍ଚିତ କରିବାକୁ ସମସ୍ତ ଜିଲାପାଳମାନଙ୍କୁ ଚିଠି ଲେଖି ବିଭାଗୀୟ କମିଶନର ତଥା ସଚିବ ଶାଳିନୀ ପଣ୍ଡିତ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତ୍ୟେକ ଜିଲାର ସ୍କୁଲ ଓ ଛାତ୍ରାବାସଗୁଡ଼ିକରେ ରହୁଥିବା ଛାତ୍ରୀଛାତ୍ରଙ୍କ ସୁରକ୍ଷାକୁ ଅଧିକ ଧ୍ୟାନ ଦିଆଯିବା ସହ ସେମାନଙ୍କ ଶୈକ୍ଷିକ କାର୍ଯ୍ୟକଳାପକୁ ସୁଗମ ଭାବେ ପରିଚାଳନା ବ୍ୟବସ୍ଥା କରାଯାଉ। ବିଦ୍ୟାଳୟ ଖୋଲିବା ପୂର୍ବରୁ ଶ୍ରେଣୀଗୃହ, କାର୍ଯ୍ୟାଳୟ କୋଠରି, ପରୀକ୍ଷାଗାର, ପାଠାଗାର, ଶୌଚାଳୟ, ଛାତ୍ରାବାସ, ରୋଷେଇ ଘର, ଭୋଜନାଳୟ, ସ୍ନାନାଗାର, ଷ୍ଟୋରରୁମ୍ ଇତ୍ୟାଦି ସମେତ ସ୍କୁଲ ଏବଂ ଛାତ୍ରାବାସ ପରିସରକୁ ଭଲ ଭାବେ ସଫା କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ତାଲିମ ଶିବିର



**କୃଷ୍ଣପ୍ରସାଦ, ୧୯।୬ (କୈଳାସ ଚନ୍ଦ୍ର ପଟ୍ଟନାୟକ)**

କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ୪୩ଟି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳି ପରିସରରେ ଗୁରୁବାର ବିପର୍ଯ୍ୟୟ ମୁକାବିଲା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ପକ୍ଷରୁ ନୋଡାଲ ଏନ୍‌ଜିଓ ସହଯୋଗରେ ଏହି ଶିବିର ହୋଇଥିଲା। ବନ୍ୟା, ବାତ୍ୟା, ବିଜୁଳି, ଘଡ଼ଘଡ଼ି ଭଳି ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ସମୟରେ କିଭଳି ଏହାର ମୁକାବିଲା କରାଯିବ ଏବଂ କିଭଳି କମ୍‌ରୁ କମ୍ ଧନଜୀବନ ପ୍ରଭାବିତ ହେବ ସେନେଇ ତାଲିମ ପ୍ରଦାନ କରାଯାଇଛି। ଶିବିରରେ ବାତ୍ୟା ଆଶ୍ରୟସ୍ଥଳୀ ପରିଚାଳନା କମିଟି ସଦସ୍ୟ, ଉଦ୍ଧାରକାରୀ ଦଳ, ପଞ୍ଚାୟତ ପ୍ରତିନିଧି, ଗ୍ରାମର ବୁଦ୍ଧିଜୀବୀ ଅଂଶଗ୍ରହଣ କରିଥିଲେ। ବିଡିଓ ଅମିୟ କୁମାର ପଣ୍ଡା, ସହକାରୀ ନିର୍ବାହୀ ଯନ୍ତ୍ରୀ ତୀର୍ଥ ତଥାଗତ ଆଇଚ, ମୁଖ୍ୟ କିରାଣି ପୂର୍ଣ୍ଣ ଚନ୍ଦ୍ର କାଣ୍ଡି, ବରିଷ୍ଠ କିରାଣି ଜିତେନ୍ଦ୍ର କୁମାର ପାତ୍ର, ସିପି ପ୍ରଭାତ କୁମାର ଜେନା, ବିତ୍ତ ଅଧିକାରୀ ମହେନ୍ଦ୍ର ରଞ୍ଜନ ସାହୁ ପ୍ରମୁଖ ବିଭିନ୍ନ ଶିବିର ପରିଦର୍ଶନ କରିଥିଲେ। ନୋଡାଲ ଏନ୍‌ଜିଓ ସମ୍ପାଦକ ରବୀନ୍ଦ୍ର କୁମାର ନାୟକ, ନୋଡାଲ ଏନ୍‌ଜିଓ ପ୍ରକଳ୍ପ ସଂଯୋଜକ ଏନ୍.ସମୀର କୁମାର ପ୍ରମୁଖ ତାଲିମ ପ୍ରଦାନ କରିଥିଲେ। କୃଷ୍ଣପ୍ରସାଦ ପଞ୍ଚାୟତର ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ପରିସରରେ ଆୟୋଜିତ ଶିବିରକୁ ସରପଞ୍ଚ ଇତିଶ୍ରୀ ସିଂହ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଶ୍ରୟସ୍ଥଳୀ ପରିଚାଳନା କମିଟି ସମ୍ପାଦକ ପଞ୍ଚାନନ ସିଂହ, ପୂର୍ବତନ ସମିତିସଭ୍ୟ ଜିତେନ୍ଦ୍ର କୁମାର ବିଶ୍ୱାଳଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଏମ୍‌ସ ଭୁବନେଶ୍ୱରକୁ ମିଳିବ ସିକଲ୍‌ସେଲ ରୋଗ ପରିଚାଳନା ଉତ୍କର୍ଷ କେନ୍ଦ୍ର ମାନ୍ୟତା

**ଭୁବନେଶ୍ୱର, ୧୯।୬ (ଅନୁରାଧା ମହାରଣା)**

### '୨.୧୦ ଲକ୍ଷ ଲୋକ ସିକଲ୍ ସେଲ୍ ରୋଗରେ ଆକ୍ରାନ୍ତ'

ସିକଲସେଲ୍ (ରକ୍ତଶିକୁଳି) ରୋଗର ଅତ୍ୟାଧୁନିକ ଚିକିତ୍ସା ଏବଂ ଏହି କ୍ଷେତ୍ରରେ ଉଚ୍ଚତର ଗବେଷଣା ନିମନ୍ତେ ଏମ୍‌ସ ଭୁବନେଶ୍ୱରକୁ ଉତ୍କର୍ଷତା କେନ୍ଦ୍ର (ସେଣ୍ଟର୍ ଅଫ ଏକ୍ସଲେନ୍ସ) ମାନ୍ୟତା ପ୍ରଦାନ କରାଯିବ। ଗୁରୁବାର ଏମ୍‌ସ ଭୁବନେଶ୍ୱରରେ ଆୟୋଜିତ ବିଶ୍ୱ ସିକଲସେଲ ସଚେତନତା ଦିବସ ପାଳନ କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଏହି ଘୋଷଣା କରିଛନ୍ତି। ଓଡ଼ିଶା ସମେତ ପଡ଼ୋଶୀ ରାଜ୍ୟର ରକ୍ତଶିକୁଳି ରୋଗୀଙ୍କୁ ସାମଗ୍ରିକ ଚିକିତ୍ସା ପ୍ରଦାନ କରିବାରେ ଏମ୍‌ସ ଭୁବନେଶ୍ୱର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ସେଣ୍ଟର ଅଫ୍ ଏକ୍ସଲେନ୍ସ ମାନ୍ୟତା, ସିକଲସେଲ ରୋଗରେ ଉନ୍ନତ ଗବେଷଣା ଏବଂ ଗୁଣାତ୍ମକ ଚିକିତ୍ସା ପ୍ରଦାନରେ ଏମ୍ସ ଭୁବନେଶ୍ୱରକୁ ଆହୁରି ଦୃଢ଼ କରିବ ବୋଲି କେନ୍ଦ୍ରମନ୍ତ୍ରୀ ଓରାମ କହିଛନ୍ତି। ୨୦୪୭ ସୁଦ୍ଧା ସିକଲ ସେଲ ଆନିମିଆକୁ ସମ୍ପୂର୍ଣ୍ଣ ଦୂର କରିବା ପାଇଁ ଲକ୍ଷ୍ୟ ରଖାଯାଇଥିବାବେଳେ ଏପର୍ଯ୍ୟନ୍ତ ସାରା ଦେଶରେ ୫.୭୯ କୋଟି ଲୋକଙ୍କ ସ୍କ୍ରିନିଂ କରାଯାଇଛି। ସେମାନଙ୍କ ମଧ୍ୟରୁ ୫.୫୫ କୋଟି ଲୋକଙ୍କ ଫଳାଫଳ ନେଗେଟିଭ ଆସିଛି। ୧୬.୩୮ ଲକ୍ଷ ଲୋକଙ୍କୁ ରକ୍ତଶିକୁଳି ରୋଗର ବାହକ ଭାବେ ଚିହ୍ନଟ କରାଯାଇଥିବାବେଳେ ୨.୧୦ ଲକ୍ଷ ଲୋକ ଏହି ରୋଗରେ ଆକ୍ରାନ୍ତ ଥିବା ଓରାମ ସୂଚନା ଦେଇଛନ୍ତି। ଏମ୍‌ସ ଭୁବନେଶ୍ୱରରେ ବର୍ତ୍ତମାନ ୭ଶହରୁ ଅଧିକ ପଞ୍ଜୀକୃତ ସିକଲ ସେଲ ରୋଗୀ ନିୟମିତ ବ୍ୟବଧାନରେ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ୫ଶହରୁ ଊର୍ଦ୍ଧ୍ୱ ୦-୧୯ ବୟସ ବର୍ଗର। ଏହି ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ନିୟମିତ ରୋଗ ନିର୍ଣ୍ଣୟ ସେବା, ଚିକିତ୍ସା ଏବଂ ବାହକ ସ୍କ୍ରିନିଂ ପ୍ରଦାନ କରେ, ଯେଉଁଥିରେ ପ୍ରଭାବିତ ବ୍ୟକ୍ତିଙ୍କ ପରିବାରର ସଦସ୍ୟ ଅନ୍ତର୍ଭୁକ୍ତ ବୋଲି ଏମ୍‌ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ବିଶିଷ୍ଟ ସଂକ୍ରାମକ ରୋଗ ବିଶେଷଜ୍ଞ ଡା. ଆଶୁତୋଷ ବିଶ୍ୱାସ କହିଛନ୍ତି। ଏମ୍‌ସରେ ଗର୍ଭଧାରଣର ପ୍ରଥମ ୨୦ ସପ୍ତାହ ମଧ୍ୟରେ ଡାଉନ ସିଣ୍ଡ୍ରୋମ, ନ୍ୟୁରାଲ ଟ୍ୟୁବ ତ୍ରୁଟି, ଥାଲାସେମିଆ ଏବଂ ସିକଲ ସେଲ ଆନିମିଆ ଭଳି ଅବସ୍ଥା ଚିହ୍ନଟ କରିବା ପାଇଁ ପ୍ରସବ ପୂର୍ବ ନିର୍ଣ୍ଣୟ ସେବା ମଧ୍ୟ ପ୍ରଦାନ କରେ। ଯଦି ଉଭୟ ମାତାପିତା ବାହକ ହୁଅନ୍ତି, ତେବେ ପିଲା ପ୍ରଭାବିତ ହେବାର ୨୫% ସମ୍ଭାବନା ଥିବା ଡ. ବିଶ୍ୱାସ ସୂଚନା ଦେଇଛନ୍ତି। ଉକ୍ତ ସଚେତନତା କାର୍ଯ୍ୟକ୍ରମ ଅବସରରେ କେନ୍ଦ୍ରମନ୍ତ୍ରୀ ଓରାମ ପ୍ରତିଷ୍ଠାନର ଏକାଧିକ ଚିକିତ୍ସା ସୁବିଧା ବ୍ୟବସ୍ଥା ପରିଦର୍ଶନ କରିଥିଲେ। ରକ୍ତଶିକୁଳି ରୋଗୀ ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କ ସହ ଆଲୋଚନା କରିଥିଲେ। କେନ୍ଦ୍ରମନ୍ତ୍ରୀ ଏ ସଂକ୍ରାନ୍ତ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଅଂଶଗ୍ରହଣ କରିଥିଲେ। ସେ କ୍ଲିନିକାଲ କେୟାର, ଉନ୍ନତ ଗବେଷଣା ଏବଂ ଡାକ୍ତରୀ ଶିକ୍ଷାକୁ ଅନ୍ତର୍ଭୁକ୍ତ କରିବାରେ ଏମ୍‌ସ ଭୁବନେଶ୍ୱରର ସାମଗ୍ରିକ ଆଭିମୁଖ୍ୟକୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ଆଇଏଏସ୍ ଅମିତ କୁମାର, ଡା. ଦିଲୀପ କୁମାର ପରିଡ଼ା, ଲ୍ୟୁଟ୍‌ନାଣ୍ଟ କର୍ଣ୍ଣେଲ ଅଭିଜିତ ସରକାର, ଅନୁସୂଚିତ ଜାତି ଓ ଜନଜାତି ଗବେଷଣା ଏବଂ ତାଲିମ ପ୍ରତିଷ୍ଠାନ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ରଥ, ରମେଶ ଚାନ୍ଦ ଚନ୍ଦ୍ରୱାଲ, ହେମାଟୋଲୋଜି ବିଭାଗ ମୁଖ୍ୟ ଡା. ସୋନାଲି ମହାପାତ୍ର, ଡା. ଆଶୁତୋଷ ପାଣିଗ୍ରାହୀ, ଡା. ଦେବାଶିଷ ସାହୁ ଏବଂ ବିଭିନ୍ନ ବିଭାଗର ମୁଖ୍ୟଙ୍କ ସମେତ ଅଧ୍ୟାପିକା ଅଧ୍ୟାପକ ଯୋଗଦେଇଥିଲେ।

**୮ ଫୁଟର ଅଜଗର ଉଦ୍ଧାର**

ବାରଙ୍ଗ,(ଲିଙ୍ଗରାଜ ରାଉତ): ଗୋଡ଼ିସାହି ଫାଣ୍ଡି ଅଧୀନ ବିଦ୍ୟାଧରପୁର ଅରିଲୋସ୍ଥିତ ଓମ୍‌ଫେଡ କମ୍ପାନୀ ସମ୍ମୁଖ ରାସ୍ତା କଡ଼ରୁ ଗୁରୁବାର ରାତି ୮ଟା ୩୦ ସମୟରେ ପ୍ରାୟ ୮ ଫୁଟ ଲମ୍ବର ଏକ ଅଜଗର ସାପକୁ ଉଦ୍ଧାର କରାଯାଇଛି। ପ୍ରାୟ ୧୦ କେଜିରୁ ଉର୍ଦ୍ଧ୍ୱ ଓଜନ ବିଶିଷ୍ଟ ଏହି ଅଜଗର ସାପଟି ରାସ୍ତା ପାର ହେଉଥିଲା। ଏହି ସମୟରେ ସେହି ବାଟରେ ଯାଉଥିବା ସ୍ଥାନୀୟ ଗ୍ରାମର କେତେଜଣ ଯୁବକ ଦେଖି ବନ ବିଭାଗ ସହ ସ୍ନେକ ହେଲ୍ପଲାଇନକୁ ସୂଚନା ଦେଇଥିଲେ। ପରେ ନିକଟସ୍ଥ ୨ ଜଣ ସ୍ନେକ ହେଲ୍ପଲାଇନ ସଦସ୍ୟ ଆସି ସାପଟିକୁ ଉଦ୍ଧାର କରି ସୁରକ୍ଷିତ ଭାବେ ନିକଟସ୍ଥ ଜଙ୍ଗଲରେ ଛାଡ଼ିଥିବା ଜଣାପଡ଼ିଛି।

# ଏମ୍‌ସ ଭୁବନେଶ୍ୱରକୁ ମିଳିବ ସିକଲ୍‌ସେଲ ପରିଚାଳନା ଉତ୍କର୍ଷ କେନ୍ଦ୍ର ମାନ୍ୟତା

**'୨.୧୦ ଲକ୍ଷ ଲୋକ ସିକିଲ ସେଲ୍ ରୋଗରେ ଆକ୍ରାନ୍ତ'**



କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମଙ୍କ ସହ ଏମ୍‌ସ ଭୁବନେଶ୍ୱରର ଡାକ୍ତର ଏବଂ ଅନ୍ୟମାନେ।

ଭୁବନେଶ୍ୱର,୧୯।୬ (ଅନୁରାଧା ମହାରଣା)

ସିକଲସେଲ୍ (ରକ୍ତଶିକୁଳି) ରୋଗର ଅତ୍ୟାଧୁନିକ ଚିକିତ୍ସା ଏବଂ ଏହି କ୍ଷେତ୍ରରେ ଉଚ୍ଚତର ଗବେଷଣା ନିମନ୍ତେ ଏମ୍‌ସ ଭୁବନେଶ୍ୱରକୁ ଉତ୍କର୍ଷତା କେନ୍ଦ୍ର (ସେଣ୍ଟର୍ ଅଫ ଏକ୍ସଲେନ୍ସ) ମାନ୍ୟତା ପ୍ରଦାନ କରାଯିବ। ଗୁରୁବାର ଏମ୍‌ସ ଭୁବନେଶ୍ୱରରେ ଆୟୋଜିତ ବିଶ୍ୱ ସିକଲସେଲ ସଚେତନତା ଦିବସ ପାଳନ କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଏହି ଘୋଷଣା କରିଛନ୍ତି। ଓଡ଼ିଶା ସମେତ ପଡ଼ୋଶୀ ରାଜ୍ୟର ରକ୍ତଶିକୁଳି ରୋଗୀଙ୍କୁ ସାମଗ୍ରିକ ଚିକିତ୍ସା ପ୍ରଦାନ କରିବାରେ ଏମ୍‌ସ ଭୁବନେଶ୍ୱର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ସେଣ୍ଟର ଅଫ୍ ଏକ୍ସଲେନ୍ସ ମାନ୍ୟତା, ସିକଲସେଲ ରୋଗରେ ଉନ୍ନତ ଗବେଷଣା ଏବଂ ଗୁଣାତ୍ମକ ଚିକିତ୍ସା ପ୍ରଦାନରେ ଏମ୍ସ ଭୁବନେଶ୍ୱରକୁ ଆହୁରି ଦୃଢ଼ କରିବ ବୋଲି କେନ୍ଦ୍ରମନ୍ତ୍ରୀ ଓରାମ କହିଛନ୍ତି। ୨୦୪୭ ସୁଦ୍ଧା ସିକଲ ସେଲ ଆନିମିଆକୁ ସମ୍ପୂର୍ଣ୍ଣ ଦୂର କରିବା ପାଇଁ ଲକ୍ଷ୍ୟ ରଖାଯାଇଥିବାବେଳେ ଏପର୍ଯ୍ୟନ୍ତ ସାରା ଦେଶରେ ୫.୭୯ କୋଟି ଲୋକଙ୍କ ସ୍କ୍ରିନିଂ କରାଯାଇଛି। ସେମାନଙ୍କ ମଧ୍ୟରୁ ୫.୫୫ କୋଟି ଲୋକଙ୍କ ଫଳାଫଳ ନେଗେଟିଭ ଆସିଛି। ୧୬.୩୮ ଲକ୍ଷ ଲୋକଙ୍କୁ ରକ୍ତଶିକୁଳି ରୋଗର ବାହକ ଭାବେ ଚିହ୍ନଟ କରାଯାଇଥିବାବେଳେ ୨.୧୦ ଲକ୍ଷ ଲୋକ ଏହି ରୋଗରେ ଆକ୍ରାନ୍ତ ଥିବା ଓରାମ ସୂଚନା ଦେଇଛନ୍ତି। ଏମ୍‌ସ ଭୁବନେଶ୍ୱରରେ ବର୍ତ୍ତମାନ ୭ଶହରୁ ଅଧିକ ପଞ୍ଜୀକୃତ ସିକଲ ସେଲ ରୋଗୀ ନିୟମିତ ବ୍ୟବଧାନରେ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ୫ଶହରୁ ଉର୍ଦ୍ଧ୍ୱ ୦-୧୯ ବୟସ ବର୍ଗର। ଏହି ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ନିୟମିତ ରୋଗ ନିର୍ଣ୍ଣୟ ସେବା, ଚିକିତ୍ସା ଏବଂ ବାହକ ସ୍କ୍ରିନିଂ ପ୍ରଦାନ କରେ, ଯେଉଁଥିରେ ପ୍ରଭାବିତ ବ୍ୟକ୍ତିଙ୍କ ପରିବାରର ସଦସ୍ୟ ଅନ୍ତର୍ଭୁକ୍ତ ବୋଲି ଏମ୍‌ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ବିଶିଷ୍ଟ ସଂକ୍ରାମକ ରୋଗ ବିଶେଷଜ୍ଞ ଡା. ଆଶୁତୋଷ ବିଶ୍ୱାସ କହିଛନ୍ତି। ଏମ୍‌ସରେ ଗର୍ଭଧାରଣର ପ୍ରଥମ ୨୦ ସପ୍ତାହ ମଧ୍ୟରେ ଡାଉନ ସିଣ୍ଡ୍ରୋମ, ନ୍ୟୁରାଲ ଟ୍ୟୁବ ତ୍ରୁଟି, ଥାଲାସେମିଆ ଏବଂ ସିକଲ ସେଲ ଆନିମିଆ ଭଳି ଅବସ୍ଥା ଚିହ୍ନଟ କରିବା ପାଇଁ ପ୍ରସବ ପୂର୍ବ ନିର୍ଣ୍ଣୟ ସେବା ମଧ୍ୟ ପ୍ରଦାନ କରେ। ଯଦି ଉଭୟ ମାତାପିତା ବାହକ ହୁଅନ୍ତି, ତେବେ ପିଲା ପ୍ରଭାବିତ ହେବାର ୨୫% ସମ୍ଭାବନା ଥିବା ଡ. ବିଶ୍ୱାସ ସୂଚନା ଦେଇଛନ୍ତି। ଉକ୍ତ ସଚେତନତା କାର୍ଯ୍ୟକ୍ରମ ଅବସରରେ କେନ୍ଦ୍ରମନ୍ତ୍ରୀ ଓରାମ ପ୍ରତିଷ୍ଠାନର ଏକାଧିକ ଚିକିତ୍ସା ସୁବିଧା ବ୍ୟବସ୍ଥା ପରିଦର୍ଶନ କରିଥିଲେ। ରକ୍ତଶିକୁଳି ରୋଗୀ ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କ ସହ ଆଲୋଚନା କରିଥିଲେ। କେନ୍ଦ୍ରମନ୍ତ୍ରୀ ଏ ସଂକ୍ରାନ୍ତ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଅଂଶଗ୍ରହଣ କରିଥିଲେ। ସେ କ୍ଲିନିକାଲ କେୟାର, ଉନ୍ନତ ଗବେଷଣା ଏବଂ ଡାକ୍ତରୀ ଶିକ୍ଷାକୁ ଅନ୍ତର୍ଭୁକ୍ତ କରିବାରେ ଏମ୍‌ସ ଭୁବନେଶ୍ୱରର ସାମଗ୍ରିକ ଆଭିମୁଖ୍ୟକୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ଆଇଏଏସ୍ ଅମିତ କୁମାର, ଡା. ଦିଲୀପ କୁମାର ପରିଡ଼ା, ଲ୍ୟୁଟ୍‌ନାଣ୍ଟ କର୍ନେଲ ଅଭିଜିତ ସରକାର, ଅନୁସୂଚିତ ଜାତି ଓ ଜନଜାତି ଗବେଷଣା ଏବଂ ତାଲିମ ପ୍ରତିଷ୍ଠାନ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ରଥ, ରମେଶ ଚାନ୍ଦ ଚନ୍ଦ୍ରୱାଲ, ହେମାଟୋଲୋଜି ବିଭାଗ ମୁଖ୍ୟ ଡା. ସୋନାଲି ମହାପାତ୍ର, ଡା. ଆଶୁତୋଷ ପାଣିଗ୍ରାହୀ, ଡା. ଦେବାଶିଷ ସାହୁ ଏବଂ ବିଭିନ୍ନ ବିଭାଗର ମୁଖ୍ୟଙ୍କ ସମେତ ଅଧାପିକା ଅଧାପକ ଯୋଗଦେଇଥିଲେ।



ସତ୍ୟଭାମା ଦେବୀ ମୂକ ବଧିର ଡିଗ୍ରୀ କଲେଜ୍‌କୁ ବନ୍ଦ ଷଡ଼ଯନ୍ତ୍ର ପ୍ରତିବାଦରେ ଛାତ୍ରମାନେ ଗୁରୁବାର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ କର୍ତ୍ତୃପକ୍ଷଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି।

## ଡାଇରିଆ ସ୍ଥିତିର ସମୀକ୍ଷା କଲେ ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର,୧୯।୬(ସୁଚିସ୍ମିତା ସାହୁ)

ରାଜ୍ୟରେ ଡାଇରିଆ ସଂକ୍ରମଣର ତ୍ୱରିତ ମୁକାବିଲା ପାଇଁ ଗୁରୁବାର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଯାଜପୁର, କଟକ, ଭଦ୍ରକ, ଢେଙ୍କାନାଳ, କେନ୍ଦୁଝର, କେନ୍ଦ୍ରାପଡ଼ା ଜିଲାର ଜିଲାପାଳମାନଙ୍କ ସହ ଆଭାସି ମାଧ୍ୟମରେ ଆଲୋଚନା କରି ଡାଇରିଆ ସ୍ଥିତି ଓ ମୁକାବିଲାର ବିଭିନ୍ନ ଦିଗ ଉପରେ କାର୍ଯ୍ୟ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଆଗାମୀ ମୌସୁମୀକୁ ଦୃଷ୍ଟିରେ ରଖି ତିନିମାସ ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ସରକାର ସମନ୍ୱୟ ସହ ସାମଗ୍ରିକ ଭାବେ ପ୍ରସ୍ତୁତ ରହିଥିବା ମନ୍ତ୍ରୀ ପ୍ରକାଶ କରିଛନ୍ତି।

ପାନୀୟ ଜଳସ୍ରୋତଗୁଡ଼ିକର ବିଶୋଧନ, ତୃଣମୂଳସ୍ତରରୁ ମେଡିକାଲ କଲେଜ ପର୍ଯ୍ୟନ୍ତ ଡାକ୍ତରଖାନାଗୁଡ଼ିକ ମଧ୍ୟରେ ସମନ୍ୱୟ ରଖି ଚିକିତ୍ସାସେବା ଯୋଗାଇବା, ପରିମଳ ବ୍ୟବସ୍ଥା, ଖାଦ୍ୟ ନିରାପତ୍ତା, ସଂକ୍ରମିତ ଜଳଉତ୍ସ ଚିହ୍ନଟ ଓ ବିଭାଗୀୟ ସମନ୍ୱୟ ବିଷୟରେ ମନ୍ତ୍ରୀ ବିସ୍ତୃତ ସମୀକ୍ଷା କରିଥିଲେ। ଝାଡ଼ାବାନ୍ତିର ଲକ୍ଷଣ ଦେଖାଦେଲେ ତୁରନ୍ତ ଡାକ୍ତରଖାନା ଯିବାକୁ ଲୋକଙ୍କୁ ସଚେତନ କରାଇବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ଅଶ୍ୱତୀ ଏସ୍ ଯୋଗଦେଇ ବିଭାଗୀୟ ପ୍ରସ୍ତୁତି ବିଷୟରେ ମନ୍ତ୍ରୀଙ୍କୁ ସୂଚିତ କରିଥିଲେ। ଜିଲାପାଳମାନେ ଆଭାସି ମାଧ୍ୟମରେ ବୈଠକରେ ସାମିଲ ହୋଇ ଜିଲାସ୍ତରରେ ଡାଇରିଆ ସଂକ୍ରମଣ ମୁକାବିଲା ବିଷୟରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ମିଶନଶକ୍ତି ବିଭାଗ ପକ୍ଷରୁ ଏସ୍‌ଏଚ୍‌ଜି ସଦସ୍ୟାଙ୍କ ମାଧ୍ୟମରେ ସଚେତନତା ଅଭିଯାନ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଅଭିଯାନ ଆସନ୍ତା ୮ ସପ୍ତାହ ପର୍ଯ୍ୟନ୍ତ ଜାରି ରହିବ। ଭଦ୍ରକ ଜିଲାରେ ୨୩ ଓ ଯାଜପୁର ଜିଲାରେ ୨୪ତାରିଖ ପର୍ଯ୍ୟନ୍ତ ଅଙ୍ଗନୱାଡ଼ି କେନ୍ଦ୍ର, ସ୍କୁଲ ଓ କଲେଜଗୁଡ଼ିକୁ ବନ୍ଦ ରଖାଯାଇଛି। ସେହିପରି ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଜଳସାଥୀଙ୍କୁ ନିୟୋଜିତ କରାଯାଇଛି। ବ୍ୟାସନଗର ପୌରପରିଷଦରେ ହଇଜା ନିୟନ୍ତ୍ରଣ ନିମନ୍ତେ କଟକ ୱାଟ୍‌କୋ ଡିଭିଜନର ପରିଚାଳନା ନିର୍ଦ୍ଦେଶକଙ୍କୁ କ୍ୟାମ୍ପ ଅଫିସ କରି ପଠାଯାଇଛି। ଆଗାମୀ ରଥଯାତ୍ରାକୁ ଧ୍ୟାନରେ ରଖି ପୁରୀ ପୌରାଞ୍ଚଳ ଏବଂ ନିମାପଡ଼ା, ପିପିଲି ଓ କୋଣାର୍କ ଆଦି ଅଞ୍ଚଳରେ ହଇଜା ନିୟନ୍ତ୍ରଣ ନିମନ୍ତେ ୱାଟ୍‌କୋ ନିର୍ଦ୍ଦେଶକ (ସଞ୍ଚାଳନ)ଙ୍କୁ ପୁରୀଠାରେ ଅବସ୍ଥାପିତ କରାଯାଇଛି। ଏଭଳି ସ୍ଥିତିରେ ଆକ୍ରାନ୍ତ ଦିବ୍ୟାଙ୍ଗ, ଶିଶୁ, ମହିଳା ଓ ବରିଷ୍ଠ ନାଗରିକଙ୍କ ଚିକିତ୍ସା ପ୍ରତି ସ୍ୱତନ୍ତ୍ର ରୂପେ ଯତ୍ନବାନ ହେବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

## ଶିଶୁ ଯତ୍ନ ଅନୁଷ୍ଠାନରେ ଡାଇରିଆ ସଂକ୍ରମଣ ରୋକିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୧୯।୬(ସୁଚିସ୍ମିତା ସାହୁ)

ମହିଳା ଓ ଶିଶୁ ବିକାଶ ବିଭାଗ ଅଧୀନରେ ଥିବା ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତି (ଓଏସ୍‌ସିପିଏସ୍) ପକ୍ଷରୁ ରାଜ୍ୟର ସମସ୍ତ ଶିଶୁ ଯତ୍ନ ଅନୁଷ୍ଠାନ (ସିସିଆଇ)ରେ ଡାଇରିଆ ରୋଗର ସଂକ୍ରମଣ ରୋକିବା ପାଇଁ ଜରୁରୀ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ଓଏସ୍‌ସିପିଏସ୍‌ର ଅତିରିକ୍ତ ନିର୍ଦ୍ଦେଶକ ମୋନାଲିସା ଦେବତା ସମସ୍ତ ଜିଲା ଶିଶୁ ସୁରକ୍ଷା ଅଧିକାରୀ (ଡିସିପିଓ)ଙ୍କୁ ଚିଠି ଲେଖିଛନ୍ତି। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଏବଂ ଜିଲା ଶିଶୁ ସୁରକ୍ଷା ୟୁନିଟ (ଡିସିପିୟୁ) କର୍ମଚାରୀଙ୍କୁ ତୁରନ୍ତ ସମସ୍ତ ଶିଶୁ ଯତ୍ନ ଅନୁଷ୍ଠାନ ପରିଦର୍ଶନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ପରିଦର୍ଶନ ଅବସରରେ ସ୍ୱାସ୍ଥ୍ୟସମ୍ମତ ପରିବେଶ ଓ ସ୍ୱଚ୍ଛତା ଯାଞ୍ଚ କରାଯିବ। ସେହିପରି ବିଶୁଦ୍ଧ ପାନୀୟଜଳର ଉପଲବ୍ଧତା, ପରିଚ୍ଛନ୍ନତା, ଖାଦ୍ୟ ଓ ପାଇଖାନା ବ୍ୟବସ୍ଥା ଯାଞ୍ଚ କରିବାକୁ କୁହାଯାଇଛି। ଯଦି କୌଣସି ଶିଶୁର ଡାଇରିଆ, ବାନ୍ତି କିମ୍ବା ଡିହାଇଡ୍ରେସନର ଲକ୍ଷଣ ଦେଖାଯାଏ, ତେବେ ତୁରନ୍ତ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଜଣାଇବେ।

## 'ବିଦ୍ୟାଳୟ ପରିସର ସ୍ୱଚ୍ଛତା ନିଶ୍ଚିତ କର'

ଭୁବନେଶ୍ୱର,୧୯।୬(ସୁଚିସ୍ମିତା ସାହୁ)

ରାଜ୍ୟର ସମସ୍ତ ସ୍କୁଲ ଶୁକ୍ରବାର ଖୋଲିବ। ଛାତ୍ରୀଛାତ୍ରମାନେ ଯେପରି ପାନୀୟଜଳ କିମ୍ବା ଭେକ୍ଟରଜନିତ ରୋଗରେ ସଂକ୍ରମଣ ନ ହେବେ ସେଥିପ୍ରତି ଅଧିକ ଧ୍ୟାନ ଦେବାକୁ ପରାମର୍ଶ ଦିଆଯାଇଛି। ବିଦ୍ୟାଳୟ ପରିବେଶର ସ୍ୱଚ୍ଛତା ନିଶ୍ଚିତ କରିବାକୁ ସମସ୍ତ ଜିଲାପାଳମାନଙ୍କୁ ଚିଠି ଲେଖି ବିଭାଗୀୟ କମିଶନର ତଥା ସଚିବ ଶାଳିନୀ ପଣ୍ଡିତ ନିର୍ଦ୍ଦେଶ ଦେଇଛନ୍ତି। ବିଦ୍ୟାଳୟ ଖୋଲିବା ପୂର୍ବରୁ ଶ୍ରେଣୀଗୃହ, କାର୍ଯ୍ୟାଳୟ କୋଠରି, ପରୀକ୍ଷାଗାର, ପାଠାଗାର, ଶୌଚାଳୟ, ଛାତ୍ରାବାସ, ରୋଷେଇ ଘର, ଭୋଜନାଳୟ, ସ୍ନାନାଗାର, ଷ୍ଟୋରରୁମ୍ ଇତ୍ୟାଦି ସମେତ ସ୍କୁଲ ଏବଂ ଛାତ୍ରାବାସ ପରିସରକୁ ଭଲ ଭାବେ ସଫା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପିଲାମାନେ ବ୍ୟବହାର କରୁଥିବା ପାଣିଟାଙ୍କି ଓ ପାଣିପାତ୍ର, ଡ୍ରେନେଜ ଇତ୍ୟାଦିକୁ ସଫା ତଥା ଜୀବାଣୁମୁକ୍ତ କରିବାକୁ କୁହାଯାଇଛି। ବିଦ୍ୟାଳୟ ପରିସରରେ ଉତ୍ତମମାନର ଚାଉଳ, ଖାଦ୍ୟ ସାମଗ୍ରୀ ଏବଂ ସ୍ୱଚ୍ଛ ପାନୀୟଜଳ ବ୍ୟବହାର କରାଯିବାକୁ ପରାମର୍ଶ ଦିଆଯାଇଛି।

## ସିକିମ ବସ୍ ଦୁର୍ଘଟଣା: ଭୁବନେଶ୍ୱରରେ ପହଞ୍ଚିଲେ ୨ ଓଡ଼ିଆ

- ଅଧିକ ଚିକିତ୍ସା ପାଇଁ ସ୍ୱୟଂ ସୁପ୍ରୀତ, ସାଇରାଜ ଏମ୍ସରେ ଭର୍ତ୍ତି
- ରେଳଷ୍ଟେଶନରୁ ସ୍ୱତନ୍ତ୍ର ଆମ୍ବୁଲାନ୍ସରେ ନିଆଗଲା ଡାକ୍ତରଖାନା

କଟକ,୧୯।୬(କାର୍ତ୍ତିକ ସାହୁ)

ସିକିମ୍ ବସ୍ ଦୁର୍ଘଟଣାରେ ଉଦ୍ଧାର ହୋଇ ସେଠାରେ ଚିକିତ୍ସିତ ହେଉଥିବା ୨ଜଣ ଓଡ଼ିଆ ସ୍ୱୟଂ ସୁପ୍ରୀତ ନାୟକ (୧୬) ଓ ସାଇରାଜ ଜେନା (୧୭) ଗୁରୁବାର ସନ୍ଧ୍ୟାରେ ଭୁବନେଶ୍ୱରରେ ପହଞ୍ଚିଛନ୍ତି। ପରବର୍ତ୍ତୀ ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି କରାଯାଇଛି। ଭୁବନେଶ୍ୱର ରେଳ ଷ୍ଟେଶନରେ ବିଧାୟକ ଆକାଶ ଦାସନାୟକ, ପରିବହନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ସେଠାରୁ ତାଙ୍କୁ ସ୍ୱତନ୍ତ୍ର ଆମ୍ବୁଲାନ୍ସ ଯୋଗେ ଏମ୍ସକୁ ନିଆଯାଇଥିଲା। ସୂଚନା ଯୋଗ୍ୟ ଯେ, ସିକିମରେ ତିସ୍ତା ନଦୀରେ ବସ୍ ଦୁର୍ଘଟଣାରେ ଓଡ଼ିଶାରୁ ୪ଜଣ ନିଖୋଜ ଥିବାବେଳେ ୨ଜଣ ଉଦ୍ଧାର ହୋଇ ସେଠାରେ ଡାକ୍ତରଖାନାରେ ଚିକିତ୍ସାଧୀନ ଥିଲେ। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଓଡ଼ିଶା ସରକାର ନିରନ୍ତର ଭାବେ ସିକିମ ସରକାରଙ୍କ ସହ ଯୋଗାଯୋଗରେ ରହିଥିଲେ। ପରିବହନ ବିଭାଗର ୨ ବରିଷ୍ଠ ଅଧିକାରୀ ତୁରନ୍ତ ସେଠାରେ ପହଞ୍ଚିଥିଲେ। ଉଦ୍ଧାର କାର୍ଯ୍ୟ ଓ ଚିକିତ୍ସାର ସମସ୍ତ ବନ୍ଦୋବସ୍ତ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଉଭୟ ଚିକିତ୍ସିତ ହେଉଥିବା ଡାକ୍ତରଙ୍କ ଅନୁମତି ପରେ ପରବର୍ତ୍ତୀ ଚିକିତ୍ସା ନିମନ୍ତେ ତାଙ୍କୁ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି କରାଯାଇଛି। ସେମାନଙ୍କୁ ସେଠାରୁ ଭୁବନେଶ୍ୱର ଆସିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

**ସେଲ୍ଫି କର୍ଣ୍ଣର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅଭିଜ୍ଞାନ



@ ଅସିତ୍




@ ଗୋବିନ୍ଦଚନ୍ଦ୍ର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ କାର୍ଯ୍ୟକ୍ରମ

ବାଲିଅନ୍ତା,୧୯।୬(ନୀଳମାଧବ ସାହୁ)

ବାଲିଅନ୍ତା ଅଣ୍ଡିଲୋସ୍ଥିତ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳରେ ଗୁରୁବାର ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାହାଳ ଅଗ୍ନିଶମ ବାହିନୀର କର୍ମଚାରୀ ଯୋଗଦେଇ ବାତ୍ୟା ଓ ବନ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ପ୍ରାକ୍ ପ୍ରସ୍ତୁତି ଓ ବିଭିନ୍ନ ଯନ୍ତ୍ର ଉପକରଣର ବ୍ୟବହାର ଉପରେ ଅଭ୍ୟାସ ପ୍ରଦର୍ଶନ କରିଥିଲେ। ଏଥିରେ ସେଲଟର ସେଣ୍ଟର ସଭାପତି ସରପଞ୍ଚ କୃଷ୍ଣ କେଶବ ଆପଟ, ସମ୍ପାଦକ ମିର୍ଜା ସରିଫ, ସହକାରୀ ଯନ୍ତ୍ରୀ ଅଶୋକ କୁମାର ମିଶ୍ର, ଡବ୍ଲୁଇଓ ଲେଖା ନାୟକ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟ କୁମାର ଜେନା, ପିକକ୍‌ର ବ୍ଲକ ସଂଯୋଜିକା ଉପମା ମହାନ୍ତି ସମେତ ପାଣିମିତ୍ର, କୃଷି ମିତ୍ରଙ୍କ ସମେତ ବିଭିନ୍ନ ବିଭାଗର କର୍ମଚାରୀ ଯୋଗଦେଇଥିଲେ।

## ଡା. ଉପେନ୍ଦ୍ର ପ୍ରସାଦ ନାୟକଙ୍କୁ ନୃସିଂହ ସାହିତ୍ୟ ସମ୍ମାନ



ଭୁବନେଶ୍ୱର,୧୯।୬(ଅନୁରାଧା ମହାରଣା)

ନିର୍ମଳା ଟ୍ରଷ୍ଟ ଅଧ୍ୟକ୍ଷ ନୃସିଂହ ଚରଣ ଧୀରଙ୍କ ସଭାପତିତ୍ୱରେ 'ନିର୍ମଳା' ସାହିତ୍ୟ ପତ୍ରିକାର ତୃତୀୟ ସଂଖ୍ୟା ଏବଂ 'ଅସମ୍ପୂର୍ଣ୍ଣ ସୂର୍ଯ୍ୟୋଦୟ'ର ଲୋକାର୍ପଣ ଉତ୍ସବ ସ୍ଥାନୀୟ ଲୋହିଆ ଏକାଡେମୀରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ନୃସିଂହ ଚରଣ ଧୀରଙ୍କ ଦ୍ୱାରା ବିଶିଷ୍ଟ ଲେଖକ ଡା. ଉପେନ୍ଦ୍ର ପ୍ରସାଦ ନାୟକଙ୍କୁ ନୃସିଂହ ସାହିତ୍ୟ ସମ୍ମାନ ପ୍ରଦାନ କାରଯାଇଥିଲା। କାର୍ଯ୍ୟକ୍ରମରେ ବେଦପାଠ ଏବଂ ମା' ଉପରେ ଏକ ସମବେତ କଣ୍ଠ ସଙ୍ଗୀତଗାନ ପରେ 'ନିର୍ମଳା' ପତ୍ରିକାର ମୁଖ୍ୟ ସମ୍ପାଦକ ଡାକ୍ତର ପ୍ରିୟବ୍ରତ ଧୀର ସ୍ୱାଗତ ଅଭିଭାଷଣ ଦେଇଥିଲେ। ପତ୍ରିକାର ସମ୍ପାଦକ ଡ. ଦିବାକର ମାନସିଂହ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ କବି ତଥା ଅବସରପ୍ରାପ୍ତ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ରବିନାରାୟଣ ସେନାପତି ଯୋଗଦେଇଥିଲେ। ଉତ୍ସବରେ ଓଡ଼ିଶାର ବିଶିଷ୍ଟ ସାହିତ୍ୟିକ, କଥାକାର ଓ ସ୍ତମ୍ଭକାରମାନେ ଉପସ୍ଥିତ ଥିଲେ। ଶେଷରେ ଅଧାପକ ବୃନ୍ଦାବନ ମହାପାତ୍ର ଧନ୍ୟବାଦ ଦେଇଥିଲେ। ଭିନ୍ନ ଏକ କାର୍ଯ୍ୟକ୍ରମରେ ସ୍ୱର୍ଗତା ନିର୍ମଳା ଧୀରଙ୍କ ଚତୁର୍ଥ ଶ୍ରାଦ୍ଧ ବାର୍ଷିକୀ ସ୍ମୃତି ଉଦ୍ଦେଶ୍ୟରେ ନୟାପଲ୍ଲୀସ୍ଥିତ ବାବା ବାଲୁଙ୍କେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅବସ୍ଥିତ ନିର୍ମଳା ପୀଠରେ ବିଶୁଦ୍ଧ ପାନୀୟଜଳ ମେଶିନ୍ ଜନସାଧାରଣଙ୍କ ଉପଯୋଗୀ ପାଇଁ ନୃସିଂହ ଚରଣ ଧୀରଙ୍କ ଦ୍ୱାରା ଅବସ୍ଥାନ କରାଯାଇଥିଲା।

## ଓଡ଼ିଶାର ନାଟ୍ୟ ପରମ୍ପରା ସର୍ବଦା କାଳଜୟୀ

ଭୁବନେଶ୍ୱର, ୧୯।୬ (ସୌମ୍ୟରଞ୍ଜନ ରାଉତ)

ରାଜ୍ୟ ସରକାରଙ୍କ ଏକବର୍ଷ ପୂର୍ତ୍ତି ଅବସରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ମିଳିତ ଆନୁକୂଲ୍ୟରେ ବିବିଧ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ନାଟକ ସନ୍ଧ୍ୟା କାର୍ଯ୍ୟକ୍ରମ ଗୁରୁବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ କହିଥିଲେ, ଓଡ଼ିଶାର ନାଟ୍ୟ ପରମ୍ପରା ସର୍ବଦା କାଳଜୟୀ। ଆମ ବରପୁତ୍ରମାନଙ୍କ ଜୀବନୀ ଉପରେ ଆଧାରିତ ନାଟକ କାର୍ଯ୍ୟକ୍ରମ ଆମ ସମସ୍ତଙ୍କୁ ପ୍ରଭାବିତ କରିବା ସହ ବିଶେଷ ଭାବେ ଯୁବପିଢ଼ିଙ୍କ ପାଇଁ ପ୍ରେରଣାଦାୟୀ ହୋଇପାରିଛି ବୋଲି ସୂରଜ ପ୍ରକାଶ କରିଥିଲେ। ପରେ 'ଘୁମୁସରା ବିପ୍ଳବର କର୍ଣ୍ଣଧାର ଚକରା ବିଷୋୟୀ' ନାଟକ ମଞ୍ଚସ୍ଥ ହୋଇଥିଲା। ନାଟ୍ୟକାର ମନ୍ମଥ ଶତପଥୀ ନାଟକ ରଚନା କରିଥିବାବେଳେ ଦିନେଶ ଦାସ ନିର୍ଦ୍ଦେଶନା ଦେଇଥିଲେ। ସେହିପରି ଭଞ୍ଜକଳାମଣ୍ଡପରେ ଆୟୋଜିତ ସଙ୍ଗୀତ ସନ୍ଧ୍ୟା ସମାରୋହରେ କଣ୍ଠଶିଳ୍ପୀ ଗୀତା ପଟ୍ଟନାୟକ ଓ ତୃପ୍ତି ଦାସ ସଙ୍ଗୀତ ପରିବେଷଣ କରିଥିଲେ। ସୂଚନା ଭବନରେ ଆୟୋଜିତ ଚଳଚ୍ଚିତ୍ର ପ୍ରଦର୍ଶନ ସନ୍ଧ୍ୟାରେ ନିତାଇ ପାଲିତଙ୍କ ନିର୍ଦ୍ଦେଶିତ ଓଡ଼ିଆ ଚଳଚ୍ଚିତ୍ର 'ବନ୍ଧୁ ମହାନ୍ତି' ପ୍ରଦର୍ଶିତ ହୋଇଥିଲା।

## ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ଶିକ୍ଷା ବଳିଷ୍ଠ ମାଧ୍ୟମ



ରାଜଭବନର ଅଭିଷେକ ହଲରେ ଜନଜାତି ଛାତ୍ରୀଛାତ୍ରଙ୍କ ସହ ଭାବବିନିମୟ ଅବସରରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି।

**ଜନଜାତି ଛାତ୍ରୀଛାତ୍ରଙ୍କ ସହ ଭାବବିନିମୟ କଲେ ରାଜ୍ୟପାଳ**

ଭୁବନେଶ୍ୱର,୧୭।୬(ସୁଚିସ୍ମିତା ସାହୁ)

ପ୍ରତ୍ୟେକ ଛାତ୍ରୀଛାତ୍ର ଜୀବନରେ ଲକ୍ଷ୍ୟ ରଖିବା ଉଚିତ। ଶିକ୍ଷା ହିଁ ଜୀବନର ଲକ୍ଷ୍ୟସ୍ଥଳରେ ପହଞ୍ଚିବାର ପ୍ରମୁଖ ମାଧ୍ୟମ ବୋଲି ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ପ୍ରକାଶ କରିଛନ୍ତି। ଗୁରୁବାର ଜନଜାତି ବିଦ୍ୟାର୍ଥୀ ଅନୁଭବ ଅଧ୍ୟୟନ ଯାତ୍ରାରେ ସାମିଲ ହୋଇଥିବା ଛାତ୍ରୀଛାତ୍ରଙ୍କ ସହ ରାଜଭବନର ଅଭିଷେକ ହଲରେ ଭାବ ବିନିମୟ କରିବା ଅବସରରେ ରାଜ୍ୟପାଳ ଏହା କହିଛନ୍ତି। ରାଜ୍ୟ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମ ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ୧୪ଟି ଜିଲାର +୨, ସ୍ନାତକ ଏବଂ ସ୍ନାତକୋତ୍ତରସ୍ତରରେ ଅଧ୍ୟୟନ କରୁଥିବା ୭୨ ଜଣ ଛାତ୍ରୀଛାତ୍ର ସାମିଲ ହୋଇଛନ୍ତି। ଏଯାବତ ରାଜ୍ୟ ସଂଗ୍ରହାଳୟ, ଉତ୍କଳ ବିଶ୍ୱବିଦ୍ୟାଳୟ, ଓଡ଼ିଶା ବିଧାନ ସଭା, କଳିଙ୍ଗ ଷ୍ଟାଡିୟମ, ଆଇଆଇଟି ଭୁବନେଶ୍ୱର ଏବଂ ଏସ୍‌ଡିଆଇ ପରିଦର୍ଶନ କରି ପ୍ରତ୍ୟକ୍ଷ ଜ୍ଞାନ ଆହରଣ କରିଛନ୍ତି।

ଛାତ୍ରୀଛାତ୍ରୀଙ୍କ ସହ ରାଜ୍ୟପାଳ ଭାବବିନିମୟ କରିବା ଅବସରରେ ସେମାନଙ୍କ ବିକାଶ ପାଇଁ ଉଦ୍ଦିଷ୍ଟ ଶିକ୍ଷାଗତ ଓ କଲ୍ୟାଣକାରୀ ଯୋଜନା ବିଷୟରେ ସେମାନେ ସଚେତନ ଅଛନ୍ତି କି ନାହିଁ ରାଜ୍ୟପାଳ ପଚାରି ବୁଝିଥିଲେ। ବିଶେଷ ଭାବେ ପିଏମ୍‌ଜେଜେବିୱାଇ, ପିଏମ୍‌ଏସ୍‌ବିୱାଇ, ପେସା ଏବଂ ଜଙ୍ଗଲ ଅଧିକାର ଅଧିନିୟମ ଭଳି ଅନେକ ଲୋକାଭିମୁଖୀ ଯୋଜନା/କାର୍ଯ୍ୟକ୍ରମର ଉଦାହରଣ ଦେଇ ଛାତ୍ରୀଛାତ୍ରମାନେ ଏ ସମ୍ପର୍କରେ ଭଲ ଭାବେ ବୁଝିବା ସହିତ ଅନ୍ୟମାନଙ୍କୁ ବୁଝାଇବା ଦରକାର। ଶିକ୍ଷାନୁଷ୍ଠାନ ଏବଂ ସରକାରୀ ଚାକିରୀରେ ଅନୁସୂଚିତ ଜନଜାତିଙ୍କ ପାଇଁ ଉପଲବ୍ଧ ସଂରକ୍ଷଣ ବ୍ୟବସ୍ଥା ଉପରେ ଭଲ ଭାବେ ଜାଣିବା ପାଇଁ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ଅନୁସୂଚିତ ଜନଜାତିଙ୍କ ଅଧିକାର ଏବଂ କଲ୍ୟାଣ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ସରକାରୀ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ସଚେତନ ହୋଇ ଅନ୍ୟମାନଙ୍କୁ ସଚେତନ କରାଇପାରିଲେ ସମ୍ପ୍ରଦାୟର ପ୍ରଭୂତ ଉନ୍ନତି ହୋଇପାରିବ ବୋଲି ରାଜ୍ୟପାଳ କହିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ଜନଜାତି ବିଦ୍ୟାର୍ଥୀ ଅନୁଭବ ଅଧ୍ୟୟନ ଯାତ୍ରା ସମ୍ପର୍କରେ ସେମାନଙ୍କ ଅଭିଜ୍ଞତା ଓ ଉପଲବ୍ଧି ବାଣ୍ଟିଥିଲେ।

## ସଂକ୍ଷେପରେ

### ମା' ଧୁମାବତୀଙ୍କ ବାର୍ଷିକୋତ୍ସବ ଉଦ୍‌ଯାପିତ

ଚୌଦ୍ୱାର,୧୯।୬(ଆଶୁତୋଷ ଦାସ) ୫୫ ନଂ. ଜାତୀୟ ରାଜପଥ ଚୌଦ୍ୱାର ନିକଟସ୍ଥ ମା' ଧୁମାବତୀ ପୀଠର ନୂତନ ମନ୍ଦିରର ଚତୁର୍ଥ ବାର୍ଷିକୋତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ୨ଦିନ ବ୍ୟାପି ପୀଠ ପରିସରରେ ମା'ଙ୍କ ନାନାବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଦିନରେ ଜଳଯାତ୍ରା, ଅଗ୍ନିସ୍ଥାପନା ଓ ଗୁରୁବାର ହୋମଯଜ୍ଞ ଓ ପୂର୍ଣ୍ଣାହୁତି କରାଯାଇଥିଲା। ଯଜ୍ଞରେ ସନାତନ ବାରିକ୍ ଓ କବିତା ବାରିକ୍ କର୍ତ୍ତା ଓ କର୍ତ୍ତ୍ରୀ ଭାବେ ଆହୁତି ପ୍ରଦାନ କରିଥିଲେ। ମନ୍ଦିର ପୂଜକ ଲୋକନାଥ ମିଶ୍ର, ତ୍ରିନାଥ ମିଶ୍ର ଓ ବୈଦ୍ୟନାଥ ମିଶ୍ର (ଧୁମାନାନା) ପୂଜା କାର୍ଯ୍ୟ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ବିଧାୟକ ସୌଭିକ ବିଶ୍ୱାଳ, କାଉନସିଲର ଅଜୟ କୁମାର ବେହେରା, ଆଶୁତୋଷ ଦାସ, ଜ୍ଞାନେନ୍ଦ୍ର ସ୍ୱାଇଁଙ୍କ ସମେତ ବହୁ ଶ୍ରଦ୍ଧାଳୁ ଭକ୍ତ ଯୋଗଦେଇ ମା'ଙ୍କ କୃପାଲାଭ କରିଥିଲେ। ଧୁମାବତୀ ମନ୍ଦିର ପରଚାଳନା କମିଟି ପ୍ରଭାକର ନାୟକ, ବିଜୟାନନ୍ଦ ଦାସ, ଗୋବିନ୍ଦନାଥ ଶର୍ମା, ଅଜୟ ଦାସ ମହାପାତ୍ର,ବିଜୟାନନ୍ଦ ସାହୁ, ସତ୍ୟବ୍ରତ ଦାସ, ବିମଳ କୁମାର ବେଉରା, ରାଜେନ୍ଦ୍ର କର, ସୁଧାଂଶୁ ଶେଖର ସାହୁ ପ୍ରମୁଖ ଉତ୍ସବ ଏବଂ ପତିତପାବନ ମିଶ୍ର ଓ ପିଣ୍ଟୁ ମିଶ୍ର ଯଜ୍ଞ କାର୍ଯ୍ୟ ପରିଚାଳନା କରିଥିଲେ।

### ଟାଙ୍ଗୀରେ ପଞ୍ଚାୟତସ୍ତରୀୟ ରଜ ମହୋତ୍ସବ ଉଦ୍‌ଯାପିତ

ମଗୁଳି-ଜଗତପୁର,୧୯।୬ (ମାନସ ସାମଲ):କଟକ ଜିଲା ଟାଙ୍ଗୀ ଥାନା ଅଧୀନ ଗୋବିନ୍ଦପୁର ଗ୍ରାମରେ ଚାଲୁଥିବା ପଞ୍ଚାୟତସ୍ତରୀୟ ରଜ ମହୋତ୍ସବ ଆଡମ୍ବରରେ ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ସୁଜାତା ହାତୀଙ୍କ ପୌରହିତ୍ୟରେ ଆୟୋଜିତ ରଜ ମହୋତ୍ସରେ ମୁଖ୍ୟଅତିଥି ଭାବେ ଟାଙ୍ଗୀ-ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା, ବହୁ ମାନ୍ୟଗଣ ବ୍ୟକ୍ତି ଯୋଗଦେଇ ବିଶିଷ୍ଟ ବ୍ୟକ୍ତିମାନ ଏବଂ ଗ୍ରାମର ସିଦ୍ଧାର୍ଥ ନାୟକଙ୍କୁ ବିଶିଷ୍ଟ ମାଜସେବୀ ଭାବେ ସମ୍ବର୍ଦ୍ଧିତ କରିଥିଲେ। ଆୟୋଜକ ସଦସ୍ୟ ସୁଦର୍ଶନ ଦାସ, ହୃଷିକେଶ ନାୟକ, ସୁରେନ୍ଦ୍ର ସାମଲ, ପବିତ୍ର ନାୟକ, ଭର୍ତ୍ତୃହରି ବିଶୋଇ, ଟୁକୁନି ନାୟକ ଓ ମହେନ୍ଦ୍ର ନାୟକ ଓ ସଦସ୍ୟ ସନ୍ତୋଷ କୁମାର ଦାସ ପରିଚାଳନା କରିଥିଲେ। ଚାଲୁଥିବା ରଜ ମହୋତ୍ସବରେ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ନୃତ୍ୟ, କ୍ରୀଡା ଓ ନାରୀମାନଙ୍କ ଭିତରେ ବିଭିନ୍ନ କୌତୁହଳ ପ୍ରତିଯୋଗିତା କରାଯାଇ ପୁରସ୍କୃତ କରଯାଇଥିଲା।

### ସ୍ୱାଗତିକା ବୃଦ୍ଧାଶ୍ରମ ଓ ଜନନୀ ଆଶ୍ରମରେ ଖାଦ୍ୟ, ବସ୍ତ୍ର ବଣ୍ଟନ

ମଗୁଳି-ଜଗତପୁର,୧୯।୬(ମାନସ ସାମଲ):ଚୌଦ୍ୱାରର ଅଗ୍ରଣୀ ଡ଼ାଲିଯୋଡ଼ା ସାହିତ୍ୟ ସଂସଦ ପକ୍ଷରୁ ଚୌଦ୍ୱାରସ୍ଥିତ ସ୍ୱାଗତିକା ବୃଦ୍ଧାଶ୍ରମ ଓ ମହିଷାଲଣ୍ଡା ଗ୍ରାମପଞ୍ଚାୟତ ଅଧୀନ ଆମ୍ଳେଲିଝରିସ୍ଥିତ ଜନନୀ ଆଶ୍ରମରେ ରହିଥିବା ମାନସିକ ଅନଗ୍ରସର ଅନ୍ତେବାସୀ ମହିଳାମାନଙ୍କୁ ବସ୍ତ୍ର ଖାଦ୍ୟ ବଣ୍ଟନ କରାଯାଇଛି। ବଣ୍ଟନ ସମୟରେ ସଂସଦ ସଭାପତି କେ.ସି ପ୍ରତାପ ସିଂ, ଦିଲୀପ ଛତାର, ଶୈଳେଶ ମୁଖି, ମନୋଜ ସ୍ୱାଇଁ, ସହଦେବ ବରାଳ, ଗୌତମ ଆଚାର୍ଯ୍ୟ, ସ୍ୱାଗତିକା ବୃଦ୍ଧାଶ୍ରମ ପ୍ରତିଷ୍ଠାତା ଦେବେନ୍ଦ୍ର ପୃଷ୍ଟି ଜନନୀ ଆଶ୍ରମର ପରିଚାଳିକା ସଂଯୁକ୍ତା ଭାରତୀ ସହଯୋଗ କରିଥିଲେ।

### ଝାରକଟା ବାତ୍ୟା ଆଶ୍ରୟ ସ୍ଥଳରେ ମକ୍‌ଡ୍ରିଲ୍

କଟକ ସଦର,୧୯।୬(ସୁଶାନ୍ତ କୁମାର ଜେନା):କଟକ ସଦର ବ୍ଲକ ପକ୍ଷରୁ ୪୨ ମୌଜା ଅନ୍ତର୍ଗତ ଝାରକଟା ବାତ୍ୟା ଆଶ୍ରୟ ସ୍ଥଳରେ ଗୁରୁବାର ମକ୍‌ଡ୍ରିଲ୍ ଆୟୋଜନ କରାଯାଇଥିଲା। ଏଥିରେ ସ୍ଥାନୀୟ ଅଞ୍ଚଳର ସ୍ୱେଚ୍ଛାସେବୀ ଓ ଅଗ୍ନିଶମ ବିଭାଗ କର୍ମଚାରୀମାନେ ବାତ୍ୟା, ବନ୍ୟା ଓ ଅଗ୍ନିକାଣ୍ଡ ବେଳେ ଧନଜୀବନ ରକ୍ଷା ଉପରେ ମକ୍‌ଡ୍ରିଲ ମାଧ୍ୟମରେ ଲୋକମାନଙ୍କୁ ପ୍ରଦର୍ଶିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ବିଡିଓ ଗିରିଜା ପ୍ରସାଦ ବାରିକ, ଝାରକଟା ସରପଞ୍ଚ ଶିଶିର କୁମାର ରାଉତ, ବ୍ରହ୍ମପୁର ସରପଞ୍ଚ ରବୀନ୍ଦ୍ର ପ୍ରଧାନ, ବେଷ୍ଟକାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡ.ଶୁଭାଶିଷ ଶତପଥୀ, ଅଗ୍ନିଶମ ଅଧିକାରୀ ବିକାଶ କୁମାର ସାହୁ, ଜିଲା ସଂଯୋଜକ ତ୍ରିପୁରା ମିଶ୍ର, ରବୀନ୍ଦ୍ର କୁମାର ଦାସ, ସତ୍ୟକାମ ମହାନ୍ତି, ସମିତି ସଭ୍ୟ ଜୟନ୍ତ ଦାସ, ଝାରକଟା ସ୍କୁଲ ପ୍ରଧାନ ଶିକ୍ଷକ ଜିତେନ କୁମାର ଦାସ, ସାମାଜିକ କାର୍ଯ୍ୟକର୍ତ୍ତା ପ୍ରଭାତ ଖଟୁଆ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ।

# ମାନବାଧିକାର କମିଶନରେ ମାମଲା ରୁଜୁ

କଟକ,୧୯।୬(ଶିଳ୍ପା ପ୍ରିୟଦର୍ଶିନୀ)

## ଘରୋଇ ହସ୍ପିଟାଲରେ ନବଜାତକ ମୃତ୍ୟୁ ଘଟଣା

କଟକ ସିଡିଏ ସେକ୍ଟର-୭ରେ ଥିବା ଏକ ଘରୋଇ ଡାକ୍ତରଖାନାରେ ନବଜାତକ ମୃତ୍ୟୁ ଘଟଣାରେ ପରିବାର ଲୋକ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଛନ୍ତି। କୋରେଇ ଅଞ୍ଚଳର ମାନବାଧିକାର କର୍ମୀ ଏକ ମାମଲା ରୁଜୁ କରିଥିବାବେଳେ ଏହି ଘଟଣାରେ କ'ଣ ପଦକ୍ଷେପ ନିଆଯାଇଛି ସେ ନେଇ ଆସନ୍ତା ୩୦ଦିନ ମଧ୍ୟରେ ଉତ୍ତର ରଖିବାକୁ କଟକ ଜିଲାପାଳଙ୍କୁ କମିଶନର ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି। ତେବେ ଶିଶୁପୁତ୍ର ମୃତ୍ୟୁ ଘଟଣାକୁ ୮ମାସ ବିତିଯାଇଥିଲେ ମଧ୍ୟ ଚିକିତ୍ସା ଅବହେଳା କରିଥିବା ଘରୋଇ ଡାକ୍ତରଖାନା ଓ ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଯିବାରୁ ପରିବାର ଲୋକ ଏଭଳି ପଦକ୍ଷେପ ନେଇଥିବା ଜଣାପଡିଛି।

ସୂଚନା ଅନୁଯାୟୀ, ଯାଜପୁର କୋରାଇ ଅଞ୍ଚଳର ରାଜେନ୍ଦ୍ର ସାହୁଙ୍କ ସ୍ତ୍ରୀ ସୁପ୍ରଭା ବିଶ୍ୱାଳ ଗତବର୍ଷ ଅକ୍ଟୋବର ୨୬ରେ ଯାଜପୁର ମେଡ଼ିକାଲରେ ଏକ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ। ଶିଶୁର ଶ୍ୱାସକ୍ରିୟାରେ ସମସ୍ୟା ଦେଖାଦେବାରୁ ଯାଜପୁର ମେଡ଼ିକାଲରୁ କଟକ ଶିଶୁଭବନକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଆଇସିୟୁ ଶଯ୍ୟା ଖାଲି ନ ଥିବାରୁ ପରିବାର ଲୋକ ଶିଶୁଟିକୁ ଅକ୍ଟୋବର ୨୮ରେ ସିଡିଏ ଅଞ୍ଚଳର ଘରୋଇ ହସ୍ପିଟାଲକୁ ନେଇଥିଲେ। ଶିଶୁକୁ ଆଇସିୟୁରେ ରଖାଯାଇ ଚିକିତ୍ସା କରାଯାଉଥିବା ନେଇ ପରିବାର ଲୋକଙ୍କୁ ହସ୍ପିଟାଲ ପକ୍ଷରୁ କୁହାଯାଇଥିଲା। ହେଲେ କୌଣସି ସୂତ୍ରରୁ ପରିବାର ଲୋକ ଶିଶୁଟିର ସ୍ୱାସ୍ଥ୍ୟାବସ୍ଥା ଖରାପ ହେଉଥିବା ଜାଣିବାକୁ ପାଇଥିଲେ। ଏହାପରେ ପରିବାର ଲୋକ ଡାକ୍ତରଙ୍କୁ ଖୋଜି ଥିବାବେଳେ ହସ୍ପିଟାଲରେ ଡାକ୍ତର ଉପସ୍ଥିତ ନ ଥିଲେ ଏବଂ ପରଦିନ ସକାଳେ ପରିବାର ଲୋକ ଶିଶୁର ସ୍ୱାସ୍ଥ୍ୟାବସ୍ଥା ନେଇ ପଚାରିବାରୁ ଶିଶୁର ମୃତ୍ୟୁ ଖବର ପାଇଥିଲେ। ଶିଶୁର ମୃତ୍ୟୁ ଖବର ନ ଜଣାଇ ହସ୍ପିଟାଲ କର୍ତ୍ତୃପକ୍ଷ ବକେୟା ଟଙ୍କା ପୈଠ କରିବାକୁ କହିଥିଲେ। ନ୍ୟାୟ ଦାବିରେ ହସ୍ପିଟାଲ ସମ୍ମୁଖରେ ୨ ଦିନ ପରିବାର ଲୋକ ଧାରଣା ଦେଇଥିଲେ। ପରେ କଟକ ଜିଲାପାଳ ଚିକିତ୍ସାଳୟକୁ ସିଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ବର୍ତ୍ତମାନ ସୁଦ୍ଧା ଡାକ୍ତରଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ ବରଂ ସିଲ ହୋଇଥିବା ଉକ୍ତ ଘରୋଇ ହସ୍ପିଟାଲଟି ପୁଣି କାର୍ଯ୍ୟକ୍ଷମ ହୋଇଛି। ଏହି ଘଟଣା ନେଇ କୋରେଇ ଅଞ୍ଚଳର ମାନବାଧିକାର କର୍ମୀ ମନୋଜ ଜେନାଙ୍କ ସହଯୋଗ ପରିବାର ଲୋକ ଲୋଡ଼ିଥିବାବେଳେ ମନୋଜ ମାନବ ଅଧିକାର କମିଶନରେ ଏକ ମାମଲା ରୁଜୁ କରିଛନ୍ତି।

# ବିକାଶ ବାହନ ରଥର ଶୁଭାରମ୍ଭ



ଅତିଥି ପତାକା ଦେଖାଇ ବିକାଶ ବାହନ ରଥର ଶୁଭାରମ୍ଭ କରୁଛନ୍ତି।

ବାଙ୍କୀ,୧୯।୬(ଜ୍ଞାନେନ୍ଦ୍ର ମୋହନ ମିଶ୍ର ):

## ହିତାଧିକାରୀଙ୍କୁ ମିଳିଲା ଭତ୍ତା

ରାଜ୍ୟରେ ଭାଜପା ସରକାରଙ୍କ ବର୍ଷକର ଉପଲବ୍ଧକୁ ଲୋକଙ୍କ ପାଖରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଗୁରୁବାର ବିକାଶ ବାହନ ରଥ ପରିକ୍ରମା ବାଙ୍କୀ ଏନଏସିରେ ଶୁଭାରମ୍ଭ ହୋଇଯାଇଛି। ଏହାକୁ ପତାକା ଦେଖାଇ ନଗରପାଳ ମାଣିକ ସାହୁ ଶୁଭାରମ୍ଭ କରିଥିଲେ। ଏହାସହ ମଧୁବାବୁ ପେନ୍‌ସନ ଯୋଜନାରେ ୧୪ ଜଣ ନୂତନ ହିତାଧିକାରୀଙ୍କୁ ନଗରପାଳ ଭତ୍ତା ବାଣ୍ଟିଥିଲେ।

ଏହି ଅବସରରେ ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟମାନେ ରାସ୍ତାରେ ଝୋଟି ଚିତା ପକାଇବା ସହ କଳସ ବସାଇଥିଲେ । ପ୍ରଥମ ଦିନରେ ୱାର୍ଡ ନଂ.୧୦ ପରିଷଦର କାର୍ଯ୍ୟାଳୟ ସମ୍ମୁଖରେ ବିକାଶ ବାହନ ଗାଡି ପରିକ୍ରମା ଆରମ୍ଭ କରାଯାଇଛି। ପରେ ଏହି ରଥ ୱାର୍ଡ ନଂ.୭,୮,୯ , ନୃସିଂହ ଛକ , ରଘୁନାଥ ମନ୍ଦିର ପାଖ, ଖମାରଙ୍ଗ, ବେଦପୁର, ଶିଶୁଆ, ଚକାପଦା ଗ୍ରାମ ପରିକ୍ରମା କରିଥିଲା । ପରିକ୍ରମା ସମୟରେ ସମସ୍ତ ୱାର୍ଡର କାଉନସିଲରମାନେ ଉପସ୍ଥିତ ରହି ବିକାଶ ବାହନ ପରିକ୍ରମାରେ ସାମିଲ ହୋଇଥିଲେ ।

ଏହି ଉପଲକ୍ଷେ ପାଲାଗାୟକ ରମେଶ ବାରିକ ଓ ସାଥୀଙ୍କ ଦ୍ୱାରା ରାଜ୍ୟ ସରକାରଙ୍କ ଏକ ବର୍ଷର ସଫଳତାର ବାର୍ତ୍ତା ପରିବେଷଣ କରାଯାଇ ରାସ୍ତାରେ ପ୍ରଚାର କରାଯାଇଥିଲା। ଉପନଗରପାଳ ସନ୍ତୋଷ କୁମାର ରଣା, କାଉନସିଲର ସନାତନ ବେହେରା, ପଠାଣି ବେହେରା, ସଞ୍ଜୟ ପୃଷ୍ଟି, ମନୋରମା ବେହେରା, ନିରୁପମା ବେହେରା, ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ କୁମାର ବିଶ୍ୱାଳ, ସହକାରୀ ଯନ୍ତ୍ରୀ ରମେଶ ଚନ୍ଦ୍ର ସେଠୀ, ସଂଗଠିକା ମଧୁସ୍ମିତା ଦାସ, ସେକ ରାଜଉଦ୍ଦିନ ରୁଦ୍ରପତି, ବିମାନ ଦଲେଇଙ୍କ ସମେତ ସମସ୍ତ କର୍ମଚାରୀ , ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା ପକ୍ଷରୁ ଟିମ୍ ଲିଡର ଅକ୍ଷୟ କୁମାର ମିଶ୍ର, ସ୍ୱଚ୍ଛ ସୁପରଭାଇଚର ନିହାର ରଞ୍ଜନ ନାୟକ, ମହିଳା ସ୍ୱୟଂସହାୟିକ ଗୋଷ୍ଠୀର ସଦସ୍ୟମାନେ ଉପସ୍ଥିତ ଥିଲେ । ବିକାଶ ବାହନ ରଥ ପରିକ୍ରମା ୩ଦିନ ଧରି ବାଙ୍କୀ ଏନଏସିରେ ଚାଲୁ ରହିବ ।

### କଟକ ଜିଲାପାଳଙ୍କ କାର୍ଯ୍ୟାଳୟର ପୂର୍ବତନ ଅଧିକାରୀଙ୍କୁ ଭିଜିଲାନ୍ସ ଅଦାଲତରେ ଦଣ୍ଡିତ

କଟକ,୧୯।୬(କାର୍ତ୍ତିକ ସାହୁ)

ସରକାରୀ ଚାକିରିରୁ ଅବସର ନେଇଥିବା କଟକ ଜିଲାପାଳଙ୍କ ଅଫିସର ପୂର୍ବତନ ସବ୍‌ଡିଭିଜନାଲ କ୍ଷୁଦ୍ର ଜମା ଅଧିକାରୀ ସଞ୍ଜୟ କୁମାର ସାହୁଙ୍କୁ କଟକ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ୩ବର୍ଷ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଅଭିଯୋଗକାରୀଙ୍କ ନାମରେ ପୋଷ୍ଟାଲ ଏଜେନ୍ସି ଲାଇସେନ୍ସ କରାଇଦେବା ପାଇଁ ଲାଞ୍ଚ ନେବା ଅଭିଯୋଗରେ ସଞ୍ଜୟ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ଦୁର୍ନୀତି ନିବାରଣ ଆଇନ୍‌ର ଧାରା ୧୩(୨) ଆର/ଡବ୍ଲ୍ୟୁ ୧୩(୧) (ଘ)/୭ ଅନୁଯାୟୀ ତାଙ୍କ ବିରୋଧରେ ଓଡ଼ିଶା ଭିଜିଲାନ୍ସ ମାମଲା ରୁଜୁ କରିଥିଲା। କଟକ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତରେ ମାମଲାର ବିଚାର ଶେଷ ହୋଇ ଗୁରୁବାର ରାୟ ପ୍ରକାଶ ପାଇଛି। ଏବେ ଭିଜିଲାନ୍ସ ତାଙ୍କ ପେନ୍‌ସନ୍ ବନ୍ଦ କରିବା ପାଇଁ କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରିବ ବୋଲି ଜଣାଯାଇଛି। ଭିଜିଲାନ୍ସ କଟକ ଡିଭିଜନ୍‌ର ପୂର୍ବତନ ଇନ୍‌ସପେକ୍ଟର ହିମାଂଶୁ ଶେଖର ମିଶ୍ର ମାମଲାର ତଦନ୍ତ କରୁଥିଲେ। ସ୍ପେଶାଲ ପିପି ସର୍ବେଶ୍ୱର ବାରିକ ଓ ସହକାରୀ ପିପି ଦୀପକ କୁମାର ସ୍ୱାଇଁ ମାମଲା ପରିଚାଳନା କରୁଥିଲେ। ବକ୍ସିବଜାରସ୍ଥିତ ସିଡିଏ

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ଅଭିଜ୍ଞାନ



@ ଅସିତ୍



@ ଗୋବିନ୍ଦଚନ୍ଦ୍ର

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବାତ୍ୟା, ବନ୍ୟା ପ୍ରାକୃତିକ ବିପର୍ଯ୍ୟୟ ପ୍ରସ୍ତୁତି ବୈଠକ

ବାଙ୍କୀ,୧୯।୬(ଜ୍ଞାନେନ୍ଦ୍ର ମୋହନ ମିଶ୍ର ):

ବାତ୍ୟା ଓ ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ବାଙ୍କୀ ଏନ୍‌ଏସିରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପନଗରପାଳ ସନ୍ତୋଷ କୁମାର ରଣାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ନଗରପାଳ ମାଣିକ ସାହୁ ଯୋଗଦେଇଥିଲେ । ପ୍ରତି ବର୍ଷ ହେଉଥିବା ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ କିଭଳି ପରିଚାଳନା ସୁଚାରୁ ରୂପେ କରାଯିବ ସେଥି ପାଇଁ ବିଭାଗ ସଠିକ ଭାବେ ଦାୟିତ୍ୱ ନେବା ପାଇଁ ପରାମର୍ଶ ଦେଇଥିଲେ । ବିପର୍ଯ୍ୟୟ ସମୟରେ ଧନଜୀବନ ସୁରକ୍ଷିତ କରିବା ସହ କୌଣଷି ଜୀବନ ହାନି ନ ହେବ ସେଥିପ୍ରତି ଗୁରୁତ୍ୱ ଦିଆଯାଇଥିଲା। ଏହି କର୍ମଶାଳାରେ ବାଙ୍କୀ ଥାନା ଅଧିକାରୀ ଦିଲ୍ଲୀପ କୁମାର ମର୍ଦ୍ଦରାଜ ଭୂୟାଁ, ଡାକ୍ତର ପଦ୍ମଲୋଚନ ପଣ୍ଡା, ଜଳ ସମ୍ପଦ ବିଭାଗ ପକ୍ଷରୁ ସହକାରୀ ଯନ୍ତ୍ରୀ ପ୍ରଭାସ ଚନ୍ଦ୍ର ପଟ୍ଟନାୟକ, ଡମପଡ଼ା ସହକାରୀ ଶିକ୍ଷାଅଧିକାରୀ ଜୟନ୍ତୀ ବିଶ୍ୱାଳ, ପ୍ରାଣୀ ଚିକିତ୍ସକ ଶିଶିର କୁମାର ସାହୁ, ଅଗ୍ନିଶମ ବିଭାଗର ସଞ୍ଜୀବ କୁମାର ସାହୁ, ଆଦିବାସୀ ହରିଜନ କଲ୍ୟାଣପରିଷଦର ସମ୍ପାଦକ କେଶବ ଚନ୍ଦ୍ର ବେହେରା ସେମାନଙ୍କର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ବୈଠକରେ ଏମ୍‌ପି ପ୍ରତିନିଧି ସରୋଜ କୁମାର ସାମନ୍ତରାୟ, କାଉନସିଲର ସନାତନ ବେହେରା, ଚନ୍ଦନ ଗଣ୍ଡିଆ, ସଞ୍ଜୟ ପୃଷ୍ଟି, ପଠାଣି ବେହେରା, ଶାନ୍ତିଲତା ବେହେରା, ରାଜେନ୍ଦ୍ର ମହାପାତ୍ର, ମନୋରମା ମହାପାତ୍ର, ପ୍ରଭାତୀ ମଙ୍ଗୁଆଲଙ୍କ ସମେତ ସମସ୍ତ କାଉନସିଲର, କର୍ମଚାରୀ, ସ୍ୱେଚ୍ଛାସେବୀ ଉପସ୍ଥିତଥିଲେ। ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ କୁମାର ବିଶ୍ୱାଳ ଅତିଥି ପରିଚୟ ଦେବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

# କୃଷ୍ଣପଲ୍ଲୀ ରଜ ମହୋତ୍ସବ ଉଦ୍‌ଯାପିତ

## ପାୟଲ ଓ ଶୁଭସ୍ମିତା ହେଲେ 'ରଜ ପରୀ'

ବାଙ୍କୀ, ୧୯।୬ ( ଶୁଭେନ୍ଦୁ ମହାପାତ୍ର ):

ବାଙ୍କୀ ଡମପଡ଼ା ବ୍ଲକ ଅନ୍ତର୍ଗତ ତାଳବସ୍ତ ପଞ୍ଚାୟତ କୃଷ୍ଣପଲ୍ଲୀ ଗ୍ରାମରେ ୫ ଦିନ ଧରି ଚାଲିଥିବା ରଜ ମହୋତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଝିଅ ବୋହୂଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ମହୋତ୍ସବର ପ୍ରତି ସନ୍ଧ୍ୟାରେ ତାଳବସ୍ତ, ଅରପୁର, ଦୁଲଣାପୁର ଓ ଡମପଡ଼ା ଅଞ୍ଚଳର ନୃତ୍ୟଶିଳ୍ପୀଙ୍କ ମଧ୍ୟରେ ନୃତ୍ୟ ପ୍ରତିଯୋଗିତା କରାଯାଇଥିଲା। ପୁରୁଷମାନଙ୍କୁ ନେଇ କବାଡି, କ୍ରିକେଟ୍, ତାସ ଖେଳ ଓ ମହିଳାମାନଙ୍କୁ ନେଇ ପୁଚି, କବାଡି, ଝୋଟି ଆଦି ପ୍ରତିଯୋଗିତା



ରଜ ମହୋତ୍ସବ ଉଦ୍‌ଯାପନୀ ଉତ୍ସବରେ ଜଣେ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଉଛି।

କରାଯାଇଥିଲା। ପ୍ରତିଯୋଗିତାରେ ଭାଗନେଇଥିବା ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା। ବିଚାରକ ଅତିଥି ଭାବେ ଅନୁଷ୍ଠାନର ଉପଦେଷ୍ଟା ପୀତବାସ ସାହୁ, ଗନ୍ଧର୍ବ ବେହେରା, ରବି ଦାସ, ସୁବ୍ରତ କୁମାର ନାୟକ, ମାଷ୍ଟର ସିନି କୁମାର ପ୍ରମୁଖ ଯୋଗଦେଇଥିଲେ। ତାଳଚେରର ନୃତ୍ୟଶିଳ୍ପୀ ପାୟଲ ସାଠୁଆ ଏବଂ ଡମପଡ଼ାର ଶୁଭସ୍ମିତା ସେଠୀ ଚଳିତ ବର୍ଷର ଯୁଗ୍ମ ରଜ ପରୀ ଭାବେ ସମ୍ବର୍ଦ୍ଧିତ ହୋଇଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ନାରଣ ମହାପାତ୍ର, ଗଜେନ୍ଦ୍ର ଦାସ, ଲିଟୁ ମହାପାତ୍ର, ଚନ୍ଦନ ମହାରଣା, କାର୍ତ୍ତିକ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# କଳା, ସାହିତ୍ୟ, ସଂସ୍କୃତି ଓ ଭାଇଚାରା ସୃଷ୍ଟି କରିଛି ରଜ ମହୋତ୍ସବ



ରଜ ମହୋତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

ବାଙ୍କୀ,୧୯।୬(ଶୁଭେନ୍ଦୁ ମହାପାତ୍ର ) ବାଙ୍କୀ କଚେରି ପଡିଆଠାରେ ୫ ଦିନ ଧରି ଚାଲିଥିବା ରଜ ମହୋତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବାଙ୍କୀ ଭାଜପା ବିଧାୟକ ପ୍ରାର୍ଥୀ ତୁଷାରକାନ୍ତ ଚକ୍ରବର୍ତ୍ତୀ ଯୋଗଦେଇ ରଜ ମହୋତ୍ସବ କଳା, ସାହିତ୍ୟ, ସଂସ୍କୃତି ଓ ଭାଇଚାରା ସୃଷ୍ଟି କରିଥାଏ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ମୁଖ୍ୟଯନ୍ତ୍ରୀ ବନ୍ଧବାଡ ମଦନ ମୋହନ ସାମନ୍ତରାୟ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ସୁବାସ ଚନ୍ଦ୍ର ମିଶ୍ର, ଡମପଡ଼ା ବ୍ଲକ ଏମ୍‌ପି ପ୍ରତିନିଧି ସରୋଜ କୁମାର ମତଗଜ ସିଂହ, ବାଙ୍କୀ ବ୍ଲକ ଏମ୍‌ପି ପ୍ରତିନିଧି ଜୟନ୍ତ କୁମାର ବେଉରା, ଏନଏସି ଏମ୍‌ପି ପ୍ରତିନିଧି ସରୋଜ ସାମନ୍ତରାୟ, ସମାଜିକ କର୍ମୀ ନଳିନୀ କୁମାର ରାୟ, ସଂଗଠକ ସମ୍ପାଦକ କାହ୍ନୁ ଚରଣ ବେହେରା, ସହ ସମ୍ପାଦକ ବାପି ସାମଲ, ଉପଦେଷ୍ଟା କୃଷ୍ଣ ବେହେରା, ନଗର ଭାଜପା ସଭାପତି ସଞ୍ଜୟ ବେହେରା ପ୍ରମୁଖ ଯୋଗଦେଇଥିଲେ।

କାର୍ଯ୍ୟକ୍ରମକୁ କମିଟି ସଭାପତି ପଠାଣି ବେହେରା ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ଶ୍ରୀନିବାସ ବେହେରା ବିବରଣୀ ପାଠ କରିଥିଲେ। ବିଭିନ୍ନ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ରଜ ମହୋତ୍ସବ ସଙ୍ଗଠନ ସମ୍ପାଦକ କାହ୍ନୁ ଚରଣ ବେହେରା ମଞ୍ଚ ପରିଚାଳନା କରିଥିଲେ। ବିବେକାନନ୍ଦ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ ।

# ପାର୍ବଣ ପୂର୍ବରୁ ସହରର ସମସ୍ୟା ସମାଧାନ ଉପରେ ଗୁରୁତ୍ୱ

## କଟକ ମହାନଗର ଶାନ୍ତି କମିଟିର ପୂର୍ଣ୍ଣାଙ୍ଗ କାର୍ଯ୍ୟକାରିଣୀ କମିଟି ବୈଠକ

କଟକ,୧୯।୬(ଶିଳ୍ପା ପ୍ରିୟଦର୍ଶିନୀ)



କଟକ ମହାନଗର ଶାନ୍ତି କମିଟିର ପୂର୍ଣ୍ଣାଙ୍ଗ କାର୍ଯ୍ୟକାରିଣୀ କମିଟି ବୈଠକରେ ଯୋଗଦେଇଥିବା କର୍ମକର୍ତ୍ତାବୃନ୍ଦ।

କଟକ ମହାନଗର ଶାନ୍ତି କମିଟିର ପୂର୍ଣ୍ଣାଙ୍ଗ କାର୍ଯ୍ୟକାରିଣୀ କମିଟି ବୈଠକ ସ୍ଥାନୀୟ ବାରବାଟୀ ଷ୍ଟାଡିୟମସ୍ଥିତ ଓସିଏ ସମ୍ମିଳନୀ କକ୍ଷରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ଦେବେନ୍ଦ୍ରନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସାଧାରଣ ସମ୍ପାଦକ ଭିକାରୀ ଦାସ ଚଳିତବର୍ଷ ଦୁର୍ଗାପୂଜାର ଯଥେଷ୍ଟ ପୂର୍ବରୁ କଟକ ସହରର ବହୁବିଧ ସମସ୍ୟା ସମାଧାନ ଦାବି କରି ଏକ ପ୍ରସ୍ତାବ ଆଗତ କରିଥିଲେ। ଦାବି ମଧ୍ୟରେ ରାସ୍ତାଘାଟର ମରାମତି କିମ୍ବା ଆବଶ୍ୟକସ୍ଥଳେ ପୁନଃନିର୍ମାଣ କରିବା, ମେଢ଼ ଶୋଭାଯାତ୍ରାରେ ବିଦ୍ୟୁତ୍, ଟେଲିଫୋନ ଓ କେବୁଲ ତାରର ଅପସାରଣ କରିବା ସହ ଗଛଡାଳଗୁଡିକ କାଟିବା ଏବଂ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ରାସ୍ତାର ଡେକୋରେସନ ଓ ତୋରଣଗୁଡିକର ବାଉଁଶ ଖୋଲିବା ପାଇଁ ଜିଲା ପ୍ରଶାସନ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରାଯାଇଛି। ବୈଠକରେ କମିଟିର ଏକ ଆଇନ ପରାମର୍ଶଦାତା କମିଟି ଗଠନ କରାଯାଇଛି। ଏଥିରେ ଆଇନଜୀବୀ ଧରଣୀଧର ନାୟକ, ତାପସ ପ୍ରହରାଜ, ଆଲୋକ ମହାପାତ୍ର, ଦୟାନିଧି ଲେଙ୍କା, ନଳିନୀ ସେନାପତି, ଜ୍ୟୋତିପ୍ରକାଶ ଘୋଷ, ବଦ୍ରିନାରାୟଣ ମହାପାତ୍ର, ସନ୍ତୋଷ ଲେଙ୍କା ଓ ଧର୍ମେଶ ନାୟକ ପ୍ରମୁଖ ସଦସ୍ୟଙ୍କୁ ମନୋନୀତ କରାଯାଇଥିଲା। ସେହିପରି ସମାଧାନ କମିଟିରେ ଦେବେନ୍ଦ୍ରନାଥ ସାହୁ, ପ୍ରଦୀପ ସିହ୍ନା, ନୃସିଂହଚରଣ ଚୌଧୁରୀ, ଭିକାରୀ ଦାସ, ଦେବାଶିଷ ରାୟ ଓ ନରେଶ ସାହୁ ସଦସ୍ୟ ଭାବେ ମନୋନୀତ କରାଯାଇଛି। ବୈଠକରେ କର୍ମକର୍ତ୍ତା ପ୍ରଦୀପ ସିହ୍ନା, ନୃସିଂହ ଚୌଧୁରୀ, ଆଇନଜୀବୀ ଆଲୋକ ମହାପାତ୍ର, ତାପସ ପ୍ରହରାଜ ଓ ନଳିନୀ ସେନାପତି, ଶିବେନ୍ଦ୍ର ହାତୀ, ଦେବାଶିଷ ରାୟ, ବିଜୟ ନାୟକ, ଡ. ଦ୍ୱିପାୟନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଯୁଗ୍ମସମ୍ପାଦକ ମୀନକେତନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଶ୍ରଦ୍ଧାଳୁଙ୍କ ସୁରକ୍ଷିତ ଦର୍ଶନ ଉପରେ ଗୁରୁତ୍ୱ

## ରଥଯାତ୍ରା ସମୀକ୍ଷା କଲେ ଉଚ୍ଚସ୍ତରୀୟ ମନ୍ତ୍ରୀ କମିଟି

ପୁରୀ,୧୯।୬(ଅଜିତ୍ କୁମାର ମହାନ୍ତି)

ଆସନ୍ତା ୨୭ ତାରିଖରେ ରଥଯାତ୍ରା ଅନୁଷ୍ଠିତ ହେବ। ସମସ୍ତ କାର୍ଯ୍ୟକୁ ଚୂଡ଼ାନ୍ତ ରୂପ ଦେବାକୁ ସରକାର, ପ୍ରଶାସନ ଓ ସେବାୟତ ପ୍ରସ୍ତୁତ ରହିଛନ୍ତି। ଚଳିତ ବର୍ଷ ସମସ୍ତ ଶ୍ରଦ୍ଧାଳୁ ଓ ଦର୍ଶନାର୍ଥୀ ଯେପରି ସୁନ୍ଦର, ସୁଖଦ ଓ ଶୃଙ୍ଖଳିତ ଦର୍ଶନ କରିବେ, ସେ ନେଇ ରଥଯାତ୍ରା ଉଚ୍ଚସ୍ତରୀୟ ମନ୍ତ୍ରୀ କମିଟି ଗୁରୁତ୍ୱାରୋପ କରିଛି। ପୁରୀ ସ୍ୱତନ୍ତ୍ର ସର୍କିଟ ହାଉସଠାରେ ଗୁରୁବାର ପୂର୍ବାହ୍ନରେ ରଥଯାତ୍ରା ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଉପମୁଖ୍ୟମନ୍ତ୍ରୀ ତଥା ରଥଯାତ୍ରା ଉଚ୍ଚସ୍ତରୀୟ ମନ୍ତ୍ରୀ କମିଟିର ଅଧ୍ୟକ୍ଷା ପ୍ରଭାତୀ ପରିଡ଼ା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ସମୀକ୍ଷା ବୈଠକରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସମସ୍ତଙ୍କୁ ସ୍ୱାଗତ କରିବା ସହ ରଥଯାତ୍ରା ପ୍ରସ୍ତୁତି ସମ୍ପର୍କରେ ଅବଗତ କରାଇଥିଲେ। ପରେ ପରେ ସମସ୍ତ ମନ୍ତ୍ରୀମାନଙ୍କ ସହ ଉପମୁଖ୍ୟମନ୍ତ୍ରୀ ରଥଖଳା ପରିଦର୍ଶନ କରି ରଥ ନିର୍ମାଣର ଅଗ୍ରଗତି ଅନୁଧ୍ୟାନ କରିଥିଲେ। ସିଂହଦ୍ୱାର ଓ ଶ୍ରୀମନ୍ଦିର ପରିଦର୍ଶନ କରିବା ସହ ଅତିଥିମାନଙ୍କ ବସିବା ବ୍ୟବସ୍ଥାକୁ ତଦାରଖ କରିଛନ୍ତି।

ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ସ୍ୱାସ୍ଥ୍ୟ ମନ୍ତ୍ରୀ ମହାଲିଙ୍ଗ ସ୍ୱାସ୍ଥ୍ୟ ବ୍ୟବସ୍ଥା ସମ୍ପର୍କରେ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ମହାପାତ୍ର ସ୍ୱଚ୍ଛତା, ଡ୍ରେନ ସଫା, ଆଲୋକ ବ୍ୟବସ୍ଥା ସମ୍ପର୍କରେ ଏବଂ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଜେନା ପରିବହନ ବ୍ୟବସ୍ଥା, ପାର୍କିଂ ସ୍ଥଳ, ୨୦୦ ଅଟୋରେ ମାଗଣାରେ ଯାତ୍ରୀ ପରିବହନ ବ୍ୟବସ୍ଥା ଓ ଯାତ୍ରୀମାନଙ୍କ ସୁବିଧା ପାଇଁ ସମସ୍ତ ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେଇଥିଲେ। ପରେ ଉଚ୍ଚସ୍ତରୀୟ ମନ୍ତ୍ରୀ କମିଟି ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ସ୍ୱାସ୍ଥ୍ୟ ବ୍ୟବସ୍ଥାର ଅନୁଧ୍ୟାନ କରିବା ସହ ବିଭିନ୍ନ ପରାମର୍ଶମାନ ଦେଇଥିଲେ। ଶେଷରେ ଗୁଣ୍ଡିଚା ମନ୍ଦିର ପରିଦର୍ଶନ କରିଥିଲେ। ଅପରାହ୍ନରେ ସର୍କିଟ ହାଉସ ଠାରେ ଉପମୁଖ୍ୟମନ୍ତ୍ରୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା, ସୂଚନା କେନ୍ଦ୍ରଗୁଡ଼ିକୁ ଠିକ୍ ଭାବେ ପରିଚାଳନା କରିବା, ଯାତ୍ରୀମାନଙ୍କୁ ସମସ୍ତ ସୁବିଧା ଯୋଗାଇଦେବା, ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ, ପାନୀୟ ଜଳଯୋଗାଣ, ରାସ୍ତା ମରାମତି, ସୁରକ୍ଷା ବ୍ୟବସ୍ଥା, ଶାନ୍ତିଶୃଙ୍ଖଳା ରକ୍ଷା, ଟ୍ରାଫିକ ନିୟନ୍ତ୍ରଣ, ଦୂରଦର୍ଶନ ମାଧ୍ୟମରେ ରଥଯାତ୍ରାର ସିଧା ପ୍ରସାରଣ ଇତ୍ୟାଦି ସମ୍ପର୍କରେ ସମୀକ୍ଷା କରିବା ସହ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ଦୟାଲ ଗଙ୍ଗୱାର, ଗୋଇନ୍ଦା ନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀ, ଆଇନ ବିଭାଗ ପ୍ରମୁଖ ସଚିବ ମାନସ ରଞ୍ଜନ ବାରିକ, କେନ୍ଦ୍ରାଞ୍ଚଳ ଆଇଜି ପ୍ରବୀଣ କୁମାର, ଆଇଜି (ଟ୍ରେନିଂ) ଅନୁପ କୁମାର ସାହୁ, ଏସ୍‌ପି ବିନୀତ ଅଗ୍ରୱାଲ, ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଡ. ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପଜିଲାପାଳ ରାଜ କିଶୋର ଜେନା ଓ ଜିଲାସ୍ତରୀୟ ଅଧିକାରୀମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



ବୈଠକରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ସମେତ ଅନ୍ୟ ମନ୍ତ୍ରୀ ଓ ଅଧିକାରୀମାନେ ।





୧୯।୬।୨୦୨୫

| | |
|---|---|
| ୧,୧୫,୪୫୮ ଟଙ୍କା | |
| ସୁନା | ୧୦ ମିଲିଗ୍ରାମ୍ |
| ରୁପା | ୭.୫୦୦ ଗ୍ରାମ୍ |

## ସଂକ୍ଷେପରେ

### ୨୩ରେ ଉପମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି

ନିମାପଡ଼ା,୧୯।୬(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଏନ୍‌ଏସି ପକ୍ଷରୁ ଆସନ୍ତା ୨୩ ତାରିଖରେ ସ୍ଥାନୀୟ ଟାଉନ ହଲ୍‌ରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏ ସମ୍ପର୍କରେ କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଦାସ ସୂଚନା ଦେଇଛନ୍ତି। ଏନ୍‌ଏସିର ୧୧ଟି ୱାର୍ଡର ୱାର୍ଡବାସୀଙ୍କ ବିଭିନ୍ନ ସମସ୍ୟା, ଏନ୍‌ଏସିର ସାମଗ୍ରିକ ବିକାଶ ସମ୍ପର୍କରେ ବିଶଦ ଆଲୋଚନା କରାଯିବ। ଏଥିସହ ପୌରବାସୀଙ୍କଠାରୁ ବିଭିନ୍ନ ପ୍ରସ୍ତାବ ଗ୍ରହଣ କରାଯିବ। ନିମାପଡ଼ା ଏନ୍‌ଏସିକୁ ଏକ ସ୍ୱଚ୍ଛ, ନିର୍ମଳ, ସବୁଜିମା, ବିକଶିତ ଏନ୍‌ଏସି ଭାବେ ଗଢ଼ିତୋଳିବା, ରାଜ୍ୟରେ ଏକ ପ୍ରତିଷ୍ଠିତ, ଅଗ୍ରଣୀ ଏନ୍‌ଏସି ଭାବେ ନିମାପଡ଼ା ଏନ୍‌ଏସି ପରିଗଣିତ ହେବା ନେଇ ଉପମୁଖ୍ୟମନ୍ତ୍ରୀ ପରିଡ଼ାଙ୍କ ପରିକଳ୍ପନା ଓ ଲକ୍ଷ୍ୟ ରହିଛି। ଏ ଦିଗରେ ଉପମୁଖ୍ୟମନ୍ତ୍ରୀ ପରିଡ଼ା ତାଙ୍କ ଉଦ୍ୟମ ଜାରି ରଖିଛନ୍ତି। ଉପମୁଖ୍ୟମନ୍ତ୍ରୀଙ୍କ ଏହି ପରିକଳ୍ପନା ଓ ସ୍ୱପ୍ନ ଖୁବ୍‌ଶୀଘ୍ର ସାକାର ହେବ ବୋଲି ତାଙ୍କର ବିକାଶମୁଖୀ କାର୍ଯ୍ୟଧାରାରୁ ସ୍ପଷ୍ଟ ଜଣାପଡ଼ିଛି। ଏହି ଜନଶୁଣାଣି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଏନ୍‌ଏସିବାସୀ ଯୋଗଦେଇ ସେମାନଙ୍କ ସୁଚିନ୍ତିତ ମତାମତ, ପ୍ରସ୍ତାବ ପ୍ରଦାନ କରିବାକୁ କାର୍ଯ୍ୟନିର୍ବାହୀ ଅଧିକାରୀ ଦାସ ନିବେଦନ କରିଛନ୍ତି।

### ଭାଜପା କର୍ମୀଙ୍କ ବିୟୋଗରେ ଶୋକ

ଯୋଗେଶ୍ୱରପୁର,୧୯।୬ (ରଶ୍ମିରଞ୍ଜନ ସାହୁ)

ନୟାହାଟ ଫାଣ୍ଡି ଅଧୀନ ବାଉଲାଙ୍ଗ ପଞ୍ଚାୟତ ଅନ୍ତର୍ଗତ ସିଠୁରା ଗ୍ରାମର ଭାଜପା କର୍ମୀ କୈଳାସ ବିଶ୍ୱାଳ (୫୮)ଙ୍କ ବୁଧବାର ରାତିରେ ପରଲୋକ ହୋଇଛି। ସେ ତାଙ୍କ ଘରର ବାରଣ୍ଡାରେ ବସିଥିବାବେଳେ ହଠାତ୍ ତଳକୁ ଖସି ପଡ଼ିଥିଲେ। ସେହିଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ବାଉଲାଙ୍ଗ ପଞ୍ଚାୟତର ପୂର୍ବତନ ଭାଜପା ସଭାପତି ପୂର୍ଣ୍ଣଚନ୍ଦ୍ର ସେନ, ଭାଗୀରଥି ଦଳାଇ, ସନ୍ତୋଷ ପାଢ଼ୀ ପ୍ରମୁଖ ୫୦ରୁ ଊର୍ଦ୍ଧ୍ୱ କର୍ମୀ ମୃତ କୈଳାସଙ୍କ ଘରେ ପହଞ୍ଚି ତାଙ୍କ ପରିବାରକୁ ସମବେଦନା ଜଣାଇବା ସହ ତାଙ୍କର ସଦ୍‌ଗତି ପାଇଁ କାମନା କରିଥିଲେ।

# ଦଶମୂଳ ମୋଦକ ପ୍ରସ୍ତୁତି

ପୁରୀ,୧୯।୬(ଅଜିତ୍ କୁମାର ମହାନ୍ତି)

ଶ୍ରୀବିଗ୍ରହମାନେ ସ୍ନାନ ପୂର୍ଣ୍ଣିମାରେ ୧୦୮ ଗରା ଜଳରେ ସ୍ନାନ କରିବା ପରେ ଜ୍ୱରରେ ପୀଡ଼ିତ ହୋଇଛନ୍ତି। ଦଇତାପତି ଏବଂ ପତି ମହାପାତ୍ର ଗୁପ୍ତସେବା ଜାରି ରଖିଛନ୍ତି। ଦଇତାପତିମାନେ ଶ୍ରୀବିଗ୍ରହଙ୍କୁ ସୁସ୍ଥ କରିବା ପାଇଁ ଶୁକ୍ଳ ବସ୍ତ୍ର ପରିଧାନ ପରି ସେବା କରୁଛନ୍ତି। ମହାପ୍ରଭୁଙ୍କ ଅଣସର କ୍ରମଅନୁସାରେ ପଞ୍ଚମୀ ତିଥିରେ ମହାପ୍ରଭୁଙ୍କୁ ଫୁଲୁରି ତେଲ ଲାଗି ହେବା ପରେ ଷଷ୍ଠୀ ତିଥିଠାରୁ ତିନିଦିନ ଧରି ଓଷୁଅ ଲାଗି କରାଯାଇଥିଲା। ଦଶମୀ ତିଥି ଅବସରରେ ବୈଦ୍ୟଙ୍କ ଦ୍ୱାରା ପ୍ରସ୍ତୁତ ଦଶମୂଳ ମୋଦକ ଶ୍ରୀମନ୍ଦିରକୁ ବିଜେ କରାଯିବ। ଜ୍ୱରରେ ପୀଡ଼ିତ ଦାରୁବିଗ୍ରହ ଏହି ଦଶମୂଳ ମୋଦକ ଲାଗି ହେଲାପରେ ସମ୍ପୂର୍ଣ୍ଣ ସୁସ୍ଥ ହେବେ। ତେଣୁ ଶ୍ରୀମନ୍ଦିରର ବୈଦ୍ୟ ସେବକମାନେ ମହାପ୍ରଭୁଙ୍କ ପାଇଁ ଦଶମୂଳ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଦଶମୂଳ ପ୍ରସ୍ତୁତି ପାଇ ମାସେରୁ ଦେଢ଼ ମାସ ପୂର୍ବରୁ ଏହାକୁ ସଂଗ୍ରହ କରିବାକୁ ପଡ଼ିଥାଏ। ସ୍ନାନପୂର୍ଣ୍ଣିମା ପରେ ଦଶମୂଳ ଯଥା ଗମ୍ଭାରୀ, ଫଣଫଣା, ଶାଳପନି, କୃଷ୍ଣପନ୍ନ, ଅଗବଥୁ, ବେଲ, ଅଙ୍କରାନ୍ତି, ଗୋଖରା ଏବଂ ଅନ୍ୟ ଦ୍ରବ୍ୟଗୁଡ଼ିକୁ ଶୁଖାଯାଇଥାଏ। ଏହାକୁ ହେମଦସ୍ତାରେ କୁଟାହୋଇ ଗୁଣ୍ଡ କରାଯାଏ। ଏହି ଗୁଣ୍ଡକୁ ଗାମୁଛାରେ ଛଣାଯାଏ। ନୂତନ କାଠ ଚୁଲିରେ କଡେଇ ବସାଯାଇ ଖୁଆ, ସକରା, ସର, ମହୁ ଓ ଘିଅ ଇତ୍ୟାଦି ଦ୍ରବ୍ୟଗୁଡ଼ିକୁ ପକାଯାଇ ଦଶମୂଳକୁ ପାଗ କରାଯାଏ। ପାଗ ପରେ ତାହାକୁ କଦଳୀ ପତ୍ରରେ ରଖାଯାଇ ଥଣ୍ଡାକରି ଗୋଲାକାର ମୋଦକ ପ୍ରସ୍ତୁତ ହୁଏ। ପରେ କୁଡୁଆରେ ଦଶମୂଳ ମୋଦକକୁ ରଖି ଏହାଉପରେ କର୍ପୂର ପକାଇ ତାଳପତ୍ର ଭୋଗେଇରେ ପ୍ୟାକିଂ କରାଯାଇ ଦଶମୀ ତିଥିରେ ଶ୍ରୀମନ୍ଦିରରେ ଦାଖଲ କରାଯାଏ। ପରେ ପତିମାହାପାତ୍ର ଉକ୍ତ ମୋଦକକୁ ମହାପ୍ରଭୁଙ୍କ ନିକଟରେ ଲାଗି କରିଥାନ୍ତି।

ଏନେଇ ରାଜବୈଦ୍ୟ ସେବକ ଶୋଭନେଶ୍ୱର ମିଶ୍ର କହିଛନ୍ତି, ପରମ୍ପରା ଅନୁଯାୟୀ ଦଶମୀ ତିଥିରେ ମହାପ୍ରଭୁଙ୍କୁ ଦଶମୂଳ ମୋଦକ ଲାଗି ହୋଇଥାଏ। ଗଜପତି ମହାରାଜାଙ୍କ ନିର୍ଦ୍ଦେଶକ୍ରମେ ରାଜବୈଦ୍ୟମାନେ ପ୍ରସ୍ତୁତି କରିଥାନ୍ତି। ନବମୀ ଦିନ ଉକ୍ତ ଚେରମୂଳ ଗୁଡ଼ିକରେ ମହୁ, ନବାଦ, ଖୁଆ, ସର, କ୍ଷୀର, ଲବଙ୍ଗ ସହ ବିଭିନ୍ନ ପ୍ରଦାର୍ଥ ମିଶାଯାଇ ପାଗ କରାଯାଇଥାଏ। ପରେ ଦଶମୀ ତିଥିରେ ଉକ୍ତ ମୋଦକକୁଶ୍ରୀମନ୍ଦିରକୁପଠାଯାଇଥାଏ। ପରେ ପତିମହାପାତ୍ର ମହାପ୍ରଭୁଙ୍କୁ ଲାଗି କରିଥାନ୍ତି ବୋଲି ରାଜବୈଦ୍ୟ ମିଶ୍ର କହିଛନ୍ତି।



ଦଶମୂଳ ମୋଦକ ପ୍ରସ୍ତୁତି କରାଯାଉଛି ।

## ବିକାଶ ମେଳା ଉଦ୍‌ଯାପିତ

ପୁରୀ,୧୯।୬( ଅଜିତ୍ କୁମାର ମହାନ୍ତି)

ଶରଧାବାଲିଠାରେ ଭାଜପା ସରକାରଙ୍କ ଏକ ବର୍ଷ ପୂର୍ତ୍ତିର ବିକାଶ ମେଳା ବୁଧବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଛି। ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଡ. ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ ଅତିଥି ଭାବେ ଯୋଗଦେଇ ସରକାରଙ୍କ ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମର ସଫଳ ରୂପାୟନ ସହ ଜନସଚେତନତା ସୃଷ୍ଟି ଏହି ବିକାଶ ମେଳାର ଲକ୍ଷ୍ୟ ବୋଲି କହିଥିଲେ। ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ଏଥିରେ ଅଧ୍ୟକ୍ଷତା କରିବା ସହ ଏହି ମେଳାରେ ୫୦ଟି ଷ୍ଟଲ୍ ପଡ଼ିଲା। ଯେଉଁଥିରେ ୨୫ ବିଭାଗର ଷ୍ଟଲ ଥିବାବେଳେ ୨୫ଟି ଖାଦ୍ୟ ଷ୍ଟଲ ଥିଲା। ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ମିଶନ ଶକ୍ତି ଡିପିସି ସ୍ୱାଗତିକା ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ଜିଲାସ୍ତରୀୟ ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତାରେ ପ୍ରଥମ ପୁରୀ ମ୍ୟୁନିସିପାଲିଟିର ମା' ମଣିନାଗେଶ୍ୱରୀ ଏସ୍‌ଏଚ୍‌ଜି, ଦ୍ୱିତୀୟ କୃଷ୍ଣପ୍ରସାଦ ବ୍ଲକର ମା' ବ୍ରହ୍ମଦେବୀ ଏସ୍‌ଏଚ୍‌ଜି ଓ ତୃତୀୟ ଗୋପର ମା' ଝାଡ଼େମଲେଶ୍ୱରୀ ଏସ୍‌ଏଚ୍‌ଜିକୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ଜିଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା ଧନ୍ୟବାଦ ଦେଇଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ମଙ୍ଗଳା ମନ୍ଦିର ହୁଣ୍ଡିରୁ ବ୍ୟାଙ୍କରେ ଜମାହେଲା ୨,୦୬,୫୦୦ ରେଜା ଟଙ୍କା

ଅସ୍ତରଙ୍ଗ,୧୯।୬(ମମତା ଜେନା)

କାକଟପୁର ମଙ୍ଗଳା ମନ୍ଦିର ଦାନହୁଣ୍ଡିରୁ ବାହାରିଥିବା ଦାନ ଅର୍ଥର ନୋଟ୍‌ଗୁଡ଼ିକୁ ଗଣାଯାଇଥିବାବେଳେ ବଳକା ରେଜା ଟଙ୍କାକୁ ମନ୍ଦିର କାର୍ଯ୍ୟାଳୟରେ ଗଚ୍ଛିତ ରଖାଯାଇଥିଲା। ଗୁରୁବାର ସ୍ଥାନୀୟ ପୋଲିସ, ମନ୍ଦିର ଟ୍ରଷ୍ଟ ବୋର୍ଡ ଓ ସେବାୟତ ନିଯୋଗଙ୍କ ଉପସ୍ଥିତିରେ ସମସ୍ତ ୧୦ ଟଙ୍କିଆ ଓ ୫ ଟଙ୍କିଆ ରେଜା ଟଙ୍କାକୁ ଗଣତି କରାଯାଇ ମୋଟ ୨ ଲକ୍ଷ ୬ ହଜାର ୫୦୦ ଟଙ୍କାକୁ ମନ୍ଦିର ଖାତାରେ ଜମା କରାଯାଇଛି। ଅବଶିଷ୍ଟ ୮ ବସ୍ତାରୁ ଊର୍ଦ୍ଧ୍ୱ ଖୁଚୁରା ଗଣତି କରାଯାଇ ବ୍ୟାଙ୍କ ଖାତାରେ ଜମା କରାଯିବ ବୋଲି ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ଦାଶ ପ୍ରକାଶ କରିଛନ୍ତି। ଏହି ଗଣତି ଦାୟିତ୍ୱରେ ମନ୍ଦିର ଟ୍ରଷ୍ଟି ତଥା ଅତିରିକ୍ତ ତହସିଲଦାର ହେମାଙ୍ଗିନୀ ମାଝୀ, କାକଟପୁର ଥାନାଧିକାରୀ ଉମେଶ ସାହୁ, କାର୍ଯ୍ୟନିର୍ବାହୀ ଅଧିକାରୀ ଦାଶ, ସେବାୟତ ନିଯୋଗ ସଦସ୍ୟ ଓ ବ୍ୟାଙ୍କ କର୍ମଚାରୀମାନେ ଉପସ୍ଥିତ ଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଅଭିଜ୍ଞାନ



@ ଅସିତ୍



@ ଗୋବିନ୍ଦଚନ୍ଦ୍ର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଲୋକମେଳା, କୃଷିମେଳାର ଚତୁର୍ଥ ସନ୍ଧ୍ୟା

ପୁରୀ,୧୯।୬(ଅଜିତ୍ କୁମାର ମହାନ୍ତି)

ଶ୍ରୀ ଶ୍ରୀକ୍ଷେତ୍ର ସୂଚନା ପକ୍ଷରୁ ୨୩ତମ ଲୋକମେଳା ଓ ୧୬ତମ କୃଷିମେଳାର ଚତୁର୍ଥ ସନ୍ଧ୍ୟା ସ୍ୱର୍ଣ୍ଣାଭ ବେଳାଭୂମିରେ ଗୁରୁବାର ଅନୁଷ୍ଠିତ ହୋଇଛି। ଅନୁଷ୍ଠାନର ସମ୍ପାଦକ ରାଜେଶ କୁମାର ମହାନ୍ତିଙ୍କ ପରିଚାଳନାରେ ହିମାଂଶୁ ଶେଖର ଖଟୁଆ, ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର୍ ପ୍ରଜ୍ଞାଶ୍ରୀ ପ୍ରିୟମ୍ବଦା, ପୁରୀ ବାର୍ ଆସୋସିଏଶନ ସଭାପତି ପ୍ରେମାନନ୍ଦ ମହାନ୍ତି, ବାର୍ ଆସୋସିଏଶନ ସମ୍ପାଦକ ଶରତ ଚନ୍ଦ୍ର ରାଇଗୁରୁ, ଜିଲା ଶିଳ୍ପ କେନ୍ଦ୍ର ସାଧାରଣ ପରିଚାଳକ ମାନସ କୁମାର ବାରିକ, ସିଂହଦ୍ୱାର ଥାନାଧିକାରୀ ଶ୍ୱେତପଦ୍ମା ଦାଶ, ଜିଲା ହସ୍ତଶିଳ୍ପ କାର୍ଯ୍ୟାଳୟ ଉପନିର୍ଦ୍ଦେଶକ ଉମାପତି ବେହେରା, ବରିଷ୍ଠ ସେବାୟତ ଭଗବାନ ସୂପକାର, ଜଗନ୍ନାଥ ବଲ୍ଲଭ ଏଣ୍ଡାଓମେଂଟ୍‌ର ପୂର୍ବତନ ସଭାପତି ଭକ୍ତ ଚରଣ ଦାସ, ବିଶିଷ୍ଟ ସାମାଜିକ କର୍ମୀ ଚିତ୍ତରଞ୍ଜନ ବିଶ୍ୱାଳ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଉଦ୍‌ଘୋଷକ ଚନ୍ଦ୍ରବିଜୟୀ ମିଶ୍ର ସଂଯୋଜନା କରିଥିଲେ। ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ସନ୍ତୋଷ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ। କୃଷିମେଳାରେ ଭାରତର ବିଭିନ୍ନ ରାଜ୍ୟର ଅନେକ କୃଷି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ପ୍ରଫୁଲ୍ଲ କୁମାର ସାମନ୍ତରାୟ, ଶିବସୁନ୍ଦର ମିଶ୍ର, ରିତେଶ କୁମାର ମହାନ୍ତି, ବିଦ୍ରୋହ କେଶରୀ ସିଂହ, ନାରାୟଣ ପାତ୍ର, ସତ୍ୟବ୍ରତ ଦାସ, ଦେବେନ୍ଦ୍ର ମହାପାତ୍ର, ପ୍ରଦ୍ୟୁମ୍ନ ସାଥୁଆ, ସୌମ୍ୟରଞ୍ଜନ ମିଶ୍ର, ନୃସିଂହ ଚରଣ ଦାଶ ଏବଂ ସଦସ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ।

# ବିପର୍ଯ୍ୟୟ ମୁକାବିଲା ପାଇଁ ବାତ୍ୟା ଆଶ୍ରୟସ୍ଥଳୀରେ ମକ୍‌ଡ୍ରିଲ

କାକଟପୁର/ଅସ୍ତରଙ୍ଗ,୧୯।୬ (ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

ଓସ୍‌ଡମା ପକ୍ଷରୁ ପ୍ରତିବର୍ଷ ଭଳି ଜୁନ ୧୯ ଗୁରୁବାର ବାତ୍ୟା ଆଶ୍ରୟସ୍ଥଳୀଗୁଡ଼ିକରେ ମକ୍‌ଡ୍ରିଲ ଆୟୋଜିତ ହୋଇଯାଇଛି। ଏହାର ମୁଖ୍ୟ ଉଦ୍ଦେଶ୍ୟ ବନ୍ୟା ଓ ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସମସ୍ତ ବିଭାଗୀୟ ଅଧିକାରୀ, ଲୋକ ପ୍ରତିନିଧି ଓ ବିଭିନ୍ନ ବେସରକାରୀ ଅନୁଷ୍ଠାନ ମଧ୍ୟରେ ସହଯୋଗ ଏବଂ ସମନ୍ୱୟ ରକ୍ଷା ସହ ସମ୍ଭାବ୍ୟ ବିପର୍ଯ୍ୟୟକୁ ମୁକାବିଲା କରିବା। ବିପର୍ଯ୍ୟୟ ଦ୍ୱାରା ହେବାକୁ ଥିବା କ୍ଷୟକ୍ଷତିକୁ କିପରି ରକ୍ଷା କରାଯାଇପାରିବ, ସେହି ଉପଲକ୍ଷେ ଗୁରୁବାର ପୁରୀ ଜିଲା ଅସ୍ତରଙ୍ଗ ବ୍ଲକର କେନ୍ଦ୍ରାପଟି ପଞ୍ଚାୟତ ନିକଟସ୍ଥ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀରେ ମକ୍‌ଡ୍ରିଲ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କ ଉପସ୍ଥିତିରେ ଅସ୍ତରଙ୍ଗ ଅଗ୍ନିଶମ ବାହିନୀ ବିଭିନ୍ନ ପ୍ରକାର ଜୀବନ ରକ୍ଷାକାରୀ କୌଶଳ ପ୍ରଦର୍ଶନ କରିଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ଅସ୍ତରଙ୍ଗ ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ସୁଶ୍ରୀ ସସ୍ମିତା ବେହେରା, ଅତିରିକ୍ତ ତହସିଲଦାର ପ୍ରଭୁ ପ୍ରସାଦ ପଣ୍ଡା, ବ୍ଲକ ଉପାଧ୍ୟକ୍ଷ ଦୁର୍ଜୟ ମିଶ୍ର, ଅସ୍ତରଙ୍ଗ ଅଗ୍ନିଶମ କେନ୍ଦ୍ରର ଷ୍ଟେଶନ ଅଫିସର ପ୍ରହଲ୍ଲାଦ ରାୟ, ନୋଡାଲ ଏନ୍‌ଜିଓ ଅନସୂୟା ପରିଡ଼ା, ସ୍ଥାନୀୟ ସରପଞ୍ଚ ପ୍ରମୁଖ ଉପସ୍ଥିତ ଥିଲେ। ଅସ୍ତରଙ୍ଗ ବ୍ଲକର ୧୨ଟି ବାତ୍ୟା ଆଶ୍ରୟସ୍ଥଳୀ ଓ କାକଟପୁର ବ୍ଲକର ୪ଟି ବାତ୍ୟା ଆଶ୍ରୟସ୍ଥଳୀରେ ଏହି ମକ୍‌ଡ୍ରିଲ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟେକ ବାତ୍ୟା ଆଶ୍ରୟସ୍ଥଳୀରେ ମକ୍‌ଡ୍ରିଲ କାର୍ଯ୍ୟକ୍ରମକୁ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ପରିଚାଳନା କରିଥିଲେ।



ବାତ୍ୟା ଆଶ୍ରୟସ୍ଥଳୀରେ ଆୟୋଜିତ ମକ୍‌ଡ୍ରିଲ କାର୍ଯ୍ୟକ୍ରମରେ ଅତିଥି ଓ ଲୋକମାନେ ।

# ୧୦୯ ପଟ୍ଟା, ୨୦ ଅନ୍ତ୍ୟୋଦୟ ଗୃହ ନିର୍ମାଣ କାର୍ଯ୍ୟାଦେଶ ବଣ୍ଟନ

ସାକ୍ଷୀଗୋପାଳ,୧୯।୬(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)

ରାଜ୍ୟ ସରକାରଙ୍କ ୧ ବର୍ଷ ପୂର୍ତ୍ତି ଅବସରରେ 'ବର୍ଷ ଏକ, ଉପଲବ୍ଧି ଅନେକ' କାର୍ଯ୍ୟକ୍ରମ କରାଯାଉଛି। ଏହା ଜରିଆରେ ଲୋକଙ୍କୁ ସରକାରଙ୍କ ବିକାଶମୂଳକ ଯୋଜନା ବାବଦରେ ଅବଗତ କରାଇବା ପାଇଁ ଜିଲା ଓ ବ୍ଲକରେ ବିକାଶ ବାହନ ରଥ ଭ୍ରମଣ କରୁଛି। ଏହା ଜରିଆରେ ଲୋକେ ସଚେତନ ହେଉଛନ୍ତି। ସତ୍ୟବାଦୀ ତହସିଲ କାର୍ଯ୍ୟାଳୟ ଓ ସତ୍ୟବାଦୀ ବ୍ଲକ କାର୍ଯ୍ୟାଳୟରେ ଗୁରୁବାର ପୂର୍ବାହ୍ନରେ ପୃଥକ୍ ପୃଥକ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରୀ ଲୋକ ସଭା ସଦସ୍ୟ ଡ. ସମ୍ବିତ ପାତ୍ର ଓ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ଉଭୟ ଏହା କହିଥିଲେ।

ସତ୍ୟବାଦୀ ତହସିଲ କାର୍ଯ୍ୟାଳୟ ସଭାଗୃହରେ ଆୟୋଜିତ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମରେ ଲୋକ ସଭା ସଦସ୍ୟ ଡ. ପାତ୍ର ଓ ସତ୍ୟବାଦୀ ବିଧାୟକ ମିଶ୍ର ବିଭିନ୍ନ ବ୍ୟକ୍ତି ତଥା ଶିକ୍ଷା ଅନୁଷ୍ଠାନକୁ ପଟ୍ଟା ବାଣ୍ଟିଥିଲେ। ଏଥିରେ ମୁଖ୍ୟତଃ ୨୪ଟି ସିକିମି ପଟ୍ଟା, ଭୂମିହୀନଙ୍କୁ ୭, ଶିକ୍ଷାନୁଷ୍ଠାନକୁ ୪୪, ବେ ବନ୍ଦୋବସ୍ତ ୪, ସଂଶୋଧିତ ପଟ୍ଟା ୩୦ ଏହିଭଳି ସମୁଦାୟ ୧୦୯ଟି ପଟ୍ଟା ବଣ୍ଟାଯାଇଥିଲା। କାର୍ଯ୍ୟକ୍ରମକୁ ସତ୍ୟବାଦୀ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ ପରିଚାଳନା କରିଥିଲେ।

ପରେ ସତ୍ୟବାଦୀ ବ୍ଲକ ପରିସରରେ ୨୦ ଜଣ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ ନିର୍ମାଣ କାର୍ଯ୍ୟାଦେଶ ଓ ୨ ଜଣ ହିତାଧିକାରୀଙ୍କୁ ଖାଉଟି କାର୍ଡ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସତ୍ୟବାଦୀ ବିଡିଓ ଦେବାଶିଷ ନାୟକ ପରିଚାଳନା କରିଥିଲେ। ଅତିରିକ୍ତ ତହସିଲଦାର ଓମ୍ ପ୍ରକାଶ ପରିଡ଼ା, ମହିଳା ଓ ଶିଶୁ ବିକାଶ କାର୍ଯ୍ୟାଳୟ ଅଧିକାରୀ ରାଜଲକ୍ଷ୍ମୀ ଦାଶ, ସତ୍ୟବାଦୀ ବ୍ଲକ ସଂଯୋଜକ ଦେବାଶିଷ ପତ୍ରୀ, ଜିଲା ପରିଷଦ ସଭ୍ୟ ରତିକାନ୍ତ ମିଶ୍ର, ସଭ୍ୟା ବିଷ୍ଣୁପ୍ରିୟା ବରାଳ, ଭାଜପା ନେତା ସତୀଷ ମିଶ୍ରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ସତ୍ୟବାଦୀ ବ୍ଲକ କାର୍ଯ୍ୟାଳୟ ପରିସରରେ ବିକାଶ ବାହନ ରଥକୁ ଉଦ୍‌ଘାଟିତ ହୋଇଯାଇଥିଲା।



ସତ୍ୟବାଦୀ ତହସିଲ କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ଅନ୍ୟ ଅଧିକାରୀମାନେ ।

## ସଂକ୍ଷେପରେ

### ଟ୍ରକ୍ ପଛରେ ପିଟିହୋଇ ବାଇକ୍ ଚାଳକଙ୍କ ମୃତ୍ୟୁ

ଟାଙ୍ଗୀ, ୧୯।୬(ରଘୁନାଥ ସାହୁ)

୧୬ନଂ. ଜାତୀୟ ରାଜପଥର ମା' ଉଗ୍ରତାରା ଛକରେ ବୁଧବାର ରାତିରେ ଟ୍ରକ୍ ପଛରେ ପିଟି ହୋଇଯିବାରୁ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଟାଙ୍ଗୀ ଗ୍ରାମ ଗୋବିନ୍ଦପୁର ସାହିର ରୂପେନ୍ଦ୍ର ବେହେରା (୨୪)। ସୂଚନା ମୁତାବକ, ରୂପେନ୍ଦ୍ର ବାଇକ୍‌ରେ ଭୂଷଣ୍ଡପୁରସ୍ଥିତ ମା' ଉଗ୍ରତାରାଙ୍କ ପୀଠରେ ଅନୁଷ୍ଠିତ ରଜଯାତ୍ରା ଦେଖିବାକୁ ଯାଉଥିଲେ। ରାସ୍ତାକଡ଼ରେ ଟ୍ରକଟି ଛିଡା ହୋଇଥିବା ବେଳେ ଏହି ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି। ଖବର ପାଇ ଟାଙ୍ଗୀ ପୋଲିସ ପହଞ୍ଚି ଟ୍ରକ୍ ଓ ବାଇକ୍ ଜବତ କରି ତଦନ୍ତ ଜାରି ରଖିଛି।

### ୨୨ରେ ଆନ୍ତଃ ଜିଲା ଫୁଟ୍‌ବଲ ଦଳ ଚୟନ

ଖୋର୍ଦ୍ଧା, ୧୯।୬(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ଆନ୍ତଃ ଜିଲା ସିନିୟର ଫୁଟ୍‌ବଲ ଟୁର୍ନାମେଣ୍ଟ ପାଇଁ ଜିଲା ଦଳ ମନୋନୟନ ଆସନ୍ତା ୨୨ ତାରିଖରେ ଅନୁଷ୍ଠିତ ହେବ। ସ୍ଥାନୀୟ ଖୋର୍ଦ୍ଧା ଷ୍ଟାଡିୟମରେ ସକାଳ ୮ଟାରୁ ଏହି ମନୋନୟନ ଆରମ୍ଭ ହେବ। ଏଥିରେ ଅଂଶଗ୍ରହଣ କରିବାକୁ ଇଚ୍ଛୁକ ଖେଳାଳିମାନେ ନିଜର ଜନ୍ମ ପ୍ରମାଣପତ୍ର, ହାଇସ୍କୁଲ ସାର୍ଟିଫିକେଟ, ଆଧାରକାର୍ଡ ଆଣିବେ। ଏଥିରେ ବହୁ ଖେଳାଳି ଭାଗନେବାକୁ ଜିଲା ଆଥ୍‌ଲେଟିକ ଆସୋସିଏଶନ ସାଧାରଣ ସମ୍ପାଦକ ଉପେନ୍ଦ୍ର ନାଥ ଦାସ କହିଛନ୍ତି।

### ମହିଳା କର୍ମଚାରୀଙ୍କ ପାଇଁ କ୍ୟାନ୍‌ସର ସ୍କ୍ରିନିଂ କାର୍ଯ୍ୟକ୍ରମ

ଜଟଣୀ, ୧୯।୬(ରବୀନ୍ଦ୍ରନାଥ ମହାକୁଡ଼)

ଖୋର୍ଦ୍ଧାରୋଡ଼ ରେଳମଣ୍ଡଳରେ କାର୍ଯ୍ୟରତ ମହିଳା ରେଲ୍‌ୱେ କର୍ମଚାରୀଙ୍କ ପାଇଁ କର୍କଟ ସ୍କ୍ରିନିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ରେଲ୍‌ୱେ ଚିକିତ୍ସାଳୟ ଅଡିଟୋରିୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଇନ୍‌ଫ୍ରା) ଶୁଭ୍ରଜ୍ୟୋତି ମଣ୍ଡଳ, ପୂର୍ବତଟ ରେଳ ମହିଳା କଲ୍ୟାଣ ସଙ୍ଗଠନ, ଖୋର୍ଦ୍ଧାରୋଡ଼ର ସଚିବ ପ୍ରିୟଙ୍କା ନାଗୱାନୀ, ଖୋର୍ଦ୍ଧାରୋଡର ମୁଖ୍ୟ ଚିକିତ୍ସା ଅଧୀକ୍ଷକ ଡା. ସବିତା ଶତପଥୀ ପ୍ରମୁଖ ଉଦ୍‌ଘାଟନ କରିଥିଲେ। ଭୁବନେଶ୍ୱରସ୍ଥିତ ଉତ୍କଳ ହସ୍ପିଟାଲର ସିନିୟର ପ୍ରଫେସର ଡା. ଚିନ୍ମୟ କୁମାର ପାଣି କର୍କଟ ରୋଗ ହେବାର ବିଭିନ୍ନ କାରଣ ବିଷୟରେ କହିଥିଲେ। ଏଥିସହିତ ସମୟସୀମା ମଧ୍ୟରେ ସ୍କ୍ରିନିଂ ଏବଂ ପ୍ରାରମ୍ଭିକ ଚିହ୍ନଟ ରୋଗର ନିରାକରଣରେ ସାହାଯ୍ୟ କରିପାରିବ ବୋଲି କହିଥିଲେ। ପ୍ରଥମ ଦିନରେ କାର୍ମିକ ବିଭାଗର କେତେଜଣ ମହିଳା କର୍ମଚାରୀଙ୍କ ସ୍ତନ କର୍କଟ ଏବଂ ଗର୍ଭାଶୟ କର୍କଟ ପାଇଁ ସ୍କ୍ରିନିଂ କରାଯାଇଥିଲା। ନିର୍ଦ୍ଧାରିତ ତାରିଖ ଅନୁଯାୟୀ ମଣ୍ଡଳର ସମସ୍ତ ମହିଳା ରେଳ କର୍ମଚାରୀଙ୍କ ପାଇଁ ସ୍କ୍ରିନିଂ କାର୍ଯ୍ୟକ୍ରମ ବିଭାଗ ଭିତ୍ତିକ କରାଯିବ। ଏହି କର୍କଟ ସ୍କ୍ରିନିଂ କାର୍ଯ୍ୟକ୍ରମ ରେଳମଣ୍ଡଳର ମୁଖ୍ୟ ଚିକିତ୍ସା ଅଧୀକ୍ଷକ ଡା. ଶତପଥୀଙ୍କ ମାର୍ଗଦର୍ଶନରେ ପରିଚାଳିତ ହୋଇଥିଲା।

# ସୁସ୍ଥ ହେଉଛନ୍ତି ଶ୍ରୀଅନନ୍ତ ପୁରୁଷୋତ୍ତମ

ଖୋର୍ଦ୍ଧା, ୧୯।୬(ପ୍ରଭାତ ପାଣିଗ୍ରାହୀ)

ଦେବସ୍ନାନ ପୂର୍ଣ୍ଣିମାରେ ୧୦୮ ଗଡୁ ଜଳରେ ସ୍ନାନ ପରେ ଜ୍ୱରରେ ପଡ଼ିଛନ୍ତି ଶ୍ରୀଅନନ୍ତ ପୁରୁଷୋତ୍ତମ (ଶ୍ରୀଜଗନ୍ନାଥ), ଶ୍ରୀବଳଭଦ୍ର ଏବଂ ଦେବୀ ସୁଭଦ୍ରା। ଅଣସର ଗୃହରେ ଚାଲିଛି ଉପଚାର। ଅଣସର ବାସର ତୃତୀୟ ଦିବସରେ ଶ୍ରୀଜୀଉଙ୍କ ଓଦାବସ୍ତ୍ର ଫିଟା ନୀତି ସମ୍ପନ୍ନ ହୋଇଥିଲା। ସ୍ନାନବେଦିରେ ଅତ୍ୟଧିକ ସ୍ନାନ ଯୋଗୁ ଠାକୁରଙ୍କ ଶ୍ରୀଅଙ୍ଗ ଓଦା ହୋଇଯାଇଛି। ଏହି ଓଦା ବସ୍ତ୍ର ଓଲାଗି କରିଛନ୍ତି ମନ୍ଦିର ପୂଜକ। ବସ୍ତ୍ର ଓଲାଗି ପରେ ଶ୍ରୀଜୀଉମାନଙ୍କୁ ପଣାଭୋଗ ଅର୍ପଣ କରାଯାଇଛି। ପଞ୍ଚମୀରେ ଠାକୁରଙ୍କୁ ପାରମ୍ପରିକ ବିଧିରେ ପ୍ରସ୍ତୁତ ଫୁଲୁରି ତେଲ ଶ୍ରୀଅଙ୍ଗରେ ଲାଗି କରାଯାଇଛି। ଏହି ତେଲ ଲାଗି ପରେ ଠାକୁର ଧୀରେ ଧୀରେ ସୁସ୍ଥ ହେଉଛନ୍ତି। ଆଗକୁ ଦଶମୀରେ ଓଷୁଓ



ଲାଗି କରାଯିବ। ଏକାଦଶୀରେ ଖଳିଲାଗି ଏକାଦଶୀ, ଚତୁର୍ଦ୍ଦଶୀରେ ବନକଲାଗି, ଆସନ୍ତା ୨୬ ତାରିଖରେ ନେତ୍ରୋତ୍ସବ ଓ ନବଯୌବନ ଦର୍ଶନ ରହିଛି। ସେହିପରି ୨୭ରେ ଘୋଷଯାତ୍ରା ଅନୁଷ୍ଠିତ ହେବ।

## ଶେଷ ପର୍ଯ୍ୟାୟରେ ରଥ ନିର୍ମାଣ

ମନ୍ଦିର ମୁଖ୍ୟ ପୂଜକ କମଳଲୋଚନ ଦାସ ମହାରାଜ କୁହନ୍ତି, ସମସ୍ତ ବିଧି ପରମ୍ପରା ଅନୁଯାୟୀ ଶ୍ରୀଜୀଉଙ୍କ ଗୁପ୍ତ ନୀତି ଚାଲିଛି। ଅଣସର ନୀତି ନିଷ୍ଠା ପୂର୍ବକ କରାଯାଇଥାଏ। ସେବାରେ ନିୟୋଜିତ ସେବକମାନେ ଠାକୁରଙ୍କ ଧ୍ୟାନ, ଜପରେ ନିମଗ୍ନ ରୁହନ୍ତି। ଏଠାରେ ପଟିଦିଅଁ ପୂଜା ପରମ୍ପରା ନାହିଁ। ବିଧି ରକ୍ଷା ଲାଗି ଅଣସର ଆଗରେ ଶ୍ରୀଜୀଉଙ୍କ ଚଳନ୍ତି ପ୍ରତିମା ମଦନମୋହନ, ରାମକୃଷ୍ଣ, ଶ୍ରୀଦେବୀ, ଭୂଦେବୀ, ଶାଳଗ୍ରାମ ବିଜେ କରନ୍ତି। ଅଣସର ୧୪ଦିନ ରୀତିନୀତି ପ୍ରକାରେ ମଦନମୋହନଙ୍କ ନିକଟରେ ସମସ୍ତ ନୀତି ସମ୍ପନ୍ନ କରାଯାଏ। ଦ୍ୱାରଫିଟାଠାରୁ ପହୁଡ଼ ପର୍ଯ୍ୟନ୍ତ ସମସ୍ତ ନୀତି କରାଯାଇଥାଏ।

ଅନ୍ୟପଟେ ମହାପ୍ରଭୁଙ୍କ ଘୋଷଯାତ୍ରା ଲାଗି ମନ୍ଦିର ସମ୍ମୁଖରେ ରଥ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବିଶ୍ୱକର୍ମା ଅର୍ଜୁନ ମହାରଣାଙ୍କ ତତ୍ତ୍ୱାବଧାନରେ ଚାଲିଛି ରଥ ନିର୍ମାଣ। ଅକ୍ଷୟତୃତୀୟାଠାରୁ ଆରମ୍ଭ ହୋଇଥିଲା ରଥ ନିର୍ମାଣ କାମ। ନେତ୍ର ଉତ୍ସବ ପୂର୍ବଦିନ ରଥ ନିର୍ମାଣ କାମ ସରିବ ବୋଲି ସେ କହିଛନ୍ତି। ଅର୍ଜୁନ କୁହନ୍ତି, ରଥର ଉଚ୍ଚତା ୪୦ଫୁଟ ଏବଂ ଚଉଡ଼ା ୨୨ଫୁଟ ରହିଛି। ୪ଟି ଚକ, ୨ଟି ଘୋଡ଼ା ଯୋଚାଯାଇଥାଏ। ଚକର ଉଚ୍ଚତା ୬ଫୁଟ ଏବଂ ମୋଟେଇ ୮ଇଞ୍ଚ ଏବଂ ତୁମ୍ବ ୧୬ଇଞ୍ଚ ରହିଛି। ମହାପ୍ରଭୁଙ୍କ ସେବାରେ ଅପୂର୍ବ ଆନନ୍ଦ ମିଳେ। ଜୀବନର ଶେଷବିନ୍ଦୁ ଥିବା ପର୍ଯ୍ୟନ୍ତ ରଥ ନିର୍ମାଣ କରୁଥିବି। ରଥ ନିର୍ମାଣ ସମୟରେ ଶୁଦ୍ଧପୂତ ହୋଇ ନିଷ୍ଠା ପୂର୍ବକ କାର୍ଯ୍ୟ କରିଥାଏ।

# ରେଲ୍‌ୱେ ପକ୍ଷରୁ ଯୋଗ ଶିବିର



ଜଟଣୀ, ୧୯।୬(ରବୀନ୍ଦ୍ରନାଥ ମହାକୁଡ଼)

ଅନ୍ତର୍ଜାତୀୟ ଯୋଗ ଦିବସ ଅବ୍ୟବହିତ ପୂର୍ବରୁ ଖୋର୍ଦ୍ଧାରୋଡ଼ ରେଲ୍‌ୱେ ମଣ୍ଡଳ ପକ୍ଷରୁ ମଣ୍ଡଳର ବିଭିନ୍ନ ସ୍ଥାନରେ ଯୋଗ ଶିବିର ଆୟୋଜନ କରାଯାଇଛି। ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟର ଗୁରୁତ୍ୱକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପ୍ରତ୍ୟେକ ଦିନ ଯୋଗ କରିବା ଦ୍ୱାରା ଏକାଗ୍ରତା ଏବଂ ସକାରାତ୍ମକତା ଜାଗ୍ରତ ହୋଇଥାଏ। ଖୋର୍ଦ୍ଧାରୋଡ଼, କଟକ, ବ୍ରହ୍ମପୁର, ପଲାସା, ଅନୁଗୋଳରେ ଯୋଗ କର୍ମଶାଳା ଆୟୋଜନ କରାଯାଇଥିବା ରେଲୱେ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଏହି କାର୍ଯ୍ୟକ୍ରରେ ରେଲ୍‌ୱେ କର୍ମଚାରୀ ଏବଂ ସେମାନଙ୍କ ପିଲାମାନେ ଅଂଶଗ୍ରହଣ କରିଥିଲେ। ଯୋଗ ପ୍ରଶିକ୍ଷକ ଯୋଗର ବିଭିନ୍ନ ଆସନ ଏବଂ ଗୁରୁତ୍ୱ ବୁଝାଇଥିଲେ। ଏହି ଅବସରରେ ରେଲ୍‌ୱେ କର୍ମଚାରୀ ଏବଂ ସେମାନଙ୍କ ପିଲାମାନଙ୍କ ପାଇଁ ଯୋଗ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା।

# ଚିଲିକାରେ ଫସିଲା ଯାତ୍ରୀବାହୀ ଡଙ୍ଗା



କୃଷ୍ଣପ୍ରସାଦ, ୧୯।୬
(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଏବଂ କୃଷ୍ଣପ୍ରସାଦ ବ୍ଲକର ମୁଖ୍ୟ କାର୍ଯ୍ୟାଳୟକୁ ଯିବା ପାଇଁ ପ୍ରତିଦିନ ଶତାଧିକ ଲୋକେ ଚିଲିକାରେ ଯାତ୍ରା କରିଥାନ୍ତି। ପ୍ରତିଦିନ ଭଳି ଗୁରୁବାର ସନ୍ଧ୍ୟାରେ ସାତପଡ଼ାରୁ ଏକ ଯାତ୍ରୀବାହୀ ଡଙ୍ଗା ୧୫ରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କୁ ନେଇ ଜହ୍ନିକୁଦା ଅଭିମୁଖେ ଯାତ୍ରା କରିଥିଲା। ଡଙ୍ଗାଟି ଚିଲିକାରେ କିଛିବାଟ ଯିବା ପରେ ହଠାତ୍ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା। ଡଙ୍ଗା ଚାଳକ ମରାମତି କରିବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ଫଳରେ ଡଙ୍ଗାଟି ଚିଲିକାର ମହିଁଷା ବ୍ରହ୍ମପୁର ନିକଟରେ ଫସି ରହିଥିଲା। ଫଳରେ ଯାତ୍ରୀମାନେ ଭୟଭୀତ ହୋଇପଡ଼ିଥିଲେ। ଯାତ୍ରୀମାନେ ୧ଘଣ୍ଟାରୁ ଅଧିକ ସମୟ ଚିଲିକାରେ ଫସି ରହିବା ପରେ ଅନ୍ୟ ଏକ ଡଙ୍ଗା ସହାୟତାରେ ଜହ୍ନିକୁଦା ଜେଟିକୂଳରେ ପହଞ୍ଚିଥିଲେ। ପ୍ରକାଶ ଯେ, ଗତ ୧୩ ତାରିଖରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଏକ ଯାତ୍ରୀବାହୀ ଡଙ୍ଗା ଚିଲିକାରେ ଫସି ରହିଥିଲା।

### ବାଦୀପାଲା ଉଦ୍‌ଯାପିତ

ଜଟଣୀ, ୧୯।୬(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ବ୍ଲକ ଅନ୍ତର୍ଗତ ବେଲପଡ଼ା ଖୋଲାଦ୍ୱାର ଠାରେ ଚାଲିଥିବା ୮୪ତମ ବାଦୀପାଲା ଉଦ୍‌ଯାପିତ ହୋଇଯାଇଛି। ମଦନମୋହନ ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ରଜ ଉପଲକ୍ଷେ ପାଞ୍ଚଦିନ ଧରି ଅନୁଷ୍ଠିତ ପୌରାଣିକ କଥାବସ୍ତୁ ଏବଂ ଓଡ଼ିଶାର କଳା ସଂସ୍କୃତି ଓ ପରମ୍ପରାକୁ ନେଇ ଆୟୋଜିତ ବାଦୀପାଲାରେ ଗାୟକ ବାଣୀକଣ୍ଠ ରବୀନ୍ଦ୍ର କୁମାର ବୈରିଶଲ୍ୟ ଏବଂ ପ୍ରଫୁଲ୍ଲ କୁମାର ଦାଶଙ୍କୁ ପ୍ରାଣନାଥ ପଟ୍ଟନାୟକ ଫାଉଣ୍ଡେଶନ ଏବଂ ବରିଷ୍ଠ ନାଗରିକ ସେବା ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ ଜବାହରଲାଲ ସୁବୁଦ୍ଧି, ଆୟୋଜକ କମିଟି ସମ୍ପାଦକ ରସିକ ଚନ୍ଦ୍ର ମହାପାତ୍ର, ମାଧବ ଚନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦେଇ ଓଡ଼ିଆ ଅସ୍ମିତାର ମୂଳ ପରିଚୟ ପାଲା ବୋଲି କହିଥିଲେ। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ବାମପନ୍ଥୀ ନେତା ସାରଙ୍ଗଧର ବେହେରା ପରିଚାଳନା କରିଥିଲେ।

# କୌଶଳ ଅବଲମ୍ବନ କଲେ ବଡ଼ ବିପତ୍ତିରୁ ରକ୍ଷା ମିଳିବ





ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

ବେଗୁନିଆ, ୧୯।୬
(ହର ପ୍ରସନ୍ନ ପଣ୍ଡା/ ସନ୍ଧ୍ୟାରାଣୀ ମିଶ୍ର)

ଖୋର୍ଦ୍ଧା ଜିଲା ବିପର୍ଯ୍ୟୟ ପ୍ରଶମନ ଓ ପରିଚାଳନା ବିଭାଗ ଆନୁକୂଲ୍ୟରେ ଗୁରୁବାର ମକଡ୍ରିଲ ସମ୍ପର୍କିତ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବେଗୁନିଆ ବ୍ଲକ ଅନ୍ତର୍ଗତ ପୋଡାଡିହ ଓ ସାରୁଅ ବାତ୍ୟା ଆଶ୍ରୟସ୍ଥଳୀ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟୁତ୍, ସ୍ୱାସ୍ଥ୍ୟ, ସ୍ଥାନୀୟ ଜନପ୍ରତିନିଧି, ବୁଦ୍ଧିଜୀବୀ, ବ୍ଲକ ପ୍ରଶାସନିକ ଅଧିକାରୀ, କର୍ମଚାରୀ ଏବଂ ଅଙ୍ଗନୱାଡି କର୍ମୀମାନେ ଯୋଗଦେଇ ବିପର୍ଯ୍ୟୟ ମୁକାବିଲା ସମ୍ପର୍କରେ ସଚେତନ ହୋଇଥିଲେ। ଏହି ଅବସରରେ ଅଗ୍ନିଶମ ଅଧିକାରୀ ଓ କର୍ମଚାରୀମାନେ ଗ୍ୟାସରେ ଲାଗିଥିବା ନିଆଁ ଲିଭାଇବା, ଛାତ ଉପରେ ଚଢି ବିପନ୍ନ ଲୋକଙ୍କୁ ଉଦ୍ଧାର କରିବା, ତୈଳରେ ନିଆଁ ଲାଗିଲେ କିପରି ଲିଭାଇବା ଓ ପାଣିରେ ବୁଡି ଯାଉଥିବା ସମୟରେ ଲୋକଙ୍କୁ ଉଦ୍ଧାର କରିବା, ସଡ଼କ ଦୁର୍ଘଟଣା ବେଳେ ଆହତଙ୍କୁ କିପରି ଉଦ୍ଧାର କରିବା ଆଦି କୌଶଳ ଶିଖାଇଥିଲେ। କୌଶଳ ଅବଲମ୍ବନ କଲେ ବଡ଼ ବିପତ୍ତିରୁ ରକ୍ଷା ମିଳିବ ବୋଲି ଅଗ୍ନିଶମ ଅଧିକାରୀ ମତବ୍ୟକ୍ତ କରିଥିଲେ।

# କଂଗ୍ରେସର ଜିଲାସ୍ତରୀୟ ସମ୍ମିଳନୀ





ଜିଲାସ୍ତରୀୟ ସମ୍ମିଳନୀରେ ଉପସ୍ଥିତ କଂଗ୍ରେସ ନେତୃବୃନ୍ଦ ଏବଂ ଅନ୍ୟମାନେ।

ଖୋର୍ଦ୍ଧା, ୧୯।୬(ପ୍ରଭାତ ପାଣିଗ୍ରାହୀ)

ରାଜ୍ୟରେ ଭାଜପା ସରକାରକୁ ବର୍ଷେ ପୂରିଛି। ନିର୍ବାଚନ ସମୟରେ ଲୋକଙ୍କୁ ବହୁ ସ୍ୱପ୍ନ ଦେଖାଇ ଶାସନ କ୍ଷମତାକୁ ଆସିଥିବା ରାଜ୍ୟ ସରକାରଙ୍କ ପ୍ରତିଶ୍ରୁତି ପାଣିରଗାର ପାଲଟିଛି। ବିଏସ୍‌କେୱାଇ ପରି ଲୋକପ୍ରିୟ ଯୋଜନା ବଦଳରେ ରାଜ୍ୟ ସରକାର କାର୍ଯ୍ୟକାରୀ କରିଥିବା ଆୟୁଷ୍ମାନ ଯୋଜନା ଆୟୁନାଶକ ଯୋଜନା ପାଲଟିଛି। ଏଥିରେ ବ୍ୟାପକ କଟକଣା ଥିବାରୁ ଲୋକମାନେ ଉପଯୁକ୍ତ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହେଉଛନ୍ତି ବୋଲି ଗୁରୁବାର ସ୍ଥାନୀୟ ଜୟୀ ରାଜଗୁରୁ ଭବନ ପରିସରରେ ଆୟୋଜିତ ଖୋର୍ଦ୍ଧା ଜିଲାସ୍ତରୀୟ କର୍ମୀ ସମ୍ମିଳନୀକୁ ସମ୍ବୋଧିତ କରି ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ କହିଛନ୍ତି।

ସେ ଆହୁରି କହିଥିଲେ ଯେ, ରାଜ୍ୟରେ ସରକାର ଗଢ଼ିବାର ୧୮ମାସ ମଧ୍ୟରେ ଚିଟଫଣ୍ଡ ଜମାକାରୀଙ୍କୁ ସେମାନଙ୍କ ଟଙ୍କା ଫେରସ୍ତ ଦେବେ ବୋଲି ଭାଜପାର ମାନିଫେଷ୍ଟୋରେ ଉଲ୍ଲେଖ ଥିଲା। ହେଲେ ଏବେ ସୁଦ୍ଧା ଜମାକାରୀଙ୍କ ଖାତାକୁ ଟଙ୍କାଟିଏ ଆସିଲା ନାହିଁ। ଧାନର ସହାୟକ ମୂଲ୍ୟ ବୃଦ୍ଧି ଆଳରେ ଚାଷୀଙ୍କୁ ପ୍ରତାରଣା କରାଯାଇଛି। କୁଇଣ୍ଟାଲ ପିଛା ୫ରୁ ୧୦କେଜି ପର୍ଯ୍ୟନ୍ତ କଟାଯାଇଛି। ବର୍ଷେ ପରେ ବି ପ୍ରତ୍ୟେକ ମତ୍ସ୍ୟଜୀବୀଙ୍କୁ ଅଣଉତ୍ପାଦନ ସମୟରେ ୧୦ହଜାର ଟଙ୍କା ସହାୟତା ରାଶି ପ୍ରଦାନ ଦେଲେ ନାହିଁ। ମହାପ୍ରଭୁଙ୍କ ରତ୍ନଭଣ୍ଡାର ମରାମତି, ସୁନାଅଳଙ୍କାର ଗଣତିମଣତି କରାଯିବା ପ୍ରତିଶ୍ରୁତି ଏଯାବତ୍ କାର୍ଯ୍ୟକାରୀ ହୋଇପାରିଲା ନାହିଁ। ବୁଣାକାର ବୟନଶିଳ୍ପ ହିତାଧିକାରୀଙ୍କ ଭିତ୍ତିଭୂମି ବିକାଶ ପ୍ରତି କୌଣସି ଗୁରୁତ୍ୱ ଦିଆଯାଇନାହିଁ ବୋଲି ନିରଞ୍ଜନ କହିଛନ୍ତି। ଜୟପୁର ବିଧାୟକ ତଥା ପିସିସି ଉପସଭାପତି ତାରାପ୍ରସାଦ ବାହିନୀପତି ଯୋଗଦେଇ ରାଜ୍ୟର ବିଭିନ୍ନ ସ୍ଥାନରେ ହୋଇଥିବା ଗଣବଳାତ୍କାର, ହତ୍ୟା ଆଲୋଡ଼ନ ସୃଷ୍ଟି କରିଛି ବୋଲି କହିଥିଲେ। ଏହି ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ସୁରେଶ କୁମାର ରାଉତରାୟ, ବାସୁଦେବପୁର ବିଧାୟକ ଅଶୋକ ଦାସ, କଂଗ୍ରେସ ଯୁବନେତା ୟାସିର ନୱାଜ, ପୃଥ୍ୱୀବଲ୍ଲଭ ପଟ୍ଟନାୟକ, ସନ୍ତୋଷ ଜେନା, ପ୍ରଦୀପ ସ୍ୱାଇଁ, ସୋନାଲି ସାହୁ, ସ୍ୱାଗତିକା ପଟ୍ଟନାୟକ, ଜୟଶ୍ରୀ ପଟ୍ଟନାୟକ, ଶିଶିର ପରିଡା, ରାଜ୍ୟ ମୁଖପାତ୍ର ଅମିତ ମହାନ୍ତିଙ୍କ ସମେତ ଜିଲାର ଯୁବ, ଛାତ୍ର ଓ ମହିଳା କର୍ମୀମାନେ ଉପସ୍ଥିତ ଥିଲେ।

## ପ୍ରତିଶ୍ରୁତି ପାଣିରଗାର ପାଲଟିଛି: ନିରଞ୍ଜନ

### ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି କର୍ମଶାଳା

ବୋଲଗଡ଼, ୧୯।୬(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକସ୍ତରୀୟ ବିପର୍ଯ୍ୟୟ ପରିଚାଳନା ଯୋଜନା ପ୍ରସ୍ତୁତି ସମ୍ବନ୍ଧରେ ଏକ କର୍ମଶାଳା ରାଜୀବ ଗାନ୍ଧୀ ସେବାକେନ୍ଦ୍ର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ସୁମନ ସୁଧା କୁଣ୍ଡୁ ପୌରୋହିତ୍ୟ କରିଥିଲେ। ପର୍ଯ୍ୟବେକ୍ଷକ ଭାବେ ଜିଲା ପଞ୍ଚାୟତ ଅଧିକାରୀ ଶ୍ୟାମଳେନ୍ଦୁ ନାୟକ ଯୋଗଦେଇ ଏହାର ଉଦ୍ଦେଶ୍ୟ ତଥା ବିଭିନ୍ନ ପକ୍ରିୟା ବିଷୟରେ ଆଲୋଚନା କରିଥିଲେ। ବୈଠକରେ ବୋଲଗଡ଼ ଅଗ୍ନିଶମ ଅଧିକାରୀ ବିପର୍ଯ୍ୟୟ ପରିଚାଳନାରେ ବ୍ୟବହୃତ ବିବିଧ ଯନ୍ତ୍ରାଂଶର ଉପଯୋଗିତା ନେଇ ଆଲୋଚନା କରିଥିବା ବେଳେ ଉପସ୍ଥିତ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ ଓ ଅନ୍ୟାନ୍ୟ ବିଭାଗ ଅଧିକାରୀମାନେ ନିଜ ବିଭାଗର ପ୍ରାକ ବିପର୍ଯ୍ୟୟ, ବିପର୍ଯ୍ୟୟ ସମୟ ଓ ଉତ୍ତର ବିପର୍ଯ୍ୟୟ ପର୍ଯ୍ୟାୟରେ ନେବାକୁ ଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ। ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ.ରତିକାନ୍ତ ମିଶ୍ର ସଭା ପରିଚାଳନା କରି ବିପର୍ଯ୍ୟୟ ପରିଚାଳନା ଓ ମୁକାବିଲାରେ ଓଡ଼ିଶା ସାରା ବିଶ୍ୱରେ ଉଦାହରଣ ସୃଷ୍ଟି କରିଛି ବୋଲି କହିଥିଲେ। ବରିଷ୍ଠ ରାଜସ୍ୱ ସହାୟକ ଆଲୋକ କୁମାର ଜେନା ଧନ୍ୟବାଦ ଦେଇଥିଲେ।

# ସଁପୁର ରଜ ମହୋତ୍ସବ ଉଦ୍‌ଯାପିତ



ରଜ ମହୋତ୍ସବ ଉଦ୍‌ଯାପନୀ ଦିବସରେ ଅତିଥିଙ୍କ ସହ ଅନ୍ୟମାନେ।

ବୋଲଗଡ଼, ୧୯।୬(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଅନ୍ତର୍ଗତ ସଁପୁର ଗ୍ରାମରେ ୭ଦିନ ଧରି ଚାଲିଥିବା ରଜ ମହୋତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଗ୍ରାମର ପ୍ରତ୍ୟେକ ସାହି ଏବଂ ଅନୁଷ୍ଠାନ ପକ୍ଷରୁ ଏନେଇ ରଜ ପଡ଼ିଆରେ ନାଟକ, ନୃତ୍ୟଗୀତ ପରିବେଷଣ କରାଯାଇଥିଲା। ପ୍ରତିଦିନ ଅନୁଷ୍ଠିତ ସାଧାରଣ ସଭାରେ ଅତିଥିମାନେ ଯୋଗଦେଇ ଉପସ୍ଥିତ ଲୋକଙ୍କୁ ସମ୍ବୋଧିତ କରିଥିଲେ। ଏହି ଅବସରରେ ଅନେକ ପଲ୍ଲୀ ପ୍ରତିଭା ଓ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ କଟକର ଜଗନ୍ନାଥ ନାଟ୍ୟ କଳା ପରିଷଦ ପକ୍ଷରୁ ମଡର୍ନ ଡ୍ୟାନ୍ସ ପରିବେଷଣ ପରେ ଅନୁଷ୍ଠିତ ସାଧାରଣ ସଭାରେ ସାମାଜିକ କର୍ମୀ ନିରଞ୍ଜନ ନାୟକଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ପ୍ରକାଶ ରାଉତରାୟ ଯୋଗଦେଇ ରଜପର୍ବ ଧରିତ୍ରୀ ମାତାର ପବିତ୍ରତା ପାଇଁ ଉତ୍ସର୍ଗୀକୃତ ଏବଂ କୃଷକମାନେ ରଜରେ ଚାଷ କାର୍ଯ୍ୟରୁ ବିରତ ରହିଥାନ୍ତି ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଶରତ ଚନ୍ଦ୍ର ଦାସ, ପ୍ରହ୍ଲାଦ ସେନାପତି, ସଂଗ୍ରାମ କେଶରୀ ସାହୁ, ବନ୍ଦୁ ବଳବନ୍ତରାୟ, ହେମନ୍ତ ଦେଓ, ନୃସିଂହ ସ୍ୱାଇଁ ପ୍ରମୁଖ ମଞ୍ଚାସୀନ ଥିଲେ। ଶେଷଦେବ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ବ୍ରାହ୍ମଣ ସାହିର ଶ୍ରୀଗୋପୀନାଥଜୀଉ ନାଟ୍ୟ ପରିଷଦ ପକ୍ଷରୁ ସାମାଜିକ ନାଟକ 'କିଏ କାନ୍ଦି ନାହିଁ ହାତ ଟେକ' ମଞ୍ଚସ୍ଥ ହୋଇଥିଲା।

# ପାଲା, ନାଟକ ଆକର୍ଷଣ ସାଜିଲା

ଖୋର୍ଦ୍ଧା, ୧୯।୬(ପ୍ରଭାତ ପାଣିଗ୍ରାହୀ)

ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ଜିଲା ପ୍ରଶାସନ ଆନୁକୂଲ୍ୟରେ ସ୍ଥାନୀୟ ହାବେଳି ପଡିଆରେ ଚାଲିଥିବା ଜିଲାସ୍ତରୀୟ ବିକାଶ ମେଳା, ପାରମ୍ପରିକ ଖାଦ୍ୟମେଳାର ଅଷ୍ଟମ ଦିବସରେ ଗୁରୁବାର ନାରୀଙ୍କୁ ସମ୍ମାନ ଓ ସଶକ୍ତୀକରଣ, ନାରୀମାନଙ୍କ ପ୍ରତିବଦ୍ଧତା, ଶିକ୍ଷା, ନିଯୁକ୍ତି ଆତ୍ମନିର୍ଭରଶୀଳ ନେଇ ପ୍ରଦର୍ଶିତ ଓଡ଼ିଆ ଚଳଚ୍ଚିତ୍ର ଦର୍ଶକଙ୍କୁ ଆକୃଷ୍ଟ କରିଥିଲା।

## ଜିଲାସ୍ତରୀୟ ବିକାଶ ମେଳାର ୮ମ ଦିବସ

ଓଡ଼ିଶାର ପାରମ୍ପରିକ ଲୋକକଳାର ନିଦର୍ଶନ ପାଲା ସଂସ୍କୃତି ମାଧ୍ୟମରେ ବାଣୀଶ୍ରୀ କଳା ନିକେତନ ବୋଲଗଡ଼ର ଖଗେଶ୍ୱର ମାର୍ଥା ଓ ସାଥୀଙ୍କ ନିଶା ନିବାରଣ, ମିଶନ ଶକ୍ତି, ସୁଭଦ୍ରା ଶକ୍ତି , ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା, ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଆଦି ସମ୍ବନ୍ଧରେ ପାଲା ମାଧ୍ୟମରେ ଶିକ୍ଷଣୀୟ ତଥ୍ୟ, ସୂଚନା ପ୍ରଦାନ ସହ ଦର୍ଶକଙ୍କ ମନୋରଞ୍ଜନ କରିଥିଲେ। ପରେ ଜଗଦୀଶ ମହାପାତ୍ରଙ୍କ କାଳଜୟୀ ରଚନା ସାମାଜିକ ନାଟକ, ନାଟ୍ୟାନୁଷ୍ଠାନ ବିଦ୍ୟାକନକ, ଭୁବନେଶ୍ୱରଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। ଦାସ କାଠିଆ ଚକ୍ରଧର ଦେବତା ଓ ସାଥୀ ପରିବେଷଣ କରି ପାରମ୍ପରିକ କଳା ସଂସ୍କୃତିକୁ ମନେ ପକାଇଥିଲେ। ଅତିରିକ୍ତ ଜିଲାପାଳ(ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା, ଉପଜିଲାପାଳ କିଶୋର କୁମାର ପଣ୍ଡା, ଡେପୁଟି କଲେକ୍ଟର ନିବେଦିତା ପରିଡ଼ା, ଜିଲା ପଞ୍ଚାୟତ ଅଧିକାରୀ ଶ୍ୟାମଳେନ୍ଦୁ ନାୟକ, ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରାଙ୍କ ସମେତ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।



ଜିଲାସ୍ତରୀୟ ବିକାଶ ମେଳାର ୮ମ ଦିବସରେ ପରିବେଷିତ ନାଟକର ଏକ ଦୃଶ୍ୟ।

# ୬ ଚୋରି ମାମଲାରେ ୪ ଗିରଫ

ବାଣପୁର, ୧୯।୬ (ଦିଲୀପ କୁମାର ସ୍ୱାଇଁ)

ଖୋର୍ଦ୍ଧା ଜିଲା ବାଣପୁର ଥାନା ପୋଲିସ ୬ ଚୋରି ମାମଲାରେ ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସିଲୁ ରାଉଳ, ସୁଜିତ କୁମାର ସ୍ୱାଇଁ, ଆଶିଷ ବିଶୋୟୀ ଏବଂ ବସନ୍ତ ସାହୁ। ଏମାନଙ୍କଠାରୁ ଲକ୍ଷାଧିକ ଟଙ୍କାର ସୁନା ରୁପା ଅଳଙ୍କାର, ବୈଦ୍ୟୁତିକ ଉପକରଣ ଏବଂ ୩ଟି ବାଇକ୍ ଜବତ ହୋଇଛି।

ଦୀର୍ଘଦିନ ହେବ ବାଣପୁର ଅଞ୍ଚଳରେ ଚୋରି ବଢ଼ି ଚାଲିଥିଲା। ପରିବାର ସଦସ୍ୟମାନେ ଘରେ ତାଲା ପକାଇ ବାହାରକୁ ଯାଇଥିବା ବେଳେ ଲୁଟେରାମାନେ ଏହି ସୁଯୋଗରେ ଘର ତାଲା ଭାଙ୍ଗି ଚୋରି କରୁଥିଲେ। ଏନେଇ ବାଣପୁର ଥାନାରେ ଅଭିଯୋଗ ହେବା ପରେ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ସମସ୍ତ ଚୋରି ଘଟଣାର ତଦନ୍ତ ଚଳାଇଥିଲା। ଚଳିତବର୍ଷର ୫ଟି ଏବଂ



ବାଲୁଗାଁ ଉପଖଣ୍ଡ ଆରକ୍ଷୀ ଅଧିକାରୀ ସଞ୍ଜୟ କୁମାର ପଟ୍ଟନାୟକ ସୂଚନା ଦେଉଛନ୍ତି।

୨୦୨୪ ମସିହାର ଗୋଟିଏ ଚୋରି ଘଟଣାରେ ସମ୍ପୃକ୍ତ ଥିବା ଏକ ଲୁଟେରା ଗ୍ୟାଙ୍ଗର ପର୍ଦ୍ଦାଫାଶ କରିଛି ବାଣପୁର ପୋଲିସ। ସାନହନୁଆଡ଼ ଗ୍ରାମର ସିଲୁ ରାଉଳ, ସୁଜିତ କୁମାର ସ୍ୱାଇଁ ଏବଂ ଆଶିଷ ବିଶୋୟୀଙ୍କ ସମେତ ଚୋରି ସାମଗ୍ରୀ କିଣାବିକା କରୁଥିବା ଗମ୍ଭାରୀମୁଣ୍ଡାର ବସନ୍ତ ସାହୁଙ୍କୁ ପୋଲିସ ଗିରଫ କରିଛି। ଏମାନଙ୍କଠାରୁ ୬ଟି ସୁନା ମୁଦି, ଗୋଟିଏ ମଙ୍ଗଳସୂତ୍ର, ୯ ହଳ ପାଉଁଜି, ୩ ବାଇକ୍, ୧ ଲାପ୍‌ଟପ, କ୍ୟାମେରା, ସିସିଟିଭି, ହୋମ ଥିଏଟର ସହିତ ଚୋରିରେ ବ୍ୟବହୃତ ଡ୍ରିଲିଂ ମେଶିନ, ପେଚକସ୍ ଆଦି ସାମଗ୍ରୀ ଜବତ କରାଯାଇଛି। ୨୦୨୪ରେ ଶ୍ରୀନିବାସପୁର ଚୋରି ସମେତ ଚଳିତବର୍ଷ ମାଟିଆ ପୋଖରୀ ରୋଡର ପ୍ରସନ୍ନ ବାହୁବଳେନ୍ଦ୍ର, ହଳନ୍ଦା ଗ୍ରାମର ଗାୟତ୍ରୀ ପ୍ରଧାନ, ହଳନ୍ଦା ସେବା ସମବାୟ ସମିତି, ଦୁଲଣୀ ଶାସନର ରମେଶ ପ୍ରଧାନ ଏବଂ ସାନହନୁଆଡ଼ ଗ୍ରାମର ମୋତିରାମ କାଣ୍ଡିଙ୍କ ଘରୁ ଚୋରି ଘଟଣାରେ ଏହି ଗ୍ୟାଙ୍ଗ ସମ୍ପୃକ୍ତ ଥିବା ବାଲୁଗାଁ ଉପଖଣ୍ଡ ଆରକ୍ଷୀ ଅଧିକାରୀ ସଞ୍ଜୟ କୁମାର ପଟ୍ଟନାୟକ ବାଣପୁର ଥାନାରେ ଗୁରୁବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କହିଛନ୍ତି। ବାଣପୁର ଥାନା ଅଧିକାରୀ ରମେଶ କୁମାର ଦେବତାଙ୍କ ସମେତ ତଦନ୍ତକାରୀ ଅଧିକାରୀ ବିନାୟକ ମନ୍ତ୍ରୀ, ପବିତ୍ର ମୋହନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟ ଘଟଣାରେ ତଦନ୍ତ ଚାଲିଥିବା ବେଳେ ସେମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ପଟ୍ଟନାୟକ କହିଛନ୍ତି।

## ସୁନା ରୁପା ଅଳଙ୍କାର, ୩ ବାଇକ୍ ଜବତ

## ସଂକ୍ଷେପରେ

### ଆମ ବସ୍‌ର ମାର୍ଗ ପରିବର୍ତ୍ତନ

ଭୁବନେଶ୍ୱର,୧୯।୬(ଅନୁରାଧା ମହାରଣା)– ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭୁବନେଶ୍ୱର ଗସ୍ତକୁ ଦୃଷ୍ଟିରେ ରଖି ଶୁକ୍ରବାର ନାଲ୍‌କୋ ଛକରୁ ଏୟାରପୋର୍ଟ ଛକ ମଧ୍ୟରେ ଟ୍ରାଫିକ କଟକଣା ଜାରି କରାଯାଇଛି। ଏଥିପାଇଁ ଉକ୍ତ ମାର୍ଗରେ ଚଳାଚଳ କରୁଥିବା ଆମ ବସ୍‌ଗୁଡ଼ିକର ମାର୍ଗ ପରିବର୍ତ୍ତନ କରାଯାଇଛି। ରୁଟ୍ ନଂ ୯, ୧୦, ୧୨,୧୩, ୧୭, ୧୮, ୨୧, ୨୩, ୨୬, ୨୭, ୨୮, ୩୦, ୩୦, ୩୭, ୩୯, ୪୦, ୪୭ ଏବଂ ୬୬ରେ ଚଳାଚଳ କରୁଥିବା ଆମ ବସ୍‌ଗୁଡ଼ିକ ଶୁକ୍ରବାର ଅପରାହ୍ନ ୨ଟା ୩୦ରୁ ସନ୍ଧ୍ୟା ୬ଟା ୩୦ ପର୍ଯ୍ୟନ୍ତ ପରିବର୍ତ୍ତିତ ମାର୍ଗରେ ଚଳାଚଳ କରିବ।

### ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ତାଲିମ ଶିବିର

ବାଲିପାଟଣା,୧୯।୬(ଅଭିମନ୍ୟୁ ନାୟକ): କୁରୁଞ୍ଜିପୁର ପଞ୍ଚାୟତର ବାତ୍ୟା ଆଶ୍ରୟସ୍ଥଳୀ ପରିସରରେ ଗୁରୁବାର ଜିଲା ବିପର୍ଯ୍ୟୟ ପ୍ରଶମନ ସହଯୋଗରେ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ କଳ୍ପନା ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଅଗ୍ନିଶମ ବିଭାଗ ତରଫରୁ ଅଗ୍ନିକମାନେ ଉଦ୍ଧାର କାର୍ଯ୍ୟର ବିଭିନ୍ନ କୌଶଳ ପ୍ରଦର୍ଶନ କରିଥିଲେ। ସାମାଜିକ ସୁରକ୍ଷା ଅଧିକାରୀ ଦିବ୍ୟଜ୍ୟୋତି ଭୁତିଆ, ସଂଗ୍ରାମ କେଶରୀ ଦାସ, ନୋଡାଲ ସ୍ୱେଚ୍ଛାସେବୀ ଅନୁଷ୍ଠାନର ମୁଖ୍ୟ ଶିବପ୍ରସାଦ ପାଟଯୋଶୀ, ଓଡ଼ିଶା ସବୁଜ ବାହିନୀ ମୁଖ୍ୟ ଅଧ୍ୟାପକ ସହଦେବ ମଲ୍ଲିକ, ବ୍ଲକ କନିଷ୍ଠ ଯନ୍ତ୍ରୀ ଶୁଭଲକ୍ଷ୍ମୀ ଦାସ, ସରପଞ୍ଚ ବିନୋଦିନୀ ମଲ୍ଲିକ, କବିତା କାଣ୍ଡି, ତାଲିମ ପ୍ରଶିକ୍ଷିକା ମଣିମାଳା ସେନାପତି, ସାଗରିକା ଚିନରା, ଦେବସ୍ମିତା ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଭିଙ୍ଗାରପୁର-କୁରାଙ୍ଗ ପ୍ରଧାନ ରାସ୍ତା ଉନ୍ନତୀକରଣ କାର୍ଯ୍ୟର ଭିତ୍ତିପ୍ରସ୍ତର

ବାଲିଅନ୍ତା,୧୯।୬(ନୀଳମାଧବ ସାହୁ): ବାଲିଅନ୍ତା ବ୍ଲକ ଭିଙ୍ଗାରପୁର ପଞ୍ଚାୟତର ଭିଙ୍ଗାରପୁର-କୁରାଙ୍ଗ ପ୍ରଧାନ ଆର୍‌ଡି ରାସ୍ତାର ଉନ୍ନତୀକରଣ କାର୍ଯ୍ୟ ପାଇଁ ଗୁରୁବାର ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଭିଙ୍ଗାରପୁର ଚୌଧୁରୀ ସାହି ନଦୀଗଡ଼ା ନିକଟରେ ପୂର୍ବତନ ଜିଲା ପରିଷଦ ସଭ୍ୟ ଚୌଧୁରୀ ଦ୍ୱାରିକାନାଥ ଦାସଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ଏମ୍‌ପି ତାଙ୍କ ଅଭିଭାଷଣରେ ଏହି ଅଞ୍ଚଳର ଯାହା କିଛି କାମ ଅଛି, ତାହାକୁ ବହୁଶୀଘ୍ର କରାଯିବ ବୋଲି କହିଥିଲେ। ଏହି ରାସ୍ତା ଉଭୟ କଟକ-ଖୋର୍ଦ୍ଧା ଜିଲା ଭିତରେ ଯୋଗସୂତ୍ର ସ୍ଥାପନ ଦିଗରେ ସହାୟକ ହେବ। ଏହି ୨୩୦୦ ମିଟର ଲମ୍ବ ରାସ୍ତା ନିର୍ମାଣ ପାଇଁ ୨ କୋଟି ୬୦ ଲକ୍ଷ ୨୫ ହଜାର ବ୍ୟୟ ବରାଦ ହେବ ବୋଲି ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ ତ୍ରିଲୋଚନ ନାୟକ କହିଥିଲେ। ସଭାରେ ଅଶୋକ କୁମାର ପଟ୍ଟନାୟକ, ରୀମା ପାଣି, ସୁର ରାୟ, ଶିବ ମଲ୍ଲିକ, ମାଗୁଣି ସେଠୀ, ସଞ୍ଜୟ ତ୍ରିପାଠୀ, ସଞ୍ଜୟ ପରିଜା, ବିଜୟ କୁମାର ମହାରଣା ଓ ତାପସ ଜେନା ପ୍ରମୁଖ ଉପସ୍ଥିତ ଥିଲେ।




ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଓଡ଼ିଶା ଗସ୍ତ ଅବ୍ୟବହିତ ପୂର୍ବରୁ ଗୁରୁବାର ଭୁବନେଶ୍ୱରରେ ପୋଲିସ ପକ୍ଷରୁ କାର୍‌କେଡ୍ ରିହର୍ସାଲ ।



ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ପୋଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ ବରିଷ୍ଠ ପୋଲିସ ଅଧିକାରୀମାନଙ୍କ ସହ ଆଲୋଚନା କରୁଛନ୍ତି। (ଫଟୋ: ବିକାଶ ନାୟକ)

# ୨୭୫୦ କୋଟି ରେଳ ପ୍ରକଳ୍ପର ଶିଳାନ୍ୟାସ, ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ

## ସୋନପୁର-ପୁରୁଣାକଟକ ନୂତନ ରେଳ ଲାଇନ୍‌ରେ ଗଡ଼ିବ ଟ୍ରେନ୍

ଭୁବନେଶ୍ୱର,୧୯।୬(ଅନୁରାଧା ମହାରଣା)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଓଡ଼ିଶା ଗସ୍ତରେ ଆସିବେ। ଏହି ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ୨୭୫୦ କୋଟିରୁ ଅଧିକ ଟଙ୍କାର ଯୋଜନାଗୁଡ଼ିକର ଶିଳାନ୍ୟାସ, ଉଦ୍‌ଘାଟନ ଏବଂ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିବେ। ସେହିପରି ପ୍ରଧାନମନ୍ତ୍ରୀ ସରଳା-ଶାସନ ମଧ୍ୟରେ ତୃତୀୟ ଏବଂ ଚତୁର୍ଥ ରେଳଲାଇନର ଶିଳାନ୍ୟାସ କରିବେ। ଏହି ପ୍ରକଳ୍ପ ଝାରସୁଗୁଡ଼ା-ସମ୍ବଲପୁର ଭଳି ବ୍ୟସ୍ତତମ ରେଳ ସେକ୍ସନରେ ଟ୍ରାଫିକ ଭାର ହ୍ରାସ କରିବ ଏବଂ ଶିଳ୍ପ ଓ ଯାତ୍ରୀ ପରିବହନକୁ ବୃଦ୍ଧି କରିବ। ସେହିପରି ସୋନପୁର-ପୁରୁଣାକଟକ ମଧ୍ୟରେ ୭୩ କିଲୋମିଟରର ଲମ୍ବା ନୂତନ ରେଳ ଲାଇନର ଉଦ୍‌ଘାଟନ କରାଯିବ। ଏହି ରେଳ ଲାଇନ ୩୦୧ କିଲୋମିଟରର ଲମ୍ବା ଖୋର୍ଦ୍ଧା ରୋଡ-ବଲାଙ୍ଗୀର ରେଳଲାଇନର ଏକ ଅଂଶ। ଏହାର ନିର୍ମାଣ ସହିତ ବୌଦ୍ଧ ଜିଲା ମୁଖ୍ୟାଳୟ ପ୍ରଥମ ଥର ପାଇଁ ରେଳ ନେଟୱର୍କ ସହିତ ସଂଯୋଗ ହେବାକୁ ଯାଉଛି। ଏହି ଅଞ୍ଚଳ ଏବେ ଭାରତର ରେଳ ମାନଚିତ୍ରରେ ଅନ୍ତର୍ଭୁକ୍ତ ହେବ, ଯାହା ସ୍ଥାନୀୟ ଲୋକଙ୍କ ଦଶନ୍ଧି ପୁରୁଣା ସ୍ୱପ୍ନ ପୂରଣ କରିବାକୁ ଯାଉଛି। ଭକ୍ତମାନେ ଭୈରବୀ ମନ୍ଦିରକୁ ଯିବା ଆସିବାରେ ଉପକୃତ ହେବେ। ପ୍ରଥମ ଥର ପାଇଁ ସୋନପୁର ଏବଂ ପୁରୁଣା କଟକ ମଧ୍ୟରେ ନୂତନ ରେଳଲାଇନ ମାଧ୍ୟମରେ ସିଧାସଳଖ ରେଳ ସଂଯୋଗ ହେବାକୁ ଯାଉଛି, ଯାହା ଏହି ଅଞ୍ଚଳର ସାମାଜିକ ଏବଂ ଅର୍ଥନୈତିକ ସଂଯୋଗକୁ ଆହୁରି ମଜଭୁତ କରିବ ବୋଲି ଆଶା କରାଯାଉଛି। ନୂତନ ଟ୍ରେନସେବା ସହିତ ବୌଦ୍ଧ ଜିଲାର ଅଞ୍ଚଳଗୁଡ଼ିକ ପ୍ରଥମ ଥର ପାଇଁ ରାଜଧାନୀ ଭୁବନେଶ୍ୱର ସହିତ ସୁଲଭ ଓ ସୁବିଧାଜନକ ରେଳସେବା ପାଇବେ।

ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ହେବାକୁ ଥିବା ନୂତନ ଟ୍ରେନଗୁଡ଼ିକ ମଧ୍ୟରେ ୧୮୩୧୩/୧୮୩୧୪ ବୌଦ୍ଧ-ଭୁବନେଶ୍ୱର ନୂଆ-ବୌଦ୍ଧ ସାପ୍ତାହିକ ଏକ୍ସପ୍ରେସ୍ ଏବଂ ୧୮୩୧୧/୧୮୩୧୨ ସମ୍ବଲପୁର-ବୌଦ୍ଧ-ସମ୍ବଲପୁର ସାପ୍ତାହିକ ଏକ୍ସପ୍ରେସ୍ ରହିଛି। ୧୮୩୧୩/୧୮୩୧୪ ବୌଦ୍ଧ-ଭୁବନେଶ୍ୱର ନୂଆ-ବୌଦ୍ଧ ସାପ୍ତାହିକ ଏକ୍ସପ୍ରେସ୍ ପ୍ରତି ସୋମବାର ବୌଦ୍ଧରୁ ସକାଳ ୭ଟାରେ ଛାଡ଼ି ବଲାଙ୍ଗୀର-ସମ୍ବଲପୁର-ଅନୁଗୋଳ-ନରାଜ ଦେଇ ନୂଆ ଭୁବନେଶ୍ୱରରେ ସନ୍ଧ୍ୟା ୬ଟା ୧୫ରେ ପହଞ୍ଚିବ। ଫେରିବା ମାର୍ଗରେ ସୋମବାର ନୂଆ ଭୁବନେଶ୍ୱରରୁ ରାତି ୧୧ଟାରେ ଛାଡ଼ିବ ଏବଂ ମଙ୍ଗଳବାର ପୂର୍ବାହ୍ନ ୧୦ଟା ୩୦ରେ ବୌଦ୍ଧରେ ପହଞ୍ଚିବ। ସମ୍ବଲପୁରରୁ ୧୮୩୧୧/୧୮୩୧୨ ସମ୍ବଲପୁର-ବୌଦ୍ଧ-ସମ୍ବଲପୁର ସାପ୍ତାହିକ ଏକ୍ସପ୍ରେସ୍ ରବିବାର ସନ୍ଧ୍ୟା ୭ଟା ୨୫ରେ ଛାଡ଼ି ସେହିଦିନ ରାତ୍ରି ୧୧ଟା ୫୫ରେ ବୌଦ୍ଧରେ ପହଞ୍ଚିବ। ବୌଦ୍ଧରୁ ଏହି ଟ୍ରେନ ମଙ୍ଗଳବାର ମଧ୍ୟାହ୍ନ ୧୨ଟା ୧୫ରେ ଛାଡ଼ି ସନ୍ଧ୍ୟା ୭ଟା ୩୦ରେ ସମ୍ବଲପୁରରେ ପହଞ୍ଚିବ। ଏହାବ୍ୟତୀତ ଭୁବନେଶ୍ୱର-ସୋନପୁର-ଭୁବନେଶ୍ୱର ଇଣ୍ଟରସିଟି ଏକ୍ସପ୍ରେସ ଏବଂ ଦୁଇଯୋଡ଼ା ବଲାଙ୍ଗୀର-ସୋନପୁର ସଟଲ ପାସେଞ୍ଜର ଟ୍ରେନ ପ୍ରଥମ ଥର ପାଇଁ ପୁରୁଣାକଟକ ପର୍ଯ୍ୟନ୍ତ ଚଳାଚଳ କରିବ।

# ନବମ, ଦଶମ ପିଲାଙ୍କୁ ମିଳିବ ମଧ୍ୟାହ୍ନଭୋଜନ

## ସପ୍ତାହରେ ୩ ଦିନ ଦିଆଯିବ ପୋଷଣଯୁକ୍ତ ଲଡ୍ଡୁ

ଭୁବନେଶ୍ୱର,୧୯।୬(ସୁଚିସ୍ମିତା ସାହୁ)

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ସରକାରୀ ଏବଂ ଅନୁଦାନପ୍ରାପ୍ତ ସରକାରୀ ମାଧ୍ୟମିକ ବିଦ୍ୟାଳୟର ନବମ ଓ ଦଶମ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନା ଅଧୀନରେ ମଧ୍ୟାହ୍ନଭୋଜନ (ଏମ୍‌ଡିଏମ୍) ଯୋଗାଣ ପାଇଁ ନିଷ୍ପତ୍ତି ନିଆଯାଇଛି। ଏହି ଯୋଜନା ଚଳିତ ଶିକ୍ଷାବର୍ଷରୁ କାର୍ଯ୍ୟକାରୀ କରାଯିବ। ଛାତ୍ରୀଛାତ୍ରଙ୍କ ପୋଷଣସ୍ତର ଉନ୍ନତ କରିବା ସହ ବିଦ୍ୟାଳୟରେ ନାମଲେଖା ଓ ଉପସ୍ଥାନ ସଂଖ୍ୟା ବୃଦ୍ଧି କରିବା ହେଉଛି ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ରାଜ୍ୟ ପ୍ରକଳ୍ପ ପରିଚାଳନା ୟୁନିଟ୍ (ପିଏମ୍ ପୋଷଣ)ର ରାଜ୍ୟ ନୋଡାଲ ଅଧିକାରୀ ଭବାନୀ ପ୍ରସାଦ ମିଶ୍ର ଗୁରୁବାର ସମସ୍ତ ଜିଲା ଶିକ୍ଷା ଅଧିକାରୀ ଓ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶନାମା ଜାରି କରିଛନ୍ତି। 'ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନା'ର ନୂତନ ଅନୁମୋଦିତ ଏସ୍‌ଓପି ଜାରି କରାଯାଇଥିବାବେଳେ ଏହାକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଛାତ୍ରୀଛାତ୍ରଙ୍କୁ ଉପସ୍ଥିତି ଅନୁଯାୟୀ ଉଚିତ ଗୁଣବତ୍ତା ଓ ପରିମାଣର ଖାଦ୍ୟ ପରିବେଷଣ କରାଯାଉଛି ବୋଲି ପ୍ରଧାନଶିକ୍ଷକ ଓ ଶିକ୍ଷକମାନେ କାର୍ଯ୍ୟକ୍ରମ ନିରୀକ୍ଷଣ କରି ନିଶ୍ଚିତ କରିବେ। ମଧ୍ୟାହ୍ନଭୋଜନ ଖାଦ୍ୟ ତାଲିକା ବ୍ୟତୀତ ମଙ୍ଗଳବାର, ଗୁରୁବାର ଓ ଶନିବାର ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କୁ ବାଦାମ, ରାଶି, ମିଲେଟ ଓ ଗୁଡ଼ ଦ୍ୱାରା ତିଆରି ପୋଷଣଯୁକ୍ତ ଲଡ୍ଡୁ ପ୍ରଦାନ କରାଯିବ ବୋଲି ନୂଆ ଏସ୍‌ଓପିରେ ଦର୍ଶାଯାଇଛି।




ସିଟିଏସ୍‌ଆରଇ-୨୦୨୪ ଜେଇ ସିଭିଲ ପରୀକ୍ଷାର ଚୟନ ପ୍ରକ୍ରିୟା ତ୍ୱରାନ୍ୱିତ କରାଯିବା ଦାବିରେ ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର୍ସ ୱେଲଫେୟାର ଆସୋସିଏଶନ୍ ପକ୍ଷରୁ ଗୁରୁବାର ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ । (ଫଟୋ: ମନୋରଞ୍ଜନ ମିଶ୍ର)

# ବିଭିନ୍ନ ହୋଟେଲରେ ଫୁଡ୍ ସ୍କ୍ୱାଡ୍‌ର ଚଢ଼ାଉ

## ୧୧ ହଜାର ଟଙ୍କା ଜରିମାନା ଆଦାୟ, ପାଣି ନମୁନା ସଂଗ୍ରହ

ଭୁବନେଶ୍ୱର,୧୯।୬(ଅନୁରାଧା ମହାରଣା)

ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳର ବିଭିନ୍ନ ସ୍ଥାନରେ ଝାଡ଼ାବାନ୍ତି ବ୍ୟାପୁଥିବାରୁ ବିଏମ୍‌ସି ଫୁଡ୍ ସ୍କ୍ୱାଡ୍ ପକ୍ଷରୁ ବିଭିନ୍ନ ଖାଦ୍ୟ ଦୋକାନରେ ଚଢ଼ାଉ ଜାରି ରହିଛି। ଗୁରୁବାର କିମ୍ସ ହସ୍ପିଟାଲ ଅଞ୍ଚଳରେ ଚଢ଼ାଉ କରାଯାଇ ୧୧ ହଜାର ଟଙ୍କା ଜରିମାନା ଆଦାୟ କରାଯିବା ସହ ବହୁ ପରିମାଣର ଅସ୍ୱାସ୍ଥ୍ୟକର ଖାଦ୍ୟ ନଷ୍ଟ କରାଯାଇଛି। ସେହିପରି ୩ଟି ସ୍ଥାନରୁ ପାନୀୟଜଳ ନମୁନା ଏବଂ ୨ଟି ହୋଟେଲରୁ ଖାଦ୍ୟ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଛି। ଏରୋଡ୍ରମ ଏରିଆ, ସୌଭାଗ୍ୟ ନଗର, ଚନ୍ଦ୍ରଶେଖରପୁର, ଡିଷ୍ଟ୍ରିକ୍ଟ ସେଣ୍ଟର ଆଦି ଅଞ୍ଚଳରେ ଏହି ଚଢ଼ାଉ କରାଯାଇଥିଲା। ସଂପ୍ରତି ସହରର ବିଭିନ୍ନ ସ୍ଥାନରେ ଝାଡ଼ାବାନ୍ତି ବ୍ୟାପିଥିବାରୁ ଏଥିପାଇଁ ଜନସାଧାରଣ ସ୍ୱଚ୍ଛତା ଅବଲମ୍ବନ କରିବା ପାଇଁ ଅନୁରୋଧ କରାଯାଇଛି। ଖାଦ୍ୟ ବ୍ୟବସାୟୀମାନେ ମଧ୍ୟ ସ୍ୱଚ୍ଛତା, ପରିଷ୍କାର ପରିଚ୍ଛନ୍ନତା ଏବଂ ସ୍ୱାସ୍ଥ୍ୟକର ପରିବେଶରେ ତଟକା ଖାଦ୍ୟ ବିକ୍ରି କରିବା ପାଇଁ କୁହାଯାଇଛି। କୌଣସି ପରିସ୍ଥିତିରେ ମାଛିବସା ଖାଦ୍ୟ ନ ବିକିବା ପାଇଁ ତାଗିଦ କରାଯାଇଛି। ଜନସାଧାରଣଙ୍କ ହିତ ଦୃଷ୍ଟିରୁ ଏହି ଚଢ଼ାଉ କାର୍ଯ୍ୟକ୍ରମ ଆଗାମୀ ଦିନରେ ଜାରିରହିବ। ଏଥିପାଇଁ ଜନସାଧାରଣ ଓ ଖାଦ୍ୟ ବ୍ୟବସାୟୀମାନେ ସହଯୋଗ କରିବାକୁ ବିଏମ୍‌ସି ପକ୍ଷରୁ କୁହାଯାଇଛି।

# ନିବେଶ ଆଳରେ ୧୨ଲକ୍ଷରୁ ଊର୍ଦ୍ଧ୍ୱ ଠକେଇ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୧୯।୬(ସତ୍ୟଜିତ୍ ରାଉତ): ନିବେଶ ଆଳରେ ୧୨ଲକ୍ଷ ଊର୍ଦ୍ଧ୍ୱ ଟଙ୍କା ଠକେଇ ମାମଲାରେ ଜଣେ ଅଭିଯୁକ୍ତଙ୍କୁ ଭୁବନେଶ୍ୱର ସାଇବର କ୍ରାଇମ୍ ଓ ଅର୍ଥନୈତିକ ଅପରାଧ ଥାନା ପୋଲିସ ଗୁରୁବାର ଗିରଫ କରିଛି। ସେ ହେଲେ ଭୁବନେଶ୍ୱର ପାହାଳ ଥାନା ଅଞ୍ଚଳରେ ରହୁଥିବା ଭଦ୍ରକ କଣ୍ଡରାଗଡ଼ିଆ ଅଞ୍ଚଳର ଆଶିଷ କୁମାର ସାହୁ (୨୨)। କୋର୍ଟ ଚାଲାଣ ପରେ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୋଗକାରୀ ମିଲନ କୁମାର ବେଉରାଙ୍କୁ ଠକମାନେ ଜାଲରେ ଫସାଇଥିଲେ। ଏକ ହ୍ୱାଟ୍‌ସଆପ୍ ଗ୍ରୁପରେ ତାଙ୍କୁ ଯୋଡ଼ିବା ସହ ବ୍ଲିଙ୍କଏକ୍ସପ୍ରୋ ନାମରେ ଏକ ଆପ୍‌ରେ ଅଧିକ ଲାଭ ଦେବାର ପ୍ରତିଶ୍ରୁତି ଦେଇ ଟଙ୍କା ନିବେଶ କରିବାକୁ ପ୍ରବର୍ତ୍ତାଇଥିଲେ। ମିଲନ ସେମାନଙ୍କୁ ବିଶ୍ୱାସ କରି ଟଙ୍କା ନିବେଶ କରି ଠକାମୀର ଶିକାର ହୋଇଥିଲେ। ମିଲନଙ୍କ ଏତଲାକ୍ରମେ ଗତ ମେ' ୭ତାରିଖରେ ସାଇବର ଥାନା ମାମଲା (ନଂ.୮୧/୨୦୨୫) ରୁଜୁ କରି ତଦନ୍ତ କରିଥିଲା। ଠକେଇ ପାଇଁ ଆଶିଷଙ୍କ ବ୍ୟାଙ୍କ ଆକାଉଣ୍ଟ ବ୍ୟବହାର ହୋଇଥିବା ଜଣାପଡ଼ିଥିଲା।

# କ୍ୟୁଏସ୍ ୱାର୍ଲ୍ଡ ୟୁନିଭର୍ସିଟି ର୍‍ୟାଙ୍କିଙ୍ଗ୍: ଓଡ଼ିଶାର ଶୀର୍ଷରେ କିଟ୍



ଭୁବନେଶ୍ୱର,୧୯।୬ (ଅନୁରାଧା ମହାରଣା)

କ୍ୟୁଏସ୍ ୱାର୍ଲ୍ଡ ୟୁନିଭର୍ସିଟି ର୍‍ୟାଙ୍କିଙ୍ଗ-୨୦୨୬ ଗୁରୁବାର ପ୍ରକାଶ ପାଇଛି। ଏଥିରେ ଓଡ଼ିଶାର ଘରୋଇ ବିଶ୍ୱବିଦ୍ୟାଳୟ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ ଶ୍ରେଷ୍ଠ ସ୍ଥାନରେ ରହିଛି। ଏଥିସହ ସମଗ୍ର ଭାରତରେ କିଟ୍ ବିଶ୍ୱବିଦ୍ୟାଳୟ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବାବେଳେ ଦକ୍ଷିଣଏସିଆରେ ୫୫ତମ ସ୍ଥାନ ହାସଲ କରିଛି। ଭାରତରେ ଘରୋଇ ବିଶ୍ୱବିଦ୍ୟାଳୟ ମଧ୍ୟରେ କିଟ୍ ୯ମ ସ୍ଥାନରେ ରହିଛି। କିଟ୍ ବିଶ୍ୱବିଦ୍ୟାଳୟ ପ୍ରଥମ ଥର ପାଇଁ କ୍ୟୁଏସ୍ ୱାର୍ଲ୍ଡ ୟୁନିଭର୍ସିଟି ର୍‍ୟାଙ୍କିଙ୍ଗରେ ଅଂଶଗ୍ରହଣ କରି ଘରୋଇ ବିଶ୍ୱବିଦ୍ୟାଳୟ ମଧ୍ୟରେ ସମ୍ମାନଜନକ ସ୍ଥାନରେ ରହିଛି। ଏହି ର୍‍ୟାଙ୍କିଙ୍ଗରେ ବିଶ୍ୱର ୧୫୦୦ରୁ ଅଧିକ ବିଶ୍ୱବିଦ୍ୟାଳୟ ଅଂଶଗ୍ରହଣ କରିଥିଲେ। ଶୈକ୍ଷିକ ପ୍ରତିଷ୍ଠା, ନିଯୁକ୍ତିଦାତାଙ୍କ ପ୍ରତିଷ୍ଠା, ଅଧ୍ୟାପକ-ଛାତ୍ର ଅନୁପାତ, ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ଅଧ୍ୟାପକଙ୍କ ପ୍ରଶଂସା, ଫାକଲ୍‌ଟି, ଛାତ୍ର, ଛାତ୍ର ବିବିଧତା, ଗବେଷଣା ନେଟୱର୍କ, ନିଯୁକ୍ତି ଫଳାଫଳ ଏବଂ ସ୍ଥାୟିତ୍ୱ ଆଦି ମାନଦଣ୍ଡକୁ ଭିତ୍ତିକରି ଏହି ର୍‍ୟାଙ୍କିଙ୍ଗ ପ୍ରଦାନ କରାଯାଇଛି। ଏହି ଅବସରରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି, କ୍ୟୁଏସ୍ ୱାର୍ଲ୍ଡ ୟୁନିଭର୍ସିଟି ର୍‍ୟାଙ୍କିଙ୍ଗ କିଟ୍‌ର ଶୈକ୍ଷିକ ଉତ୍କର୍ଷତା କ୍ଷେତ୍ରରେ ନିରନ୍ତର ପ୍ରୟାସର ପ୍ରତିଫଳନ। କିଟ୍ ବିଶ୍ୱବିଦ୍ୟାଳୟ ମାତ୍ର ୨୧ ବର୍ଷର ବିଶ୍ୱବିଦ୍ୟାଳୟ ହୋଇଥିବାବେଳେ ଏହା ଅନେକ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟ ସହ ସମକକ୍ଷ ହୋଇପାରିଛି।

# ପାର୍କିନସନ୍ସକୁ ନିୟନ୍ତ୍ରଣ କରିବ ପତଞ୍ଜଳି ନ୍ୟୁରୋଗ୍ରୀଟ୍

ଭୁବନେଶ୍ୱର,୧୯।୬(ଅନୁରାଧା ମହାରଣା)

ପତଞ୍ଜଳି ଗବେଷଣା ପ୍ରତିଷ୍ଠାନ ଦ୍ୱାରା ପ୍ରସ୍ତୁତ ନ୍ୟୁରୋଗ୍ରୀଟ୍ ଗୋଲ୍ଡ ଔଷଧ ପାର୍କିନସନ୍ସ ନିୟନ୍ତ୍ରଣରେ ପ୍ରଭାବଶାଳୀ ପ୍ରମାଣିତ ହୋଇପାରେ। ପତଞ୍ଜଳି ପାର୍କିନସନ୍ସ ରୋଗ କ'ଣ ଓ ଏହାକୁ ଆୟୁର୍ବେଦ ସାହାଯ୍ୟରେ କିପରି ନିୟନ୍ତ୍ରଣ କରାଯାଇପାରିବ ସେ ବିଷୟରେ ଗବେଷଣା କରିଛି। ବହୁସଂଖ୍ୟକ ଲୋକ ପାର୍କିନସନ୍ସରେ ପୀଡ଼ିତ। ଏହାର କୌଣସି ନିର୍ଦ୍ଦିଷ୍ଟ ଚିକିତ୍ସା ଏପର୍ଯ୍ୟନ୍ତ ମିଳିନାହିଁ। ଏହି ରୋଗକୁ ସଚେତନତା ଦ୍ୱାରା ନିୟନ୍ତ୍ରଣ କରାଯାଇପାରିବ। ପତଞ୍ଜଳି ଦ୍ୱାରା ପ୍ରସ୍ତୁତ ଔଷଧ ନ୍ୟୁରୋଗ୍ରୀଟ ଗୋଲ୍ଡ ପାର୍କିନସନ୍ସ ରୋଗ ଯୋଗୁ ହେଉଥିବା ସ୍ମୃତିଶକ୍ତି ହ୍ରାସକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ। ବୈଜ୍ଞାନିକମାନେ ସି. ଏଲିଗାନ୍ସ ଉପରେ କରାଯାଇଥିବା ନୂତନ ଗବେଷଣା ସହିତ ଏହା ନିଶ୍ଚିତ କରିଛନ୍ତି। ପତଞ୍ଜଳି ଗବେଷଣା ପ୍ରତିଷ୍ଠାନର ଏହି ଗବେଷଣା ୱିଲି ପ୍ରକାଶନର ଜର୍ନାଲ ସିଏନ୍‌ଏସ୍ ନ୍ୟୁରୋସାଇନ୍ସ ଆଣ୍ଡ ଥେରାପ୍ୟୁଟିକରେ ପ୍ରକାଶିତ ହୋଇଛି। ଏହି ଗବେଷଣା ଉପରେ ଆଚାର୍ଯ୍ୟ ବାଳକୃଷ୍ଣ କହିଛନ୍ତି ଯେ,ପାର୍କିନସନ୍ସ ରୋଗ ଜଣେ ବ୍ୟକ୍ତିଙ୍କୁ ମାନସିକ ଭାବରେ ଅସୁସ୍ଥ କରି ସେମାନଙ୍କର ସାମାଜିକ ପରିସର




ମଧ୍ୟ ସଙ୍କୁଚିତ କରିଥାଏ। ସେ କହିଛନ୍ତି ଯେ, ନ୍ୟୁରୋଗ୍ରୀଟ ଗୋଲ୍ଡ ଆୟୁର୍ବେଦ ଏବଂ ଆଧୁନିକ ବିଜ୍ଞାନର ଏକ ଅନନ୍ୟ ମିଶ୍ରଣ। ଏହି ଗବେଷଣା ଦର୍ଶାଉଛି ଯେ, ଯଦି ପ୍ରାକୃତିକ ଔଷଧିକୁ ବୈଜ୍ଞାନିକ ଭାବରେ ବିଶ୍ଳେଷଣ କରାଯାଏ, ତେବେ ଅନେକ ସମସ୍ୟାକୁ ଦୂର କରିବାରେ ବଡ଼ ସଫଳତା ମିଳିପାରିବ। ନ୍ୟୁରୋଗ୍ରୀଟ ଗୋଲ୍ଡ ଜ୍ୟୋତିଷ୍ମତି ଏବଂ ଗିଲୋୟ ପରି ପ୍ରାକୃତିକ ଔଷଧି ସହିତ ଏକାଙ୍ଗବୀର ରସ, ମୋତି ପିଷ୍ଟି, ରଜତ ଭସ୍ମ, ବସନ୍ତ କୁସୁମାକର ରସ, ରସରାଜ ରସରୁ ତିଆରି ହୁଏ। ପତଞ୍ଜଳି ଗବେଷଣା ପ୍ରତିଷ୍ଠାନର ଉପାଧ୍ୟକ୍ଷ ଏବଂ ମୁଖ୍ୟ ବୈଜ୍ଞାନିକ ଡ. ଅନୁରାଗ ବାର୍ଷ୍ଣେୟ କହିଛନ୍ତି ଯେ, ପ୍ରଥମ ଥର ପାଇଁ ସି. ଏଲିଗାନ୍ସ ଉପରେ ଏକ ଆୟୁର୍ବେଦିକ ଔଷଧ ସହିତ ପରୀକ୍ଷଣ କରାଯାଇଥିଲା ଏବଂ ଏହା ଉତ୍କୃଷ୍ଟ ଫଳାଫଳ ଦେଇଥିଲା। ସେ କହିଛନ୍ତି, ଆମ ମସ୍ତିଷ୍କରେ ଡୋପାମିନ ନାମକ ଏକ ହରମୋନ ଅଛି, ଯାହା ଶରୀରର କାର୍ଯ୍ୟକୁ ନିୟନ୍ତ୍ରଣ କରେ। ଯଦି କୌଣସି କାରଣରୁ ଡୋପାମିନ ଠିକ ଭାବେ କାମ କରିପାରିବ ନାହିଁ, ତେବେ ଶରୀର ତା'ର ସନ୍ତୁଳନ ହରାଇବାକୁ ଆରମ୍ଭ କରେ ଏବଂ ଆମ ମସ୍ତିଷ୍କ ପୂର୍ବରୁ ଭଲଭାବେ କରୁଥିବା କାର୍ଯ୍ୟଗୁଡ଼ିକୁ ଭୁଲିବାକୁ ଲାଗେ। ଏହି ଅବସ୍ଥାକୁ ପାର୍କିନସନ୍ସ କୁହାଯାଏ। ନ୍ୟୁରୋଗ୍ରୀଟ ଗୋଲ୍ଡ ସହିତ କରାଯାଇଥିବା ଗବେଷଣାର ଫଳାଫଳ ପାର୍କିନସନ୍ସ ରୋଗୀଙ୍କ ମଧ୍ୟରେ ଏକ ନୂତନ ଆଶାର କିରଣ ଆଣିଥିବା ସେ କହିଛନ୍ତି।

# ସେରମ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ ପକ୍ଷରୁ ଦେଶବ୍ୟାପୀ କ୍ୟାନ୍ସର ସଚେତନତା

ଭୁବନେଶ୍ୱର,୧୯।୬(ସୌମ୍ୟରଞ୍ଜନ ରାଉତ)

ସେରମ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ ପକ୍ଷରୁ ଦେଶବ୍ୟାପୀ 'କନ୍‌କୋର ଏଚ୍‌ପିଭି ଓ କ୍ୟାନ୍ସର କନ୍‌କ୍ଲେଭ୍' ଭୁବନେଶ୍ୱରସ୍ଥିତ ଏକ ହୋଟେଲ୍‌ରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ଏସ୍‌ସିବି ମେଡିକାଲ୍ କଲେଜ ପ୍ରସୂତି ଓ ସ୍ତ୍ରୀରୋଗ ବିଭାଗର ୟୁନିଟ୍ ମୁଖ୍ୟ ପ୍ରଫେସର ଡା. ତୁଷାର କର, ଏଏଚ୍‌ପିଜିଆଇସିର ସ୍ତ୍ରୀରୋଗ ଅଙ୍କୋଲୋଜି ବିଭାଗର ଡା. ଭାଗ୍ୟଲକ୍ଷ୍ମୀ ନାୟକ, ସମ୍ ହସ୍ପିଟାଲ ଶିଶୁରୋଗ ବିଭାଗର ପ୍ରଫେସର ଡା. ମୃତ୍ୟୁଞ୍ଜୟ ଦାଶ, ଓଡ଼ିଶା କିଶୋରୀ ହସ୍ପିଟାଲ ଏବଂ ଆଇଭିଏଫ୍‌ର ନିର୍ଦ୍ଦେଶକ ପ୍ୟାରୀଲାଲ ତ୍ରିପାଠୀ, ଆଇଏପିସିଟି ଶାଖା ଭୁବନେଶ୍ୱରର ପ୍ରତିଷ୍ଠାତା ଓ ନିର୍ଦ୍ଦେଶକ ତଥା ପ୍ରାରମ୍ଭିକ ଶୈଶବ ବିକାଶ କେନ୍ଦ୍ର ସଚିବ ଡା. ସୁଶ୍ରୁତ ଦାସ ଯୋଗଦେଇଥିଲେ। ହ୍ୟୁମାନ ପାପିଲେମା ଭାଇରସ୍ (ଏଚ୍‌ପିଭି) କେବଳ ଗର୍ଭାଶୟ କର୍କଟ ପର୍ଯ୍ୟନ୍ତ




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

ସୀମିତ ନୁହେଁ। ଏହା ଯୋନି, ମଳଦ୍ୱାର, ଯୌନାଙ୍ଗ ଏବଂ ଓରୋଫାରିଙ୍କସର କର୍କଟ ସହିତ ମଧ୍ୟ ଜଡ଼ିତ, ଯାହା ପୁରୁଷ ଓ ମହିଳା ଉଭୟଙ୍କୁ ପ୍ରଭାବିତ କରେ। ୧୫ରୁ ୨୫ ବର୍ଷ ବୟସ ମଧ୍ୟରେ ଏଚ୍‌ପିଭି ସଂକ୍ରମଣର ସର୍ବାଧିକ ପରିମାଣରେ ଘଟୁଥିବାରୁ ପ୍ରାରମ୍ଭିକ ସଚେତନତା ଏବଂ ସମୟୋଚିତ ପ୍ରତିରୋଧକ ପଦକ୍ଷେପ ଅତ୍ୟନ୍ତ ଜରୁରୀ। ବର୍ତ୍ତମାନ ଏଚ୍‌ପିଭି ଟିକା ସହିତ ଏଚ୍‌ପିଭି ସମ୍ବନ୍ଧିତ କର୍କଟ ରୋଗରୁ ପ୍ରତ୍ୟେକ ବ୍ୟକ୍ତିଙ୍କୁ ସୁରକ୍ଷା ଦେବା ଆହୁରି ସହଜ ହୋଇଗଲାଣି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଦେଶବ୍ୟାପୀ ଆୟୋଜିତ ଏହି ସମ୍ମିଳନୀ ମାଧ୍ୟମରେ ଆମେ ହ୍ୟୁମାନ ପାପିଲେମା ଭାଇରସ୍ (ଏଚ୍‌ପିଭି) ଏବଂ ସର୍ଭାଇକାଲ୍ ଓ ଅନ୍ୟାନ୍ୟ କର୍କଟ ରୋଗ ସହିତ ଏହାର ସମ୍ପର୍କ ବିଷୟରେ ସଚେତନତା ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛୁ। ଏଥିସହ ଚିକିତ୍ସା ବିଶେଷଜ୍ଞ, ସ୍ୱାସ୍ଥ୍ୟକର୍ମୀ ଏବଂ ସମ୍ପ୍ରଦାୟର ସଦସ୍ୟମାନଙ୍କୁ ଏକତ୍ରିତ କରି ଫୋରମ୍ ପ୍ରାରମ୍ଭିକ ଚିହ୍ନଟ ଓ ପ୍ରତିରୋଧ ପାଇଁ ଆଲୋଚନା ସହ ବ୍ୟବହାରିକ ପଦକ୍ଷେପକୁ ଉତ୍ସାହିତ କରିବାକୁ ପ୍ରୟାସ କରିଛୁ ବୋଲି ଅତିଥିମାନେ କହିଥିଲେ। ଏସ୍‌ସିବି ମେଡିକାଲ କଲେଜର ଶିଶୁରୋଗ ବିଶେଷଜ୍ଞ ପ୍ରଫେସର ଡା. ସୁନୀଲ କୁମାର ଅଗ୍ରୱାଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ନାବାଳିକାଙ୍କୁ ଅପହରଣ ଅଭିଯୋଗ**

ନିମାପଡ଼ା,(ବିଚିତ୍ରାନନ୍ଦ ସାହୁ)- ନିମାପଡ଼ା ଥାନା ଅଞ୍ଚଳର ଜଣେ ୧୭ ବର୍ଷୀୟା ନାବାଳିକାଙ୍କୁ କେହି ଅପହରଣ କରି ନେଇଥିବା ବୁଧବାର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ପୋଲିସ ୧୭୯/୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ନାବାଳିକା ଗତ ୧୬ ତାରିଖ ସକାଳେ ନିମାପଡ଼ା ଅଞ୍ଚଳର ଏକ କମ୍ପ୍ୟୁଟର ଶିକ୍ଷାକେନ୍ଦ୍ରକୁ ଯାଇ ରାତି ସୁଦ୍ଧା ଘରକୁ ଫେରି ନ ଥିଲେ। ପରିବାର ଲୋକେ ଝିଅକୁ ଅନେକ ଖୋଜାଖୋଜି କରି ନ ପାଇ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

## ସତ୍ୟବାଦୀକୁ ଏନ୍‌ଏସି ଘୋଷଣା ପାଇଁ ରିପୋର୍ଟ ମାଗିଲା ବିଭାଗ

ସାକ୍ଷୀଗୋପାଳ,୧୯।୬
(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)

ରାଜ୍ୟ ସରକାରଙ୍କ ଗୃହ ଏବଂ ନଗର ଉନ୍ନୟନ ବିଭାଗ ପକ୍ଷରୁ ତହସିଲଦାରଙ୍କୁ ସତ୍ୟବାଦୀକୁ ଏନ୍‌ଏସି କରିବା ନିମନ୍ତେ ଆବଶ୍ୟକ ରିପୋର୍ଟ ମଗାଯାଇଛି। ଏନ୍‌ଏସିରେ ଅନ୍ତର୍ଭୁକ୍ତ ହେଉଥିବା ପଞ୍ଚାୟତ ଓ ତାହାର ଲୋକସଂଖ୍ୟା, ଅନ୍ୟାନ୍ୟ ସୁବିଧା ସୁଯୋଗ, ଭୌଗୋଳିକ ଚିତ୍ର ଆଦି ରିପୋର୍ଟ ମାଧ୍ୟମରେ ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଛି। ଏଥିରେ ମୁଖ୍ୟତଃ ପେଣ୍ଠପଡ଼ା, ଜୟପୁର, ବୀରଗୋବିନ୍ଦପୁର, ବୀରରାମଚନ୍ଦ୍ରପୁର, କାଦୁଆ, ବିଶ୍ୱନାଥପୁର ଓ ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତର କିଛି ଅଂଶକୁ ପ୍ରାଥମିକ ପର୍ଯ୍ୟାୟରେ ସର୍ଭେ କରାଯାଇଛି। ସତ୍ୟବାଦୀ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ସତ୍ୟବାଦୀ ବିଡିଓ ଦେବାଶିଷ ନାୟକ ଓ ରାଜସ୍ୱ ଅଧିକାରୀଙ୍କ ପକ୍ଷରୁ ଏହି ସର୍ଭେ ରିପୋର୍ଟ ପ୍ରସ୍ତୁତ କରାଯାଇଛି। ସତ୍ୟବାଦୀକୁ ଏନ୍‌ଏସିରେ ଅନ୍ତର୍ଭୁକ୍ତ କରିବାକୁ ସତ୍ୟବାଦୀ ଜନସାଧାରଣ, ବିଭିନ୍ନ ଅନୁଷ୍ଠାନ ଦୀର୍ଘ ବର୍ଷ ହେବ ଦାବି ହୋଇ ଆସୁଥିଲା ।

# ଧାମ ପରେ ତେଜିଲା ପ୍ରସାଦ ବିବାଦ

ପୁରୀ,୧୯।୬(ଅଜିତ୍ କୁମାର ମହାନ୍ତି)

ପଶ୍ଚିମବଙ୍ଗ ସରକାରଙ୍କ ଦ୍ୱାରା ଦୀଘାରେ ନିର୍ମିତ ଜଗନ୍ନାଥ ମନ୍ଦିରକୁ ଶ୍ରୀଜଗନ୍ନାଥ ଧାମ ନାମରେ ନାମିତ କରାଯିବାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇବା ସହ ବିବାଦ ସୃଷ୍ଟି ହୋଇଥିଲା। ସେହି ବିବାଦ ନ ତୁଟୁଣୁ ଏବେ ଦୀଘା ଜଗନ୍ନାଥ ମନ୍ଦିରରେ ଭୋଗ କରାଯାଇଥିବା ଖୁଆକୁ ମହାପ୍ରସାଦ କହି ବାଣ୍ଟୁଥିବାର ଭିଡିଓ ଭାଇରାଲ ହୋଇଛି। ଏହା ପୁଣି ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରୁଛି। ଭିଡିଓରେ ଦେଖିବାକୁ ମିଳୁଛି ଯେ, କେତେଜଣ ମହିଳା ଓ ପୁରୁଷ ସଂକୀର୍ତ୍ତନ କରି ଦୀଘା ମନ୍ଦିରକୁ ଯାଉଛନ୍ତି। ମହିଳା ଭକ୍ତମାନେ ଖୁଆକୁ କାନ୍ଧରେ ରଖି ମନ୍ଦିର ଅଭିମୁଖେ ଯାଉଥିବାର ଦୃଶ୍ୟ ଦେଖାଯାଇଛି। ସେଠାରେ ୩୦୦ କି.ଗ୍ରା. ଓଜନର ଖୁଆ ଠାକୁରଙ୍କ ନିକଟରେ ପୂଜା କରାଯାଇଥିଲା। ପରେ ପଶ୍ଚିମବଙ୍ଗର ସମସ୍ତ ଜିଲାପାଳଙ୍କୁ ଉକ୍ତ ପ୍ରସାଦ ପଠାଯାଇଥିଲା। ଜିଲାପାଳ ୩୪୧ଟି ବ୍ଲକ୍‌ର ବିଡିଓମାନଙ୍କ ଲୋକଙ୍କୁ ବାଣ୍ଟିବା ପାଇ ପଠାଇଛନ୍ତି। ଜୁନ୍ ୧୭ରୁ ୨୭ ତାରିଖ ପର୍ଯ୍ୟନ୍ତ ବଣ୍ଟାଯିବାକୁ ଯୋଜନା କରାଯାଇଛି। ଯେପରି ପଶ୍ଚିମବଙ୍ଗର ସମସ୍ତ ଲୋକ ପ୍ରସାଦ ପାଇପାରିବେ ସେଥିପାଇଁ ଜିଲାପାଳ, ବିଡିଓ ଓ ରାଶନ ଡିଲରଙ୍କୁ ଦାୟିତ୍ୱ ଦିଆଯାଇଛି। ତେବେ ପ୍ରସାଦକୁ ମହାପ୍ରସାଦ କୁହାଯାଇ ଲୋକଙ୍କୁ ବଣ୍ଟାଯାଉଛି, ଯାହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ଦେଖାଯାଇଛି।

ଏନେଇ କୋଲକାତା ଇସ୍କନର ଉପାଧ୍ୟକ୍ଷ ରାଧାରମଣ ଦାସ କହିଛନ୍ତି, ମହାପ୍ରଭୁଙ୍କ ମହାପ୍ରସାଦର ମହତ୍ତ୍ୱ ରହିଛି। ପଶ୍ଚିମବଙ୍ଗ ସରକାର ୩୦୦ କି.ଗ୍ରା. ଖୁଆ ଆଣି ଭୋଗକରିବା ପରେ ଉକ୍ତ ପ୍ରସାଦ ଯେପରି ରାଜ୍ୟର ସମସ୍ତଙ୍କ ଘରେ ପହଞ୍ଚିବ ସେ ନେଇ ବ୍ୟବସ୍ଥା କରିଛନ୍ତି। ପ୍ରସାଦକୁ ମହାପ୍ରସାଦ କହି ଲୋକଙ୍କୁ

### ଖୁଆପେଡ଼ାକୁ ମହାପ୍ରସାଦ କହି ବାଣ୍ଟିଲେ ମମତା

ଦେବା ଏହାକୁ ନାପସନ୍ଦ କରାଯାଇଛି। ମହାସୁଆର ନିଯୋଗର ସମ୍ପାଦକ ଗଣେଶ ମହାସୁଆର କହିଛନ୍ତି, ବିଭିନ୍ନ ମନ୍ଦିରରେ ଠାକୁରଙ୍କ ଭୋଗ କରାଯାଏ, ତାହାକୁ ପ୍ରସାଦ କୁହାଯାଏ। ମମତା ବାନାର୍ଜୀ ଖୁଆପେଡ଼ା କରି ବାଣ୍ଟନ୍ତୁ, କିନ୍ତୁ ତାହାକୁ ମହାପ୍ରସାଦ ବୋଲି କୁହନ୍ତୁ ନାହିଁ। ପ୍ରସାଦ କେବେ ମହାପ୍ରସାଦ ହୋଇପାରିବ ନାହିଁ। ବରିଷ୍ଠ ସେବାୟତ ହଜୁରୀ କୃଷ୍ଣଚନ୍ଦ୍ର ଖୁଣ୍ଟିଆ କହିଛନ୍ତି, ପଶ୍ଚିମବଙ୍ଗ ସରକାରଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ। ଖୁଆପେଡ଼ାକୁ ମହାପ୍ରସାଦ କହିବା ଠିକ୍ ନୁହେଁ। ବଙ୍ଗାଳୀମାନେ ଭଲଭାବେ ଜାଣିଛନ୍ତି ମହାପ୍ରସାଦ କ'ଣ। ତେଣୁ ମମତା ବାନାର୍ଜୀ ଏପରି କାର୍ଯ୍ୟରୁ ନିବୃତ୍ତ ରୁହନ୍ତୁ। ଶ୍ରୀମନ୍ଦିର ପରିଚାଳନା କମିଟିର ପୂର୍ବତନ ସଦସ୍ୟ ସୁଦର୍ଶନ ପଟ୍ଟନାୟକ କହିଛନ୍ତି, ଏହା ଅତ୍ୟନ୍ତ କଷ୍ଟ ଓ ଦୁଃଖଦାୟକ ଘଟଣା। ପ୍ରଥମେ ଶ୍ରୀଜଗନ୍ନାଥ ଧାମ କଲେ ବର୍ତ୍ତମାନ ପ୍ରସାଦକୁ ମହାପ୍ରସାଦ କରିସାରିଲେଣି। ଜଗନ୍ନାଥ ସଂସ୍କୃତି, ପରମ୍ପରା, ଧର୍ମ ଉପରେ ଆଘାତ ସୃଷ୍ଟି କରୁଛନ୍ତି। ଏନେଇ ପଟ୍ଟନାୟକ ଏକ୍ସରେ ପଶ୍ଚିମବଙ୍ଗ ସରକାରଙ୍କୁ ଜଣାଇଛନ୍ତି, ପୁରୀର ଶ୍ରୀଜଗନ୍ନାଥ ମନ୍ଦିରରେ ପବିତ୍ର ନୈବେଦ୍ୟକୁ ପବିତ୍ର ରୋଷେଇ ଘରେ ପ୍ରସ୍ତୁତ ଏବଂ ସ୍ୱୟଂ ମହାପ୍ରଭୁଙ୍କ ଦ୍ୱାରା କରାଯାଇଥିବା ମହାପ୍ରସାଦ ଭାବେ ଜଣାଶୁଣା। ଏହା କେବଳ ଖାଦ୍ୟ ନୁହେଁ, ବରଂ ଏକ ପବିତ୍ର ପରମ୍ପରା। 'ମହାପ୍ରସାଦ' ଶବ୍ଦଟି ଅନ୍ୟତ୍ର ବ୍ୟବହାର କରିବା ଅଜାଣତରେ ଏହି ପୂଜ୍ୟ ପରମ୍ପରାକୁ ଅସମ୍ମାନ କରିପାରେ। ତେଣୁ ମହାପ୍ରସାଦ ଶବ୍ଦ ବ୍ୟବହାର କରା ନ ଯାଉ ବୋଲି ସେ ଅନୁରୋଧ କରିଛନ୍ତି।



ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ସହ ଅନ୍ୟ ମନ୍ତ୍ରୀ ଓ ଜିଲାସ୍ତରୀୟ ଅଧିକାରୀମାନେ ରଥ ଖଳା ବୁଲି ଦେଖୁଛନ୍ତି ।

## ରଥଖଳାରୁ...

### ୧୨ଟି ଲେଖାଏ କଣି ଫାଉଡ଼ା ନିର୍ମାଣ ଶେଷ



କୁନି ରୂପକାର ସେବକ ରଥରେ ଖୋଦେଇ କାର୍ଯ୍ୟ କରୁଛନ୍ତି ।

ପୁରୀ,୧୯।୬(ଅଜିତ୍ କୁମାର ମହାନ୍ତି)

ରଥ ନିର୍ମାଣର ୫୦ତମ ଦିବସରେ ଗୁରୁବାର ଉକ୍ତ ପ୍ରଭା ଫ୍ରେମରେ ବାଙ୍କ ପଡ଼ି ରୂପ ଖୋଦେଇ ପଟା ସେଟିଂ ଶେଷ ହୋଇଛି। ଶୁକ୍ରବାର ରୂପକାର ସେବକମାନେ ପ୍ରଭାଗୁଡ଼ିକରେ ରୂପ ଖୋଦେଇ କାର୍ଯ୍ୟ ଆରମ୍ଭ କରିବେ। ଦୁଆର ବେଢ଼ା ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ୧୨ଟି ଦୁଆର ବେଢ଼ାରୁ ବୁଧବାର ସୁଦ୍ଧା ୩ ରଥର ଗୋଟିଏ ଗୋଟିଏ ଦୁଆର ବେଢ଼ା ନିର୍ମାଣ ଶେଷ ହୋଇଥିଲା। ଗୁରୁବାର ଆଉ ଦୁଇଟି ଲେଖାଏ ଦୁଆରବେଢ଼ା ନିର୍ମାଣ ଶେଷ ହେବା ସହ ବାକି ୩ଟି ଦୁଆରବେଢ଼ା ନିର୍ମାଣ ପାଇଁ ଫ୍ରେମ ପ୍ରସ୍ତୁତି ପାଇଁ ପଟା ବଟନ୍ ସାଇତା ଆରମ୍ଭ ହୋଇଛି। ତିନିରଥର ୧୨ଟି ଲେଖାଏ କଣି ଫାଉଡ଼ା ନିର୍ମାଣ ଶେଷ ହୋଇଛି। ରୂପକାର ସେବକମାନେ ତିନିରଥର ମୋଟ ୨୪ଟି ନାଟଗୋଡ଼ରୁ ୧୮ଟି ନାଟଗୋଡ଼ରେ ରାହୁରୂପ ଖୋଦେଇ ଶେଷ କରିଥିଲା ବେଳେ ବାକି ୬ଟି ନାଟଗୋଡ଼ର ରୂପ ଖୋଦେଇ ଆଜି ଶେଷ କରିଛନ୍ତି। ଚିତ୍ରକାର ସେବକମାନେ ରଥ ପାର୍ଶ୍ୱ ଦେବଦେବୀ ମୂର୍ତ୍ତି, ତିନିରଥ ଗୁଜ ଓ ଚକଗୁଡ଼ିକରେ ରଙ୍ଗ କାର୍ଯ୍ୟ ଜାରି ରଖିଛନ୍ତି। ଦରଜି ସେବକମାନେ ତିନିରଥର ୨୪ଟି ବତା କନାରେ ୭୨ଟି ବିଳାସପଟି ଲାଗି ଶେଷ କରି ତିନିରଥ ୧୨ ଗୋଟି ଦୁଆର ବେଢ଼ା ପାଇଁ କନା କଟିଂ ପରେ ସେଥିରେ ଲେସ, ଚିକ୍କଣ ସିଲ୍‌ଭର ଜରିରେ ଫୁଲଡାଳି ପକା କାର୍ଯ୍ୟ ଜାରି ରଖିଛନ୍ତି। ଦୋଳବେଦି ଅସ୍ଥାୟୀ କମାରଶାଳରେ ଓଝା ସେବକମାନେ ତିନିରଥର ଧୂଳିଦଣ୍ଡା ଏବଂ ଶୁଆ ସେଟିଂ ପାଇଁ ନରାଜ କଣ୍ଟା ନିର୍ମାଣ ଶେଷ କରିଛନ୍ତି।

## ଅରୁଆ ଚାଉଳରେ ରଥ ନିର୍ମାଣ କଲେ ଅକ୍ଷୟ

ପିପିଲି,୧୯।୬(ପ୍ରଭାତ କୁମାର ମହାପାତ୍ର)

ଭକ୍ତ ମହାପ୍ରଭୁଙ୍କ ପ୍ରତି ଭିନ୍ନ ପ୍ରକାରରେ ନିଜର ଭକ୍ତି ଦର୍ଶାଇଥାଏ। ଆଗକୁ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପାଇଁ ଶ୍ରୀକ୍ଷେତ୍ର ଧାମ ଚଳଚଞ୍ଚଳ ହୋଇଉଠିଛି। ଏହା ପୂର୍ବରୁ ପିପିଲି ବ୍ଲକ ଦର୍ଜିସାହି ଗ୍ରାମର ଯୁବ କାରିଗର ଅକ୍ଷୟ ମହାପାତ୍ର ଅରୁଆ ଚାଉଳରେ ରଥ ନିର୍ମାଣ କରି ମହାପ୍ରଭୁଙ୍କ ପ୍ରତି ଥିବା ତାଙ୍କ ଭକ୍ତିକୁ ଦର୍ଶାଇଛନ୍ତି। ଏହି ବର୍ଷ ସେ ଅରୁଆ ଚାଉଳରେ ଅତି ନିଖୁଣ



ଅକ୍ଷୟ ମହାପାତ୍ର

ଭାବେ ରଥର ଚକ, ଚାରମାଳ ବାଇଶି ପାହଚ, ପୋଟଳ, ପାରା ଭାଡ଼ି ସହ ରଥରେ ପ୍ରଭୁ ଶ୍ରୀ ଜଗନ୍ନାଥ, ଶ୍ରୀ ବଳଭଦ୍ର ଓ ମା' ସୁଭଦ୍ରାଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିଛନ୍ତି। ଏହି ୨ ଫୁଟର ରଥ ପାଇଁ ୧୨ଶହ ଗ୍ରାମ ଅରୁଆ ଚାଉଳ ଲାଗିଥିବାବେଳେ ଅକ୍ଷୟଙ୍କୁ ୨ରୁ ଅଢ଼େଇ ମାସ ଅକ୍ଲାନ୍ତ ପରିଶ୍ରମ କରିବାକୁ ପଡ଼ିଥିଲା। ସେ ଏହି ରଥକୁ ଭକ୍ତଙ୍କ ଉଦ୍ଦେଶ୍ୟରେ କରିଥିବା କହିଛନ୍ତି। ଏହି ରଥ ତିଆରିରେ ତାଙ୍କ ମା' ସଞ୍ଜୁଲତା ସହଯୋଗ କରିଥିବାବେଳେ କାର୍ଯ୍ୟକୁ ନେଇ ପୂରା ପରିବାର ବେଶ୍ ଖୁସି ଅଛନ୍ତି। ଏହା ପୂର୍ବରୁ ସେ ଦିଆସିଲି କାଠି ଓ ସୋଲରେ ମହାପ୍ରଭୁଙ୍କ ରଥ ଓ ମୂର୍ତ୍ତି ନିର୍ମାଣ କରିଥିଲେ, ଯାହାକୁ ନେଇ ଅକ୍ଷୟଙ୍କୁ ଖୁବ୍ ପ୍ରଶଂସା କରାଯାଇଥିଲା। ସ୍ଥାନୀୟ ଦର୍ଜି ସାହି ବାସିନ୍ଦା ଓ ଅଞ୍ଚଳର ବୁଦ୍ଧିଜୀବୀ ତାଙ୍କର ଏଭଳି କାର୍ଯ୍ୟଦକ୍ଷତା ପାଇଁ ଉତ୍ସାହିତ କରିଛନ୍ତି। ଅକ୍ଷୟ ଜଣେ ଜଗନ୍ନାଥ ପ୍ରେମୀ ହୋଇଥିବାବେଳେ ପିପିଲିର ଶ୍ରୀପତିତପାବନ ମନ୍ଦିରରେ ତାଙ୍କ ପରିବାର ସେବା କାର୍ଯ୍ୟ କରିଥାନ୍ତି ବୋଲି ସେ କହିଛନ୍ତି।

## ସତର୍କତା, ସଚେତନତା ଦ୍ୱାରା ବାତ୍ୟା ମୁକାବିଲା କରିପାରିବା

ପୁରୀ,୧୯।୬(ଅଜିତ୍ କୁମାର ମହାନ୍ତି)

ପ୍ରାକୃତିକ ବିପର୍ଯ୍ୟୟ ଅପ୍ରତ୍ୟାଶିତ ଭାବେ ହିଁ ସଂଗଠିତ ହୋଇଥାଏ। ଏହା କୌଣସି ସମୟରେ ମଧ୍ୟ ହୋଇପାରେ। ପ୍ରାକୃତିକ ବିପର୍ଯ୍ୟୟକୁ ରୋକାଯାଇପାରିବ ନାହିଁ। କିନ୍ତୁ ସତର୍କତା, ସଚେତନତା ଓ ପୂର୍ବ ପ୍ରସ୍ତୁତି ଦ୍ୱାରା ଧନଜୀବନ ହାନି ଓ କ୍ଷୟକ୍ଷତିକୁ ରୋକିବା ସହ ବିପର୍ଯ୍ୟୟକୁ ପ୍ରଶମିତ କରିବାରେ ସହାୟକ ହୋଇଥାଏ ବୋଲି ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା କହିଛନ୍ତି। ସର୍କିଟ ହାଉସଠାରେ ବୁଧବାର ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ସମ୍ପର୍କରେ ଏକ ଟେବୁଲ ଟପ ଏକ୍ସରସାଇଜ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲାପାଳ ବେହେରା ପୁରୀ ଏକ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ଜିଲା

### ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ

ଭାବେ ପରିଗଣିତ। ବିଶେଷ କରି ବନ୍ୟା, ବାତ୍ୟା ଚିର ସହଚର ହୋଇଥିବାରୁ ଏଥିପାଇଁ ସମସ୍ତେ ଅଭିଜ୍ଞତା ଓ ଅନୁଭବ ଆଧାରରେ ସତର୍କ ରହିବାକୁ ସେ ମତ ଦେଇଥିଲେ। ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ ଖୋଲିବା, ନିୟମିତ ସତର୍କତା ସୂଚନା ଉପରେ ଦୃଷ୍ଟି ରଖିବା, ସେହି ଆଧାରରେ ଲୋକଙ୍କୁ ସଚେତନ କରାଇବା, ବିପର୍ଯ୍ୟୟ ପରିଚାଳନା ମାର୍ଗଦର୍ଶିକାକୁ ପାଳନ କରିବା, ଲୋକ ପ୍ରତିନିଧି, ସ୍ୱେଚ୍ଛାସେବୀ ଓ ସାଧାରଣ ଲୋକଙ୍କ ସହ ଯୋଗାଯୋଗରେ ରହିବା ଉପରେ ଆଲୋକପାତ କରାଯାଇଥିଲା।

ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ ଓ ଟେବୁଲ ଟପ୍ ଏକ୍ସରସାଇଜ୍‌ର ରାଜ୍ୟ ପ୍ରତିନିଧି ନବକିଶୋର ସିଂ ଯୋଗଦେଇ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ ଓ ଟେବୁଲ ଟପ ଏକ୍ସରସାଇଜ୍‌ର ଲକ୍ଷ୍ୟ, ଉଦ୍ଦେଶ୍ୟ ସମ୍ପର୍କରେ ମତ ଦେଇଥିଲେ। କାର୍ଯ୍ୟକ୍ରମରେ ନିମାପଡ଼ା ବିଡିଓ ଡ. ଅଭିଜିତ ଷଡ଼ଙ୍ଗୀ, ଜରୁରୀ ବିଭାଗର ସହକାରୀ ଜିଲାପାଳ ପଞ୍ଚାନନ ପରିଜା, ଜିଲା ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଓ ଅନ୍ୟାନ୍ୟ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଜିଲାର ବିଭିନ୍ନ ସ୍ଥାନରେ ଥିବା ୧୭୯ଟି ବହୁମୁଖୀ ବାତ୍ୟା ଓ ଆଶ୍ରୟ ସ୍ଥଳରେ ଏହିପରି ବିପର୍ଯ୍ୟୟ ପରିଚାଳନା ଅଭ୍ୟାସର ଆୟୋଜନ କରାଯିବ। ଜରୁରୀ ବିଭାଗ ଡିପିଓ ସୁକାନ୍ତ କୁମାର ଦାଶ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଆଜି ମହାପ୍ରଭୁଙ୍କ ଚକାବିଜେ ନୀତି

ପୁରୀ,୧୯।୬(ଅଜିତ୍ କୁମାର ମହାନ୍ତି)

ଅଣସର ଗୃହରେ ଶୁକ୍ରବାର ମହାପ୍ରଭୁଙ୍କ ଚକାବିଜେ ନୀତି ଅନୁଷ୍ଠିତ ହେବ। ବଡ଼ଠାକୁର ବଳଭଦ୍ର, ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ଦେବୀ ସୁଭଦ୍ରା ଅଣସର ପିଣ୍ଡିରୁ ଚକାକୁ ବିଜେ କରିବେ। ଦଇତାପତି ସେବକମାନେ ମହାପ୍ରଭୁଙ୍କ ଏହି ଗୁପ୍ତ ନୀତି ସମ୍ପାଦନ କରିବେ।

ସୂଚନାଯୋଗ୍ୟ, ପବିତ୍ର ଜ୍ୟେଷ୍ଠ ପୂର୍ଣ୍ଣିମା ବା ସ୍ନାନପୂର୍ଣ୍ଣିମାରେ ଚତୁର୍ଦ୍ଧାମୂର୍ତ୍ତି ସ୍ନାନବେଦିରେ ୧୦୮ ଗଡ଼ୁ ସୁବାସିତ ଜଳରେ ସ୍ନାନ କରିବା ପରେ ଜ୍ୱରରେ ପୀଡ଼ିତ ହୋଇ ଅଣସର ପିଣ୍ଡିରେ ଗୁପ୍ତସେବା ଜାରି ରହିଛି। ପରମ୍ପରା ଅନୁଯାୟୀ, ପଞ୍ଚମୀ ତିଥିରେ ମହାପ୍ରଭୁଙ୍କୁ ଫୁଲୁରି ତେଲ ଲାଗି ହୋଇଥିଲା। ଷଷ୍ଠୀରୁ ନବମୀ ଯାଏ ଠାକୁରଙ୍କୁ ଓଷୁଅ ଲାଗି କରାଯାଇଥିଲା। ଦଶମୀ ତିଥିରେ ଅସୁସ୍ଥ ଥିବା ଶ୍ରୀବିଗ୍ରହ ସାମାନ୍ୟ ସୁସ୍ଥ ଅନୁଭବ କରିଥିବାରୁ ଚକାବିଜେ ନୀତି ଅନୁଷ୍ଠିତ ହେବ। ଦଇତାପତି ସେବକମାନେ ବଳଭଦ୍ର, ଜଗନ୍ନାଥ ଓ ସୁଭଦ୍ରାଙ୍କୁ ଅଣସର ପିଣ୍ଡିରୁ ଚକାକୁ ବିଜେ କରାଇବେ। ସେହିପରି ଦଶମୀ ତିଥି ଅବସରରେ ବୈଦ୍ୟଙ୍କ ଦ୍ୱାରା ପ୍ରସ୍ତୁତ ଦଶମୂଳ ମୋଦକ ପ୍ରସ୍ତୁତ କରାଯାଇ ଶ୍ରୀବିଗ୍ରହଙ୍କ ଉଦ୍ଦେଶ୍ୟରେ ଶ୍ରୀମନ୍ଦିରକୁ ପଠାଯିବ। ଉକ୍ତ ଦଶମୂଳ ଏକାଦଶୀ ତିଥିରେ ମହାପ୍ରଭୁ ଲାଗିହେବେ। ଜ୍ୱରରେ ପୀଡ଼ିତ ଦାରୁବିଗ୍ରହମାନେ ଏହି ଦଶମୂଳ ଲାଗି ହେଲେ ସମ୍ପୂର୍ଣ୍ଣ ଭାବେ ସୁସ୍ଥ ହୁଅନ୍ତି ବୋଲି ବିଶ୍ୱାସ ରହିଛି।

## ଅନ୍ତର୍ଜାତୀୟ ଯୋଗ ଦିବସ ପ୍ରସ୍ତୁତି ବୈଠକ

ପୁରୀ,୧୯।୬(ଅଜିତ କୁମାର ମହାନ୍ତି)

ଆସନ୍ତା ୨୧ ତାରିଖରେ ଅନ୍ତର୍ଜାତୀୟ ଯୋଗ ଦିବସ। ଜିଲାରେ ଏହାକୁ ଶୃଙ୍ଖଳିତ ଭାବେ ପାଳନ ପାଇଁ ରାଷ୍ଟ୍ରୀୟ ବିଜ୍ଞାନ କେନ୍ଦ୍ରଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ବୈଠକରେ ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ଯୋଗଦେଇ ଜିଲା, ପୌରାଞ୍ଚଳ, ବ୍ଲକ, ପଞ୍ଚାୟତ ଓ ଏନ୍‌ଏସିଗୁଡ଼ିକରେ ଯୋଗ ଦିବସ ଆୟୋଜନ ଓ ଯୋଗର ଉପକାରିତା ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇବା ସମ୍ପର୍କରେ ଗୁରୁତ୍ୱ ଦେଇଥିଲେ। ସେହିପରି ସ୍ୱତନ୍ତ୍ର ଭାବେ ଐତିହ୍ୟ କୀର୍ତ୍ତି କୋଣାର୍କଠାରେ ଯୋଗ ଦିବସ ପାଳନ ହେବ। ଅନ୍ୟପକ୍ଷରେ ସମସ୍ତ ବ୍ଲକ, ପଞ୍ଚାୟତ, ଏନ୍‌ଏସି, ପୁରୀ ପୌର ପାଳିକା ଓ ଜିଲାସ୍ତରରେ ଏହା ପାଳନ ହେବାକୁ ଯାଉଥିବାରୁ ଆଭାସୀ ମାଧ୍ୟମରେ ସମସ୍ତ ଅଧିକାରୀଙ୍କୁ ଏଥିରେ ସାମିଲ କରାଯାଇ ଆଲୋଚନା କରାଯାଇଥିଲା।

ନିଷ୍ପତ୍ତି ମୁତାବକ ସମସ୍ତ ପଞ୍ଚାୟତ, ବ୍ଲକ, ଏନ୍‌ଏସିଗୁଡ଼ିକର ସେହି ଅଞ୍ଚଳରେ କାର୍ଯ୍ୟ କରୁଥିବା ଯୋଗ ସମିତିର ସଦସ୍ୟମାନଙ୍କ ସହଯୋଗ ନେଇ ଏହା ଆରମ୍ଭ ହେବ। ସେହିପରି ଜିଲାସ୍ତରୀୟ କାର୍ଯ୍ୟକ୍ରମ କୋଣାର୍କ ସୂର୍ଯ୍ୟମନ୍ଦିରଠାରେ ଜିଲା ପ୍ରଶାସନ, କୋଣାର୍କ ଏନ୍‌ଏସି, ଏଏସ୍‌ଆଇର ମିଳିତ ସହଯୋଗରେ ଏହା ପାଳନ କରାଯିବ। ଜିଲା ପ୍ରଶାସନ, ପୁରୀ ପୌରପାଳିକା, ସଦର ବ୍ଲକ ଓ ଅବକାରୀ ବିଭାଗ ପକ୍ଷରୁ ବ୍ଲୁ-ଫ୍ଲାଗ ବିଚ୍‌ଠାରେ ଯୋଗ ଶିବିର ଆୟୋଜନ କରାଯିବ। ଜୁନ ୨୧ ତାରିଖ ସକାଳ ୭ଟା ମଧ୍ୟରେ ସମସ୍ତେ ନାମ ପଞ୍ଜୀକରଣ କରିବା ପରେ ପ୍ରାର୍ଥନା ସଭା ଓ ପରେ ସକାଳ ୮ଟା ପର୍ଯ୍ୟନ୍ତ ଯୋଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ନୋଡାଲ ଅଫିସର ତଥା ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ ସୂଚନା ଦେଇଛନ୍ତି। ବୈଠକରେ ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ରାଷ୍ଟ୍ରୀୟ ବିଜ୍ଞାନ କେନ୍ଦ୍ରର ଡିଆଇଓ ବିଶ୍ୱନାଥ ପଣ୍ଡା, ଅବକାରୀ ଅଧୀକ୍ଷକ ଜଗଦୀଶ ସାମଲ, ଜିଲା ପଞ୍ଚାୟତ ଅଧିକାରୀ ବଳରାମ ପାତ୍ର, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମୀୟ କୁମାର ସେଠୀ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ହିମାଂଶୁ ସମର୍ଥା ପ୍ରମୁଖ ଯୋଗଦେଇଥିଲେ।



ନବ ପ୍ରତିଭା ପକ୍ଷରୁ ପୁରୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚଠାରେ ପ୍ରଦର୍ଶିତ 'ମାନବ ଜଣାଣ'ର ଏକ ଦୃଶ୍ୟ ।

## ଚିଲିକାରେ ଫସିଲା ଯାତ୍ରୀବାହୀ ଡଙ୍ଗା



ଚିଲିକାରେ ଯାତ୍ରୀବାହୀ ଡଙ୍ଗା ଫସି ରହିଛି ।

କୃଷ୍ଣପ୍ରସାଦ,୧୯।୬
(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଏବଂ କୃଷ୍ଣପ୍ରସାଦ ବ୍ଲକର ମୁଖ୍ୟ କାର୍ଯ୍ୟାଳୟକୁ ଯିବା ପାଇଁ ପ୍ରତିଦିନ ଶତାଧିକ ଲୋକେ ଚିଲିକାରେ ଯାତ୍ରା କରିଥାନ୍ତି। ପ୍ରତିଦିନ ଭଳି ଗୁରୁବାର ସନ୍ଧ୍ୟାରେ ସାତପଡ଼ାରୁ ଏକ ଯାତ୍ରୀବାହୀ ଡଙ୍ଗା ୧୫ରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କୁ ନେଇ ଜହ୍ନିକୁଦା ଅଭିମୁଖେ ଯାତ୍ରା କରିଥିଲା। ଡଙ୍ଗାଟି ଚିଲିକାରେ କିଛିବାଟ ଯିବା ପରେ ହଠାତ୍ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା। ଡଙ୍ଗା ଚଳକ ମରାମତି କରିବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ଫଳରେ ଡଙ୍ଗାଟି ଚିଲିକାର ମହିଁଷା ବ୍ରହ୍ମପୁର ନିକଟରେ ଫସି ରହିଥିଲା। ଫଳରେ ଯାତ୍ରୀମାନେ ଭୟଭୀତ ହୋଇପଡ଼ିଥିଲେ। ଯାତ୍ରୀମାନେ ୧ଘଣ୍ଟାରୁ ଅଧିକ ସମୟ ଚିଲିକାରେ ଫସି ରହିବା ପରେ ଅନ୍ୟ ଏକ ଡଙ୍ଗା ସହାୟତାରେ ଜହ୍ନିକୁଦା ଜେଟିକୂଳରେ ପହଞ୍ଚିଥିଲେ। ପ୍ରକାଶ ଯେ, ଗତ ୧୩ ତାରିଖରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଏକ ଯାତ୍ରୀବାହୀ ଡଙ୍ଗା ଚିଲିକାରେ ଫସି ରହିଥିଲା।

## ଆଶ୍ରୟସ୍ଥଳୀରେ ବିପର୍ଯ୍ୟୟ ପରିଚାଳନା ସାମୂହିକ ମକ୍‌ଡ୍ରିଲ

କୋଣାର୍କ,୧୯।୬(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ଏନ୍‌ଏସି ଅଧୀନ ୮ନଂ. ୱାର୍ଡ ଚନ୍ଦ୍ରଭାଗା ନୋଳିଆ ସାହିସ୍ଥିତ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀଠାରେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଓ ଜିଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ମିଳିତ ଆନୁକୂଲ୍ୟରେ ବାତ୍ୟା ଆଶ୍ରୟସ୍ଥଳୀ ପରିଚାଳନା ଓ ରକ୍ଷଣାବେକ୍ଷଣ କମିଟି ପକ୍ଷରୁ ବାତ୍ୟା ଓ ବନ୍ୟା ସମ୍ପର୍କିତ ଆଶ୍ରୟସ୍ଥଳୀସ୍ତରୀୟ ସାମୂହିକ ମକ୍‌ଡ୍ରିଲ ଗୁରୁବାର ଅନୁଷ୍ଠିତ



ବାତ୍ୟା ଆଶ୍ରୟସ୍ଥଳୀରେ ମକ୍‌ଡ୍ରିଲ କାର୍ଯ୍ୟକ୍ରମ କରାଯାଉଛି ।

ହୋଇଯାଇଛି। ସ୍ୱେଚ୍ଛାସେବୀ ସଙ୍ଗଠନ ସୋଲାରର କାର୍ଯ୍ୟକ୍ରମ ଅଧିକାରୀ ଚିତ୍ତରଞ୍ଜନ ପରିଡ଼ା ଏଥିରେ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ କୋଣାର୍କ ଏନ୍‌ଏସି ଅଧ୍ୟକ୍ଷା ସୁଶ୍ରୀ ସଂଯୁକ୍ତା ତ୍ରିପାଠୀ, ଉପାଧ୍ୟକ୍ଷ ସୁରେଶ ଚନ୍ଦ୍ର ରାଉତରାୟ, କୋଣାର୍କ ଏନ୍‌ଏସି ନିର୍ବାହୀ ଅଧିକାରୀ ପ୍ରଣବ କୁମାର ଚାନ୍ଦ, ବାତ୍ୟା ଆଶ୍ରୟସ୍ଥଳୀ ସମ୍ପାଦକ ସିଏଫ୍ ଜଗା, କାଉନ୍‌ସିଲର ଦିଲ୍ଲୀପ କୁମାର ଦାସ, ସ୍ୱାସ୍ଥ୍ୟ ଅଧିକାରୀ ଆଶିଷ କୁମାର ସେଠୀ ଓ ଚମ୍ପାହର ଅଗ୍ନିଶମ ସେବାକେନ୍ଦ୍ରର ଅଧିକାରୀ ତୁଷାର ରଞ୍ଜନ ଦେଓ ପ୍ରମୁଖ ଯୋଗଦେଇଥିଲେ। ବାତ୍ୟା ଓ ବନ୍ୟା ସମୟରେ ଜନସାଧାରଣଙ୍କ ଉଦ୍ଧାର କାର୍ଯ୍ୟ, ବାତ୍ୟା ଓ ବନ୍ୟା ପୂର୍ବର ପ୍ରସ୍ତୁତି, ପରବର୍ତ୍ତୀ କାର୍ଯ୍ୟପନ୍ଥା ଓ ବିପର୍ଯ୍ୟୟ ପରିଚାଳନା ସମ୍ପର୍କରେ ବୈଷୟିକ ଜ୍ଞାନକୌଶଳକୁ ଡେମୋ ମାଧ୍ୟମରେ ଅଗ୍ନିଶମ ସେବାକେନ୍ଦ୍ରର କର୍ମଚାରୀ ବିଶଦ ଭାବରେ ଅବଗତ କରାଇଥିଲେ। ସୋଲାର ପକ୍ଷରୁ ସମ୍ପାଦକ ହରିଶ୍ଚନ୍ଦ୍ର ଦାଶଙ୍କ ତତ୍ତ୍ୱାବଧାନରେ ଗୋପ ବ୍ଲକର ୧୮, କୋଣାର୍କ ଏନ୍‌ଏସିର ଗୋଟିଏ, କଣାସ ବ୍ଲକର ୨୪ଟି ସମେତ ପୁରୀ ଜିଲାରେ ୪୩ଟି ଆଶ୍ରୟସ୍ଥଳୀରେ ବାତ୍ୟା, ବନ୍ୟା ସାମୂହିକ ମକ୍‌ଡ୍ରିଲ କରାଯାଇଥିଲା। କାର୍ଯ୍ୟକ୍ରମରେ ଆଶାକର୍ମୀ, ଅଙ୍ଗନୱାଡି କର୍ମୀ ଓ ଚନ୍ଦ୍ରଭାଗା ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ପରିଚାଳନା ଓ ରକ୍ଷଣାବେକ୍ଷଣା କମିଟି ସଦସ୍ୟଙ୍କ ସମେତ ଚନ୍ଦ୍ରଭାଗା ନୋଳିଆ ସାହିର ଜନସାଧାରଣ ସାମିଲ ହୋଇଥିଲେ।

## ଅସ୍ୱାସ୍ଥ୍ୟକର ପରିବେଶରେ ଚାଲିଛି ସ୍ୱାସ୍ଥ୍ୟସେବା

କାକଟପୁର/ଅସ୍ତରଙ୍ଗ, ୧୯।୬
(ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

'ସ୍ୱଚ୍ଛ ପରିମଳ ଆମ ଚିକିତ୍ସାଳୟ'କୁ ନେଇ ମେଡିକାଲ କାନ୍ଥରେ ଓ ବିଭିନ୍ନ ସ୍ଥାନରେ ବଡ଼ ବଡ଼ ସଚେତନ ବାର୍ତ୍ତା ଦିଆଯାଇଛି, ହେଲେ ବାସ୍ତବ ଚିତ୍ର କିନ୍ତୁ ଭିନ୍ନ। ଯେଉଁଠି ଆଖି ବୁଲାଇବେ ଖାଲି କୁଢ଼ କୁଢ଼ ଆବର୍ଜନା। ମେଡିକାଲ ଫାଟକ ପ୍ରବେଶ ବାଟରେ ଦୀର୍ଘ ଦିନ ହେବ ପାଣି ଜମି ରହୁଛି। ଏହାସହ ମେଡିକାଲ ସମ୍ମୁଖରେ ପାହାଡ଼ ପରି ଗଦା ହୋଇଛି ମଇଳା ବର୍ଜ୍ୟବସ୍ତୁ। ଏହି କାରଣରୁ ମଶା, ମାଛିଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ଫଳରେ ରୋଗୀ ଓ ରୋଗୀଙ୍କୁ ନେଇ ଆସିଥିବା ଲୋକେ ମଧ୍ୟ ଅଣନିଃଶ୍ୱାସୀ ହୋଇପଡୁଛନ୍ତି। ଦୀର୍ଘ ଦିନ ଧରି ଭଙ୍ଗା ପାଚେରି ସମ୍ମୁଖରେ ବ୍ୟବହୃତ ସାମଗ୍ରୀ ଓ ଅଳିଆ ଆବର୍ଜନା ପଡ଼ି ରହିଥିବାରୁ ଏହା ପଚିଶଢ଼ି ଏବେ ଦୁର୍ଗନ୍ଧ ହେଉଛି। ଅସ୍ତରଙ୍ଗ ମୁଖ୍ୟ ବଜାର ରାସ୍ତାଠାରୁ ନେଇ ସରକାରୀ ହସ୍ପିଟାଲ ପଛ ଓ ସମ୍ମୁଖ ପାର୍ଶ୍ୱରେ କୁଢ଼ କୁଢ଼ ମେଡିକାଲ ଆବର୍ଜନା





ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରବେଶ ଦ୍ୱାରରେ ପାଣି ଓ ଅଳିଆ ଆବର୍ଜନା ଜମି ରହିଛି ।

ଦେଖିବାକୁ ମିଳୁଛି। ନିୟମାନୁସାରେ, ମେଡିକାଲ ଆବର୍ଜନାଗୁଡ଼ିକ ସ୍ୱତନ୍ତ୍ର ଭାବେ ସଂଗ୍ରହ କରାଯାଇ ତାକୁ ନଷ୍ଟ କରାଯିବା କଥା। କିନ୍ତୁ ରାସ୍ତା କଡ଼ରେ

### ଆବର୍ଜନା ଜମିବାରୁ ମଶା, ମାଛିଙ୍କ ପ୍ରାଦୁର୍ଭାବ

ଥିବା ପାଥୋଲାବ, ଔଷଧ ଦୋକାନୀ ରକ୍ତଲଗା ତୁଳା, ବ୍ୟାଣ୍ଡେଜ କନା, ବ୍ୟବହୃତ ସିରିଞ୍ଜି ଭଳି ବାୟୋମେଡିକାଲ ବର୍ଜ୍ୟକୁ ରାସ୍ତାକଡ଼କୁ ଫିଙ୍ଗି ଦେଉଛନ୍ତି। ସେପଟେ ପାଥୋଲାବ ଅତି ଚତୁରତାର ସହ କଳା ପଲିଥିନରେ ଉକ୍ତ ଆବର୍ଜନାକୁ ଭର୍ତ୍ତି କରି ଅସ୍ତରଙ୍ଗ ମେଡିକାଲ ପାଚେରି ଭାଙ୍ଗି ଯାଇଥିବା ସ୍ଥାନରେ ପକାଇ ଦେଉଛନ୍ତି। ଫଳରେ ଅପରିଷ୍କାର ହେବା ସହ ଦୁର୍ଗନ୍ଧମୟ ପରିସ୍ଥିତି ସୃଷ୍ଟି ହେଉଛି। ଏନେଇ ସ୍ଥାନୀୟ ବୁଦ୍ଧିଜୀବୀ ମେଡିକାଲ ସମ୍ମୁଖରୁ ଅଳିଆ ପରିଷ୍କାର କରିବା ସହ ପ୍ରଶାସନ ପକ୍ଷରୁ ନୂତନ ପାଚେରି ନିର୍ମାଣ ପାଇଁ ଦାବି କରାଯାଇଛି।

**୪୨ମୌଜା ଅଞ୍ଚଳରେ ବିଦ୍ୟୁତ୍ ସରବରାହ ବ୍ୟାହତ**

କଟକ ସଦର,(ସୁଶାନ୍ତ କୁମାର ଜେନା): ୪୨ ମୌଜା ଅଞ୍ଚଳରେ ଗୁରୁବାର ଅପରାହ୍ନ ରୁ ବିଦ୍ୟୁ ସରବରାହ ରେ ବ୍ୟାହତ ହେବାରୁ ୬ ଟି ପଞ୍ଚାୟତ ଅନ୍ଧାରରେ ବୁଡିଯାଇଛି।୮ ଘଣ୍ଟା ବିତି ଯାଇଥିଲେ ସୁଦ୍ଧା ୩୩ କେଭି ଲାଇନ କୁ ମରାମତି କରାଯାଇ ପାରି ନାହିଁକାରଣ କାଠଯୋଡି ନଦୀ କୂଳରେ ଆସିଥିବା ୩୩ କେଭି କେବୁଲ କୌଣସି ସ୍ଥାନରେ ଫାଟି ଯିବାରୁ ବିଦ୍ୟୁ ସରବରାହ ସାଭାବିକ ହୋଇ ପାରି ନାହିଁଗରମରେ ୫ ହଜାରରୁ ଉର୍ଦ୍ଧ୍ୱ ଉପଭୋକ୍ତା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

# ବଢୁଛି ସଂକ୍ରମଣ: ଏସ୍‌ସିବିରେ ଆଉ ୮ ଭର୍ତ୍ତି

**କଟକ,୧୯।୬(ଶିଳ୍ପା ପ୍ରିୟଦର୍ଶିନୀ)**

- **ମୋଟ୍ ୪୦ ଜଣଙ୍କର ଚିକିତ୍ସା ଜାରି**
- **କଟକ ଜିଲାରେ ମୋଟ୍ ୯୯ ଆକ୍ରାନ୍ତ, ୧୦ ମେଡିକାଲରେ ଭର୍ତ୍ତି**

କଟକ ଜିଲାରେ ଏବେ କାୟାବିସ୍ତାର କରିବାରେ ଲାଗିଛି ଡାଇରିଆ ସଂକ୍ରମଣ। ଗୁରୁବାର ସନ୍ଧ୍ୟା ସୁଦ୍ଧା ମୋଟ୍ ୯୯ଜଣ ଡାଇରିଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨୬ଜଣ ବେଣ୍ଟକାର ଅଞ୍ଚଳର, ୨୩ଜଣ ଟଙ୍ଗୀ ଅଞ୍ଚଳର ଓ ଅନ୍ୟ ୫୦ଜଣ ଘୋଳପୁର ଅଞ୍ଚଳର। ଏହି ଆକ୍ରାନ୍ତଙ୍କ ମଧ୍ୟରୁ ୧୦ଜଣ ମେଡିକାଲରେ ଭର୍ତ୍ତି ହୋଇଥିବାବେଳେ ସେଥିମଧ୍ୟରୁ ଟାଙ୍ଗୀ ଅଞ୍ଚଳର ୭ଜଣ ଓ ୩ଜଣ ଘୋଳପୁର ଅଞ୍ଚଳର ଥିବା ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି। ତେବେ ବର୍ଷା ଆରମ୍ଭରୁ କଟକ ଜିଲାରେ ଡାଇରିଆ ସଂକ୍ରମଣ ବ୍ୟାପିବାରେ ଲାଗିଥିବାବେଳେ ଲୋକଙ୍କ ମନରେ ଭୟ ସୃଷ୍ଟି ହୋଇଛି। ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଡାଇରିଆ, ଡେଙ୍ଗୁ ଓ ଜଣ୍ଡିସ ସଂକ୍ରମଣକୁ ଦୃଷ୍ଟିରେ ରଖି ସାମ୍ବବ୍ୟ ପ୍ରାକୃତିକ ବିପର୍ଯ୍ୟସ୍ତକୁ ଦୃଷ୍ଟିରେ ରଖି ଲୋକଙ୍କୁ ସଚେତନ କରାଯିବା ଅଭିଯାନ ଆରମ୍ଭ କରାଯାଇଛି। ଏହାସହ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ତେବେ ପ୍ରତ୍ୟେକଟି ସ୍ଥାନକୁ ସାନିଟାଇଜେସନ କରାଯିବା ସହ ଲୋକଙ୍କୁ ଫୁଟା ପାଣି ପଇବା ଓ ହାଲୋଜିନ ବଟିକା ପକାଇ ପାଣି ପିଇବାକୁ ପରାମର୍ଶ ଦିଆଯାଉଛି। ଏହାସହ ଶୌଚ ହେବା ପୂର୍ବରୁ ଏବଂ ପରେ ଉକ୍ତ ସ୍ଥାନକୁ ସଫା କରିବା ଓ ସାବୁନରେ ହାତ ଧୋଇବା ଭଳି ପରାମର୍ଶ ଦିଆଯାଇ ସଚେନତ କରାଯାଉଛି। ସେହିପରି ଆଶାକର୍ମୀମାନେ ଘରଘର ବୁଲି ସର୍ଭେ କରୁଥିବା ସୂଚନା ମିଳିଛି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଶାନ୍ତ କୁମାର ହୋତା କହିଛନ୍ତି, ଏବେ ଡାଇରିଆ ସଂକ୍ରମଣ ବ୍ୟାପିବାର ମୁଖ୍ୟ କାରଣ ପାଣି ରହିଛି। ପାଣି ପିଇବାରୁ ଲୋକ ସଂକ୍ରମଣର ଶିକାର ହେଉଥିବା ଜଣାଯାଇଛି। ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଛି। ଆଗାମୀ ୩ମାସ ପର୍ଯ୍ୟନ୍ତ ଲୋକଙ୍କୁ ସଚେନତ କରାଇବା ସହ ସାନିଟାଇଜେସନ ଓ ସର୍ଭେ କରାଯିବ ବୋଲି ହୋତା କହିଛନ୍ତି। ଅନ୍ୟପଟେ ଡାଇରିଆ ସଂକ୍ରମଣ ଧୀରେ ଧୀରେ ଏବେ ପ୍ରତ୍ୟେକ ଅଞ୍ଚଳକୁ ବ୍ୟାପିବାରେ ଲାଗିଥିବାବେଳେ ଏଥିରେ ସଂକ୍ରମିତ ହୋଇ ଗୁରୁବାର କଟକ ଏସ୍‌ସିବି ମେଡିକାଲରେ ୮ଜଣ ଡାଇରିଆ ଆକ୍ରାନ୍ତ ଭର୍ତ୍ତି ହୋଇଛନ୍ତି। ସେଥିମଧ୍ୟରୁ ଯାଜପୁର ଅଞ୍ଚଳର ୬ଜଣ ଥିବାବେଳେ ଅନ୍ୟ ୨ଜଣ କଟକ ଜିଲାର। ସେହିପରି ଏସ୍‌ସିବିରେ ଗୁରୁବାର ସନ୍ଧ୍ୟା ୫ଟା ସୁଦ୍ଧା କଟକ, ଯାଜପୁର ସମେତ ଅନ୍ୟାନ୍ୟ ଅଞ୍ଚଳର ମୋଟ୍ ୪୦ଜଣ ଡାଇରିଆ ଆକ୍ରାନ୍ତଙ୍କ ଚିକିତ୍ସା ଜାରି ରହିଥିବା ମେଡିକାଲ ପକ୍ଷରୁ ସୂଚନା ମିଳିଛି।

## ସ୍ଥିତି ଅନୁଧ୍ୟାନ କଲେ କେନ୍ଦ୍ରୀୟ ଡାକ୍ତରୀ ଟିମ୍

**ସୁଆଁରି ଗ୍ରାମରେ ଝାଡ଼ାବାନ୍ତି ସ୍ଥିତି ସ୍ଥିର**

**ମଙ୍ଗୁଳି-ଜଗତପୁର,୧୯।୬(ମାନସ ସାମଲ)**



ସୁଆଁରି ଗ୍ରାମରେ କେନ୍ଦ୍ରୀୟ ଟିମ୍ ଝାଡ଼ାବାନ୍ତି ସ୍ଥିତି ଅନୁଧ୍ୟାନ କରୁଛନ୍ତି।

କଟକ ଜିଲା ଟାଙ୍ଗୀ-ଚୌଦ୍ୱାର ବ୍ଲକ ସଫା ପଞ୍ଚାୟତ ସୁଆଁରି ଗ୍ରାମରେ ଗତ କିଛିଦିନ ହେବ ଝାଡ଼ାବାନ୍ତି ବ୍ୟାପିଥିଲା। ସ୍ଥିତି ଅନୁଧ୍ୟାନ ପାଇଁ କେନ୍ଦ୍ରୀୟ ଡାକ୍ତରୀ ଟିମ ସଦସ୍ୟ ଡାକ୍ତର ଭାଗିରଥି ହୋତା, ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ର ଓ କଟକ ସିଡିଏମ୍‌ଓ ପ୍ରଶାନ୍ତ କୁମାର ହୋତା, ଡିପିଏଚଓ ଡାକ୍ତର ଲୋକନାଥ ପାତ୍ରଙ୍କ ସମେତ ଅନ୍ୟ ଡାକ୍ତରୀ ଟିମ୍ ଗ୍ରାମରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରି ଫେରିଯାଇଛନ୍ତି। ଗାଁର ସମସ୍ତ ଜଳଉତ୍ସଗୁଡ଼ିକୁ ଯାଞ୍ଚ କରିବା ସହିତ ଲୋକଙ୍କୁ ପାଣି ଫୁଟାଇ ପିଇବା ଓ ଟ୍ୟାଙ୍କର୍ ଯୋଗେ ବ୍ଲକ ପକ୍ଷରୁ ଯୋଗାଇ ଦିଆଯାଉଥିବା ପାଣି ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ। ଗ୍ରାମର ମୋଟ ୬ଟି ପରିବାରରୁ ୧୯ଜଣ ଆକ୍ରାନ୍ତ ହୋଇଥିଲେ। ୧୨ଜଣ ସୁସ୍ଥ ହୋଇଥିବା ବେଳେ ଜଣଙ୍କର ମୃତ୍ୟୁ ହୋଇଥଲା। ଏବେବି ୬ଜଣ ରୋଗୀ କଟକ ବଡ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଯଦି ଗ୍ରାମରେ କେହି ରୋଗୀ ଚିହ୍ନଟ ହେଲେ ଡାକ୍ତରୀ ଟିମ ଓ ମେଡିକାଲ ପ୍ରସ୍ତୁତ ଥିବା କେନ୍ଦ୍ରୀୟ ଟିମ୍ ସଦସ୍ୟ ଡାକ୍ତର ଭାଗିରଥି ଦ୍ୱିବେଦୀ କହିଛନ୍ତି।

# 'ଡାଇରିଆ ନିରାକରଣ ପାଇଁ ତ୍ୱରିତ ପଦକ୍ଷେପ ନିଅ'

**କଟକ,୧୯।୬(କାର୍ତ୍ତିକ ସାହୁ)**

**ହାଇକୋର୍ଟରେ କଟକ ସହର ସମସ୍ୟା**



ରାଜ୍ୟରେ ଏବେ ଡାଇରିଆ ଅଞ୍ଚଳରୁ ଅଞ୍ଚଳକୁ ବ୍ୟାପି ଚାଲିଛି। ବହୁ ସଂଖ୍ୟକ ଆକ୍ରାନ୍ତ ଏସ୍‌ସିବି ମେଡିକାଲ ସମେତ ବିଭିନ୍ନ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଏପରିସ୍ଥଳେ କଟକ ସହରର ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥାକୁ ହାଇକୋର୍ଟ ଚିନ୍ତାପ୍ରକଟ କରିଛନ୍ତି। କଟକ ସହରରେ ଡାଇରିଆ ବ୍ୟାପିବାର ଆଶଙ୍କାକୁ ନେଇ ହାଇକୋର୍ଟ ଆଗୁଆ ସତର୍କ ହେବାକୁ ଚେତାଇ ଦେଇଛନ୍ତି। ନହେଲେ ପରିସ୍ଥିତି ସଙ୍ଗିନ ହେବାର ଆଶଙ୍କା ରହିଛି। ତେଣୁ ଜିଲା ପ୍ରଶାସନ, କଟକ ମହାନଗର ନିଗମ, ଜଳ ସମ୍ପଦ ବିଭାଗ ତ୍ୱରିତ ଡାଇରିଆ ନିରାକରଣ ଦିଗରେ ପଦକ୍ଷେପ ନେବାକୁ ହାଇକୋର୍ଟ ଗୁରୁବାର ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟର ବିଚାରପତି ସଙ୍ଗମ କୁମାର ସାହୁ ଓ ବିଚାରପତି ଭି. ନରସିଂହଙ୍କୁ ଗଠିତ ସ୍ୱତନ୍ତ୍ର ଖଣ୍ଡପୀଠ କଟକ ସହର ସମସ୍ୟା ସଂକ୍ରାନ୍ତୀୟ ବିଭିନ୍ନ ଅଭିଯୋଗ ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

କଟକ ସହରର ବିଭିନ୍ନ ସ୍ଥାନରେ ନର୍ଦ୍ଦମା ଜଳ ମଧ୍ୟରେ ପାଣି ପାଇପ ବୁଡ଼ିରହୁଛି। ପାଣି ପାଇପ ଫାଟିଯିବାରୁ ଡାଏରିଆ ଓ ଜଣ୍ଡିସ ବ୍ୟାପିବାର ଭୟ ରହିଛି। ବିଶେଷ କରି ଚଣ୍ଡିଛକ ଓ ରାଜାବଗିଚା ଅଞ୍ଚଳରେ ଏପରି ଅବସ୍ଥା ଦେଖିବାକୁ ମିଳିଛି। ଏହାକୁ ଦୃଷ୍ଟିରେ ରଖି ୱାର୍ଡ ନମ୍ବର ୧୩, ୧୮, ୧୯ରେ ୩ ଦିନ ମଧ୍ୟରେ ପାଣି ପାଇପ ଲାଇନ ଯାଞ୍ଚ କରି ସ୍ୱଚ୍ଛ ପାନୀୟ ପ୍ରଦାନ କ୍ଷେତ୍ରରେ ପଦକ୍ଷେପ ନେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସ୍ୱାସ୍ଥ୍ୟକର୍ମୀ ପ୍ରତ୍ୟେକ ୱାର୍ଡକୁ ଯାଇ ସ୍ଥିତି ପରଖିବା ସହ ଆସନ୍ତା ସପ୍ତାହରେ ରିପୋର୍ଟ ପ୍ରଦାନ ଲାଗି କଟକ ମହାନଗର ନିଗମ (ସିଏମ୍‌ସି)କୁ ନିର୍ଦ୍ଦେଶ ଦେଇଛନ୍ତି। ଉଠାଦୋକାନୀମାନେ କିପରି ସ୍ୱାସ୍ଥ୍ୟପ୍ରଦ ଖାଦ୍ୟ ପଦାର୍ଥ ବିକ୍ରି କରିବେ ଏହା ଉପରେ ପଦକ୍ଷେପ ଗ୍ରହଣ କରିବା ଲଗି ଜିଲା ପ୍ରଶାସନକୁ ପୂର୍ଣ୍ଣ ସ୍ୱାଧୀନତା ପ୍ରଦାନ କରାଯାଇଛି। ଡାଏରିଆ ରୋକିବା କ୍ଷେତ୍ରରେ ନିଆଯାଉଥିବା ପଦକ୍ଷେପ ସଂକ୍ରାନ୍ତରେ ଜୁଲାଇ ୧ ପୂର୍ବରୁ ଅଦାଲତରେ ସତ୍ୟାପାଠ ଦାଖଲ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

## ଖାଦ୍ୟ ମାନ ଯାଞ୍ଚ କଲେ ଖାଦ୍ୟ ସୁରକ୍ଷା ଅଧିକାରୀ



**ଚୌଦ୍ୱାର,୧୯।୬(ଆଶୁତୋଷ ଦାସ)**

ଏବେ ରାଜ୍ୟର ବିଭିନ୍ନ ଜିଲାରେ ଝାଡ଼ାବାନ୍ତି ବ୍ୟାପୁଥିବା ବେଳେ ଏହାର ମୁକାବିଲା ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଏହି ପରିପ୍ରେକ୍ଷୀରେ କଟକ ଜିଲା ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଗୁରୁବାର ଚୌଦ୍ୱାର ସହରରେ ଥିବା ବିଭିନ୍ନ ହୋଟେଲ, ଜଳଖିଆ ଦୋକାନ ଓ ଫାଷ୍ଟଫୁଡ଼ ସେଣ୍ଟରଗୁଡ଼ିକରେ ଚଢ଼ାଉ କରାଯାଇଥିଲା। ଖାଦ୍ୟ ସୁରକ୍ଷା ଅଧିକାରୀ ଅଭିନନ୍ଦିତା ପରିଜାଙ୍କ ନେତୃତ୍ୱରେ ଚୌଦ୍ୱାର ପୌରପାଳିକା ଟ୍ୟାକ୍ସ ଦାରୋଗା ସନ୍ତୋଷ କୁମାର ହୋତା, ଚୌଦ୍ୱାର ଥାନାର ଅଧିକାରୀମାନଙ୍କୁ ନେଇ ଗଠିତ ଏକ ଟିମ୍ ବିରାଟ ବଜାରଠାରୁ ଗାନ୍ଧୀଛକ ପର୍ଯ୍ୟନ୍ତ ବିଭିନ୍ନ ହୋଟେଲ, ମିଠା ଦୋକାନ ଓ ରାସ୍ତାକଡ଼ ଫାଷ୍ଟଫୁଡ୍ ଦୋକାନରେ ଚଢ଼ାଉ କରାଯାଇଛି। ଏଥିସହ ବିକ୍ରି ହେବାକୁ ଥିବା ବିଭିନ୍ନ ଖାଦ୍ୟ ସାମଗ୍ରୀ ଯାଞ୍ଚ କରି ବହୁ ପରିମାଣର ବାସି ଖାଦ୍ୟ ନଷ୍ଟ କିବା ସହିତ କିଛି ଦୋକାନରୁ ପାଣି ଓ ଖାଦ୍ୟ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ନେଇଛନ୍ତି। ଦୁଷିତ ଖାଦ୍ୟ ବିକ୍ରି କରୁଥିବା କିଛି ଦୋକାନୀଙ୍କଠାରୁ ୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ବେଳେ ଟ୍ରେଡ୍ ଲାଇସେନ୍ସ ନଥିବା ଦୋକାନୀଙ୍କଠାରୁ ୪୫୦୦ଟଙ୍କା ଲାଇସେନ୍ସ ବାବଦରେ ଆଦାୟ ହୋଇଥିବା ଜଣାପଡ଼ିଛି। ଚଢ଼ାଉ ଜାରୀ ରହିବ ବୋଲି ଅଧିକାରୀ ଅଭିନନ୍ଦିତା ପରିଜା ସୂଚନା ଦେଇଛନ୍ତି। ପୌର କର୍ମଚାରୀ ମନୋଜ କୁମାର ସାହୁ, ସନ୍ତୋଷ ଖୁଣ୍ଟିଆ, ଏସ୍‌କେ. ଦିଲବର ମହମ୍ମଦ, ଦୁର୍ଯ୍ୟୋଧନ ପଣ୍ଡା, ଅଜୟ କୁମାର ନାୟକ, ଈଶ୍ୱର ନାୟକ, ସୁନୀଲ ଦାସ, ବିପ୍ର ନାୟକ ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।

## ଡାକ୍ତରୀ ଟିମ୍‌ର ସ୍ୱାସ୍ଥ୍ୟ ଶିବିର ପରିଦର୍ଶନ

**କଟକ ସଦର,୧୯।୬(ସୁଶାନ୍ତ କୁମାର ଜେନା)**

୪୨ ମୌଜା ଅନ୍ତର୍ଗତ ଝିଙ୍କିରିଆଠାରେ ଖୋଲାଯାଇ ଥିବା ସ୍ୱାସ୍ଥ୍ୟ ଶିବିରକୁ ଗୁରୁବାର ଏକ ଡାକ୍ତରୀ ଦଳ ପରିଦର୍ଶନ କରିଥିଲେ। ସେଠାରେ ୪୨ ମୌଜା ଅଞ୍ଚଳର ଝାଡ଼ାବାନ୍ତି ସମ୍ପର୍କରେ ଆଲୋଚନା କରିଥିଲେ। କେବଳ ୨୪ଜଣଙ୍କୁ ବାଦ ଦେଲେ ଆଉ କେହି ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇନାହାନ୍ତି ବୋଲି ଅବଗତ କରାଯାଇଥିଲା। ସ୍ଥାନୀୟ ଲୋକଙ୍କୁ ସଚେତନତା କରାଯିବା ସହ ଓଆର୍‌ଏସ ବଣ୍ଟନ କରାଯାଉଛି ବୋଲି ବେଣ୍ଟକାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷକ ଡ.ପ୍ରଶାନ୍ତ କୁମାର ସାମଲ ସୂଚନା ଦେଇଥିଲେ। ଡାକ୍ତରୀ ଦଳରେ ଅନ୍ୟମାନଙ୍କ ମଧ୍ୟରେ ଡ. ସୁଶାନ୍ତ କୁମାର ନାୟକ ଓ ଡ. ନୃସିଂହ ଭୂୟାଁ ସାମିଲ ଥିଲେ।

# ନିଟ୍‌ରେ ଡ୍ରିମ୍‌ସ ଛାତ୍ରୀଙ୍କ ସଫଳତା

**କଟକ,୧୯।୬(କାର୍ତ୍ତିକ ସାହୁ)**



ଶ୍ରଦ୍ଧାଞ୍ଜଳି ରାୟ



ସୀମ୍‌ରାନ୍ ପ୍ରଧାନ

ସର୍ବଭାରତୀୟ ଡାକ୍ତରୀ ପାଠ୍ୟକ୍ରମରେ ନାମ ଲେଖା ପାଇଁ ଜାତୀୟ ପରୀକ୍ଷଣ ସଂସ୍ଥାନ (ଏନ୍‌ଟିଏ) ଦ୍ୱାରା ପରିଚାଳିତ ଜାତୀୟ ଯୋଗ୍ୟତା ପ୍ରବେଶିକା ପରୀକ୍ଷା (ନିଟ୍ ୟୁଜି-୨୦୨୫)ରେ ଡ୍ରିମ୍‌ସ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୨ଜଣ ଛାତ୍ରୀ ସଫଳତା ହାସଲ କରିଛନ୍ତି। ଛାତ୍ରୀ ଶ୍ରଦ୍ଧାଞ୍ଜଳିରାୟ ୫୭୨ ନମ୍ବର ରଖି ୪୯୬୧ ସ୍ଥାନ ହାସଲ କରିଥିବାବେଳେ ସୀମ୍‌ରାନ୍ ପ୍ରଧାନ ୫୬୧ ନମ୍ବର ରଖି ୫୦୮୩ ସ୍ଥାନରେ ଅଛନ୍ତି। ଉଭୟ ଛାତ୍ରୀଙ୍କ ଏହି ସଫଳତା ପାଇଁ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାତା ଅଧକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, ସହ ଅଧକ୍ଷ ଇଂ ଦୁର୍ଗା ପ୍ରସାଦ ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ଶିକ୍ଷାନୁଷ୍ଠାନର ଅଧକ୍ଷ ଦିଲୀପ କୁମାର ମଲ୍ଲିକ, ଉପାଧକ୍ଷ ଡ. ଅଜିତ୍ କୁମାର ମହାପାତ୍ର ଏବଂ ଅଧ୍ୟାପକ, ଅଧ୍ୟାପିକା ଉଭୟଙ୍କୁ ସମ୍ବର୍ଦ୍ଧିତ କରିବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ବକ୍ସିବଜାର ବ୍ୟବସାୟୀ ସଂଘର ଦାବିପତ୍ର

# ଭେଣ୍ଡିଂ ଜୋନ୍‌କୁ ବିରୋଧ

**କଟକ,୧୯।୬(ଶିଳ୍ପା ପ୍ରିୟଦର୍ଶିନୀ)**

ବକ୍ସି ବଜାର ବ୍ୟବସାୟୀ ସଂଘ ପକ୍ଷରୁ ସିଏମ୍‌ସି କମିଶନର ଓ ମେୟରଙ୍କୁ ଗୁରୁବାର ଦାବିପତ୍ର ପ୍ରଦାନ କରାଯାଇଛି। ବକ୍ସି ବଜାରରୁ ପେନସନ ଲେନଙ୍କୁ ଯିବା ରାସ୍ତା ଯଥା (ସ୍ୱାଗତ ଲଜ ଓ ପୋଲିସ ମୋଟର ଟ୍ରାନ୍ସପୋର୍ଟ ମଧ୍ୟରେ ଥିବା ରାସ୍ତା)ରେ ସିଏମ୍‌ସି ପକ୍ଷରୁ ନିର୍ମାଣାଧୀନ ହେବାକୁ ଥିବା ଭେଣ୍ଡିଂ ଜୋନ୍‌କୁ ବିରୋଧ କରାଯାଇ ଏହି ଦାବିପତ୍ର ଦିଆଯାଇଛି। ଦାବିପତ୍ରରେ ବକ୍ସିବଜାର ଛକରୁ ପେନ୍‌ସନ ଲେନ, ପଟାପୋଲ ଓ ସୂତାହାଟକୁ ଏହି ରାସ୍ତା ସଂଯୋଗ କରୁଥିବାରୁ କୌଣସି ଜରୁରୀକାଳୀନ ସ୍ଥିତିରେ ରୋଗୀଙ୍କୁ ନେବା ଆଣିବା କରିବା ପାଇଁ ଆମ୍ବୁଲାନ୍ସ ଯିବାଆସିବା କରିବା ଓ ନିଆଁ ଲାଗିଲେ ନିଆଁ ଲିଭା ଗାଡି ଯିବାଆସିବା କରିବା ସମୟରେ ପରିସ୍ଥିତି ଜଟିଳ ହେବ। ତେବେ ରାସ୍ତାକୁ ସଂକୁଚିତ ନ କରି ରାସ୍ତାରୁ ଅବରୋଧ ଉଠାଯାଇ ସାଧାରଣ ଲୋକଙ୍କ କିପରି ସୁବିଧା ହେବ ଯାତାୟାତ କରି ପାରିବେ ସେ ଦିଗରେ ଗୁରୁତ୍ୱ ଦେଇ ଏହି କାମକୁ ବନ୍ଦ କରିବା ନେଇ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଯଦିଓ ଏହାକୁ ବନ୍ଦ କରା ନ ଯାଏ ତେବେ ଉକ୍ତ ସ୍ଥାନରେ ଧାରଣା ଦିଆଯିବା ବୋଲି କଡ଼ା ଚେତାବନୀ ଦିଆଯାଇଛି। ଅନ୍ୟପଟେ ଉକ୍ତ ଦାବିପତ୍ରକୁ କମିଶନର ଅନାମ ପାତ୍ର, ମେୟର ସୁବାସ ସିଂ ଗ୍ରହଣ କରିବା ସହ ଭେଣ୍ଡିଂ ଜୋନ କାର୍ଯ୍ୟକୁ ସ୍ଥଗିତ ରଖାଯିବା ସହ ଅନ୍ୟତ୍ର ସ୍ଥାନକୁ ସ୍ଥାନାନ୍ତର କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିବା ସଂଘ ସଭାପତି ସଲିଲ କୁମାର ଘୋଷ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସଂଘ ସମ୍ପାଦକ ଜଗନାଥ ଭଗତଙ୍କ ସମେତ ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

# ସିକିମ ବସ୍ ଦୁର୍ଘଟଣା: ଭୁବନେଶ୍ୱରରେ ପହଞ୍ଚିଲେ ୨ ଓଡ଼ିଆ

- **ଅଧିକ ଚିକିତ୍ସା ପାଇଁ ସ୍ୱୟଂ ସୁପ୍ରୀତ, ସାଇରାଜ ଏମ୍ସରେ ଭର୍ତ୍ତି**
- **ରେଳଷ୍ଟେଶନରୁ ସ୍ୱତନ୍ତ୍ର ଆମ୍ବୁଲାନ୍ସରେ ନିଆଗଲା ଡାକ୍ତରଖାନା**

**କଟକ,୧୯।୬(କାର୍ତ୍ତିକ ସାହୁ)**



ରେଳଷ୍ଟେଶନରୁ ସ୍ୱତନ୍ତ୍ର ଆମ୍ବୁଲାନ୍ସରେ ଡାକ୍ତରଖାନା ନିଆଯାଉଛି।

ସିକିମ୍ ବସ୍ ଦୁର୍ଘଟଣାରେ ଉଦ୍ଧାର ହୋଇ ସେଠାରେ ଚିକିତ୍ସିତ ହେଉଥିବା ୨ଜଣ ଓଡ଼ିଆ ସ୍ୱୟଂ ସୁପ୍ରୀତ ନାୟକ (୧୬) ଓ ସାଇରାଜ ଜେନା (୧୭) ଗୁରୁବାର ସନ୍ଧ୍ୟାରେ ଭୁବନେଶ୍ୱରରେ ପହଞ୍ଚିଛନ୍ତି। ପରବର୍ତ୍ତୀ ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି କରାଯାଇଛି। ଭୁବନେଶ୍ୱର ରେଳ ଷ୍ଟେଶନରେ ବିଧାୟକ ଆକାଶ ଦାସନାୟକ, ପରିବହନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ସେଠାରୁ ତାଙ୍କୁ ସ୍ୱତନ୍ତ୍ର ଆମ୍ବୁଲାନ୍ସ ଯୋଗେ ଏମ୍ସକୁ ନିଆଯାଇଥିଲା।

ସୂଚନା ଯୋଗ୍ୟ ଯେ, ସିକିମରେ ତିସ୍ତା ନଦୀରେ ବସ୍ ଦୁର୍ଘଟଣାରେ ଓଡ଼ିଶାରୁ ୪ଜଣ ନିଖୋଜ ଥିବାବେଳେ ୨ଜଣ ଉଦ୍ଧାର ହୋଇ ସେଠାରେ ଡାକ୍ତରଖାନାରେ ଚିକିତ୍ସାଧୀନ ଥିଲେ। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଓଡ଼ିଶା ସରକାର ନିରନ୍ତର ଭାବେ ସିକିମ ସରକାରଙ୍କ ସହ ଯୋଗାଯୋଗରେ ରହିଥିଲେ। ପରିବହନ ବିଭାଗର ୨ ବରିଷ୍ଠ ଅଧିକାରୀ ତୁରନ୍ତ ସେଠାରେ ପହଞ୍ଚିଥିଲେ। ଉଦ୍ଧାର କାର୍ଯ୍ୟ ଓ ଚିକିତ୍ସାର ସମସ୍ତ ବନ୍ଦୋବସ୍ତ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଉଭୟ ଚିକିତ୍ସିତ ହେଉଥିବା ଡାକ୍ତରଙ୍କ ଅନୁମତି ପରେ ପରବର୍ତ୍ତୀ ଚିକିତ୍ସା ନିମନ୍ତେ ତାଙ୍କୁ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି କରାଯାଇଛି। ସେମାନଙ୍କୁ ସେଠାରୁ ଭୁବନେଶ୍ୱର ଆସିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

## ଫଟୋରେ ଖବର



କଟକ ଜିଲାରେ ଶିଶୁ ଶ୍ରମିକ ନିୟୋଜନ ବିରୋଧରେ ସଚେତନତା ନେଇ ଜିଲାପାଳଙ୍କ କାର୍ଯ୍ୟାଳୟରୁ ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି ଏଡିଏମ୍ ଡ. ଦିବ୍ୟଲୋଚନ ମହାନ୍ତ।



କଟକ ଗୌରୀଶଙ୍କର ପାର୍କରୁ ଗଙ୍ଗା ମନ୍ଦିର ଯିବା ରାସ୍ତାରେ ପଡ଼ିଥିବା ପେବର ବ୍ଲକ ଧସି ସୃଷ୍ଟି ହୋଇଥିବା ଗର୍ତ୍ତ।



ତାଳଦଣ୍ଡା କେନାଲର ସୌନ୍ଦର୍ଯ୍ୟକରଣ ପାଇଁ ଉଭୟ ପାର୍ଶ୍ୱରେ ନିର୍ମିତ ସିନ୍ଥେଟିକ ୱାଲ ରକ୍ଷଣାବେକ୍ଷଣ ଅଭାବରୁ ଉଠିଥିବା ଘାସ ଓ କେନାଲ ମଧ୍ୟକୁ ଫିଙ୍ଗା ଯାଇଥିବା ଅଳିଆଆବର୍ଜନା। (ଫଟୋ: ରାଜକିଶୋର ମହାନ୍ତି)

**ଦିଲ୍ଲୀ ଫେରିଲେ ୧୧୦ ଛାତ୍ରୀଛାତ୍ର**

ଯୁଦ୍ଧ ପ୍ରଭାବିତ ଇରାନରୁ ପ୍ରଥମ ଦଫାରେ ୧୧୦ ଭାରତୀୟ ଛାତ୍ରୀଛାତ୍ର ଗୁରୁବାର ନୂଆଦିଲ୍ଲୀରେ ପହଞ୍ଚିଛନ୍ତି। ଦିଲ୍ଲୀ ବିମାନବନ୍ଦରରେ ପହଞ୍ଚିବା ପରେ ସେମାନେ ଆକ୍ରମଣ ସମୟର ଆତଙ୍କ ବର୍ଣ୍ଣନା କରିଛନ୍ତି। ସେମାନେ ଖୁବ୍ ନିକଟରେ ମିଶାଇଲ୍ ମାଡ଼ ଦେଖିବା ସହ ବୋମା ବିସ୍ଫୋରଣ ଶବ୍ଦ ଶୁଣିଥିବା କହିଛନ୍ତି। ଗତ ୧୭ ତାରିଖରେ ସେମାନଙ୍କୁ ଆର୍ମେନିଆ ନିଆଯାଇଥିବାବେଳେ ସେଠାରୁ ଅପରେଶନ ସିନ୍ଧୁ ଜରିଆରେ ଭାରତ ଅଣାଯାଇଛି।

# ୨ ସପ୍ତାହ ପରେ ଚୂଡ଼ାନ୍ତ ନିଷ୍ପତ୍ତି

## ଇରାନ୍ ଆକ୍ରମଣ ଯୋଜନାକୁ ଟ୍ରମ୍ପଙ୍କ ମଞ୍ଜୁରୀ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପାକିସ୍ତାନୀ ସେନାମୁଖ୍ୟ ଫିଲ୍ଡ ମାର୍ଶାଲ ସୟଦ ଆସିମ୍ ମୁନିରଙ୍କୁ ହ୍ୱାଇଟ୍ ହାଉସ୍‌ରେ ଆପ୍ୟାୟିତ କରିବା ପରେ ଖବରଦାତାମାନେ ଇରାନ୍ ଆକ୍ରମଣ ସମ୍ପର୍କିତ ଯୋଜନା ନେଇ ତାଙ୍କୁ ପ୍ରଶ୍ନ କରିଥିଲେ। ଉତ୍ତରରେ ଟ୍ରମ୍ପ୍ କହିଥିଲେ, ସେ ଆକ୍ରମଣ କରିପାରନ୍ତି କିମ୍ବା ନ ପାରନ୍ତି। ଆକ୍ରମଣ କରିବେ କି ନାହିଁ, ତାହା କେବଳ ତାଙ୍କୁ ହିଁ ଜଣା। ଏହା ପରେ ତେହରାନ୍ ଉପରେ ଆମେରିକାର ସମ୍ଭାବ୍ୟ ଆକ୍ରମଣକୁ ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇବାରେ ଲାଗିଥିବାବେଳେ ଟ୍ରମ୍ପ୍ ଏ ସମ୍ପର୍କିତ ଯୋଜନାକୁ ମଞ୍ଜୁରୀ ଦେଇସାରିଥିବା ବିଷୟ ସାମ୍ନାକୁ ଆସିଛି। ଏପରି ହେଲେ ଆମେରିକୀୟ ସେନା ମଧ୍ୟପ୍ରାଚ୍ୟ ଯୁଦ୍ଧ ମଇଦାନକୁ ପ୍ରତ୍ୟକ୍ଷ ଭାବେ ଓହ୍ଲାଇବ। ବିଶ୍ୱବ୍ୟାପୀ ଏହାର ଭୟଙ୍କର ପରିଣାମ ଅନୁଭୂତ ହେବ ବୋଲି ବିଶେଷଜ୍ଞମାନେ ଆଶଙ୍କା କରିଛନ୍ତି। ରୁଷିଆ, ଚାଇନା ଓ ଉତ୍ତର କୋରିଆ ମଧ୍ୟ ଆମେରିକାକୁ ଏଥିରୁ କ୍ଷାନ୍ତ ରହିବାକୁ ଚେତାବନୀ ଦେଇଛନ୍ତି। ଇତିମଧ୍ୟରେ ଟ୍ରମ୍ପ୍ ଉପରୋକ୍ତ ଆକ୍ରମଣ ଯୋଜନାକୁ ୨ ସପ୍ତାହ ପାଇଁ ସ୍ଥଗିତ ରଖିଥିବା ହ୍ୱାଇଟ୍ ହାଉସ୍ ପକ୍ଷରୁ ସୂଚନା ଦିଆଯାଇଛି।



ଡୋନାଲ୍ଡ ଟ୍ରମ୍ପ

**ୱାଶିଂଟନ୍, ୧୯।୬**

ଇରାନ୍ ଉପରେ ଆମେରିକା ଆକ୍ରମଣ କରିବ କି ନାହିଁ ସେ ସମ୍ପର୍କିତ ନିଷ୍ପତ୍ତି ନେବା ପାଇଁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଆଉ ୨ ସପ୍ତାହ ଅପେକ୍ଷା କରିବେ ବୋଲି ଗୁରୁବାର ହ୍ୱାଇଟ୍ ହାଉସ୍ ପକ୍ଷରୁ ଘୋଷଣା କରାଯାଇଛି। ଟ୍ରମ୍ପଙ୍କ ପ୍ରେସ୍ ସେକ୍ରେଟାରି କାରୋଲିନ୍ ଲିଆଭିଟ୍ ଟ୍ରମ୍ପଙ୍କ ମନ୍ତବ୍ୟକୁ ଉଦ୍ଧୃତ କରି କହିଛନ୍ତି, ଇରାନ୍‌ର ସାମରିକ ଓ ଆଣବିକ କାର୍ଯ୍ୟକ୍ରମ ବିରୋଧରେ ଇସ୍ରାଏଲୀ ଅଭିଯାନରେ ଆମେରିକା ସାମିଲ ହେବା ନେଇ ଟ୍ରମ୍ପ୍ ୨ ସପ୍ତାହ ପରେ ନିଷ୍ପତ୍ତି ନେବେ। ରାଷ୍ଟ୍ରପତି ଏବେ ମଧ୍ୟ କୂଟନୈତିକ ଉପାୟରେ ସମାଧାନ ନେଇ ଆଶାବାଦୀ। ତେବେ ଏହା ମଧ୍ୟରେ ସେ ଜାତୀୟ ସୁରକ୍ଷା ପରିଷଦଠାରୁ ଆଗାମୀ କିଛିଦିନ ପର୍ଯ୍ୟନ୍ତ ଗୋଇନ୍ଦା ତଥ୍ୟ ସଂଗ୍ରହ କରିବେ। ଏହା ପୂର୍ବରୁ ଆସିଥିବା ରିପୋର୍ଟ ଅନୁସାରେ ଟ୍ରମ୍ପ୍ ତେହରାନ୍ ଆକ୍ରମଣ ଯୋଜନାକୁ ମଞ୍ଜୁରୀ ଦେଇଛନ୍ତି। କେବଳ ଚୂଡ଼ାନ୍ତ ନିର୍ଦ୍ଦେଶ ଦେବା ବାକି ଅଛି ବୋଲି ଏକାଧିକ ଅନ୍ତର୍ଜାତୀୟ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ହଇଚଇ ସୃଷ୍ଟି ହୋଇଛି। ୱାଲ୍‌ଷ୍ଟ୍ରିଟ୍ ଜର୍ନାଲ ରିପୋର୍ଟରୁ ଜଣାପଡ଼ିଛି ଯେ, ଟ୍ରମ୍ପଙ୍କ ମୁଖ୍ୟ ଟାର୍ଗେଟରେ ଫର୍ଡୋ ନ୍ୟୁକ୍ଲିୟର ଫାସିଲିଟି ରହିଛି। ଫର୍ଡୋ ଏନ୍‌ରିଚ୍‌ମେଣ୍ଟ ଫାସିଲିଟି ଏକ ଭୂତଳ ଆଣବିକ କେନ୍ଦ୍ର ହୋଇଥିବାରୁ ଏହାକୁ ଧ୍ୱଂସ କରିବା କାଠିକର ପାଠ। କେବଳ ଆମେରିକା ପାଖରେ ଥିବା ଅତ୍ୟନ୍ତ ଶକ୍ତିଶାଳୀ ବୋମା ଏହାକୁ ପ୍ରଭାବଶାଳୀ ଢଙ୍ଗରେ ଟାର୍ଗେଟ କରିପାରେ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ଇରାନ୍ ନିଜ ଆଣବିକ କାର୍ଯ୍ୟକ୍ରମ ବନ୍ଦ କରିବାକୁ ରାଜି ହେଉ ନ ଥିବାରୁ ଟ୍ରମ୍ପ୍ ଏହି ଯୋଜନା କରିଥିବା କୁହାଯାଉଛି।

ତେହରାନ୍‌କୁ ନିଃସର୍ତ୍ତ ଆତ୍ମସମର୍ପଣ ପାଇଁ ଟ୍ରମ୍ପ୍ ୨ ଦିନ ତଳେ ଆହ୍ୱାନ ଦେଇଥିବାବେଳେ ଇରାନ୍ ସୁପ୍ରିମ ଲିଡର ଆୟାତୋଲ୍ଲା ଅଲୀ ଖାମେନେଇ ଏହାକୁ ପ୍ରତ୍ୟାଖ୍ୟାନ କରି ଓଲଟା ଅପୂରଣୀୟ କ୍ଷତିର ଧମକ ଦେଇଥିଲେ। ତେଣୁ ଟ୍ରମ୍ପ୍ ସିଜ୍‌ଫାୟାର ପରିବର୍ତ୍ତେ ସାମଗ୍ରିକ ଓ ସମ୍ପୂର୍ଣ୍ଣ ବିଜୟ ହାସଲ କରିବାକୁ ଚାହୁଁଛନ୍ତି।

ଇତିମଧ୍ୟରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଓ ଚାଇନା ପ୍ରତିପକ୍ଷ ଶି ଜିନ୍‌ପିଙ୍ଗ୍ ଗୁରୁବାର ଫୋନ୍‌ରେ ଏନେଇ ଆଲୋଚନା କରିଛନ୍ତି। ଉଭୟେ ଇସ୍ରାଏଲର ଇରାନ୍ ଆକ୍ରମଣକୁ ଜାତିସଂଘ ଚାର୍ଟର ଓ ଅନ୍ୟ ଅନ୍ତର୍ଜାତୀୟ ଆଇନର ଉଲ୍ଲଂଘନ କହି ନିନ୍ଦା କରିଛନ୍ତି। ଇରାନ୍ ଉପରେ ରୁଷୀୟ ମଧ୍ୟସ୍ଥତାକୁ ଜିନ୍‌ପିଙ୍ଗ୍ ସମର୍ଥନ କରୁଥିବା ପୁଟିନ୍‌ଙ୍କୁ ଅବଗତ କରାଇଛନ୍ତି। ଏହାଦ୍ୱାରା ଉତ୍ତେଜନା ହ୍ରାସ ପାଇବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ଦୁଇନେତା ଆମେରିକାର ସମ୍ଭାବ୍ୟ ସାମରିକ ହସ୍ତକ୍ଷେପକୁ ନିନ୍ଦା କରିବା ସହ ଏପରି ବିପଜ୍ଜନକ ପଦକ୍ଷେପ ଯୋଗୁ ସ୍ଥିତି ସଙ୍ଗିନ ହେବ ବୋଲି ଚେତାବନୀ ଦେଇଛନ୍ତି। ଆମେରିକା ବଳ ପ୍ରୟୋଗ କଲେ ଇରାନ୍‌ର ସାର୍ବଭୌମତ୍ୱ ଓ ସୁରକ୍ଷା ପ୍ରତି ହସ୍ତକ୍ଷେପ ରୂପେ ଦେଖାଯିବ ବୋଲି ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି। ଇସ୍ରାଏଲ୍-ଇରାନ୍ ଯୁଦ୍ଧ ଘନେଇବାରେ ଲାଗିଥିବାବେଳେ ଇରାନ୍ ସଂଲଗ୍ନ ନିଜ ସୀମାରେ ତୁର୍କୀ ସୁରକ୍ଷା ବନ୍ଦୋବସ୍ତକୁ କଡ଼ାକଡ଼ି କରିଛି। ସେହିପରି ଉତ୍ତର କୋରିଆର ଏକଛତ୍ରବାଦୀ ଶାସକ କିମ୍ ଜୋଙ୍ଗ୍ ଉନ୍ ଆମେରିକା ଓ ପାଶ୍ଚାତ୍ୟକୁ 'କ୍ୟାନ୍‌ସର' ସହ ତୁଳନା କରି ଯୁଦ୍ଧରେ ହସ୍ତକ୍ଷେପ ନ କରିବାକୁ ଚେତାବନୀ ଦେଇଛନ୍ତି।

### ଯୁଦ୍ଧରେ ମୁଣ୍ଡ ନ ପୂରାଇବାକୁ ପୁଟିନ୍, ଜିନ୍‌ପିଙ୍ଗ୍‌ଙ୍କ ଚେତାବନୀ

## ଓସାମାଙ୍କୁ ଭୁଲିଗଲେ କି ଟ୍ରମ୍ପ୍: ଥରୁର

**ଥିରୁଭାନନ୍ତପୁରମ୍, ୧୯।୬**

୨୦୦୧ରେ ଅଲ୍-କାଏଦା ଆତଙ୍କବାଦୀ ସଂଗଠନର ମୁଖ୍ୟ ଓସାମା ବିନ୍ ଲାଡେନ୍ ବିଶ୍ୱ ଟ୍ରେଡ୍ ସେଣ୍ଟର ଉପରେ ବିମାନ ମାଡ଼ କରାଇ ପ୍ରାୟ ୩,୦୦୦ ଲୋକଙ୍କ ଜୀବନ ନେଇଥଲେ। ସେ ପାକିସ୍ତାନ ସେନା କ୍ୟାମ୍ପ୍ ନିକଟରେ ଲୁଚିଥିବାବେଳେ ଧରାପଡ଼ିଥିଲା। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ବୁଧବାର ପାକିସ୍ତାନୀ ସେନାମୁଖ୍ୟ ଆସିମ୍ ମୁନିରଙ୍କୁ ମଧ୍ୟାହ୍ନଭୋଜନରେ ଆପ୍ୟାୟିତ କରିଥିବାବେଳେ କଂଗ୍ରେସ ଏମ୍‌ପି ଶଶୀ ଥରୁର ଆମେରିକୀୟମାନଙ୍କୁ ଏଭଳି କଡ଼ା ବାର୍ତ୍ତା ଦେଇଛନ୍ତି। ଥରୁର କହିଛନ୍ତି, ପାକ୍ ପ୍ରତିନିଧିଙ୍କୁ ଭେଟିଥିବା କେତେଜଣ ସିନେଟର ଏବଂ କଂଗ୍ରେସ ସଦସ୍ୟ ଓସାମା ଅଧ୍ୟାୟକୁ ଭୁଲିଯାଇପାରିଥାନ୍ତି, କିନ୍ତୁ ଆମେରିକା ଜନସାଧାରଣ ଏତେଶୀଘ୍ର ଭୁଲିପାରିବେ ନାହିଁ। ସେନା କ୍ୟାମ୍ପ୍ ନିକଟରେ ଓସାମାଙ୍କୁ ଲୁଚାଇ ରଖିବାରେ ପାକିସ୍ତାନ ଦାୟୀ ଥିଲା। ଏଭଳି ଦେଶକୁ ଆମେରିକୀୟମାନେ ଏତେ ସହଜରେ କ୍ଷମା ଦେଇପାରିବେ ନାହିଁ। ଆମେରିକା ଇତିହାସରେ ସବୁଠୁ ବଡ଼ ଆତଙ୍କବାଦୀ ଆକ୍ରମଣ ପାଇଁ ଦାୟୀ ବ୍ୟକ୍ତିଙ୍କୁ ସୁରକ୍ଷା ଦେଇଥିବା ଧୋକାବାଜ୍ ପାକ୍ ପ୍ରଶାସନକୁ ବିଶ୍ୱାସ ନ କରିବାକୁ ଥରୁର୍ ଆମେରିକାବାସୀଙ୍କୁ ଉକ୍ତ ବାର୍ତ୍ତା ଜରିଆରେ ସତର୍କ କରାଇଦେଇଛନ୍ତି। ପାକିସ୍ତାନ ମାଟିରୁ ଭାରତକୁ ଆତଙ୍କବାଦୀଙ୍କୁ ପଠାଇବା ବନ୍ଦ କରିବା ପାଇଁ ଟ୍ରମ୍ପ୍ ପାକ୍ ସେନାମୁଖ୍ୟଙ୍କୁ ଚେତାବନୀ ଦେବେ ବୋଲି ଥରୁର ଆଶାବ୍ୟକ୍ତ କରିଛନ୍ତି।

## ଇଂଲିଶ କହୁଥିବା ଲୋକେ ଖୁବ୍‌ଶୀଘ୍ର ଲଜ୍ଜିତ ହେବେ: ଶାହା

**ନୂଆଦିଲ୍ଲୀ, ୧୯।୬**

ଭାରତୀୟ ଭାଷା ରାଷ୍ଟ୍ର ପରିଚୟର ଆତ୍ମା ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା କହିଛନ୍ତି। ଏବେ ଭାରତର ଭାଷା ଐତିହ୍ୟ ଦାବି କରିବାର ସମୟ ଆସିଛି, ଯାହା ବିଶ୍ୱର ନେତୃତ୍ୱ ନେବ। ପୂର୍ବତନ ପ୍ରଶାସନିକ ଅଧିକାରୀ ଆଇଏଏସ୍ ଆଶୁତୋଷ ଅଗ୍ନିହୋତ୍ରୀଙ୍କ ଲିଖିତ ପୁସ୍ତକ 'ମୈ ବୁନ୍ଦ୍ ସ୍ୱୟମ୍, ଖୁଦ୍ ସାଗର ହୁଁ' ଉନ୍ମୋଚନ ଅବସରରେ ଶାହା ଗୁରୁବାର ଏହା କହିଛନ୍ତି। ଏଭଳି ଏକ ସମାଜ ସୃଷ୍ଟି ବେଶୀଦୂର ନୁହେଁ, ଯେତେବେଳେ ଦେଶରେ ଯେଉଁମାନେ ଇଂଲିଶରେ କଥା ହେଉଛନ୍ତି ସେମାନେ ଖୁବ୍‌ଶୀଘ୍ର ଲଜ୍ଜିତ ଅନୁଭବ କରିବେ। କେବଳ ଦୃଢ଼ସଂକଳ୍ପ ବ୍ୟକ୍ତିମାନେ ପରିବର୍ତ୍ତନ ଆଣିପାରିବେ। ଆମ ଦେଶର ଭାଷା ଆମ ସଂସ୍କୃତିର ମୂଲ୍ୟବାନ ଅଳଙ୍କାର। ଆମ ଭାଷା ବିନା ଆମେ ସଚ୍ଚା ଭାରତୀୟ ନୋହୁଁ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି।

## ଏଆଇ ୧୭୧ ବିମାନର ବ୍ଲାକ୍‌ବକ୍ସ ନଷ୍ଟ: ଅନୁଧ୍ୟାନ ପାଇଁ ଆମେରିକା ପଠାଯିବ

**ନୂଆଦିଲ୍ଲୀ, ୧୯।୬**

ଗୁଜରାଟର ଅହମଦାବାଦରେ ଗତ ୧୨ ତାରିଖରେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଏୟାର ଇଣ୍ଡିଆ ବିମାନ ଏଆଇ ୧୭୧ର ବ୍ଲାକ୍‌ବକ୍ସ ନଷ୍ଟ ହୋଇଯାଇଥିବା ଜଣାପଡ଼ିଛି। ଡେଟା ବାହାର କରିବା ପ୍ରକ୍ରିୟା ଜାରି ରଖିବା ପାଇଁ ଉକ୍ତ ବ୍ଲାକ୍‌ବକ୍ସକୁ ଆମେରିକା ପଠାଯାଇପାରେ। ସରକାର ଏହା ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ନେବେ ବୋଲି ଏକ ସୂତ୍ରରୁ କୁହାଯାଇଛି। ବ୍ଲାକ୍‌ବକ୍ସରେ ଦୁଇଟି ଉପକରଣ କକ୍‌ପିଟ୍ ଭଏସ୍ ରେକର୍ଡର (ସିଭିଆର୍) ଏବଂ ଫ୍ଲାଇଟ୍ ଡେଟା ରେକର୍ଡର (ଏଫ୍‌ଡିଆର୍) ରହିଥାଏ। ଦୁର୍ଘଟଣାର ୨୮ ଘଣ୍ଟା ପରେ ଘଟଣାସ୍ଥଳରୁ ବ୍ଲାକ୍‌ବକ୍ସ ମିଳିଥିବାବେଳେ ତାହା ନଷ୍ଟ ହୋଇଯାଇଥିବାରୁ ଅନୁଧ୍ୟାନ ପାଇଁ ୱାଶିଂଟନସ୍ଥିତ ନ୍ୟାଶନାଲ ଟ୍ରାନ୍ସପୋର୍ଟେଶନ ସେଫ୍ଟି ବୋର୍ଡକୁ ପଠାଯାଇପାରେ। ସୂଚନାଯୋଗ୍ୟ, ଦିଲ୍ଲୀର ଉଡ଼ାନ ଭବନରେ ଥିବା ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନ୍‌ଭେଷ୍ଟିଗେଶନ ବ୍ୟୁରୋ (ଏଏଆଇବି)ଠାରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମମୋହନ ନାଇଡୁ ଗତ ଏପ୍ରିଲ ୯ରେ ଏକ ଅତ୍ୟାଧୁନିକ ଡିଜିଟାଲ ଫ୍ଲାଇଟ୍ ଡେଟା ରେକର୍ଡର ଆଣ୍ଡ କକ୍‌ପିଟ୍ ଭଏସ୍ ରେକର୍ଡର ଲାବରେଟୋରି ଉଦ୍‌ଘାଟନ କରିଥିଲେ। ଏହି ବ୍ଲାକ୍‌ବକ୍ସ ଲାବ୍ ନିର୍ମାଣରେ ୯ କୋଟି ଟଙ୍କା ବ୍ୟୟ ହୋଇଛି।

## ଜଷ୍ଟିସ୍ ବର୍ମାଙ୍କୁ ବହିଷ୍କାର ପାଇଁ ସୁପ୍ରିମକୋର୍ଟ କମିଟିର ସୁପାରିସ

**ନୂଆଦିଲ୍ଲୀ, ୧୯।୬(ପି.ଟି.)**

ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଯଶୱନ୍ତ ବର୍ମାଙ୍କ ଷ୍ଟୋର୍ ରୁମ୍‌ରୁ ବିପୁଳ ପରିମାଣର ଦରପୋଡ଼ା ଟଙ୍କା ମିଳିବା ଘଟଣାରେ ତାଙ୍କୁ ବହିଷ୍କାର କରିବା ପାଇଁ ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ତଦନ୍ତ କମିଟି ସୁପାରିସ କରିଛି। ଉକ୍ତ ଷ୍ଟୋର୍ ରୁମ୍ ବର୍ମା ଓ ତାଙ୍କ ପରିବାର ସଦସ୍ୟଙ୍କ ନିୟନ୍ତ୍ରଣରେ ଥିଲା ବୋଲି ତଦନ୍ତରୁ ଜଣାପଡ଼ିଛି। ତେଣୁ ବିଚାରପତି ବର୍ମା ଏହି ଗମ୍ଭୀର ଅନିୟମିତତାରେ ସମ୍ପୃକ୍ତ ଥିବା ପ୍ରମାଣିତ ହୋଇଥିବା କମିଟି କହିଛି।

ପଞ୍ଜାବ ଓ ହରିୟାଣା ହାଇକୋର୍ଟର ମୁଖ୍ୟ ବିଚାରପତି ଶୀଲ ନାଗୁଙ୍କ ନେତୃତ୍ୱରେ ୩ ଜଣିଆ ବିଚାରପତି କମିଟି ୧୦ ଦିନ ଧରି ତଦନ୍ତ କରିବା ଅବସରରେ ଅଗ୍ନିକାଣ୍ଡ ସ୍ଥଳ ପରିଦର୍ଶନ କରିବା ସହ ୫୫ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରିଥିଲେ।



ଜଷ୍ଟିସ୍ ଯଶୱନ୍ତ ବର୍ମା

## ସ୍ପେସ୍ ଏକ୍ସ'ର ଷ୍ଟାର୍‌ଶିପ୍ ପରୀକ୍ଷଣ ସମୟରେ ବିସ୍ଫୋରଣ

**ଟେକ୍ସାସ୍, ୧୯।୬**

ଆମେରିକାର ଟେକ୍ସାସ୍ଥିତ ମାସେଠାରେ ଏଲନ ମସ୍କଙ୍କ ସ୍ପେସ୍ ଏକ୍ସ'ର ଷ୍ଟାରଶିପ୍ ରକେଟ ପରୀକ୍ଷଣ ସମୟରେ ବିସ୍ଫୋରଣ ଘଟିଛି। ମହାକାଶକୁ ଉଡ଼ାଣ ଭରିବା ପାଇଁ ଏହି ରକେଟ ଶେଷ ପର୍ଯ୍ୟାୟରେ ରହିଥିବାବେଳେ ଏହାର ଷ୍ଟାଟିକ୍ ଫାୟାର ଟେଷ୍ଟିଂ କରାଯାଉଥିଲା। ଏହି ସମୟରେ ବିସ୍ଫୋରଣ ଘଟିଥିଲା। ଗୁରୁବାର ଭାରତୀୟ ସମୟ ସକାଳ ୯.୩୦ଟା ସମୟରେ ଏହି ରକେଟ ଲଞ୍ଚ୍ ହେବାର ଥିଲା। ତେବେ ଏହାର ଠିକ୍ ପୂର୍ବରୁ ଫାୟାର ଟେଷ୍ଟିଂ ସମୟରେ ବିସ୍ଫୋରଣ ଘଟିଥିଲା। ତେବେ ପରୀକ୍ଷଣ ସ୍ଥଳରେ ବିଶେଷ କ୍ଷୟକ୍ଷତି ହୋଇନାହିଁ ଏବଂ ସମସ୍ତେ ସୁରକ୍ଷିତ ଥିବା ସ୍ପେସ୍ ଏକ୍ସ' କହିଛି। ବିସ୍ଫୋରଣ ଯୋଗୁ ଷ୍ଟାର୍‌ଶିପ୍ ପ୍ରୋଟୋଟାଇପ୍ କ୍ଷତିଗ୍ରସ୍ତ ହୋଇଛି, ଯାହାଫଳରେ ସ୍ପେସ୍ ଏକ୍ସ' ପକ୍ଷରୁ ଏହାର ପରବର୍ତ୍ତୀ ଲଞ୍ଚିଂକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି। ସ୍ଥାନୀୟ ଅଧିକାରୀଙ୍କ ସହ ମିଶି ସ୍ପେସ୍ ଏକ୍ସ'ର ଟିମ୍ ପରୀକ୍ଷଣ ସ୍ଥଳ ଏବଂ ଏହାର ଆଖପାଖ ଅଞ୍ଚଳକୁ ସୁରକ୍ଷିତ ରଖିବା ପାଇଁ ସକ୍ରିୟ ଭାବେ କାର୍ଯ୍ୟ କରୁଛନ୍ତି।



ଟେକ୍ସାସ୍ଥିତ ମାସେଠାରେ ଷ୍ଟାରଶିପ୍ ରକେଟ ପରୀକ୍ଷଣ ବେଳେ ବିସ୍ଫୋରଣ ଘଟିବାର ଦୃଶ୍ୟ।

## ରାହୁଲଙ୍କୁ ୫୫

### ସୁନେହରିବାଗ୍ ରୋଡ୍ ବଙ୍ଗଳା ନଂ. ୫ ନୂଆ ଠିକଣା

**ନୂଆଦିଲ୍ଲୀ, ୧୯।୬**

କଂଗ୍ରେସ ନେତା ରାହୁଲ ଗାନ୍ଧୀ ଗୁରୁବାର ୫୫ ବର୍ଷରେ ପଦାର୍ପଣ କରିଛନ୍ତି। ତାଙ୍କ ଜନ୍ମଦିନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଏବଂ ଇଣ୍ଡିଆ ବ୍ଲକ୍‌ର ନେତାମାନେ ଅଭିନନ୍ଦନ ଜଣାଇଛନ୍ତି। ଦିଲ୍ଲୀ ସୁନେହରିବାଗ୍‌ସ୍ଥିତ ବଙ୍ଗଳା ନଂ. ୫ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲଙ୍କ ନୂଆ ଠିକଣା ହେବାକୁ ଯାଉଛି। ସେ ନୂଆ ଘରକୁ ଆସବାବପତ୍ର ଉଠାଇବା ଆରମ୍ଭ କରିଥିବାବେଳେ ଆଗାମୀ ପାର୍ଲାମେଣ୍ଟ ଅଧିବେଶନ ପୂର୍ବରୁ ସେଠାରେ ରହିବେ ବୋଲି ଜଣାପଡ଼ିଛି। ରାହୁଲ ପ୍ରଥମେ ଏମ୍‌ପି ହେବା ପରେ ତାଙ୍କୁ ୧୨, ତୋଗଲକ ଲେନ୍‌ରେ ଘର ମିଳିଥିଲା। ତେବେ ମାନହାନି ମାମଲାରେ ଦୋଷୀସାବ୍ୟସ୍ତ ହେବାରୁ ୨୦୨୩ରେ ତାଙ୍କ ସଦସ୍ୟତା ରଦ୍ଦ ହୋଇଥିଲା ଓ ସରକାରୀ ବଙ୍ଗଳା ଛାଡ଼ିବାକୁ ପଡ଼ିଥିଲା। ଏହା ପରେ ସେ ମା' ସୋନିଆ ଗାନ୍ଧୀଙ୍କ ୧୦, ଜନପଥ ବାସଭବନରେ ରହିଆସୁଥିଲେ।

## ସୁଇସ୍ ବ୍ୟାଙ୍କରେ ଭାରତୀୟ ମୁଦ୍ରା ୩ ଗୁଣ ବଢ଼ିଛି

**ନୂଆଦିଲ୍ଲୀ, ୧୯।୬**

ସୁଇଜରଲାଣ୍ଡର କେନ୍ଦ୍ରୀୟ ବ୍ୟାଙ୍କ ସୁଇସ୍ ନ୍ୟାଶନାଲ ବ୍ୟାଙ୍କ (ଏସ୍‌ଏନ୍‌ବି)ରେ ରଖାଯାଇଥିବା ଭାରତୀୟ ଟଙ୍କା ୨୦୨୪ରେ ୩ଗୁଣରୁ ଅଧିକ ବୃଦ୍ଧିପାଇ ୩.୫ ବିଲିୟନ ସୁଇସ୍ ଫ୍ରାଙ୍କ (ପ୍ରାୟ ୩୭,୬୦୦ କୋଟି ଟଙ୍କା)ରେ ପହଞ୍ଚିଥିଲା। ୨୦୨୧ ପରେ ଏହା ହେଉଛି ସୁଇସ୍ ବ୍ୟାଙ୍କରେ ସର୍ବୋଚ୍ଚ ଜମାରାଶି। ବିଶେଷ କରି ସ୍ଥାନୀୟ ଶାଖା ଓ ଅନ୍ୟ ଆର୍ଥିକ ସଂସ୍ଥାଗୁଡ଼ିକ ଦ୍ୱାରା ଅଧିକରୁ ଅଧିକ ଅର୍ଥ ଜମା ଯୋଗୁ ଏହି ବୃଦ୍ଧି ଘଟିଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷେ ଭାରତୀୟ ଗ୍ରାହକମାନଙ୍କ ବ୍ୟକ୍ତିଗତ ଜମାଖାତାରେ ମାତ୍ର ୧୧ ପ୍ରତିଶତ ବୃଦ୍ଧି ସହ ୩,୬୭୫ କୋଟି ଟଙ୍କାରେ ପହଞ୍ଚିଛି, ଯାହାକି ଭାରତୀୟଙ୍କ ସହ ଜଡ଼ିତ ମୋଟ ଜମାର ୧୦ ପ୍ରତିଶତ। ଏସ୍‌ଏନ୍‌ବି ସ୍ପଷ୍ଟ କରିଛି ଯେ, ଅର୍ଥର ଏହି ପରିମାଣ ବ୍ୟାଙ୍କଗୁଡ଼ିକ ଦ୍ୱାରା ଆନୁଷ୍ଠାନିକ ଭାବେ ରିପୋର୍ଟ କରାଯାଇଛି। ଏଥିରେ ସେହି ପାଣ୍ଠିକୁ ସାମିଲ କରାଯାଇ ନାହିଁ, ଯାହା ତୃତୀୟ ରାଷ୍ଟ୍ରଗୁଡ଼ିକର ସଂସ୍ଥା ଜରିଆରେ ଭାରତୀୟମାନେ ଜମା କରିଥାଇପାରନ୍ତି। ସୁଇଜରଲାଣ୍ଡରେ ଭାରତୀୟଙ୍କ ଦ୍ୱାରା ରଖାଯାଇଥିବା ସମ୍ପତ୍ତିକୁ ସ୍ୱତଃ କଳାଧନ ବିବେଚନା କରାଯିବ ନାହିଁ ବୋଲି ସୁଇସ୍ ଅଧିକାରୀମାନେ ଅନେକ ଥର କହିସାରିଛନ୍ତି।



ଇସ୍ରାଏଲ୍ ଆକ୍ରମଣରେ ଗୁରୁବାର ଆହତ ଜଣେ ପାଲେଷ୍ଟିନୀୟ ଝିଅ ଗାଜା ସିଟିସ୍ଥିତ ଅଲ୍-ଶିଫା ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଏକ ସହାୟତା ବଣ୍ଟନ କନ୍ଦ୍ର ଉପରେ ହୋଇଥିବା ଏହି ଆକ୍ରମଣରେ ଅନ୍ୟୂନ ୧୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନେକ ଆହତ ହୋଇଛନ୍ତି।

## ଭାରତରେ ହିଂସା ପାଇଁ କାନାଡାକୁ ବ୍ୟବହାର କରୁଛନ୍ତି ଖଲିସ୍ତାନୀ

**ଓଟ୍ଟାଓ୍ୱା, ୧୯।୬ (ପି.ଟି.)**

ଭାରତରେ ହିଂସା ଏବଂ ଆତଙ୍କବାଦକୁ ବିସ୍ତାର କରିବା ପାଇଁ ଖଲିସ୍ତାନୀ ଚରମପନ୍ଥୀମାନେ କାନାଡାକୁ ବ୍ୟବହାର କରୁଛନ୍ତି। ବୁଧବାର ଜାରି ହୋଇଥିବା କାନାଡାର ଗୋଇନ୍ଦା ଏଜେନ୍ସି ସିଏସ୍‌ଆଇଏସ୍‌ର ବାର୍ଷିକ ରିପୋର୍ଟ ୨୦୨୪ରୁ ଏହା ଜଣାପଡ଼ିଛି। ରିପୋର୍ଟ ଅନୁଯାୟୀ, ଖଲିସ୍ତାନୀ ଚରମପନ୍ଥୀମାନେ ଭାରତରେ ହିଂସାକୁ ପ୍ରୋତ୍ସାହିତ କରିବା ସହ ବିଭିନ୍ନ ଆତଙ୍କବାଦୀ କାର୍ଯ୍ୟକଳାପ ଏବଂ ପାଣ୍ଠି ସଂଗ୍ରହ ପାଇଁ କାନାଡାକୁ ବ୍ୟବହାର କରୁଛନ୍ତି। ସେହିପରି ସମ୍ପ୍ରତି ଭାରତ ବିରୋଧୀ ତତ୍ତ୍ୱମାନଙ୍କ ପାଇଁ କାନାଡା ଏକ ସୁରକ୍ଷିତ ସ୍ଥାନ ପାଲଟିଯାଇଥିବା ଏହି ରିପୋର୍ଟ କହିଛି। ଉକ୍ତ ଗୋଇନ୍ଦା ରିପୋର୍ଟ ଜରିଆରେ କାନାଡା ପକ୍ଷରୁ ପ୍ରଥମ ଥର ପାଇଁ ଆନୁଷ୍ଠାନିକ ଭାବରେ ଖଲିସ୍ତାନୀ ସଙ୍ଗଠନଗୁଡ଼ିକୁ ଖଲିସ୍ତାନୀ ଚରମପନ୍ଥୀ ଭାବେ କୁହାଯାଇଛି। ଖଲିସ୍ତାନୀ ଚରମପନ୍ଥୀମାନଙ୍କ ପାଇଁ କାନାଡା ଏକ ନିରାପଦ ଆଶ୍ରୟସ୍ଥଳୀ ପାଲଟିଥିବା ନେଇ ଭାରତର ଦାବିକୁ ଏହି ରିପୋର୍ଟ ସଶକ୍ତ କରିଛି।

## ଆମେରିକାର ଭିଜା ପାଇଁ ଛାତ୍ରୀଛାତ୍ର ଦେବେ ସୋସିଆଲ ମିଡିଆ ଆକାଉଣ୍ଟ

**ୱାଶିଂଟନ୍, ୧୯।୬**

ପ୍ରାୟ ମାସେ ସ୍ଥଗିତ ରଖିବା ପରେ ଆମେରିକା ପୁଣିଥରେ ବିଦେଶୀ ଛାତ୍ରୀଛାତ୍ରଙ୍କ ପାଇଁ ଛାତ୍ର ଭିଜା ପ୍ରକ୍ରିୟାକରଣ ଆରମ୍ଭ କରିଛି। ନୂତନ ନିୟମ ଅନୁଯାୟୀ, ଭିଜା ଆବେଦନ କରୁଥିବା ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ସୋସିଆଲ ମିଡିଆ ଆକାଉଣ୍ଟ ଦେବାକୁ ପଡ଼ିବ। ଜାତୀୟ ସୁରକ୍ଷାକୁ ଦୃଷ୍ଟିରେ ରଖି ଏହି ନୂତନ ନିୟମ କରାଯାଇଥିବା ୟୁଏସ୍ ଷ୍ଟେଟ୍ ଡିପାର୍ଟମେଣ୍ଟ ପକ୍ଷରୁ କୁହାଯାଇଛି। ନୂତନ ନିୟମ ଅନୁଯାୟୀ, ଛାତ୍ର ଭିଜା ପାଇଁ ଆବେଦନକାରୀମାନେ ସେମାନଙ୍କ ଆକାଉଣ୍ଟକୁ ସାର୍ବଜନୀନ ରଖିବେ, ଯାହାଦ୍ୱାରା କନ୍‌ସୁଲାର ଅଧିକାରୀମାନେ ସେମାନଙ୍କ ଅନ୍‌ଲାଇନ ପୋଷ୍ଟ ଏବଂ ବାର୍ତ୍ତାଗୁଡ଼ିକୁ ଯାଞ୍ଚ କରିପାରିବେ। ସୋସିଆଲ ମିଡିଆ ଆକାଉଣ୍ଟ ଆକ୍ସେସ୍ ପାଇଁ ମନାକଲେ ଭିଜା ପ୍ରତ୍ୟାଖ୍ୟାନ ହୋଇପାରେ ବୋଲି ୟୁଏସ୍ ଷ୍ଟେଟ୍ ଡିପାର୍ଟମେଣ୍ଟ କହିଛି।

## ମଣିପୁରରେ ପୁଣି ହିଂସା: କୁକି ମହିଳା ମୃତ

**ଗୁଆହାଟୀ, ୧୯।୬**

ମଣିପୁରରେ ଗୁରୁବାର ସାନି ହିଂସାକାଣ୍ଡରେ କୁକି ସମ୍ପ୍ରଦାୟର ଜଣେ ମହିଳା ଗୁଳିମାଡ଼ରେ ନିହତ ହୋଇଥିବାବେଳେ ମେଇତି ସମ୍ପ୍ରଦାୟର ଜଣେ କୃଷକ ଆହତ ହୋଇଛନ୍ତି। ନିଙ୍ଗଥୋଉଜାମ ବୀରେନ ନାମକ ଚାଷୀ ନିଜ ଜମିରେ ଅନ୍ୟ ୨ ଜଣଙ୍କ ସହ କାମ କରୁଥିବାବେଳେ କୁକି ଉଗ୍ରପନ୍ଥୀଙ୍କ ଗୁଳି ତାଙ୍କ ବାମ ହାତରେ ବାଜିଥିଲା। ଇମ୍ଫାଲ ଉପତ୍ୟକାର ବିଷ୍ଣୁପୁର ଜିଲା ଅନ୍ତର୍ଗତ ଫୁବଲାଠାରେ ଅପରାହ୍ନ ୩.୧୫ରେ ଏହି ଗୁଳିକାଣ୍ଡ ଘଟିଛି। ଉତ୍ତ୍ୟକ୍ତ ଲୋକେ ଚୁରାଚାନ୍ଦପୁର ଯାଇଥିବା ରାସ୍ତାକୁ ଅବରୋଧ କରିବା ସହ ଶୁକ୍ରବାରଠାରୁ ମଣିପୁର ବନ୍ଦ ଡାକରା ଦେଇଛନ୍ତି। ଚୁରାଚାନ୍ଦପୁର ଜିଲାର ଲାଙ୍ଗଚିଙ୍ଗମାନବିଠାରେ ମେଇତି ଉଗ୍ରପନ୍ଥୀଙ୍କ ଗୁଳିରେ ଗାଁ ମୁଖିଆଙ୍କ ସ୍ତ୍ରୀ ପ୍ରାଣ ହରାଇଛନ୍ତି। କୁକି ମାନବାଧିକାର ମହିଳା ସଂଗଠନ ଏହାକୁ ନିନ୍ଦା କରିଛି। ଅପରାଧୀଙ୍କୁ ତୁରନ୍ତ ଗିରଫ କରାଯିବାକୁ କୁକି ସମ୍ପ୍ରଦାୟ ପକ୍ଷରୁ ଦାବି ହୋଇଛି।

## 'କାହା ଭାବାବେଗକୁ ଆଘାତ ହେଲେ ଫିଲ୍ମ, ଷ୍ଟାଣ୍ଡଅପ୍ କମେଡି ବନ୍ଦ କରାଯାଇ ପାରିବନି'

**ନୂଆଦିଲ୍ଲୀ, ୧୯।୬(ପି.ଟି.)**

ଅଭିନେତା କମଲ ହାସନଙ୍କ ଫିଲ୍ମ 'ଠଗ୍ ଲାଇଫ୍'ର ରିଲିଜ୍‌କୁ ନେଇ ବାଧା ସୃଷ୍ଟି କରୁଥିବା ଲୋକଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଗୁରୁବାର ସୁପ୍ରିମକୋର୍ଟ କର୍ଣ୍ଣାଟକ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କର୍ଣ୍ଣାଟକରେ 'ଠଗ୍ ଲାଇଫ୍'ର ରିଲିଜ୍ ନେଇ ହୋଇଥିବା ଆବେଦନର ଶୁଣାଣି କରି ଜଷ୍ଟିସ୍ ଉଜ୍ଜ୍ୱଳ ଭୂୟାନ୍ ଏବଂ ଜଷ୍ଟିସ୍ ମନମୋହନଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ଭାରତରେ ଭାବାବେଗକୁ ଆଘାତ ଦେବାର କୌଣସି ସୀମା ନାହିଁ। କୌଣସି ଅଭିନେତା କିମ୍ବା ଷ୍ଟାଣ୍ଡଅପ୍ କମେଡିଆନଙ୍କ ବ୍ୟକ୍ତିଗତ ମତ କାହାରି ଭାବାବେଗକୁ ଆଘାତ ଦେଉଥିବା ଦର୍ଶାଇ ସେମାନଙ୍କ ଫିଲ୍ମ କିମ୍ବା ପର୍ଫମାନ୍ସକୁ ବନ୍ଦ କରିବାକୁ ସୁପ୍ରିମକୋର୍ଟ ଅନୁମତି ଦେବେ ନାହିଁ। କର୍ଣ୍ଣାଟକରେ 'ଠଗ୍ ଲାଇଫ୍'କୁ ରିଲିଜ୍ କରିବା ସହ ଫିଲ୍ମ ପ୍ରଦର୍ଶନ କରିବାକୁ ଥିବା ସିନେମା ହଲଗୁଡ଼ିକୁ ପର୍ଯ୍ୟାପ୍ତ ସୁରକ୍ଷା ଯୋଗାଇ ଦେବା ପାଇଁ ସର୍ବୋଚ୍ଚ ଅଦାଲତ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



## କ୍ୟୁଏସ୍ ୟୁନିଭର୍ସିଟି ର୍‍ୟାଙ୍କିଙ୍ଗ୍‌ରେ ଭାରତର ୫୪ ଶିକ୍ଷାନୁଷ୍ଠାନ

**ନୂଆଦିଲ୍ଲୀ, ୧୯।୬(ପି.ଟି.)**

### ଶୀର୍ଷରେ ଆଇଆଇଟି ଦିଲ୍ଲୀ

କ୍ୟୁଏସ୍ ୱାର୍ଲ୍ଡ ୟୁନିଭର୍ସିଟି ର୍‍ୟାଙ୍କିଙ୍ଗ୍ ୨୦୨୬ ଅନୁଯାୟୀ ଆଇଆଇଟି ଦିଲ୍ଲୀ ହେଉଛି ଭାରତର ଶ୍ରେଷ୍ଠ ଶିକ୍ଷାନୁଷ୍ଠାନ। ଏହି ର୍‍ୟାଙ୍କିଙ୍ଗ୍‌ରେ ଭାରତର ୫୪ ଶିକ୍ଷାନୁଷ୍ଠାନ ସ୍ଥାନ ପାଇଛି। ଗତ ବର୍ଷ ଏହି ସଂଖ୍ୟା ୪୬ ରହିଥିଲା। ଫଳରେ ଏହି ର୍‍ୟାଙ୍କିଙ୍ଗ୍‌ରେ ଭାରତ ଚତୁର୍ଥ ସର୍ବାଧିକ ପ୍ରତିନିଧିତ୍ୱ କରୁଥିବା ଦେଶ ହୋଇପାରିଛି। ଭାରତ ଉପରେ ୧୯୨ ଶିକ୍ଷାନୁଷ୍ଠାନ ସହ ଆମେରିକା, ୯୦ ଶିକ୍ଷାନୁଷ୍ଠାନ ସହ ୟୁନାଇଟେଡ୍ କିଙ୍ଗ୍‌ଡମ୍, ୭୨ ଶିକ୍ଷାନୁଷ୍ଠାନ ସହ ଚାଇନା ରହିଛି। ଚଳିତବର୍ଷ ଭାରତର ୮ ନୂଆ ଶିକ୍ଷାନୁଷ୍ଠାନ ଏହି ତାଲିକାରେ ସ୍ଥାନ ପାଇଛି। ଏହାସହ ଗତବର୍ଷଠାରୁ ସର୍ବାଧିକ ନୂତନ ଶିକ୍ଷାନୁଷ୍ଠାନ ସ୍ଥାନ ପାଇଥିବା ଦେଶ ଭାରତ ହୋଇପାରିଛି। ଭାରତ ପଛକୁ ୬ ନୂତନ ଶିକ୍ଷାନୁଷ୍ଠାନ ସହ ଜୋର୍ଡାନ ଏବଂ ଆଜରବୈଜାନ ରହିଛନ୍ତି।

କ୍ୟୁଏସ୍ ୱାର୍ଲ୍ଡ ୟୁନିଭର୍ସିଟି ର୍‍ୟାଙ୍କିଙ୍ଗ୍ ୨୦୨୬ ଅନୁଯାୟୀ, ଆଇଆଇଟି ଦିଲ୍ଲୀର ର୍‍ୟାଙ୍କିଙ୍ଗ୍ ୧୨୩ ରହିଛି। ଗତ ବର୍ଷ ଏହା ୧୯୭ତମ ସ୍ଥାନରେ ଥିଲା। ସେହିପରି ଆଇଆଇଟି ବମ୍ବେ ଗତବର୍ଷ ଥିବା ୧୧୮ତମ ସ୍ଥାନରୁ ସାମାନ୍ୟ ଖସି ୧୨୯ରେ ପହଞ୍ଚିଛି। ଆଇଆଇଟି ମାଡ୍ରାସ୍ ୪୭ ସ୍ଥାନ ଉପରକୁ ଉଠି ୧୮୦ତମ ସ୍ଥାନରେ ପହଞ୍ଚିଛି। କ୍ୟୁଏସ୍ ୱାର୍ଲ୍ଡ ୟୁନିଭର୍ସିଟି ର୍‍ୟାଙ୍କିଙ୍ଗ୍ ୨୦୨୬ ଭାରତର ଶିକ୍ଷା କ୍ଷେତ୍ର ପାଇଁ ବଡ଼ ଖୁସି ଖବର ଆଣିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ରିସର୍ଚ୍ଚ ଏବଂ ଇନୋଭେଶନ୍ ପରି ବିଭିନ୍ନ କ୍ଷେତ୍ରରେ ଯୁବପିଢ଼ିଙ୍କ ଦକ୍ଷତାକୁ ବଢ଼ାଇବା ପାଇଁ ଭାରତ ସରକାର ପ୍ରତିବଦ୍ଧ ବୋଲି ସେ କହିଛନ୍ତି। ଶିକ୍ଷା କ୍ଷେତ୍ରରେ ଭାରତ ଏକ ନୂତନ ଉଚ୍ଚତାକୁ ଛୁଇଁଥିବା ନେଇ ଏହି ର୍‍ୟାଙ୍କିଙ୍ଗ୍ ପ୍ରମାଣିତ କରୁଥିବା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।



# ଇମ୍ପାକ୍ଟ ର୍ୟାଙ୍କିଙ୍ଗ୍‌ରେ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟକୁ ଶ୍ରେଷ୍ଠ ସ୍ଥାନ




ବାରଙ୍ଗ, ୧୯।୬(ଲିଙ୍ଗରାଜ ରାଉତ)

ଟାଇମ୍ସ ହାୟର ଏଜୁକେସନ ଇମ୍ପାକ୍ଟ ର୍ୟାଙ୍କିଙ୍ଗ୍‌ ୨୦୨୫ରେ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟକୁ ଶ୍ରେଷ୍ଠ ସ୍ଥାନ ମିଳିଛି। ଏପରିକି ବିଶ୍ୱସ୍ତରୀୟ ଏବଂ ଜାତୀୟ ସ୍ଥାନ ହାସଲ କରି ବିଶ୍ୱବିଦ୍ୟାଳୟ ଉଭୟ ଓଡ଼ିଶା ଏବଂ ଭାରତ ପାଇଁ ସୁନାମ ଆଣିଦେଇଛି। ଇମ୍ପାକ୍ଟ ର୍ୟାଙ୍କିଙ୍ଗ୍‌ ମିଳିତ ଜାତିସଂଘ ଅନ୍ତର୍ଜାତୀୟ ଜାଗା, ଯାହା ଜାତିସଂଘର ୧୭ ସ୍ଥାୟୀ ବିକାଶ ଲକ୍ଷ୍ୟ ଉପରେ ବିଶ୍ୱବିଦ୍ୟାଳୟଗୁଡ଼ିକର ମୂଲ୍ୟାଙ୍କନ କରାଯାଏ। ବିଶ୍ୱସ୍ତରୀୟରେ ଥିବା ପ୍ରତିଷ୍ଠାନ ମଧ୍ୟରୁ ୨୫୦୦ରୁ ଅଧିକ ଅଗ୍ରଣୀ ବିଶ୍ୱବିଦ୍ୟାଳୟ ଏଥିରେ ଅଂଶଗ୍ରହଣ କରିଥିଲେ। ଏଥିରେ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ଏକ ବିଶ୍ୱସ୍ତରୀୟ ଶକ୍ତି ଭାବରେ ଉଭା ହୋଇଛି। ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ସବୁଠାରୁ ଉଲ୍ଲେଖନୀୟ ସଫଳତା ଶୂନ୍ୟ କ୍ଷୁଧାକୁ ନେଇ ୭୦ତମ ସ୍ଥାନ ମିଳିଥିଲା। ଜୈବିକ କୃଷିଠାରୁ ସ୍ଥାୟୀ ଖାଦ୍ୟ ପଦକ୍ଷେପ ପର୍ଯ୍ୟନ୍ତ, ଖାଦ୍ୟ ଅସୁରକ୍ଷାକୁ ଦୂର କରିବାରେ ବିଶ୍ୱବିଦ୍ୟାଳୟର ଅକ୍ଳାନ୍ତ ପ୍ରୟାସକୁ ଏବେ ବିଶ୍ୱସ୍ତରରେ ସ୍ୱୀକୃତି ଦିଆଯାଉଛି। ଏହାସହ ଗୁଣାତ୍ମକ ଶିକ୍ଷା, ଭୂମି ଉପରେ ଜୀବନ ପାଇଁ ବିଶ୍ୱର ଶ୍ରେଷ୍ଠ ୨୦୦ ମଧ୍ୟରେ ସ୍ଥାନ ପାଇଛି। ସ୍ୱଚ୍ଛ ଜଳ ଏବଂ ପରିମଳ, ସୁଲଭ ଏବଂ ସ୍ୱଚ୍ଛଶକ୍ତିରେ ମଧ୍ୟ ଶ୍ରେଷ୍ଠ ୩୦୦ ବିଶ୍ୱ ର୍ୟାଙ୍କିଙ୍ଗ୍‌ ହାସଲ କରିଛି। ଗୁରୁତ୍ୱପୂର୍ଣ୍ଣ ପ୍ରାଥମିକ ଭିତ୍ତିଭୂମି, ନବସୃଜନ ଏବଂ ସାମୁଦାୟିକ ପ୍ରସାର ପ୍ରତି ଏହାର ପ୍ରତିବଦ୍ଧତା ପ୍ରଦର୍ଶନ କରିଥିଲା। ଯାହାଫଳରେ ଭାରତର ଶ୍ରେଷ୍ଠ ୨୫ ବିଶ୍ୱବିଦ୍ୟାଳୟ ମଧ୍ୟରୁ ଗୋଟିଏ ଭାବରେ ଉଭା ହୋଇଥିଲା। ଶୂନ୍ୟ କ୍ଷୁଧାରେ ୫ମ ସ୍ଥାନ, ଗୁଣାତ୍ମକ ଶିକ୍ଷାରେ ୧୩ତମ, ଭୂମି ଉପରେ ଜୀବନରେ ୧୦ମ ଏବଂ ଲକ୍ଷ୍ୟ ପାଇଁ ସ୍ୱଚ୍ଛ ଶକ୍ତି ଏବଂ ସହଭାଗିତାରେ ୨୨ତମ ସ୍ଥାନ ସହିତ ସ୍ଥାୟୀ ବିକାଶ ଏବଂ ପ୍ରଭାବ-ଚାଳିତ ଶିକ୍ଷାରେ ଭାରତୀୟ ପ୍ରତିଷ୍ଠାନ ମଧ୍ୟରେ ନିଜକୁ ଏକ ଅଗ୍ରଣୀ ଭାବରେ ଦୃଢ଼ ଭାବେ ପ୍ରତିଷ୍ଠିତ କରିଛି। ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ପାଇଁ ଏହା ଏକ ଗର୍ବ ଏବଂ ଉତ୍ସବମୁଖୀ ମୁହୂର୍ତ୍ତ। ଏହି ର୍ୟାଙ୍କିଙ୍ଗ୍‌ କୌଣସି ଏକ ପ୍ରୟାସର ଫଳାଫଳ ନୁହେଁ ବରଂ ଛାତ୍ର, ଅଧ୍ୟାପକ ଏବଂ କର୍ମଚାରୀଙ୍କ ମିଳିତ ଆଗ୍ରହ, ଦୃଷ୍ଟିକୋଣ ଏବଂ ଅକ୍ଳାନ୍ତ ସମର୍ପଣର ଫଳାଫଳ। ପ୍ରଭାବ ର୍ୟାଙ୍କିଙ୍ଗ୍‌ ଏକ ସ୍କୋରବୋର୍ଡ ଅପେକ୍ଷା ଅଧିକ, ସେମାନେ ଏପରି ଏକ ବିଶ୍ୱରେ ଉଚ୍ଚଶିକ୍ଷାର ବିକଶିତ ଉଦ୍ଦେଶ୍ୟକୁ ପ୍ରତିନିଧିତ୍ୱ କରନ୍ତି ଯାହା କେବଳ ଜ୍ଞାନ ନୁହେଁ, ବରଂ ଜ୍ଞାନ, ସହାନୁଭୂତି ଏବଂ କାର୍ଯ୍ୟ କରୁଛି। ଏହାସହ ଏକ ଯୁବ ଭାରତୀୟ ପ୍ରତିଷ୍ଠାନ କିପରି ହୃଦୟ ସହିତ ନେତୃତ୍ୱ ନେଇପାରେ, ଉଦ୍ଦେଶ୍ୟ ସହିତ ଚାଳନା କରିପାରେ ଏବଂ ବିଶ୍ୱସ୍ତରରେ ଚମକିପାରେ, ସେଥିପାଇଁ ପ୍ରଚେଷ୍ଟା ଆରମ୍ଭ ହୋଇଛି। ଏକ ମୂଲ୍ୟବୋଧ ଭିତ୍ତିକ ଭବିଷ୍ୟତମୁଖୀ ପ୍ରତିଷ୍ଠାନ, ଯିଏକି ବିଶ୍ୱସ୍ତରୀୟ ଶିକ୍ଷାକୁ ପୁନଃପରିଭାଷିତ କରିବାରେ ନେତୃତ୍ୱ ନେଇପାରିବ ବୋଲି ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁହାଯାଇଛି।

## ଶେୟାର ବଜାରରେ ହ୍ରାସ

ମୁମ୍ବାଇ,୧୯।୬

କ୍ରମାଗତ ତୃତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଚଳିତ ସପ୍ତାହର ଚତୁର୍ଥ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍ସେକ୍ସ ୮୩ (୮୨.୭୯) ପଏଣ୍ଟ ହ୍ରାସ ଘଟି ୮୧,୩୬୨ (୮୧,୩୬୧.୮୭) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ ରେ ମଧ୍ୟ ୧୯ (୧୮.୮୦) ପଏଣ୍ଟ କମି ୨୪,୭୯୩ (୨୪,୭୯୩.୨୫) ଅଙ୍କରେ କାରବାରର ଶେଷ ହୋଇଥିଲା। ବିଏସ୍ଇ ସେନ୍ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହ ଏନ୍ଏସ୍ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।

## ଜିଏସ୍ଆଇ ପକ୍ଷରୁ ଯୋଗ ମହୋତ୍ସବ

ଭୁବନେଶ୍ୱର,୧୯।୬

ଜିଓଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆ (ଜିଏସ୍ଆଇ)ର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ 'ଯୋଗ ମହୋତ୍ସବ' ତଥା ୧୧ତମ ଅନ୍ତର୍ଜାତୀୟ ଯୋଗ ଦିବସ ସର୍ବଭାରତୀୟସ୍ତରରେ ଆସନ୍ତା ଶନିବାର ପାଳନ ହେବାକୁ ଯାଉଛି। ବିଶେଷକରି ଚଳିତ ବର୍ଷ ଯୋଗ ଥିମ୍ 'ଯୋଗ ଫର୍ ୱାନ୍ ଆର୍ଥ, ୱାନ୍ ହେଲ୍ଥ' ଶୀର୍ଷକ ବିଷୟବସ୍ତୁ ଉପରେ ଆୟୋଜିତ ହେଉଛି। ଏହି ଉପଲକ୍ଷେ ଜିଏସ୍ଆଇ ଦେଶର ୪୬ଟି ସ୍ଥାନରେ ୫୦ଟି କାର୍ଯ୍ୟକ୍ରମ ଆୟୋଜନ କରିବାକୁ ପ୍ରସ୍ତୁତ ହେଉଛି। ଉଲ୍ଲେଖଯୋଗ୍ୟ, ୨୦୨୫ ଜୁନ୍ ୨୧ରେ ଜିଏସ୍ଆଇ ପକ୍ଷରୁ ଯୋଗ ମହୋତ୍ସବର ଆୟୋଜନ କରାଯାଉଛି। ଏହି ମହୋତ୍ସବରେ କେନ୍ଦ୍ରମନ୍ତ୍ରୀ ଜି. କିଶନ ରେଡ୍ଡୀ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ସେହିଭଳି ଏହି ମହୋତ୍ସବରେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ସାଙ୍ଗକୁ ପ୍ରଦର୍ଶନୀ ଓ ସଚେତନତା ସଭାର ଆୟୋଜନ କରାଯାଉଛି। ଏପରିକି ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟି ଓ ନେତୃତ୍ୱରେ ଆୟୋଜିତ ଏହି ଯୋଗ ଦିବସ ଆଜି ଏକ କ୍ରାନ୍ତିରେ ପରିଣତ ହୋଇଛି। ସେହିପରି ଜିଏସ୍ଆଇର ମୁଖ୍ୟାଳୟ କୋଲକାତା ସମେତ ଆଞ୍ଚଳିକ କାର୍ଯ୍ୟାଳୟ ଓ ରାଜ୍ୟ କାର୍ଯ୍ୟାଳୟରେ ଯୋଗ ଅଧିବେଶନ ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଆୟୋଜିତ ହେବ। ଅପରପକ୍ଷରେ ୧୨ଟି ଜିଓ ହେରିଟେଜ ସାଇଟ ଏବଂ ୬ଟି ଡ୍ରିଲିଂ ଫିଲ୍ଡ କ୍ୟାମ୍ପ ସହ ୩ଟି ଟ୍ରେନିଂ ସେଣ୍ଟର ମଧ୍ୟ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଆୟୋଜନ ହେବ। ଏଥିରେ ଜିଏସ୍ଆଇର ଅଧିକାରୀଙ୍କଠାରୁ ଆରମ୍ଭକରି କର୍ମଚାରୀ, ସ୍କୁଲ ଛାତ୍ରଛାତ୍ରୀ ଏବଂ ଅନ୍ୟାନ୍ୟ ବର୍ଗର ଅଂଶଗ୍ରହଣକାରୀମାନେ ମଧ୍ୟ ସାମିଲ ହେବାର କାର୍ଯ୍ୟକ୍ରମ ରହିଛି।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. 24/ET/SBP/ENGG/2025-26, ତା.12.06.2025ରିଖ

(1) ଇ-ଟେଣ୍ଡର ସଂ. 13-eT-DENC-SBP-25

**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ମଣ୍ଡଳ ଯନ୍ତ୍ରୀ / ସେଣ୍ଟ୍ରାଲ୍ ପରିସୀମା ଅଧୀନସ୍ଥ ବିଭିନ୍ନ ଷ୍ଟେସନ ୟାର୍ଡ଼ ଗୁଡ଼ିକରେ (1) TRR(P)-8.665 TKM, (2) TRR(S)-0.830 TKM, (3) TTR (CMSC)-12 ରେ 1-51 ସେଟ୍, (4) TTR (TWS + CMSC)-12 ରେ 1-2 ସେଟ୍, (5) TTR (DS)-8.5 ରେ 1-5 ସେଟ୍, (6) TTR (FS + TWS + CMSC)-21 ସେଟ୍ (12 ରେ 1-1 ସେଟ୍ ଏବଂ 8.5 ରେ 1-20 ସେଟ୍)ର ସମ୍ପାଦନ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹1,80,54,196.71, ବିଡ୍ ସିକ୍ୟୁରିଟୀ : ₹2,40,300/-

(2) ଇ-ଟେଣ୍ଡର ସଂ. 22-eT-DENC-SBP-25

**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ମଣ୍ଡଳ ଯନ୍ତ୍ରୀ / ସେଣ୍ଟ୍ରାଲ୍ ପରିସୀମା ଅଧୀନସ୍ଥ ବଲାଙ୍ଗୀର ଏବଂ ଦେଓଗାଁ ରୋଡ୍ ଷ୍ଟେସନ ୟାର୍ଡ଼ ଠାରେ 4778 ମିଟର-ସାଇଡ୍ ଡ୍ରେନ୍ କାର୍ଯ୍ୟ ସମ୍ପାଦନ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹2,95,62,831.67, ବିଡ୍ ସିକ୍ୟୁରିଟୀ : ₹2,97,900/-

(3) ଇ-ଟେଣ୍ଡର ସଂ. 29-eT-DENC-SBP-25

**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ମଣ୍ଡଳ ଯନ୍ତ୍ରୀ / ସେଣ୍ଟ୍ରାଲ୍ ପରିସୀମା ଅଧୀନସ୍ଥ ବିଭିନ୍ନ ସ୍ଥାନରେ 60KG 90 UTS ରେଲ୍ ନିମନ୍ତେ ଆଲୁମିନୋ ଥର୍ମିକ୍ ୱେଲ୍ଡିଙ୍ଗ ଅଂଶର ଯୋଗାଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹87,16,923.24, ବିଡ୍ ସିକ୍ୟୁରିଟୀ : ₹1,74,400/-

କାର୍ଯ୍ୟ ଶେଷ ହେବା ଅବଧି : 12 (ବାର) ମାସ (କ୍ରମ ସଂ. 1 ଓ 3 ପାଇଁ) ଏବଂ 06 (ଛଅ) ମାସ (କ୍ରମ ସଂ. 2 ପାଇଁ)।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** 08.07.2025, 1500 ଘଟିକା (ସମସ୍ତ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଛି।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ସମ୍ବଲପୁର

PR-249/Q/25-26


# ନାଲ୍‌କୋ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ



ଯୋଗ ଶିବିରରେ ନାଲ୍‌କୋର ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୧୯।୬(ଅଭୟ ଦାଶ)

ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲ୍‌କୋ) ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସର ପ୍ରାକ୍ ପ୍ରସ୍ତୁତି ନିକଟରେ ହୋଇଯାଇଛି। ଚଳିତ ବର୍ଷର ଅନ୍ତର୍ଜାତୀୟ ଯୋଗଦିବସ ସହ ଯୋଗର ପ୍ରଚାର ଓ ପ୍ରସାର ନିମନ୍ତେ ସ୍ୱାସ୍ଥ୍ୟ, ନିରାମୟ ଓ ଦୈନନ୍ଦିନ ଜୀବନରେ ଯୋଗର ଭୂମିକା ଏବଂ ସଚେତନତା ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ସେହିଭଳି ୨୦୨୫ ଜୁନ୍ ୨୧ ରେ ନାଲ୍‌କୋ ପକ୍ଷରୁ କମ୍ପାନୀର ବିଭିନ୍ନ ୟୁନିଟ୍‌ରେ ମେଗା ଯୋଗ କ୍ୟାମ୍ପର ମଧ୍ୟ ଆୟୋଜନ କରାଯାଉଛି। ଏଥିସହ ଗତ ୧ ମାସ ଧରି ପ୍ରାକ୍-ପ୍ରସ୍ତୁତି ରୂପେ କମ୍ପାନୀର ସମସ୍ତ ପରିଚାଳନା ୟୁନିଟ୍‌ରେ 'ଯୋଗ ବୁଟ୍-କ୍ୟାମ୍ପ, ୱାଇ-ବ୍ରେକ୍ ଆଟ୍ ୱାର୍କପ୍ଲେସ୍ ଏବଂ ଯୋଗାଭ୍ୟାସ' ଅଧିବେଶନର ଆୟୋଜନ କରାଯାଉଛି। ସେହିପରି ଉକ୍ତ କାର୍ଯ୍ୟକ୍ରମଗୁଡ଼ିକରେ କମ୍ପାନୀର କର୍ମଚାରୀ, ପରିବାରବର୍ଗ, ଠିକା କର୍ମଚାରୀ, ବିଦ୍ୟାଳୟ ତଥା ଚିକିତ୍ସାଳୟର ସମସ୍ତ କର୍ମଚାରୀ ଉତ୍ସାହର ସହିତ ଅଂଶଗ୍ରହଣ କରିବେ ବୋଲି ଆଶା କରାଯାଉଛି। ଜନ ଭାଗୀଦାରିକୁ ପ୍ରୋତ୍ସାହିତ କରିବା ନିମନ୍ତେ ନାଲ୍‌କୋ ଖଣି ଓ ପରିଶୋଧନ ପ୍ରକଳ୍ପ, କୋରାପୁଟ ତଥା ସ୍ମେଲଟର ଏବଂ ପାୱାର କମ୍ପ୍ଲେକ୍ସ, ଅନୁଗୋଳର ପରିପାର୍ଶ୍ୱିକ ଗ୍ରାମଗୁଡ଼ିକରେ ମଧ୍ୟ ଯୋଗ ଅଭ୍ୟାସ ଅଧିବେଶନ ଆୟୋଜନ କରାଯାଉଛି। କମ୍ପାନୀରେ କାର୍ଯ୍ୟରତ ମହିଳା ତଥା ସ୍କୁଲ ଛାତ୍ରୀମାନଙ୍କ ନିମନ୍ତେ ସ୍ୱାସ୍ଥ୍ୟ ସଚେତନତା ଅଧିବେଶନର ଆୟୋଜନ କରାଯାଇଛି।


**OFFICE OF THE COLLECTOR & DISTRICT MAGISTRATE, SAMBALPUR**

(DISTRICT SOCIAL SECURITY SECTION)

E-mail : dssosamb.od@nic.in

File No.___/Letter No. 1311 / SS (RCDR) Dtd. 19.06.2025

**Tender Call Notice**

Sealed Tenders are hereby invited from registered Manpower Agencies/Service Provider to provide the different categories of manpower for smooth functioning of Advanced Rehabilitation Centre (ARC) and DDRC for a period of one year from the date of finalization and selection of agency, which may be renewed time to time basing on the necessity & satisfactory performance of the agency.

The detailed information for outsourcing the service of different posts has been given in the technical document which may be downloaded from the District Website: www.sambalpur.odisha.gov.in. The last date & time for submission of tender paper is 05.07.2025 at 5.00 P.M. The successful tenderers will have deposit a security amount of Rs. 1.0 lakh in the form of Bank Guarantee from any Nationalize Bank drawn in favour of DSSO, Sambalpur and Earnest Money Deposit (EMD) of Rs.10000/- (Rupees ten thousand) only, refundable (without interest) & Tender Fee of Rs.10000/- (Rupees ten thousand) only, non-refundable should be necessarily accompanied with the technical bid of the service provider in the form of demand draft drawn in favour of DSSO, Sambalpur failing which the tender shall be rejected summarily.

The undersigned reserves the right to reject or cancel any or all the Tenders without assigning any reasons thereof.

Sd./- Collector, Sambalpur



**झारखण्ड सरकार**
**पथ निर्माण विभाग**
**कार्यपालक अभियन्ता का कार्यालय**
**पथ निर्माण विभाग, पथ प्रमण्डल, लातेहार**

**(1st Call), ई-प्रोक्योरमेंट सूचना**

ई-टेन्डर रिफरेंस संख्या– RCD/LATEHAR/416/2025-26

दिनांक–16.06.2025

| | | |
|---|---|---|
| 1. | कार्य का नाम | जुबली चौक (NH-75) से हेरहंज भाया नवादा (SH-10) पथ के चैनेज 2.500 कि0मी0 से 28.700 कि0मी0 (कुल लम्बाई–26.200 कि0मी0) का राईडिंग क्वालिटी में सुधार (Improvement of Riding Quality) कार्य। |
| 2क. | प्राक्कलित राशि (रू0 में) | रू0 :– 17,95,69,074.00 (सतरह करोड़ पंचानबे लाख उनहत्तर हजार चौहत्तर रूपये) मात्र |
| 2ख. | बिड सिक्यूरिटी – (रू0 में) | रू0–18,00,000.00 (अठारह लाख) मात्र |
| 3. | कार्य पूर्ण करने की अवधि | 06 (छः) माह |
| 4. | वेबसाईट पर निविदा प्रकाशन की तिथि | 24.06.2025 को पूर्वाह्न 10.30 बजे से |
| 5. | निविदा प्राप्ति की अंतिम तिथि एवं समय | 15.07.2025 को दोपहर 12.00 बजे तक |
| 6. | निविदा आमंत्रित करने वाले कार्यालय का नाम एवं पता | कार्यपालक अभियन्ता, पथ निर्माण विभाग, पथ प्रमडल लातेहार, पिन कोड– 829206 |
| 7. | ई-प्रोक्योरमेंट पदाधिकारी का संपर्क संख्या | 06565–247907 |
| 8. | ई-प्रोक्योरमेंट सेल का हेल्पलाईन संख्या | 0651–2403007 |

नोट : निविदा की प्राक्कलित राशि घट–बढ़ सकती है।

निविदा की अन्य जानकारी http://jharkhandtenders.gov.in पर देखी जा सकती है।

कार्यपालक अभियन्ता

PR 355435 Relief(25-26)#D पथ निर्माण विभाग, पथ प्रमण्डल, लातेहार


See Career Appointment on every Wednesday & Saturday

# ରୟାଲ ଷ୍ଟାଗ୍‌ର ନୂତନ ଅଭିଯାନ

ଭୁବନେଶ୍ୱର,୧୯।୬

ରୟାଲ ଷ୍ଟାଗ୍ ବ୍ୟାରେଲ ସିଲେକ୍ଟ ସର୍ଟସର ନୂତନ ଅଭିଯାନ 'ଫର୍ ଦି ସିଲେକ୍ଟ ୱାନ୍ସ'କୁ ନିକଟରେ ଶୁଭାରମ୍ଭ କରାଯାଇଛି। ବିଶେଷକରି ଭାରତର ସର୍ବୋତ୍ତମ କ୍ଷୁଦ୍ର ଚଳଚ୍ଚିତ୍ର କାହାଣୀ ପାଇଁ ସମୀକ୍ଷକ ଭାବେ ଉଚ୍ଚ ପ୍ରଶଂସିତ ପ୍ଲାଟ୍‌ଫର୍ମ ରୟାଲ୍ ଷ୍ଟାଗ୍ ବ୍ୟାରେଲ ସିଲେକ୍ଟ ସର୍ଟସ୍ ତା'ର ନୂତନ ବିଷୟବସ୍ତୁ ଫର୍ ଦି ସିଲେକ୍ଟ ୱାନ୍ସକୁ ସର୍ବଭାରତୀୟସ୍ତରରେ ଶୁଭାରମ୍ଭ କରିଛି। ଯେଉଁଥିରେ ବଲିଉଡ୍ ଅଭିନେତା ରାଜକୁମାର ରାଓ ଏବଂ ଅଭିନେତ୍ରୀ ପତ୍ରଲେଖା ସାମିଲ ହୋଇଛନ୍ତି। ସେହିଭଳି ଏଫ୍‌ସିବି ନିଓ ଦ୍ୱାରା ସଂକଳ୍ପିତ ଏହି ନୂତନ ଅଭିଯାନ ସଫଳତା ଯାତ୍ରାରେ ନିରନ୍ତର ପ୍ରଗତିକୁ ପସନ୍ଦ କରନ୍ତି। ରାଜକୁମାର ରାଓ ଏବଂ ପତ୍ରଲେଖା ଉଭୟ ସେମାନଙ୍କର ଭିନ୍ନ ପସନ୍ଦ ଏବଂ ଆକର୍ଷଣୀୟ ପ୍ରଦର୍ଶନ ପାଇଁ ବେଶ ଜଣାଶୁଣା ଓ ସେ/ଏମାନଙ୍କୁ ଏକାଠିକରି ଏହି ଅଭିଯାନ ବ୍ରାଣ୍ଡର ଦର୍ଶକଙ୍କ ସହିତ ଆବେଗିକ ସମ୍ପର୍କକୁ ଆହୁରି ଗଭୀର କରିଛି। ଏ ସମ୍ପର୍କରେ ପର୍ନୋଡ ରିକାର୍ଡ ଇଣ୍ଡିଆର ମୁଖ୍ୟ ମାର୍କେଟିଂ ଅଧିକାରୀ କାର୍ତ୍ତିକ ମହିନ୍ଦ୍ରା କହିଛନ୍ତି, ରୟାଲ ଷ୍ଟାଗ୍ ବ୍ୟାରେଲ ସିଲେକ୍ଟ ସର୍ଟସ୍ ଏକ ଇକୋସିଷ୍ଟମ୍ ସୃଷ୍ଟି କରିବାରେ ବିକଶିତ ହୋଇଛି। ଯାହା ଜିଜ୍ଞାସୁ ଏବଂ ବିଚକ୍ଷଣ ଦର୍ଶକଙ୍କ ପାଇଁ ବିଶ୍ୱସ୍ତରୀୟ କାହାଣୀ ଆଣିଥାଏ, ଏହିପରି ଭାରତରେ କ୍ଷୁଦ୍ର ଚଳଚ୍ଚିତ୍ର ପାଇଁ ଗନ୍ତବ୍ୟସ୍ଥଳ ପାଲଟିଛି।


**GOVERNMENT OF ODISHA**
**OFFICE OF THE SUPERINTENDING ENGINEER R.W. (P.H.) DIVISION, BHUBANESWAR**

Behind Esplanade Mall, P.O.: Rasulgarh, Bhubaneswar - 751010
Tel.: (0674) 2301801, E-mail: eerwphdivn_bbsr@rediffmail.com

**e-Procurement Notice for SI, SD AND WS to Building Works**
**e Procurement Notice No. 15/2025-26**

No. O-295: The Superintending Engineer, RW (PH) Division, Bhubaneswar on behalf of Governor of Odisha invites percentage rate bids in Single Cover System through e-procurement for different work as per Annexure. The bid should be submitted Online in the website www.tenderorissa.gov.in by eligible class of contractors of Government of Odisha or of equivalent clas of other State Government/Railways/CPWD/MES. The bidders should have the necessary portal enrolment (with his own Digital Signature Certificate).

| | |
|---|---|
| Name of the Work | SI, SD AND WS to Building Works (As per Annexure-1) |
| Estimated Cost | Rs.6.13 lakhs to 7.35 lakhs (Approximately) |
| No. of Works | 35 Nos. (Thrity Five) |
| Tender Paper Cost | Rs.4000.00 (Non-refundable) |
| Class of Contractors | 'D' and 'C' |
| Date and Time of availability of Bid document in portal | Dt.24.06.2025 from 11.00 A.M. |
| Date of seeking clarification | During office hours from Dt.24.06.2025 to 02.07.2025 |
| Last date and time of receipt of Bids through online | Dt.03.07.2025 upto 05.00 P.M. |
| Opening of Bid document | Dt.04.07.2025 at 11.00 A.M. |
